

ଶ୍ରେୟସୀଙ୍କୁ ଅଲିମ୍ପିକ୍ସ ଟିକଟ

▶କ୍ରୀଡ଼ା ପୃଷ୍ଠାରେ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-356 ◆BHUBANESWAR ◆SATURDAY ◆22 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୫୬ ◆ଭୁବନେଶ୍ୱର ◆ଶନିବାର ◆୨୨ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦







## ୨୪ ଜିଲ୍ଲାକୁ ଛୁଇଁଲା ମୌସୁମୀ

■ ଭୁବନେଶ୍ୱର, ୨୧ା୬ (ସମିସ): ସପ୍ତାହେରୁ ଊର୍ଦ୍ଧ୍ୱକାଳ ଅଭିମାନ କରି ମାଲକାନଗିରିରେ ଲୁଚିଥିବା ମୌସୁମୀ ଅକସ୍ମାତ ସକ୍ରିୟ ହୋଇଛି। କାଳବୈଶାଖୀ ଡ଼ାକରାରେ ସକ୍ରିୟ ମୌସୁମୀ ଆଜି ସୁଦ୍ଧା ୨୪ ଜିଲ୍ଲାରେ ଦେଇଛି ପହିଲି ବର୍ଷାର ସ୍ପର୍ଶ। ଅବଶିଷ୍ଟ ୬ ଟି ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର , ସୁନ୍ଦରଗଡ଼ ଓ ମୟୂରଭଞ୍ଜ



ଜିଲ୍ଲାରେ ଦିନେ ଦୁଇଦିନ ମଧ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ମୌସୁମୀ ଅଗ୍ରସର ପରେ ସାରା ରାଜ୍ୟରେ ପାଗ ମେଘୁଆ ସହ ଅଧିକାଂଶ ଅଞ୍ଚଳରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୬୫ ମିମି ବର୍ଷା ଅନୁଭୂତ ହୋଇଥିବା ବେଳେ ରାଉରକେଲାରେ ୫୬, ଦାରିଙ୍ଗବାଡ଼ି ୩୮, କେନ୍ଦୁଝରେ ▶ପୃଷ୍ଠା-୯

# ମୋହନ ଆଣିବେ 'କାମଚଳା' ବଜେଟ

■ ଭୁବନେଶ୍ୱର, ୨୧ା୬ (ସମିସ): ଜୁଲାଇରେ ନୂଆ ସରକାର ଆଣିବେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ 'କାମଚଳା' ବଜେଟ୍। ତେବେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣାଙ୍ଗ ଅଧିବେଶନ ଆସିବା ପରେ କେନ୍ଦ୍ରୀୟ ଅନୁଦାନ ପରିମାଣ, ରାଜ୍ୟ ସରକାରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସମ୍ପ୍ରତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଶନିବାର ଅନୁଷ୍ଠିତ ହେବାକୁଥିବା ଜିଏସ୍‌ଟି କାଉନସିଲ ବୈଠକରେ ଯୋଗଦେବା ପାଇଁ ଦିଲ୍ଲୀ ଗସ୍ତରେ ଅଛନ୍ତି। ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ଅବସରରେ ସେ କହିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବା ପୂର୍ବରୁ ଲେଖାନୁଦାନ ଆଗତ କରାଯିବ। ପୂର୍ବ ସରକାର ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ପର୍ଯ୍ୟନ୍ତ ଲେଖାନୁଦାନ(କାମଚଳା ବଜେଟ) ଆଗତ କରିଥିଲେ। ଆମେ ଆଉ ଏକ ଲେଖାନୁଦାନ ଆଗତ କରିବୁ। ତା'ପରେ ପୂର୍ଣ୍ଣାଙ୍ଗ ବଜେଟ୍ ଗୃହରେ ଆସିବ। ସଂସଦରେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ପରେ ହିଁ ଓଡ଼ିଶାରେ ବିଜେପି ସରକାର ନିଜର ପ୍ରଥମ ବଜେଟ୍ ଉପସ୍ଥାପନ କରିବେ। କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ପାଣ୍ଠି ଆବଣ୍ଟନକୁ ଦେଖିବା ପରେ ରାଜ୍ୟ ବଜେଟ୍ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଯଦି ରାଜ୍ୟ ସରକାର ଦ୍ୱିତୀୟ ଲେଖାନୁଦାନ ଆଣନ୍ତି; ତେବେ ଓଡ଼ିଶାରେ ଗୋଟିଏ ଆର୍ଥିକ ବର୍ଷରେ ଏହା ଦ୍ୱିତୀୟ କାମଚଳା ବଜେଟ୍ ହେବ। ଚଳିତ ଆର୍ଥିକ ବର୍ଷ ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ୨.୫୫ ଲକ୍ଷ କୋଟି ଟଙ୍କାର ବଜେଟ୍ ଆଗତ କରିଥିଲେ ଓ ଏହାମଧ୍ୟରୁ ଜୁଲାଇ ମାସ ପର୍ଯ୍ୟନ୍ତ ୧.୧୮ ଲକ୍ଷ କୋଟି ଟଙ୍କାର ଲେଖାନୁଦାନ (କାମଚଳା ବଜେଟ୍) ଆଣିଥିଲେ। ଇତିମଧ୍ୟରେ ସରକାର ପରିବର୍ତ୍ତିତ ହୋଇଛି ଓ ବିଜେପି ପ୍ରଥମଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି। ନୂଆ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକର ଅନୁପାଳନ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି। ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର, ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ପେନସନ ରାଶି ୩୦୦୦ ଟଙ୍କାକୁ ବୃଦ୍ଧି, ଧାନର ଏମ୍ଏସ୍‌ପି ୩୧୦୦ ଟଙ୍କା କରାଯିବା ପାଇଁ କ୍ୱିଣ୍ଟାଲ ପିଛା ଅନ୍ୟୁନ ୮୦୦ ଟଙ୍କା ବୋନସ, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ କାର୍ଯ୍ୟକ୍ରମ, ମେଟ୍ରୋ ସହରରେ ଓଡ଼ିଆ ସମୁଦାୟ ଭବନ, ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି, ପ୍ରତ୍ୟେକ ▶ପୃଷ୍ଠା-୯

### କେନ୍ଦ୍ର ବଜେଟ ପରେ ଆସିବ 'ପୂର୍ଣ୍ଣାଙ୍ଗ' ବଜେଟ: କେ ଭି

- ୨୦୨୪-୨୫ ପାଇଁ ଜୁଲାଇରେ ଆଉ ଏକ ଲେଖାନୁଦାନ
- ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଲୋଡ଼ା ବିପୁଳ ଅର୍ଥରାଶି



- ଏମ୍ଏସ୍‌ପି ୩୧୦୦ ଟଙ୍କା, ୩୦୦୦ ଟଙ୍କା ଭତ୍ତା ପାଇଁ ପଡ଼ିବ ଚାପ
- 'ସୁଭଦ୍ରା'ରେ ପ୍ରତ୍ୟେକ ମହିଳାଙ୍କୁ ସରକାର ଦେବେ ୫୦ହଜାର

## ଆଜି ଶ୍ରୀଜୀଉଙ୍କ ଦେବସ୍ନାନ

### ଚାହିଁ ରହିଛି ସ୍ନାନବେଦୀ; ଅପେକ୍ଷାରେ ଭକ୍ତ-ଭଗବାନ



ଫାଇଲ୍ ଫଟୋ

- ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦେବତା
- ଭୋର ୫ରୁ ଆରମ୍ଭ ହେବ ପହଣ୍ଡି
- ଅପରାହ୍ଣ ୩ଟା ୪୦ରେ ହାତୀ ବେଶ
- ୩ ଘଣ୍ଟା ସାହାଣ ମେଳା ଦର୍ଶନ
- ରାତି ୧୧ରେ ବେଶ ମଇଲମ
- କାଲିଠୁ ଅଣସର; ମିଳିବ ପଟିଦିଅଁ ଦର୍ଶନ

■ ପୁରୀ,୨୧ା୬(ସମିସ): ଶନିବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦେବତା ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବା ବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷଲକ୍ଷ ଶ୍ରଦ୍ଧାଳୁ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଶୁକ୍ରବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଥିବା ବେଳେ ଭୋର ୫ଟାରୁ ସକାଳ ୭ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିବେ ଜଗତରନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦୀରେ କରିବେ ପ୍ରତ୍ୟକ୍ଷ ସ୍ନାନ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନାକୂଅରୁ ୧୦୮ ଗଡୁ ଜଳ ଆଣି ▶ପୃଷ୍ଠା-୯

### କେଜ୍ରିୱାଲଙ୍କୁ ହାଇକୋର୍ଟଙ୍କ ଝଟ୍‌କା

## ଜାମିନ ଉପରେ ଅନ୍ତରୀଣ ରହିତାଦେଶ

■ ନୂଆଦିଲ୍ଲୀ, ୨୧ା୬ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ପୁଣି ନିରାଶ ହୋଇଛନ୍ତି। ସେ ଶୁକ୍ରବାର ଜେଲ୍‌ରୁ ବାହାରି ପାରିନାହାନ୍ତି। ଏହି ମାମଲାରେ ରାଉଜ୍ ଆଭେନ୍ୟୁ ପିଏମ୍ଏଲ୍ଏ କୋର୍ଟର ଅବକାଶକାଳୀନ ଜଜ୍ ନ୍ୟାୟ ବିନ୍ଦୁ ତାଙ୍କୁ ଦେଇଥିବା ଜାମିନକୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହି ଆବେଦନ ଉପରେ ଶୁଣାଣି ସାରି କୋର୍ଟ ରାୟ ସଂରକ୍ଷିତ ରଖାଯାଇଛି। ରାୟ ପ୍ରକାଶ ପାଇବା ଯାଏଁ ରାଉଜ ଆଭେନ୍ୟୁ କୋର୍ଟଙ୍କ ନିର୍ଦ୍ଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି। ସେ ପର୍ଯ୍ୟନ୍ତ କେଜ୍ରିଓ୍ୱାଲଙ୍କ ରିଲିଜ୍ ଅର୍ଡର କାର୍ଯ୍ୟକାରୀ ହେବନାହିଁ ବୋଲି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ଅବକାଶକାଳୀନ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ରାୟ ପ୍ରକାଶିତ ହେବାକୁ ଦୁଇ ତିନି ଦିନ ଲାଗିପାରେ। ଅତି କମ୍‌ରେ ସେ ଯାଏଁ କେଜ୍ରିଓ୍ୱାଲ ଜେଲ୍‌ରେ ରହିବେ।

ଶୁଣାଣି ସମୟରେ ଜଷ୍ଟିସ୍ ଜୈନଙ୍କୁ ଇଡି ଓକିଲ ଆଡିସିନାଲ୍ ସଲିସିଟର୍ ଜେନେରାଲ୍ (ଏଏସ୍‌ଜି) ଏସ୍‌ଭି ରାଜୁ କହିଥିଲେ ଯେ ଇଡିର ଦଲିଲ ନ ଦେଖି, ନ ପରଖି, ତାଙ୍କ ତର୍କ ସମୟକୁ କାଣ୍ଟଛାଟ କରି, ତାଙ୍କୁ ତର୍କ ▶ପୃଷ୍ଠା-୯



- ପ୍ରକାଶ ପାଇଲା ରାଉଜ ଆଭିନ୍ୟୁ କୋର୍ଟଙ୍କ ଜାମିନ ନିର୍ଦ୍ଦେଶ
- ମାମଲା ଚଳାଇବା ପାଇଁ ଇଡି ପାଖରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ

### ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ







ଯୋଗମୁଦ୍ରାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଲୋକକଥା



ନିର୍ବାଚନ ବେଳେ କହିବା ସହଜ
ଭୋଟ ଗୋଟେଇବା ପାଇଁ,
ଧାନ ବଢ଼ା ମୂଲ୍ୟ ଦବାକୁ ଏବେଳେ
ସତ୍ତା ଖେଳ ଖେଳୁଥାଇ !
ଚାଷୀ ରହିଅଛି ଚାହିଁ,
ସତେ କ'ଣ ତାଙ୍କ ଅଣ୍ଟି ପୂରିବ ନା
ଏମିତି ଯିବ ଉଡେଇ !!

# ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ବ୍ୟାପିଛି ଡିପ୍‌ଥେରିଆ

■ ଭୁବନେଶ୍ୱର, ୨୧ା୬ (ସମିସ): ଜଣକ ପରେ ଜଣେ ଶିଶୁଙ୍କ ଜୀବନ ନେଇ ଆତଙ୍କ ସୃଷ୍ଟି କରିଛି ଡିପ୍‌ଥେରିଆ। ପୂରା ରାୟଗଡ଼ା ଜିଲ୍ଲା ଏବେ ଡିପ୍‌ଥେରିଆ ଆତଙ୍କରେ ଥରହର। କିନ୍ତୁ କଳାହାଣ୍ଡି ପାଇଁ ରାୟଗଡ଼ାର ଆଜି ଏହି ଅବସ୍ଥା ହୋଇଛି। ଡିପ୍‌ଥେରିଆର ଉତ୍ପତ୍ତିସ୍ଥଳ ରାୟଗଡ଼ା ନୁହେଁ; ବରଂ କଳାହାଣ୍ଡି। କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ଡିପ୍‌ଥେରିଆ ବ୍ୟାପିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁ ଆଜି ଏହି ସୂଚନା ଦେଇଛନ୍ତି।

ଡାକ୍ତର ସାହୁ କହିଛନ୍ତି, ଏବେ ରାୟଗଡ଼ା ଓ କଳାହାଣ୍ଡିରେ ବିଭାଗ ପକ୍ଷରୁ ନିରୀକ୍ଷଣ ଜାରି ରହିଛି। ଅନୁସନ୍ଧାନ ପରେ ଏହି ରୋଗର ଭୂତାଣୁ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ବ୍ୟାପିଥିବା ସ୍ପଷ୍ଟ ହୋଇଛି। ରାୟଗଡ଼ା ମନୁଷପଦରର ଜଣେ ବ୍ୟକ୍ତି କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀକୁ ଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ସେଠାରୁ ସଂକ୍ରମିତ ହୋଇ ମନୁଷପଦର ଫେରିବା ପରେ ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣ ଆରମ୍ଭ ହୋଇଥିଲା। ବିଶେଷକରି ମନୁଷପଦରର ଛୋଟ ପିଲାମାନେ ସଂକ୍ରମିତ ହୋଇଥିଲେ।



ଏବେ ବି ରିପୋର୍ଟକୁ ଅପେକ୍ଷା

ଯେଉଁ ପିଲାମାନେ ଡିପ୍‌ଥେରିଆରେ ମୃତ୍ୟୁ ବରଣ କରିଛନ୍ତି, ସେମାନେ ଅପପୁଷ୍ଟିର ଶିକାର ଥିଲେ କି ନାହିଁ ତାହା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗକୁ କୁହାଯାଇଛି। ଏବେ ସୁଦ୍ଧା କାଶୀପୁରର ୧୮ଟି ଗ୍ରାମରୁ ୧୩ଟିରେ ବୁଷ୍ଟର ଡୋଜ୍ ଟିକା ଦିଆଯାଇଛି। ସେହିପରି କୋରାପୁଟର ବନ୍ଧୁଗାଁରେ ମଧ୍ୟ ପିଲାମାନଙ୍କୁ ବୁଷ୍ଟର ଡୋଜ୍ ଟିକା ଦିଆଯାଇଛି। ଯେଉଁ ପିଲାମାନେ ଡିପିଟି ଟିକା ନେଇ ନାହାନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଟିକା ଦିଆଯାଉଛି ବୋଲି ସେ କହିଛନ୍ତି। ତେବେ କଳାହାଣ୍ଡିରେ କିପରି ଡିପ୍‌ଥେରିଆ ସଂକ୍ରମଣ ଆରମ୍ଭ ହେଲା ତାହା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିନାହିଁ।

ହସ୍ତଗତ ସୂଚନା ଅନୁସାରେ, ମନୁଷପଦରରେ ସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରୁଥିବା ବେଳେ ଏବେ ବି ସେଠାରେ ପରିସ୍ଥିତି ଖରାପ ରହିଛି। ଗୋଟିଏ ପଟେ ସଂକ୍ରମଣ ରୋକିବା ପ୍ରଶାସନ ପାଇଁ ଆହ୍ୱାନ ପାଲଟିଥିବାବେଳେ ଅନ୍ୟ ପଟେ ପିଲାଙ୍କୁ ଦିଆଯାଉଥିବା ବୁଷ୍ଟର ଡୋଜ୍ କେତେ ପ୍ରଭାବୀ ହେବ, ତାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଯଦିଓ ଏବେ ଆଉ ନୂଆ ମାମଲା ଆସୁନାହିଁ କି ଆଉ କାହାର ମୃତ୍ୟୁ ହୋଇନାହିଁ; ତେବେ ଏହି ଅଜଣା ରୋଗକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ଅଛି। କେବଳ ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ହିଁ ଡିପ୍‌ଥେରିଆର ମୁକାବିଲା ଚାଲିଛି। ଏବେ ସୁଦ୍ଧା କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟରେ ଡିପ୍‌ଥେରିଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୬ ଜଣ ପ୍ରାଣ ହରାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ, ଆରଏମ୍ଆରସି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିଳିତ ଭାବେ ଡିପ୍‌ଥେରିଆ ମୁକାବିଲା କାମରେ ଲାଗିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସିନାହିଁ କିମ୍ବା ଜିନୋମ୍ ସିକ୍ୱେନ୍ସିଂ ସ୍ଥିତି ସମ୍ପର୍କରେ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇପାରୁ ନାହାନ୍ତି।

## ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଅପରାହ୍ଣ ୩ରୁ ୫ଟା ଅଭିଯୋଗ ଶୁଣାଣି

■ ଭୁବନେଶ୍ୱର, ୨୧ା୬ (ସମିସ): ଜନତା ଓ ସରକାରଙ୍କ ମଧ୍ୟରେ ଦୂରତା ହ୍ରାସ ପାଇଁ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ବିଧିବଦ୍ଧ ଭାବେ ଲୋକଙ୍କ ଅଭିଯୋଗ ଶୁଣିବା ଆରମ୍ଭ କରିଛନ୍ତି। ପ୍ରତିଦିନ ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବୁଝିବେ। ସମସ୍ୟା ଶୁଣିବେ, ଅଭିଯୋଗପତ୍ର ଗ୍ରହଣ କରିବେ, ଆଉ ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନେବେ। କେବଳ ଭୁବନେଶ୍ୱରରେ ଅନୁପସ୍ଥିତ ଥିବା ଦିନ ଅଭିଯୋଗ ଗ୍ରହଣ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ରାଜ୍ୟ ଅତିଥି ଭବନରେ ଶ୍ରୀ ମାଝୀ ଜନତାଙ୍କୁ ଭେଟିବେ। ଆଜି ପ୍ରଥମ ଦିନରେ ବହୁ ସଂଖ୍ୟକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

ମୁଖ୍ୟମନ୍ତ୍ରୀ ଭାବେ ପଦଭାର ସମ୍ଭାଳିବା ପର ଠାରୁ ରାଜ୍ୟ ଅତିଥି ଭବନରେ ଶ୍ରୀ ମାଝୀ ନିୟମିତ ଭାବେ ଲୋକଙ୍କୁ ସାକ୍ଷାତ କରି ଆସୁଛନ୍ତି। ପ୍ରଥମ ଦିନରୁ ହିଁ ଶୁଭେଚ୍ଛୁ ଏବଂ ସମସ୍ୟା ନେଇ ଆସିଥିବା ଲୋକଙ୍କ ଭିଡ଼ ଜମୁଛି ରାଜ୍ୟ ଅତିଥି ▶ପୃଷ୍ଠା-୯

# ସ୍ନାନବେଦୀରେ ଶ୍ରୀଜୀଉ



ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ । ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମୀ ତିଥିରେ ଶ୍ରୀଜୀଉମାନଙ୍କର ସ୍ନାନ ଯାତ୍ରା ପାଳିତ ହୋଇଥାଏ । ଏହି ଯାତ୍ରାରେ ରତ୍ନ ସିଂହାସନାଧିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ବେଦୀକୁ ବିଜେ କରିଥାନ୍ତି । ଅତୀତରେ ସ୍ନାନ ମଣ୍ଡପଟି କାଠରେ ନିର୍ମିତ ହୋଇ ଏକ ମଞ୍ଚ ସଦୃଶ ହେଉଥିବାରୁ ସ୍ନାନଯାତ୍ରା 'ମଞ୍ଚ ସ୍ନାନ' ନାମରେ କଥିତ ହେଉଥିଲା । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଏ । ଏହା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ । ବର୍ଷରେ ଏହିଦିନ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହିତ ପ୍ରତ୍ୟକ୍ଷ ଜଳସ୍ନାନ କରିଥାଆନ୍ତି । ଅନ୍ୟ ସମୟରେ ତାଙ୍କୁ ବିମ୍ବସ୍ନାନ କରାଯାଇଥାଏ । ସେହିଦିନ ମହାପ୍ରଭୁ ଘଣ୍ଟଘଣ୍ଟାର ତାଳେତାଳେ ଭକ୍ତଙ୍କ ଗହଳି ମଧ୍ୟରେ ଝୁଲିଝୁଲି ରତ୍ନ ସିଂହାସନରୁ ସ୍ନାନବେଦୀକୁ ଧାଡ଼ି ପହଣ୍ଡି ହୋଇ ଆସିଥାନ୍ତି । ସୁନା କୂଅରୁ ୧୦୮ ଗଡ଼ୁ ଜଳ ଆସି ଅଧିବାସ ଗୃହରେ ରଖାଯାଏ । ଘଟୁଆରୀ ଚନ୍ଦନ ଘୋରି କର୍ପୂର ଓ କେଶର ଏହି ଜଳରେ ମିଶାଇ ଏହାକୁ ଅତ୍ୟନ୍ତ ସୁଗନ୍ଧିତ କରିଥାଆନ୍ତି । ଗରାବଡୁମାନେ ୧୦୮ କୁମ୍ଭ ଉପରେ ୧୦୮ ଟି ନଡ଼ିଆ ଓ ୧୦୮ ଖଣ୍ଡ କରିଆ ରଖନ୍ତି । ସ୍ନାନ ପୂର୍ଣ୍ଣିମା ଦିନ ସକାଳୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରଥ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି । ପରେ ପରେ ଘଣ୍ଟ କାହାଳୀ ଓ ବାଦ୍ୟ ବାଜି ଉଠେ । ଛତିତରାସ ଇତ୍ୟାଦି ଧରାହୁଏ । ଅପୂର୍ବ ବାଦ୍ୟ ଶବ୍ଦ ସାଙ୍ଗକୁ ଅପୂର୍ବ ଦୃଶ୍ୟ ପରିବେଶରେ ଉଦ୍‌ଭାସିତ ହୋଇଉଠେ ସ୍ନାନମଣ୍ଡପ । ଭକ୍ତର ହୃଦୟ କନ୍ଦରର ଆକାଂକ୍ଷିତ ପହଣ୍ଡି ବିଜେ ଆରମ୍ଭ ହୁଏ । ଗରାବଡୁମାନେ ବାଘମୁହାଁ ବାନ୍ଧି ଶ୍ରୀଜଗନ୍ନାଥଙ୍କ ପାଇଁ ୩୫ ଗଡୁ, ଶ୍ରୀବଳଭଦ୍ରଙ୍କ ପାଇଁ ୩୩ ଗଡୁ, ଦେବୀ ସୁଭଦ୍ରାଙ୍କ ପାଇଁ ୨୨ ଗଡୁ ଓ ସୁଦର୍ଶନଙ୍କ ପାଇଁ ୧୮ ଗଡୁ ଜଳଛେକ ନେଇ ସ୍ନାନବେଦୀରେ ଶ୍ରୀଜୀଉଙ୍କ ସମ୍ମୁଖରେ ରଖନ୍ତି । ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ସେହି ଜଳକୁ ପୂଜା ସାରିବା ପରେ ଗରାବଡୁମାନେ ରୁପା ପିଙ୍ଗଣ ଧରିଥିବା ତିନିଜଣ ମେକାପଙ୍କୁ ଜଳ ଦିଅନ୍ତି । ଏହି ପିଙ୍ଗଣରୁ ଜଳନେଇ ପୂଜା ପଣ୍ଡାମାନେ ଠାକୁରମାନଙ୍କୁ ଲାଗି କରନ୍ତି । ଏତେବେଳେ ମଧ୍ୟ ଉଚ୍ଚାରିତ ମନ୍ତ୍ର ଧ୍ୱନି ସହ ଘଣ୍ଟ କାହାଳୀ ବାଜୁ ଥାଏ । ଜଳସ୍ନାନ ପରେ ଗଜପତି ମହାରାଜଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହୁଏ । ଜଳଲାଗି ସରିଗଲେ, ଲେଙ୍କା ଓ ପାଇକମାନେ ସେହିପରି ବାଦ୍ୟ ବଜାଇ ଗୋପାଳତୀର୍ଥ ମଠରୁ ବଡ଼ ଠାକୁର ବଳଭଦ୍ର ଓ ସୁଦର୍ଶନଙ୍କ ପାଇଁ ହାତୀବେଶ ସାମଗ୍ରୀ ଆଣନ୍ତି । ଅନ୍ୟ ଦୁଇ ଠାକୁରଙ୍କ ପାଇଁ ଏହି ବେଶ ଆସେ ରାଘବ ଦାସ ମଠରୁ । ବିଗ୍ରହମାନେ ଗଜାନନ ବେଶ ପରେ ପୁଷ୍ପାଳକମାନେ ପୁଷ୍ପ ଲାଗି କରନ୍ତି । ସ୍ନାନପୂର୍ଣ୍ଣିମା ଦିନ ତିନିଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ । ତାପରେ ଠାକୁରମାନେ ବିଳମ୍ବିତ ରାତିରେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି । ଏହାପରେ ଚତୁର୍ଦ୍ଧା ମୂର୍ତ୍ତି ୧୫ଦିନ ଧରି ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରୁହନ୍ତି । ଏହି ୧୫ଦିନ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ପାଆନ୍ତି ନାହିଁ । ଦଇତା ଓ ପତିମହାପାତ୍ର ସେବକ ତାଙ୍କର ସେବା କରିଥାନ୍ତି । ବୈଦ ସେବକ ତାଙ୍କୁ ଦଶମୂଳ ଔଷଧ ପ୍ରଦାନ କରିଥାନ୍ତି । ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବା ଭକ୍ତମାନେ ବ୍ରହ୍ମଗିରି ଯାଇ ଶ୍ରୀଅଲାରନାଥ ଦେବଙ୍କୁ ଦର୍ଶନ କରନ୍ତି ।

## ଆଜି ବାହୁଡ଼ିଥିଲେ

# 'ଜ୍ଞାନମଣ୍ଡଳ'ର ପ୍ରଣେତା



ସଂଗ୍ରାମ ଓ ସାଧନାର ଶିଳ୍ପୀ ପଦ୍ମଶ୍ରୀ ଡ. ବିନୋଦ କାନୁନ୍‌ଗୋ ଏକାଧାରରେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଭାଷା ଓ ସାହିତ୍ୟର ଖ୍ୟାତନାମା ଗବେଷକ, ଶିଶୁ ସାହିତ୍ୟିକ, ସାମ୍ବାଦିକ, ଜନପ୍ରିୟ ବିଜ୍ଞାନ ଲେଖକ ତଥା ଓଡ଼ିଆ ଜ୍ଞାନକୋଷ 'ଜ୍ଞାନମଣ୍ଡଳ'ର ଅନନ୍ୟ ସ୍ରଷ୍ଟା । ଜ୍ଞାନକୋଷ ବା ଏନ୍‌ସାଇକ୍ଲୋପିଡିଆକୁ ଯିଏ ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସୃଷ୍ଟି କରିପାରିଥିଲେ, ସେ ହେଉଛନ୍ତି ବିନୋଦ କାନୁନ୍‌ଗୋ । ଓଡ଼ିଆ ଭାଷାରେ ଅଦ୍ୟାବଧି ଏହା ସବୁଠାରୁ ଉନ୍ନତ ଜ୍ଞାନକୋଷ । ଶିଶୁ ଓ କିଶୋରମାନଙ୍କ ପାଇଁ ବିନୋଦ କାନୁନ୍‌ଗୋଙ୍କ ଲିଖିତ ଶତାଧିକ ପୁସ୍ତକ ରହିଛି । ବିନୋଦ କାନୁନ୍‌ଗୋ ୧୯୧୨ ମସିହା ଜୁନ୍ ୬ ତାରିଖରେ କଟକ ଜିଲ୍ଲାର କିଶନ ନଗର ଥାନାର ମଲ୍ଲିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା କେଶବଚନ୍ଦ୍ର କାନୁନ୍‌ଗୋ ଓ ମାତା ପୀର ଦେବୀ । ବିନୋଦ ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠ ପଢ଼ିବା ପରେ ମାମୁଘର ପାଟକୁରା (କେନ୍ଦ୍ରାପଡ଼ା) କୁ ଚାଲିଯାଇଥିଲେ । ଓଡ଼ିଆ ଓ ସଂସ୍କୃତ ସାହିତ୍ୟର ପଣ୍ଡିତ ଓ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ବିନୋଦ ହେଉଛନ୍ତି ଭଣଜା । ୧୯୨୨ରେ ସେ କଟକ ଆସି ରେଭେନ୍ସା ଇଷ୍ଟ ହଷ୍ଟେଲରେ ମାମୁଁଙ୍କ ପାଖରେ ରହିଲେ । ୧୯୨୭ରେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ପ୍ରସିଦ୍ଧ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠପଢ଼ା ଆରମ୍ଭ କଲେ । ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ ଯାଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କିଛି କାଳ କଟକ ଓ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିଲେ । ୧୯୫୨ ସାଧାରଣ ନିର୍ବାଚନରେ ସେ ପରାଜିତ ହେବା ପରେ ସବୁଦିନ ପାଇଁ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ । ସେ ବ୍ରହ୍ମପୁର ଜେଲ୍‌ରେ ଥିବାବେଳେ ଓଡ଼ିଆ ଜ୍ଞାନକୋଷ ରଚନା କରିବା ପାଇଁ ସ୍ଥିର କରିଥିଲେ । ମାତ୍ର ଏହାର କାମ ୧୯୫୪ରେ ଆରମ୍ଭ ହୋଇଥିଲା । ୧୯୬୦ ଡିସେମ୍ବର ୨ ତାରିଖରେ 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ୧୯୬୧-୮୮ ମଧ୍ୟରେ ଏହାର ଚାଳିଶ ଖଣ୍ଡ ପ୍ରକାଶ ପାଇଥିଲା । କେବଳ ବିଶ୍ୱକୋଷ ନୁହେଁ, 'ପିଲାଙ୍କ ବିଶ୍ୱକୋଷ', 'ଶିଶୁ ଜ୍ଞାନମଣ୍ଡଳ' ଆଦି ସମ୍ପାଦନା କରି ସେ ଓଡ଼ିଆ ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ବିନୋଦ କାନୁନ୍‌ଗୋ ଶିଶୁ ଓ ନବସାକ୍ଷରମାନଙ୍କ ପାଇଁ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗରେ ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ଶରୀର ତତ୍ତ୍ୱ ଆଣବିକ ବିଜ୍ଞାନ, ମହାକାଶ ବିଜ୍ଞାନ, ଭେଷଜ ବିଜ୍ଞାନ, ରସାୟନ ବିଜ୍ଞାନ ପରି ବିଜ୍ଞାନର ବିଭିନ୍ନ ବିଭାଗରେ ସେ ଜନପ୍ରିୟ ପୁସ୍ତକମାନ ରଚନା କରିଛନ୍ତି । ୧୯୮୪ରେ ଆତ୍ମଚରିତ 'ଋଣ ପରିଶୋଧ' ପାଇଁ ବିନୋଦ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର । ୧୯୮୬ରେ 'ପଦ୍ମଶ୍ରୀ'ରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ । ୧୯୯୦ ମସିହା ଆଜିର ଦିନରେ ଏହି ମହାନ୍ ଲେଖକଙ୍କର ବିୟୋଗ ଘଟିଥିଲା । ଜ୍ଞାନମଣ୍ଡଳ ବିନୋଦ କାନୁନ୍‌ଗୋଙ୍କ ଅଭୂତପୂର୍ବ ସାଧନାର ଫଳଶ୍ରୁତି । ତାଙ୍କର ଏହି ଅନନ୍ୟ ଅବଦାନ ପାଇଁ ସେ ଓଡ଼ିଆ ଜାତିର ଚିରନମସ୍ୟ ହୋଇ ରହିବେ ।

## ୯୯୬ ୱାର୍କ କଲଚର

# ପକ୍ଷୀବେଶରେ ପ୍ରତିବାଦ



ଦିନକୁ ଦିନ ନୂଆ ନୂଆ କାର୍ଯ୍ୟଧାରା ସାମ୍ନାକୁ ଆସୁଛି । ସେଥିରୁ ଅନ୍ୟତମ '୯୯୬' ୱାର୍କ କଲଚର । ସାମାଜିକ ଗଣମାଧ୍ୟମରେ ଏହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ତେବେ ଚୀନ୍‌ର ଯୁବପିଢ଼ି ଏହି କାର୍ଯ୍ୟଧାରାକୁ ପସନ୍ଦ ନ କରି ନିଆରା ଢଙ୍ଗରେ ଏକ ବିରୋଧ ଅଭିଯାନ ଆରମ୍ଭ କରିଛନ୍ତି । ସେମାନେ ପକ୍ଷୀବେଶ ଧାରଣ କରି ଏହି କାର୍ଯ୍ୟ ସଂସ୍କୃତି ବିରୋଧରେ ବାହାରିଛନ୍ତି । ଚୀନ୍‌ରେ ଘରୋଇ କମ୍ପାନି ମୁଖ୍ୟତଃ ଟେକ୍ ଉଦ୍ୟୋଗଗୁଡ଼ିକରେ '୯୯୬' ୱାର୍କ କଲଚର ଦେଖିବାକୁ ମିଳିଛି । ଏହି କାର୍ଯ୍ୟଧାରାରେ କର୍ମଚାରୀଙ୍କୁ ସପ୍ତାହକୁ ୬ଦିନ ସକାଳ ୯ଟାରୁ ରାତି ୯ ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି । ଆବଶ୍ୟକତାଠୁ ଅଧିକ କାମ କରିବାକୁ କହି କମ୍ପାନି ଶୋଷଣ କରୁଛି । ସେଥିପାଇଁ ଏହି କାର୍ଯ୍ୟଧାରାକୁ ଯୁବପିଢ଼ି ଗ୍ରହଣ କରୁ ନାହାନ୍ତି । ତେଣୁ ଏହାକୁ ବିରୋଧ କରିବାକୁ ଯାଇ ଚୀନର ଯୁବକ ଯୁବତୀ ପକ୍ଷୀ ବେଶ ଧରିଛନ୍ତି । ସେଥିପାଇଁ ସେମାନେ ଓଭର ସାଇଜ୍ ଟି-ସାର୍ଟରେ ନିଜ ହାତ ଓ ଗୋଡ଼କୁ ଏଭଳି ଭାବେ ଲୁଚାଉଛନ୍ତି, ସେମାନେ ଅବିକଳ ପକ୍ଷୀ ଭଳି ଦିଶୁଛନ୍ତି । କେବଳ ସେତିକି ନୁହେଁ, ଆସବାବପତ୍ର ଉପରେ ବସି ଡେଣା ଫଡ଼ଫଡ଼ କରିବା ସହ ଶବ୍ଦ ମଧ୍ୟ କରୁଛନ୍ତି । ଏହି ଅଭିଯାନକୁ ଲୋକମାନେ ମଧ୍ୟ ବେଶ୍ ସମର୍ଥନ କରୁଛନ୍ତି । ତେବେ ପ୍ରଥମଥର ପାଇଁ ଯେ '୯୯୬' ୱାର୍କ କଲଚରର ଚୀନ୍ ଯୁବପିଢ଼ି ପ୍ରତିବାଦ କରିଛନ୍ତି ତାହା ନୁହେଁ, ୨୦୨୧ରେ '୯୯୬' ବିରୋଧରେ 'ୱାକର୍ ଲାଇଭସ୍ ମ୍ୟାଟର' ବୋଲି ଏକ ଅଭିଯାନ ଆରମ୍ଭ ହୋଇଥିଲା । ଅନପଟେ 'ଅଲ୍ଲୀବାବା'ର ପ୍ରତିଷ୍ଠାତା ଜ୍ୟାକ୍ ମା ମଧ୍ୟ ଏକଦା '୯୯୬' କାର୍ଯ୍ୟ ଧାରାକୁ ଖୁବ୍ ସମର୍ଥନ କରିଥିଲେ । ତେବେ ଦୀର୍ଘ ସମୟ ଧରି କାମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ସେଥିପାଇଁ ଅନେକ କମ୍ପାନି ସପ୍ତାହକୁ ୫ ଦିନ କାମ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଆବଶ୍ୟକତାଠୁ ଅଧିକ କାମ କରିବା ଦ୍ୱାରା କର୍ମଚାରୀଙ୍କଠାରେ ଥକ୍କାପଣ, ଚିଡ଼ଚିଡ଼ା ସ୍ୱଭାବ, ମଧୁମେହ, ହୃଦ୍ ସମସ୍ୟା ଏବଂ ଅନିଦ୍ରା ଭଳି ଅନ୍ୟାନ୍ୟ ସମସ୍ୟା ଦେଖାଯାଉଛି ।

# ଦୁଇଥର ଚୋରି ପେଣ୍ଟିଂ ୨୬୭ କୋଟିରେ ହେବ ବିକ୍ରି!



ଚିତ୍ରକରମାନେ ନିଜ ରଙ୍ଗତୂଳୀରେ ସୁନ୍ଦର ସୁନ୍ଦର ପେଣ୍ଟିଂ କରିଦିଅନ୍ତି । ତନ୍ମଧ୍ୟରୁ କିଛି ପେଣ୍ଟିଂ କାନ୍ଥରେ ଶୋଭା ପାଉଥିବାବେଳେ ଆଉ କିଛି ଆର୍ଟ ଗ୍ୟାଲେରୀରେ ସମାଜକୁ ସଚେତନତାର ବାର୍ତ୍ତା ବାଣ୍ଟିଥାଏ । ହେଲେ ଏପରି ଏକ ପେଣ୍ଟିଂ ଅଛି ଯାହା ଦୁଇ ଦୁଇ ଥର ଚୋରି ହେବା ପରେ ଏବେ ଏହା ଆକାଶଛୁଆଁ ମୂଲ୍ୟରେ ବିକ୍ରି ହେବାକୁ ଯାଉଛି । ଷୋଡ଼ଶ ଶତାବ୍ଦୀର ଏହି ପେଣ୍ଟିଂଟି ଏବେ ଚର୍ଚ୍ଚାରେ ରହିଛି । ଏହି ପେଣ୍ଟିଂଟି 'ଦ ରେଷ୍ଟ ଅନ୍ ଦି ଫ୍ଲାଇଟ୍ ଇନ୍‌ଟୁ ଇଜିପ୍ଟ' ନାଁରେ ପରିଚିତ । ଏହି ପେଣ୍ଟିଂଟି ମାଷ୍ଟର ଟିଟିୟାନଙ୍କର ଏକ ମାଷ୍ଟରପିସ୍ । ଟିଟିଆନ୍ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଏହାକୁ ତିଆରି କରିଥିଲେ । ଆସନ୍ତା ଜୁଲାଇ୨ ରେ ଏହାର ନିଲାମ ହେବାକୁ ଥିବାବେଳେ ଏହା ୨୬୭ କୋଟିରେ ବିକ୍ରି ହେବ ବୋଲି ଆଶା କରାଯାଉଛି । ଏହି ପେଣ୍ଟିଂଟି ବାଇବେଲ୍‌ରୁ ପ୍ରେରିତ ହୋଇଛି । ଫ୍ରାନ୍ସର ସୈନିକମାନେ ୧୮୦୯ରେ ଏହାକୁ ଲୁଟି ନେଇଥିଲେ । ୧୯୯୫ରେ ପୁଣିଥରେ ଏହା ଚୋରି ହୋଇଥିବା ଘଟଣା ଚର୍ଚ୍ଚାରେ ରହିଥିଲା । ୨୦୦୨ରେ ଦକ୍ଷିଣ-ପଶ୍ଚିମ ଲଣ୍ଡନର ଏକ ବସ୍‌ଷ୍ଟପ୍‌ରୁ ଏକ ବ୍ୟାଗ୍ ମଧ୍ୟରୁ ଏହି ପେଣ୍ଟିଂଟି ମିଳିଥିଲା ।

# ରାହୁଲଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ଶ୍ରଦ୍ଧା





ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି । ରାହୁଲ ମୋଦିଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଅନେକ ଦିନରୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । କିନ୍ତୁ ଉଭୟ ସେମାନଙ୍କ ସମ୍ପର୍କକୁ ନେଇ କେବେ ବି ଖୋଲାଖୋଲି କିଛି କହିନାହାନ୍ତି । କିନ୍ତୁ ନିକଟରେ ଶ୍ରଦ୍ଧା ସାମାଜିକ ଗଣମାଧ୍ୟମରେ କିଛି ପୋଷ୍ଟ କରିଛନ୍ତି, ଯେଉଁଥିରୁ ସେ ରାହୁଲ୍‌ଙ୍କ ସହ ପ୍ରେମ ସମ୍ପର୍କରେ ଥିବା ଏକପ୍ରକାର ସ୍ପଷ୍ଟ କରିଛନ୍ତି । ଇନ୍‌ଷ୍ଟାରେ ଶ୍ରଦ୍ଧା ରାହୁଲ୍‌ଙ୍କ ସହ ଏକ ସେଲ୍‌ଫି ପୋଷ୍ଟ କରି କ୍ୟାପସନ୍ ଦେଇଛନ୍ତି- 'ମୋ ହୃଦୟ ରଖ, କିନ୍ତୁ ନିଦ ତ ଫେରାଇ ଦିଅ ।' ପ୍ରଥମ ଥର ପାଇଁ ଶ୍ରଦ୍ଧା ରାହୁଲ୍‌ଙ୍କୁ ନେଇ ବିଧିବଦ୍ଧ ଭାବେ କିଛି ପୋଷ୍ଟ କରିଛନ୍ତି । ଅନେକ ଦିନରୁ ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି । ଅନନ୍ତ ଅମ୍ବାନୀ- ରାଧିକା ମର୍ଚ୍ଚାଣ୍ଟଙ୍କ ପ୍ରିୱେଡିଂ ସେଲିବ୍ରେସନ୍ ପାଇଁ ଉଭୟ ମୁମ୍ବାଇରୁ ଜାମ୍‌ନଗର ଏକାଠି ଯାଉଥିବାର ଦେଖାଯାଇଥିଲା । ଇତିମଧ୍ୟରେ ରାହୁଲ୍ ଓ ଶ୍ରଦ୍ଧାଙ୍କ ସମ୍ପର୍କକୁ ତାଙ୍କ ପରିବାର ଲୋକେ ସହମତି ଦେଇଥିବା କୁହାଯାଉଛି । ଏଠାରେ ପ୍ରକାଶ ଥାଉ କି, 'ତୁ ଝୁଟି ମେଁ ମକ୍କାର' ସେଟ୍‌ରେ ରାହୁଲ୍ ଓ ଶ୍ରଦ୍ଧଙ୍କର ଦେଖା ହୋଇଥିଲା । ରାହୁଲ୍ ଏହି ଫିଲ୍ମର କାହାଣୀ ଲେଖିଥିଲେ । ଫିଲ୍ମ ସୁଟିଂ ସମୟରେ ଉଭୟଙ୍କର ସମ୍ପର୍କ ଘନିଷ୍ଠ ହୋଇଥିଲା । ରାହୁଲ୍ 'ପ୍ୟାର୍ କା ପଞ୍ଚନାମା-୨', 'ସୋନୁ କେ ଟିଟୁ କି ସ୍ୱିଟି'ର କାହାଣୀ ମଧ୍ୟ ଲେଖିଛନ୍ତି । ୨୦୦୨ରେ ଶ୍ରଦ୍ଧା ଫଟୋଗ୍ରାଫର୍ ରୋହନ୍ ଶ୍ରେଷ୍ଠଙ୍କଠାରୁ ଅଲଗା ହେବା ପରେ ରାହୁଲ୍‌ଙ୍କ ପ୍ରେମରେ ପଡ଼ିଥିଲେ ।

## ଆଜିର ଇତିହାସ

- ୧୫୫୫- ମୋଗଲ ସମ୍ରାଟ ହୁମାୟୁନ୍ ତାଙ୍କର ପୁତ୍ର ଆକବରଙ୍କୁ ଉତ୍ତରାଧିକାରୀ ଭାବେ ଘୋଷଣା କଲେ ।
- ୧୯୦୬-ସ୍ୱିଡେନ୍ ରାଷ୍ଟ୍ରୀୟ ଧ୍ୱଜାକୁ ଆପଣାଇଲା ।
- ୧୯୧୧- କିଙ୍ଗ୍ ଜର୍ଜ ପଞ୍ଚମ ଇଂଲଣ୍ଡର ରାଜା ହେଲେ ।
- ୧୯୩୯- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଫରୱାର୍ଡ ବ୍ଲକ୍‌ର ସ୍ଥାପନା କଲେ ।
- ୧୯୪୧- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ସୋଭିଏତ୍ ରୁଷ୍ ଉପରେ ଆକ୍ରମଣ କଲା ।
- ୨୦୦୨: ଇରାନ୍‌ରେ ଭୟଙ୍କର ଭୂମିକମ୍ପରେ ୫୦୦ ଜଣଙ୍କ ମୃତ୍ୟୁ ।
- ୨୦୦୯ - ଏକବିଂଶ ଶତାବ୍ଦୀର ସବୁଠୁ ଦୀର୍ଘ ସମୟ ଧରି ସୂର୍ଯ୍ୟପରାଗ ଭାରତରେ ଦେଖାଗଲା ।

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ । ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ । ସମ୍ପତ୍ତି ବିବାଦ ସମାଧାନ ହେବ ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ । ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ଅଯଥା କାମରେ ସମୟ ନଷ୍ଟ ହେବ ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ହେବ । ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ । ଚାକିରିରେ ବଦଳି ସମ୍ଭାବନା ଅଛି ।

**ତୁଳା:** ମନ ଖୁସି ରହିବ । ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ । ନୂଆ ଚାକିରି ମିଳିବା ସମ୍ଭାବନା ଅଛି । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ । ଆୟ ସହ ଖର୍ଚ୍ଚ ବଢ଼ିବ ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପେଟ ଜନିତ ସମସ୍ୟା ଦେଖା ଦେବ । କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ ।

**ମକର:** ସମୟର ସଦୁପଯୋଗ କରିବେ । ପ୍ରେମ ସମ୍ବନ୍ଧ ମଜଭୁତ ହେବ । ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ । ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ । ଚିନ୍ତା ଓ ଅବସାଦରେ ରହିବେ ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ । ବୈବାହିକ ଜୀବନ ସୁଖମୟ ହେବ ।

### ସ୍ନାନ ପୂର୍ଣ୍ଣିମା ଦର୍ଶନ ବ୍ୟବସ୍ଥା

# ସିଂହଦ୍ୱାରରେ ପ୍ରବେଶ, ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ



ପୁରୀ, ୨୧।୬(ସମିସ): ସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଦର୍ଶନ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ପୁଲିସ ଏବଂ ଟ୍ରାଫିକ ସୁପରିଚାଳନା ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁମାନେ ମାର୍କେଟ ଛକ ପରଠାରୁ ଆରମ୍ଭ ହେଉଥିବା ବ୍ୟାରିକେଡ଼ରେ ଆସି ଶ୍ରୀକୃଷ୍ଣ ସିନେମା ହଲ୍ ଦେଇ ଦୋଳବେଦୀ କୋଣ ଷ୍ଟିଲ୍ ବ୍ୟାରିକେଡ୍‌କୁ ପ୍ରବେଶ କରିବେ। ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନୋଟି ଦ୍ୱାର (ପଶ୍ଚିମ ଦ୍ୱାର, ଉତ୍ତର ଏବଂ ଦକ୍ଷିଣ) ଦେଇ ପ୍ରସ୍ଥାନ କରିବେ। ପହଣ୍ଡି ଟିକେଟଧାରୀ ଭକ୍ତମାନେ ପହଣ୍ଡି ଦର୍ଶନ ନିମନ୍ତେ ପ୍ରାତଃ ସମୟରେ ଦକ୍ଷିଣ ଦ୍ୱାରରେ ଥିବା ବ୍ୟାରିକେଡ୍ ଦେଇ ପ୍ରବେଶ କରିବେ। ପହଣ୍ଡି ସମାପ୍ତ ହେବା ପରେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ ବନ୍ଦ ହୋଇଯିବ।

**ପହଣ୍ଡି ଦର୍ଶନ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ମନ୍ଦିରକୁ ଯିବେ**

ସେହିପରି ଟ୍ରାଫିକ୍ ଜନିତ ସମସ୍ୟା ଯେପରି ନ ହେବ, ସେଥିପ୍ରତି ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଭୁବନେଶ୍ୱର ଏବଂ କୋଣାର୍କ ପାର୍ଶ୍ୱରୁ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡରେ ପ୍ରବେଶ କରିବା ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ବସ୍‌ଗୁଡ଼ିକର ଆବଶ୍ୟକତା ଅନୁଯାୟୀ ପଥ ପରିବର୍ତ୍ତନ କରାଯାଇପାରେ। ପୁରୀ ଟାଉନ୍ ସଟଲ୍ ବସ୍ ଓ ଅଟୋ ରିକ୍ସାକୁ ବଡ଼ଦାଣ୍ଡରେ ମେଡିକାଲ୍ ଛକ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ପ୍ରୋଟୋକଲ୍ ଯାନଗୁଡ଼ିକୁ ଗଦାଧର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯିବାର ଅନୁମତି ଦିଆଯାଇଛି ଓ ସେଠାରେ ପାର୍କିଂ ସୁବିଧା ରହିଛି। ପାର୍କିଂ ପରେ ସେମାନେ ବ୍ୟାଟେରୀ ଚଳିତ ଯାନ ସୁବିଧା ପାଇପାରିବେ। ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରୀମ ସେଣ୍ଟର (ଜେବିପିସି) ପାର୍କିଂ ସୁବିଧା ପାଇବା ପାଇଁ ଭୁବନେଶ୍ୱରରୁ ଆସୁଥିବା ହାଲୁକା ମୋଟର ଯାନ ହରେକୃଷ୍ଣପୁର ଛକଠାରୁ ଶ୍ରୀସେତୁ ଆଡ଼କୁ ସ୍ଥାନାନ୍ତରିତ ହେବେ। ଜେବିପିସି ପାର୍କିଂ ପୂରଣ ହେବା ପରେ ହରେକୃଷ୍ଣପୁର ଛକଠାରୁ ଜେଲ୍ ରୋଡ୍‌ରେ ପାର୍କିଂ ନିମନ୍ତେ ଅଠରନଳା ଆଡ଼କୁ ଯିବାକୁ ଅନୁମତି ଦିଆଯିବ।

ସେହିପରି ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ହାଲୁକା ମୋଟର ଯାନଗୁଡ଼ିକର ଯାତ୍ରିକା, ବ୍ଲୁ-ଫ୍ଲାଗ୍ ବେଳାଭୂମି ଏବଂ ହୋଟେଲ ନୀଳାଚଳ ଅଶୋକାରେ ପାର୍କିଂ ନିମନ୍ତେ ମଙ୍ଗଳାଘାଟ ଛକଠାରେ ପଥ ପରିବର୍ତ୍ତନ କରାଯିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ହାଲୁକା ମୋଟର ଯାନ ଗ୍ରିଡ୍ ଷ୍ଟେସନ୍ ଛକଠାରୁ ବ୍ଲୁ ଫ୍ଲାଗ୍ ବେଳାଭୂମି ଏବଂ ହୋଟେଲ ନୀଳାଚଳ ଅଶୋକାରେ ପାର୍କିଂ କରିବେ। ସେହିପରି ପାର୍କିଂ ସ୍ଥାନର ଉପଲବ୍ଧତା ଅନୁଯାୟୀ ପରବର୍ତ୍ତୀ ସମୟରେ ଯାତ୍ରୀଙ୍କ ପଥ ପରିବର୍ତ୍ତନ କରାଯାଇପାରେ।

ମେଡିକାଲ ଛକଠାରୁ ନାୟକ ପ୍ଲାଜା ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଦୁଇଚକିଆ ଯାନଗୁଡ଼ିକ ପାର୍କିଂ କରିବ। ମୋଟର ସାଇକେଲ ପାଇଁ ଉଦ୍ଦିଷ୍ଟ ସ୍ଥାନ ପୂରଣ ହୋଇଯିବା ପରେ ଜେଲ୍ ରୋଡ୍ ଏବଂ ଶରଧାବାଲି ଅଞ୍ଚଳରେ ପାର୍କିଂ କରାଯିବ। ମାର୍କେଟ ଛକଠାରୁ ଜଗା ବଳିଆ ଲଜ୍ ଏବଂ ମନ୍ଦିର ଚତୁଃପାର୍ଶ୍ୱକୁ ନୋ-ଭେଇକିଲ୍ ଜୋନ୍ ଘୋଷଣା କରାଯାଇଛି। ମାର୍କେଟ ଛକଠାରୁ କେବଳ ପାସ୍ ପାଇଥିବା ଗାଡ଼ିଗୁଡ଼ିକୁ ଆଗକୁ ଯିବାକୁ ଅନୁମତି ଦିଆଯିବ। ତେବେ କୌଣସି ସହାୟତା ପାଇଁ ପୁରୀ ପୁଲିସ ନମ୍ବର ୬୩୭୦୯ ୬୭୧୦୦ରେ ଯୋଗାଯୋଗ କରିବାକୁ ଏସ୍‌ପି ପିନାକ ମିଶ୍ର ଅନୁରୋଧ କରିଛନ୍ତି।

## ଦେବସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳାର୍ପଣ | ରାତି ୪ଟା ୩୦ ଡୋରଲାଗି ଓ |
| ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ | ଭୋର ୫ଟାରୁ ସକାଳ ୭ଟା |
| ମଙ୍ଗଳ ଆଳତି | ୯ଟା |
| ମଇଲମ | ୯ଟା ୧୫ |
| ତଡ଼ପଲାଗି | ୯ଟା ୨୫ |
| ଅଧରପୋଛା | ୯ଟା ୪୫ |
| ଅବକାଶ | ପୂର୍ବାହ୍ନ ୧୦ଟା ୨୦ |
| ରୋଷହୋମ | ୧୦ଟା ୩୦ |
| ସୂର୍ଯ୍ୟପୂଜା | ୧୦ଟା ୫୫ |
| ଦ୍ୱାରପାଳ ପୂଜା | ୧୧ଟା ୧୦ |
| ଜଳବିଜେ, ପୂଜା ଓ ସ୍ନାନ | ୧୨ଟା ୨୦ରୁ ଅପରାହ୍ନ ୧ଟା ୪୫ |
| ମଇଲମ, ମେକାପ ଓ ନୂଆଲୁଗା ଲାଗି | ୨ଟା ୫୦ |
| ଛେରାପହଁରା | ୩ଟା |
| ହାତୀବେଶ | ୩ଟା ୪୦ |
| ମହନ୍ତ ଶାଢ଼ିବନ୍ଧା | ୫ଟା |
| ଘଣ୍ଟଛତା, ସକାଳ ଧୂପ | ୫ଟା ୪୫ରୁ ସନ୍ଧ୍ୟା ୭ଟା ୨୦ |
| ଦକ୍ଷିଣଘର ଭୋଗ | ୬ଟା ୩୦ |
| ସାହାଣମେଳା | ସନ୍ଧ୍ୟା ସାଢେ ୭ରୁ ରାତି ସାଢେ ୧୦ଟା |
| ପୁଷ୍ପାଞ୍ଜଳି ଓ ଡୋରଲାଗି | ରାତି ୧୧ଟା |
| ବାହୁଡ଼ା ପହଣ୍ଡି | ରାତି ସାଢେ ୧୧ରୁ ୨ଟା |
| ସୁନାଚିତା ଓ ରାହୁରେଖା ମଇଲମ | ୨ଟା ୩୦ |

# ଶ୍ରୀମନ୍ଦିର ଭିତରେ ଓ ବାହାରେ ରହିବେ ୫୭ ପ୍ଲାଟୁନ ଫୋର୍ସ

ପୁରୀ, ୨୧।୬(ସମିସ): ଶନିବାର ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାବାହୁ। ଦାରୁବିଗ୍ରହଙ୍କ ହାତୀବେଶ ଦେଖିବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। କେବଳ ଶ୍ରୀମନ୍ଦିର କିମ୍ବା ଏହାର ଚତୁଃପାର୍ଶ୍ୱରେ ଭିଡ଼ ଜମିବ ତାହା ନୁହେଁ, ସମୁଦ୍ର ବେଳାଭୂମିରେ ବି ଲାଗିବ ପର୍ଯ୍ୟଟକଙ୍କ ଗହଳି। ଗାଡ଼ିମୋଟର ଯୋଗୁଁ ସହରର ବିଭିନ୍ନ ଗଳିକନ୍ଦି ଜାମ୍ ହେବା ସମ୍ଭାବନା ରହିଛି। ତେଣୁ ଏହି ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି। ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି। ଏଥିରେ ୪ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି ପାହ୍ୟା ଅଧିକାରୀଙ୍କ ସହ ୧୫ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୩୦ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୬୫ ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୩୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୧ଜଣ ହାବିଲଦାର, ୧୨ ଟ୍ରାଫିକ ହାବିଲ୍‌ଦାର, ୩୬୫ କନଷ୍ଟେବଳ, ୫୨ ଜଣ ଟ୍ରାଫିକ କନଷ୍ଟେବଳ, ୫୯୪ ଜଣ ହୋମ୍‌ଗାର୍ଡ ଏବଂ ୬୮ ପ୍ଲାଟୁନ୍ ୧ ସେକ୍ସନ୍ ଫୋର୍ସ ମୁତୟନ ହେବେ।

ଏହି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ ଶ୍ରୀମନ୍ଦିର ଭିତରେ ଜଣେ କମାଣ୍ଡାଣ୍ଟ ତଥା ଏସ୍‌ପି, ୬ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୧୩ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୨୭ ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୧୦୫ ଏସ୍‌ଆଇ ଓ ଏଏସ୍‌ଆଇ, ୧୨ ହାବିଲ୍‌ଦାର୍, ୧୨୨ କନଷ୍ଟେବଳ, ୮୪ ଜଣ ହୋମ୍‌ଗାର୍ଡ ଏବଂ ୩୪ ପ୍ଲାଟୁନ ଫୋର୍ସ ଜଗିବେ।

ଶ୍ରୀମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ୨ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି, ୫ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୮ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୨୪ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୯୯ ଏସ୍‌ଆଇ ଓ ଏଏସ୍‌ଆଇ, ୪୧ କନେଷ୍ଟବଳ, ୬ ଟ୍ରାଫିକ୍ କନଷ୍ଟେବଳ, ୩୪ ଜଣ ହୋମ୍‌ଗାର୍ଡ ଏବଂ ୨୩ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଶ୍ରଦ୍ଧାଳୁ ଓ ଭିଆଇପିଙ୍କ ସୁରକ୍ଷା ପାଇଁ ଜଣେ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୨ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୩ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୨୧ ଏସ୍‌ଆଇ ଓ ଏଏସ୍‌ଆଇ, ୫ ହାବିଲ୍‌ଦାର, ୫୪କନଷ୍ଟେବଳ, ୪୦ ହୋମ୍‌ଗାର୍ଡ ଏବଂ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଜଣେ କମାଣ୍ଡାଣ୍ଟ ତଥା ଏସ୍‌ପି ପାହ୍ୟାର ଅଧିକାରୀ, ୨ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୬ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୧୦ଜଣ ସୁବେଦାର୍ ତଥା ଇନ୍ସପେକ୍ଟର, ୮୭ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୪ ହାବିଲ୍‌ଦାର୍, ୧୨ ଟ୍ରାଫିକ୍ ହାବିଲ୍‌ଦାର୍, ୧୪୦ କନେଷ୍ଟବଳ, ୪୬ ଟ୍ରାଫିକ୍ କନଷ୍ଟେବଳ, ୪୦୬ ଜଣ ହୋମ୍‌ଗାର୍ଡ, ୮ ପ୍ଲାଟୁନ୍ ୨ ସେକ୍ସନ୍ ଫୋର୍ସ ମୁତୟନ ହେବେ। ବେଳାଭୂମିରେ ଯାତ୍ରୀଙ୍କ ନିୟନ୍ତ୍ରଣ ପାଇଁ ଜଣେ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ଜଣେ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ଜଣେ ସୁବେଦାର୍ ତଥା ଇନ୍ସପେକ୍ଟର, ୯ ଏସ୍‌ଆଇ ଓ ଏଏସ୍‌ଆଇ, ୮ଜଣ କନଷ୍ଟେବଳ, ୩୦ ଜଣ ହୋମ୍‌ଗାର୍ଡ ଓ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଅନ୍ୟାନ୍ୟ ସେବା ପାଇଁ ୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୨ ସେକ୍ସନ୍ ଫୋର୍ସ ମୁତୟନ ହେବେ ବୋଲି ପଲିସ ପକ୍ଷରୁ ସୂଚନା ମିଳିଛି।

### ଏନ୍‌ଟିଏର ସ୍ୱଚ୍ଛତାକୁ ପୁଣି ପ୍ରଶ୍ନ

# ବାତିଲ୍ ହେଲା ସିଏସ୍‌ଆଇଆର୍ ୟୁଜିସି-ନେଟ୍

ଭୁବନେଶ୍ୱର, ୨୧।୬(ସମିସ): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳନା କରୁଥିବା ଗୋଟିଏ ପରେ ଗୋଟିଏ ପରୀକ୍ଷା ବିବାଦଘେରକୁ ଆସୁଛି। ନିଟ୍ ଓ ନେଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ଜଣାପଡ଼ିବା ପରେ ଏନ୍‌ଟିଏ ଉପରେ ଛାତ୍ରଛାତ୍ରୀମାନେ ବିଶ୍ୱାସ ହରାଇଲେଣି। ଇତିମଧ୍ୟରେ ଏକାଧିକ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଉଛି। ପୂର୍ବରୁ ଏନ୍‌ସିଟିଇ ପରୀକ୍ଷାକୁ ବୈଷୟିକ କାରଣ ଦର୍ଶାଇ ବାତିଲ କରାଯାଇଥିବା ବେଳେ ସମ୍ପ୍ରତି ସିଏସ୍‌ଆଇଆର୍ ୟୁଜିସି-ନେଟ୍ ପରୀକ୍ଷାକୁ ବାତିଲ କରାଯାଇଥିବା ଏନ୍‌ଟିଏ ବିଜ୍ଞପ୍ତି ଜାରି କରିଛି।

**୨ ବାତିଲ୍, ବିବାଦରେ ୩ ପରୀକ୍ଷା**

ଏନ୍‌ଟିଏ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୫ରୁ ୨୭ତାରିଖ ମଧ୍ୟରେ ହେବାକୁ ଥିବା ସିଏସ୍‌ଆଇଆର୍ ୟୁଜିସି-ନେଟ୍ ପରୀକ୍ଷାକୁ ବାତିଲ କରାଯାଇଛି। ବୈଷୟିକ ତ୍ରୁଟି କାରଣରୁ ପରୀକ୍ଷାକୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ପୁଣି ପରୀକ୍ଷା କେବେ ହେବ, ସେନେଇ କୌଣସି ସ୍ପଷ୍ଟ କରି ନଥିବା ବେଳେ ଆଗକୁ ପରୀକ୍ଷା ତାରିଖ ପ୍ରକାଶ କରାଯିବ ବୋଲି କୁହାଯାଇଛି।

ଏହା ପୂର୍ବରୁ ଏନ୍‌ଟିଏ ଗତ ୧୮ ତାରିଖରେ ୟୁଜିସି-ନେଟ୍ ପରୀକ୍ଷା କରିଥିଲା। ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜାଣିବାକୁ ପାଇଲା ପରେ ୧୯ ତାରିଖରେ ପରୀକ୍ଷାକୁ ବାତିଲ କରାଯାଇଛି। ଏହା ପୂର୍ବରୁ ଡାକ୍ତରୀ ପଢ଼ିବା ପାଇଁ ଅନୁଷ୍ଠିତ ହେଉଥିବା ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ ପିଲାଙ୍କ ପୁନଃ ପରୀକ୍ଷା ହେବ। ଅନୁରୂପ ଭାବେ ସିୟୁଇଟି ପିଜି ପରୀକ୍ଷାରେ କିଛି ପରୀକ୍ଷାର୍ଥୀଙ୍କୁ ଅନୁଗ୍ରହ କରି ଅଧିକ ମାର୍କ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଗୋଟିଏ ପରେ ଗୋଟିଏ ପରୀକ୍ଷାରେ ବିବାଦ ହେବା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେଉଥିବାରୁ ଏନ୍‌ଟିଏର ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ସାରା ଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହୋଇଛି।



## ଯୋଗମୟ ବିଶ୍ୱ



ଶ୍ରୀନଗର, ୨୧।୬ (ଏଜେନ୍ସି): ସମଗ୍ର ବିଶ୍ୱରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଜାହାଜଠାରୁ ନେଇ ଜାତିସଂଘ ପର୍ଯ୍ୟନ୍ତ ସବୁଠି ଲୋକେ ଯୋଗ କରିଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀନଗରର ଡାଲ୍ ହ୍ରଦ ନିକଟରେ ଯୋଗ କରିଛନ୍ତି। ପ୍ରଥମେ ହ୍ରଦ କୂଳରେ ଏହି ଯୋଗ କାର୍ଯ୍ୟକ୍ରମ ହେବାର ଥିଲା। ମାତ୍ର ବର୍ଷା ଯୋଗୁଁ ଏହାକୁ ହଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ହଲ୍ ଭିତରେ ୫୦ ଜଣ ଏବଂ ବାହାରେ ୭ ହଜାର ଲୋକ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗ କରିଥିଲେ। ଏହା ବ୍ୟତୀତ ନୌସୈନିକ ଆଇଏନଏସ ବିକ୍ରମାଦିତ୍ୟରେ, ଲଦାଖର ଚୀନ୍ ସୀମାକୁ ଲାଗିଥିବା ପୋଙ୍ଗାଙ୍ଗ ସୋ ହ୍ରଦ କୂଳରେ ଆଇଟିବିପି ଯବାନ ଅଲଗା ଅଲଗା ଆସନ କରି ଦଶମ ଯୋଗ ଦିବସ ପାଳନ କରିଥିଲେ। ସେହିପରି ଜାପାନରେ ହୋଙ୍ଗୱାନଜି ମନ୍ଦିର ନିକଟରେ ଲୋକ ବର୍ଷା ଯୋଗୁଁ ଛତାଧରି ଯୋଗ କରିଛନ୍ତି। ଏହା ବ୍ୟତୀତ କାନବେରା, ବେଜିଂ ଏବଂ ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ୧୦ ହଜାର ଲୋକ ଯୋଗ କରିଛନ୍ତି।

### ୟୁପିରେ ଅସହ୍ୟ ଗୁଳୁଗୁଳି: ଅକାଳରେ ଯାଉଛି ଜୀବନ

# ୧୭ ଦିନରେ ୨୧୩୬ ଜଣଙ୍କ ମୃତ୍ୟୁ

ଲକ୍ଷ୍ନୌ, ୨୧।୬ (ଏଜେନ୍ସି)



- ମୃତକଙ୍କ ମଧ୍ୟରେ ଅଛନ୍ତି ୪୧୪ ନିରାଶ୍ରୟ
- ବ୍ରେନ୍ ଷ୍ଟ୍ରୋକ୍-ଅଂଶୁଘାତରେ ଯାଉଛି ଜୀବନ
- ମୃତଦେହ ରଖିବାକୁ ଶବଗୃହରେ ସ୍ଥାନାଭାବ

ଉତ୍ତର ପ୍ରଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ବୃଦ୍ଧି ଯୋଗୁଁ ରାଜ୍ୟରେ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ଅସହ୍ୟ ତାତିରେ ଲୋକେ କଲବଲ ହେଉଛନ୍ତି। ଅକାଳରେ ଅନେକ ଲୋକଙ୍କ ଜୀବନ ଚାଲିଯାଉଛି। ଅଂଶୁଘାତ ଏବଂ ବ୍ରେନ୍‌ଷ୍ଟ୍ରୋକରେ ଲୋକେ ପ୍ରାଣ ହାରଉଛନ୍ତି। ଗତ ୧୭ ଦିନରେ ୨୧୩୬ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିଯୋଗୁଁ ୟୁପିର ୨୦ ସହରରେ ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହର ଧାଡ଼ି ଲାଗିଛି। ସ୍ଥିତି ଏପରି ହୋଇଛି ଯେ ବାରାଣସୀ, ପ୍ରୟାଗରାଜ ଏବଂ କାନପୁର ଭଳି ବଡ଼ ସହରରେ ଥିବା ଶବଗୃହରେ ସ୍ଥାନାଭାବ ଦେଖାଯାଇଛି। ସ୍ୱାଭାବିକ ଦିନ ତୁଳନାରେ ଏହି ସଂଖ୍ୟା ଦେଢ଼ ଗୁଣ ଅଧିକ ରହିଛି। ସୂଚନା ଅନୁଯାୟୀ କେବଳ ଗତ ୧୭ ଦିନରେ ୨,୧୩୬ ମୃତଦେହର ବ୍ୟବଚ୍ଛେଦ ହୋଇଛି। ଏହି ମୃତକଙ୍କ ମଧ୍ୟରେ ୪୧୪ ନିରାଶ୍ରୟ ଅଛନ୍ତି। ଏହା ସ୍ୱାଭାବିକ ଦିନ ତୁଳନାରେ ୪ ଗୁଣ ଅଧିକ। ମାର୍ଚ୍ଚ ୧ରୁ ୧୭ ମଧ୍ୟରେ ଶବାଗାରରେ ୧,୩୪୫ ଏବଂ ଜୁନ୍ ୧ରୁ ୧୭ ମଧ୍ୟରେ ୨,୧୩୬ ମୃତଦେହର ବ୍ୟବଚ୍ଛେଦ ହୋଇଥିଲା। ସେହିପରି ସମାନ ଅବଧିରେ ୯୨ ଏବଂ ୪୧୪ ନିରାଶ୍ରୟଙ୍କ ବ୍ୟବଚ୍ଛେଦ ହୋଇଥିଲା। ଏହି ସବୁ ମୃତ୍ୟୁ ପ୍ରଚଣ୍ଡ ତାତି ଯୋଗୁଁ ହୋଇଥିଲା ବୋଲି କୁହାଯାଉଛି।

ମେ' ରୁ ଜୁନ୍ ମଧ୍ୟଭାଗରେ ବାରାଣସୀର ତାପମାତ୍ରା ୪୩ରୁ ୪୬ ଡିଗ୍ରୀ ମଧ୍ୟରେ ଥିଲା। ତେଣୁ ମୃତ୍ୟୁ ଧାରା ଜାରି ରହିଥିଲା। ସରକାରୀ ଡାକ୍ତରଖାନାଠାରୁ ନେଇ ଶବ ବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ ସବୁଠି ମୃତଦେହର ଲମ୍ବା ଧାଡ଼ି ଲାଗି ରହିଥିଲା। ସବୁଠିକୁ କ୍ଷମତାଠାରୁ ଅଧିକ ମୃତଦେହ ପହଞ୍ଚି ଥିଲା। ଗତ ୧ରୁ ୧୭ ତାରିଖ ମଧ୍ୟରେ ବାରାଣସୀ ବ୍ୟବଚ୍ଛେଦ ଗୃହରେ ୧୮୩ ମୃତଦେହର ବ୍ୟବଚ୍ଛେଦ ହୋଇଥିଲା। ଏଥିରେ ୪୮ ନିରାଶ୍ରୟଙ୍କ ମୃତଦେହ ସାମିଲ ଥିଲା। ତାତି ବଢ଼ିବା ସହିତ ମୃତଦେହ ଆସିବା ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଥିଲା। ଏଠାରେ ଲୋକେ ମୃତଦେହ ନେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ସେହିପରି କାଶୀର ମଣିକର୍ଣ୍ଣିକା ଘାଟକୁ ଗତ ୩୦ ତାରିଖରେ ଅନ୍ୟ ଦିନ ଅପେକ୍ଷା ତିନି ଗୁଣା ବେଶୀ ଅର୍ଥାତ ୪୦୦ରୁ ଅଧିକ ମୃତଦେହ ପହଞ୍ଚି ଥିଲା। ଏଠାରେ ସାରା ରାତି ଜାମ୍ ଲାଗିଥିଲା। ଭିଡ଼ ଯୋଗୁଁ ବ୍ୟବସ୍ଥା ଧ୍ୱସ୍ତ ହୋଇଯାଇଥିଲା। ସେହିପରି ହରିଶ୍ଚନ୍ଦ୍ର ଘାଟକୁ ୧୫୦ରୁ ୨୦୦ ମୃତଦେହ ପହଞ୍ଚୁଥିଲା। ଏହା ବ୍ୟତୀତ ପ୍ରୟାଗରାଜରେ ଅନ୍ତିମ ସଂସ୍କାର ପାଇଁ ଅପେକ୍ଷା କରିବାକୁ ପଡ଼ିଥିଲା।

● ୬ ରାଜ୍ୟରେ ପହଞ୍ଚିଲା ମୌସୁମୀ ବାୟୁ

## ଚଳିତ ମାସରେ ହୋଇଛି ୧୭% କମ୍ ବର୍ଷା

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ଦଶ ଦିନ ଅଟକି ରହିବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ମଧ୍ୟପ୍ରଦେଶରେ ପହଞ୍ଚି ଯାଇଛି। ଏହା ଡିଣ୍ଡୋରୀ ଜିଲ୍ଲା ଦେଇ ରାଜ୍ୟରେ ପ୍ରବେଶ କରିଛି। ଏହା ସହିତ ମୌସୁମୀ ବାୟୁ ଆଉ ୫ ରାଜ୍ୟ ଛୁଇଁଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ମହାରାଷ୍ଟ୍ର-ବିଦର୍ଭ କ୍ଷେତ୍ର, ଛତିଶଗଡ଼, ଓଡ଼ିଶା, ଗାଙ୍ଗେୟ ପଶ୍ଚିମବଙ୍ଗ, ପଶ୍ଚିମବଙ୍ଗର ଉପ-ହିମାଳୟ କ୍ଷେତ୍ର ଏବଂ ଝାଡ଼ଖଣ୍ଡରେ ପହଞ୍ଚିଛି। ଆଇଏମ୍‌ଡି ମଧ୍ୟପ୍ରଦେଶର ଭୋପାଳ-ଇନ୍ଦୋର ସମେତ ୧୪ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି। ସେହିପରି ଗତ କିଛି ଦିନ ହେଲା ତାତିରେ କଲବଲ ହେଉଥିବା ଦିଲ୍ଲୀକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆଜି ଜାତୀୟ ରାଜଧାନୀରେ ବର୍ଷା ହୋଇଛି। ଘଣ୍ଟା ପ୍ରତି ୩୦-୫୦ କିମି ବେଗରେ ମଧ୍ୟ ପବନ ପ୍ରବାହିତ ହୋଇଛି। ଏ ପର୍ଯ୍ୟନ୍ତ (୧ରୁ ୨୦ ତାରିଖ) ଦେଶରେ ୭୭ ମିମି ବର୍ଷା ହୋଇଛି। ଏହା ସ୍ୱାଭାବିକଠାରୁ ୧୭ ପ୍ରତିଶତ କମ୍ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି।

ଦିଲ୍ଲୀକୁ ଜଳ ଦେଉନାହାନ୍ତି ପଡ଼ୋଶୀ ରାଜ୍ୟ

## ଜଳମନ୍ତ୍ରୀ ଆତିଶୀଙ୍କ ଅନଶନ




ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଦିଲ୍ଲୀବାସୀ ଏବେ ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରେ ଲୋକେ ଖାଲି ଗରା, ବାଲଟି ଓ ପାଇପ୍ ଧରି ଫୁଟ୍‌ପାଥ୍‌ରେ ଧାଡ଼ିରେ ଠିଆ ହୋଇ ପାଣି ଟ୍ୟାଙ୍କରକୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଦୀର୍ଘ ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ଲହର ଦିଲ୍ଲୀର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ଜଳର ଚାହିଦା ଏତେ ବଢ଼ିଛି ଯେ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ଏତିକି ବେଳେ ପଡ଼ୋଶୀ ରାଜ୍ୟମାନେ ଦିଲ୍ଲୀକୁ ଜଳ ଯୋଗାଇବା କମାଇଛନ୍ତି। ଏହାକୁ ବିରୋଧ କରି ଦିଲ୍ଲୀ ଜଳମନ୍ତ୍ରୀ ଆତିଶୀ ମାର୍ଲେନା ଆଜି ଅପରାହ୍ନରୁ ଦକ୍ଷିଣ ଦିଲ୍ଲୀର ଜଙ୍ଗପୁରା ଅଞ୍ଚଳର ଭୋଗାଲଠାରେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି। ଏହି ଅନଶନକୁ ଆତିଶୀ 'ଜଳ ସତ୍ୟାଗ୍ରହ' କହିଛନ୍ତି। ଅନଶନ ଆରମ୍ଭ କରିବା ପୂର୍ବରୁ ଆତିଶୀ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ, ଆମ ଆଦମୀ ପାର୍ଟି(ଆପ୍) ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଓ ଅନ୍ୟ ଆପ୍ ନେତାମାନଙ୍କ ଗହଣରେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନଶନ ସ୍ଥଳରେ ଆତିଶୀ କହିଛନ୍ତି, ହରିୟାଣାରୁ ଦିଲ୍ଲୀକୁ ଦିନକୁ ୧୦୦୫ ନିୟୁତ ଗ୍ୟାଲେନ ଜଳ ମିଳିଥାଏ। ସେଥିରୁ ହରିୟାଣା ଦେଇଥାଏ ୬୧୩ ନିୟୁତ ଗ୍ୟାଲେନ। କିନ୍ତୁ ଗତ ଦୁଇ ସପ୍ତାହ ହେଲାଣି ହରିୟାଣାରୁ ଦିଲ୍ଲୀକୁ ମିଳୁଛି ମାତ୍ର ୫୧୩ ନିୟୁତ ଗ୍ୟାଲେନ। ତେଣୁ ଦିଲ୍ଲୀର ୨୮ ଲକ୍ଷ ଲୋକ ଜଳାଭାବ ଭୋଗୁଛନ୍ତି। ଗତ ଦୁଇ ଦିନ ହେଲା ହରିୟାଣା ଆହୁରି ୧୦୦ରୁ ୧୨୦ ନିୟୁତ ଗ୍ୟାଲେନ ଜଳ କମାଇଛି। ତାହାର ପ୍ରତିବାଦରେ ସେ ଅନଶନ କରୁଛନ୍ତି ଓ ଦିଲ୍ଲୀ ତା'ର ନାର୍ଯ୍ୟ ଭାଗ ନ ପାଇବା ଯାଏଁ ଅନଶନ ଚାଲୁରଖିବେ ବୋଲି ଆତିଶୀ କହିଛନ୍ତି।

● ୧୫ ଦିନରେ ଦ୍ୱିତୀୟ ଯାତ୍ରା

## ଭାରତରେ ବାଂଲାଦେଶ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦୁଇ ଦିନିଆ ଭାରତ ଗସ୍ତରେ ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଛନ୍ତି। ବିଦେଶ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ଦେଶରେ ତୃତୀୟ ଥର ପାଇଁ ଏନ୍‌ଡିଏ ସରକାର ପ୍ରତିଷ୍ଠା ହେବା ପରେ ଏହା କୌଣସି ରାଷ୍ଟ୍ରାଧକ୍ଷଙ୍କ ପ୍ରଥମ ଭାରତ ଗସ୍ତ। ହସିନା ଏହି ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ଏବଂ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ମଧ୍ୟ ଭେଟିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମନ୍ତ୍ରଣରେ ହସିନା ୧୫ ଦିନ ଭିତରେ ଦ୍ୱିତୀୟ ଥର ପାଇଁ ଭାରତ ଆସିଛନ୍ତି। ଏହି ସମୟରେ ଉଭୟ ନେତା ଗଙ୍ଗା ଜଳ ବଣ୍ଟନ ଚୁକ୍ତିକୁ ବଢ଼ାଇବା ପାଇଁ ଆଲୋଚନା କରିପାରନ୍ତି। ୧୯୭୫ରେ ଗଙ୍ଗା ନଦୀ ଉପରେ ଭାରତ ଫରକା ବନ୍ଧ ନିର୍ମାଣ କରିଥିଲା। ଏହାକୁ ବାଂଲାଦେଶ ବିରୋଧ କରିବାରୁ ୧୯୯୬ରେ ୩୦ ବର୍ଷ ପାଇଁ ଚୁକ୍ତି ହୋଇଥିଲା। ଏହା ଆଗାମୀ ବର୍ଷ ଶେଷ ହେଉଛି। ସେହିପରି ତିସ୍ତା ମାଷ୍ଟର ପ୍ଲାନକୁ ନେଇ ମଧ୍ୟ ଦୁଇ ନେତା ଆଲୋଚନା କରିପାରନ୍ତି।

### ସଂରକ୍ଷଣ ସୀମା ବୃଦ୍ଧିକୁ ହାଇକୋର୍ଟଙ୍କ ନା ମାମଲା

## ସୁପ୍ରିମ୍‌କୋର୍ଟ ଯିବେ ବିହାର ସରକାର



ପାଟନା, ୨୧।୬(ଏଜେନ୍ସି): ବିହାରର ସରକାରଙ୍କ କୋଟା ବୃଦ୍ଧି ବିଜ୍ଞପ୍ତିକୁ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଅଧ୍ୟକ୍ଷତାରେ ଗଠିତ ଡିଭିଜନ୍ ବେଞ୍ଚ୍ ଗତକାଲି ରଦ୍ଦ କରିଦେଇଥିବାରୁ ତା'କୁ ଚ୍ୟାଲେଞ୍ଜ କରି ବିହାର ସରକାର ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ। ସଂରକ୍ଷଣ କୋଟା ବୃଦ୍ଧିକୁ ହାଇକୋର୍ଟ ରଦ୍ଦ କରିଥିବାରୁ ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ସେଥିପାଇଁ କେନ୍ଦ୍ରର ଏନଡିଏ ସରକାରଙ୍କ ଉପରେ ଦୋଷାରୋପ କରିଛନ୍ତି। ସଂରକ୍ଷଣ କୋଟା ଆଇନକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅର୍ନ୍ତଭୁକ୍ତ କରାଗଲେ ନ୍ୟାୟପାଳିକାର ବିଚାର ପରିସରରୁ ବାହାରେ ରହନ୍ତା ଓ ନ୍ୟାୟପାଳିକା ସେଥିରେ ହସ୍ତକ୍ଷେପ କରିପାରନ୍ତା ନାହିଁ ଦର୍ଶାଇ ତେଜସ୍ୱୀ କହିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ତାହା ହେବା ଚାହାଁନ୍ତି ନାହିଁ। ବିହାର ଦେଶର ପ୍ରଥମ ରାଜ୍ୟ ଭାବେ ୨୦୨୨-୨୩ରେ ଜାତିଭିତ୍ତିକ ସର୍ଭେ କରି ସାମାଜିକ-ଆର୍ଥିକ ସମାନତା ଲକ୍ଷ୍ୟ ହାସଲ ନିମନ୍ତେ ପଛୁଆ ବର୍ଗଙ୍କ ଏକ ବଡ଼ ଅଂଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କୁ ସେମାନଙ୍କ ସଂଖ୍ୟାନୁପାତରେ ସରକାରୀ ସୁବିଧା ସୁଯୋଗ ଯୋଗାଇବା ଚାହିଁ ସଂରକ୍ଷଣ କୋଟା ବଢ଼ାଇଥିଲା। ବିହାର ସରକାର ସରକାରୀ ଚାକିରି ଓ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଏସ୍‌ସି, ଏସ୍‌ଟି ଓ ପଛୁଆ ବର୍ଗ(ବିସି)ଙ୍କୁ ମିଳୁଥିବା ୫୦% କୋଟାକୁ ୬୫%କୁ ବଢ଼ାଇଥିଲେ। ଫଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍) ପାଇଁ ଥିବା ୧୦% କୋଟାକୁ ମିଶାଇ ମୋଟ କୋଟା ୭୫%କୁ ବଢ଼ିଥିଲା। ଏହି କୋଟା ବୃଦ୍ଧିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ୍ କରି କେତେକ ସଂଗଠନ ପାଟନା ହାଇକୋର୍ଟରେ ଏକାଧିକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ସେଗୁଡ଼ିକର ଏକତ୍ର ବିଚାର କରି ପାଟନା ହାଇକୋର୍ଟ ଗତକାଲି ଏହି କୋଟା ବୃଦ୍ଧିର ସାମ୍ବିଧାନିକ ବୈଧତା ନାହିଁ ବୋଲି ରାୟ ଦେଇ ତାହାକୁ ରଦ୍ଦ କରିଛନ୍ତି।

## ତାମିଲନାଡୁ ମଦମୃତ୍ୟୁ ସଂଖ୍ୟା ୪୭କୁ ବଢ଼ିଲା

ଚେନ୍ନଇ, ୨୧।୬(ଏଜେନ୍ସି): ତାମିଲନାଡୁର କଲ୍ଲାକୁରିଚି ଜିଲ୍ଲାରେ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୪୭କୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ କଲ୍ଲାକୁରିଚି ମଦ ମୃତ୍ୟୁର ନ୍ୟାୟିକ ତଦନ୍ତ କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ଗୋକୁଲଦାସଙ୍କ ତଦାରଖରେ ଏହି ତଦନ୍ତ ଚାଲିବ ଓ ୩ମାସ ମଧ୍ୟରେ ରିପୋର୍ଟ ମିଳିବ ବୋଲି କୁହାଯାଇଛି। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଓ ଚିକିତ୍ସିତ ହେଉଥିବା ଲୋକଙ୍କୁ ୫୦ହଜାର ଟଙ୍କା ଅନୁକମ୍ପା ରାଶି ଭାବେ ରାଜ୍ୟ ସରକାର ଦେବେ। ଗତକାଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କଲ୍ଲାକୁରିଚି ଜିଲ୍ଲାର ପୁଲିସ୍ ଅଧୀକ୍ଷକ(ଏସ୍‌ପି)ଙ୍କୁ ଓ ଜିଲ୍ଲାର ଅନ୍ୟ ୯ଜଣ ପୁଲିସ୍ ଅଫିସର୍‌ଙ୍କୁ ନିଲମ୍ବିତ କରିଥିଲେ। କଲ୍ଲାକୁରିଚି ଜିଲ୍ଲାପାଳଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାମିଲନାଡୁ ବିଧାନସଭାର ଅଧିବେଶନ ଚାଲିଛି। କଲ୍ଲାକୁରିଚି ମଦ ମୃତ୍ୟୁର ପ୍ରତିବାଦରେ ବିରୋଧୀ ଦଳ ଏଆଇଏଡିଏମକେ'ର ବିଧାୟକମାନେ ଆଜି ସଦନକୁ କଳା ପୋଷାକ ପିନ୍ଧି ଆସିଥିଲେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଏଆଇଏଡିଏମକେ'ର ବିଧାୟକମାନଙ୍କୁ ସଦନରୁ ବିତାଡ଼ିତ କରିବାକୁ ମାର୍ଶାଲଙ୍କୁ ଆଦେଶ ଦେଇଥିଲେ। ପରେ ଅବଶ୍ୟ ସେମାନଙ୍କୁ ସଦନକୁ ଫେରାଇ ଅଣାଯାଇଥିଲା। ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନାମଲାଇ ମଦ ମୃତ୍ୟୁର ସିବିଆଇ ତଦନ୍ତ ଦାବି କରିଛନ୍ତି। ଗତ ଦୁଇ ବର୍ଷରେ ଡିଏମକେ ଶାସନ କାଳରେ ଦୁଇ ଥର ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁ ଘଟି ୬୦ ଜଣଙ୍କ ଜୀବନ ଯାଇଛି। ସ୍ଥାନୀୟ ନେତା ଓ ପୁଲିସର ଜାଣତରେ ରାଜ୍ୟରେ ଦେଶୀ ମଦ ରନ୍ଧାଯାଉଛି ଓ ବିକ୍ରି ହେଉଛି ବୋଲି ଆନ୍ନାମଲାଇ କହିଛନ୍ତି।



## ମହିଳାଙ୍କୁ ମାସକୁ ମିଳିବ ୧୦୦୦ ଟଙ୍କା

ରାଞ୍ଚି, ୨୧।୬ (ଏଜେନ୍ସି): ମହିଳାଙ୍କୁ ମାସକୁ ହଜାରେ ଟଙ୍କା ଦିଆଯିବ। ଅଗଷ୍ଟରୁ ପ୍ରତି ମାସରେ ଟଙ୍କାକୁ ସିଧାସଳଖ ବ୍ୟାଙ୍କ ଖାତାକୁ ପଠାଇ ଦିଆଯିବ। ମହିଳାଙ୍କୁ ଆର୍ଥିକ ଭାବେ ମଜବୁତ କରିବା ପାଇଁ ଝାଡ଼ଖଣ୍ଡର ଚମ୍ପାଇ ସୋରେନ ସରକାର ଏହି ଘୋଷଣା କରିଛନ୍ତି। ଏଥିପାଇଁ 'ମୁଖ୍ୟମନ୍ତ୍ରୀ ବହନ-ବେଟି ସ୍ୱାବଲମ୍ବନ ପ୍ରୋତ୍ସାହନ ଯୋଜନା' ଆରମ୍ଭ କରାଯାଇଛି। ଏହାର ଲାଭ ଝାଡ଼ଖଣ୍ଡର ୨୫ରୁ ୫୦ ବର୍ଷର ୪୦ ଲକ୍ଷ ମହିଳାଙ୍କୁ ମିଳିବ। ଖୁବଶୀଘ୍ର ସରକାର କ୍ୟାମ୍ପ ଲଗାଇ ଏଥିପାଇଁ ଆବେଦନ ନେବେ। ଏହି ଯୋଜନା ପାଇଁ ସରକାର ବର୍ଷକୁ ପ୍ରାୟ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ।

## ୯୮ ଭାରତୀୟ ହଜ୍‌ଯାତ୍ରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ସାଉଦି ଆରବରେ ଭୀଷଣ ଗ୍ରୀଷ୍ମପ୍ରବାହ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଏମାନଙ୍କ ମଧ୍ୟରେ ୯୮ ଭାରତୀୟ ହଜ୍‌ଯାତ୍ରୀ ସାମିଲ ଅଛନ୍ତି। ପ୍ରାକୃତିକ କାରଣ ତଥା ରୋଗ ଏବଂ ବୃଦ୍ଧାବସ୍ଥାରେ ଏମାନଙ୍କ ମୃତ୍ୟୁ ହୋଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଲକ୍ଷେ ୭୫ ହଜାର ଭାରତୀୟ ହଜ୍ ଯାତ୍ରୀ ପାଇଁ ସାଉଦି ଆରବ ଯାଇଛନ୍ତି। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ୧୦ ଦେଶର ୧,୦୮୧ ହଜ୍‌ଯାତ୍ରୀଙ୍କ ମୃତ୍ୟୁ ହେଲାଣି। ଏଥିରେ ଇଜିପ୍ଟର ସର୍ବାଧିକ ୬୫୮ ନାଗରିକ ସାମିଲ ଅଛନ୍ତି।

## ଅଟଳ ସେତୁରେ ଫାଟ

ମୁମ୍ବାଇ, ୨୧।୬ (ଏଜେନ୍ସି): ନୂଆ କରି ଖୋଲିଥିବା ମହାରାଷ୍ଟ୍ରର ମୁମ୍ବାଇ-ଟ୍ରାନ୍ସ ହାର୍ବର ଲିଙ୍କ (ଏମଟିଏଚ୍‌ଏଲ୍) ଅଟଳ ସେତୁରେ ଫାଟ ସୃଷ୍ଟି ହୋଇଛି। ଏହାର ଫଟୋ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନାନା ପଟୋଲେ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦୁର୍ନୀତି ଚାଲିଛି। ଏଭଳି ଅନେକ ଉଦାହରଣ ଆଗାମୀ ବିଧାନସଭା ନିର୍ବାଚନରେ ଉପସ୍ଥାପନ କରାଯିବ। ଭାରତବାସୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ବହୁତ ସମ୍ମାନ କରନ୍ତି। ମାତ୍ର ବିଜେପି ତାଙ୍କ ନାମରେ ଦୁର୍ନୀତି କରିବାକୁ ପଛାଉ ନାହିଁ। ଏବେ ମହାରାଷ୍ଟ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏଟିଏମ୍ ପାଲଟି ଯାଇଛି। ଏଥିପାଇଁ ଉଭୟେ ରାଜ୍ୟର ବୃଥା ପ୍ରଶଂସା କରୁଛନ୍ତି। ସେହିପରି ରାଜ୍ୟର ବିଜେପି-ଶିବସେନା-ଏନ୍‌ସିପି ସରକାର ଚାଷୀଙ୍କୁ ଲୁଟୁଛନ୍ତି ବୋଲି ନାନା ପଟୋଲେ କହିଛନ୍ତି।

ନିଟ୍-ନେଟ୍ ବିବାଦ

## ବିରୋଧୀ ଦଳ, ଛାତ୍ର ସଗଂଠନର ବିକ୍ଷୋଭ

- ପୁଣି କାଉନସେଲିଂ ରଦ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ନା
- ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ମାଷ୍ଟରମାଇଣ୍ଡର ଫଟୋ ଜାରି

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ନିଟ୍ ଏବଂ ନେଟ୍ ବିବାଦକୁ ନେଇ ସାରା ଦେଶରେ ବିରୋଧୀ ଏବଂ ଛାତ୍ର ସଂଗଠନଗୁଡିକ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଆଜି ଦିଲ୍ଲୀ, ହାଇଦରାବାଦ, ଲକ୍ଷ୍ନୌ ଏବଂ ପାଟନାରେ ଜୋରଦାର ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ ୟୁନିଭର୍ସିଟି ପରିସରର ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ଯୋଗୁଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ପୁଲିସ କିଛି ବିକ୍ଷୋଭକାରୀଙ୍କୁ ମଧ୍ୟ ଗିରଫ କରିଛି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ପୁଣି ଶୁକ୍ରବାର ନିଟ୍ କାଉନସେଲିଂ ଉପରେ କଟକଣା ଲଗାଇବାକୁ ମନା କରିଦେଇଛନ୍ତି। ୭୭୩ ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିଥିଲେ। ସେମାନେ ପରୀକ୍ଷା ବାତିଲ କରି ପୁଣିଥରେ କରାଇବାକୁ ଦାବି କରିଥିଲେ। ତେବେ ସୁପ୍ରିମକୋର୍ଟ ଏଥିପାଇଁ ମନା କରିଦେଇଥିଲେ ଏବଂ ପୁନଃ ପରୀକ୍ଷା ନେଇ ଏନ୍‌ଟିଏକୁ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଥିଲେ। ଏହା ମଧ୍ୟରେ ପ୍ରଶ୍ନପତ୍ର ମାମଲାରେ ଆରଜେଡି ନେତା ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି। ସେ ତାଙ୍କ ପିଏସଙ୍କୁ ପଚାରି ଜେରା କରିବାକୁ କହିଛନ୍ତି। ଅନ୍ୟପଟେ ପ୍ରଶ୍ନପତ୍ର ପ୍ରଘଟର ମାଷ୍ଟରମାଇଣ୍ଡ ଅମିତ ଆନନ୍ଦ ସହ ଆରଜେଡି ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଫଟୋ ଜାରି କରିଛି। ସେହିପରି କଂଗ୍ରେସ ପରୀକ୍ଷା ରଦ୍ଦ ଦାବିରେ ବିହାରରେ ବିକ୍ଷୋଭ ପ୍ରଦର୍ଶନ କରିଛି।

# ପାୱାର ପଲିଟିକ୍ସରେ ଫସିଗଲେ 'ପାୱାର'

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି)



- ଅଜିତ ପାୱାର ସବୁଠୁ ବଡ଼ ଲୁଜର
- ସମସ୍ତେ ହାତ ଟେକିଦେଲେ
- ପରିବାର ରହିଲେନି କି ଭୋଟର
- ଏବେ ବିଜେପିଠାରୁ ରହିଛି ବିପଦ

ମହାରାଷ୍ଟ୍ର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଏହି ପାୱାର ପଲିଟିକ୍ସରେ ଶରଦ ପାୱାରଙ୍କ ପୁତୁରା ତଥା ଏନ୍‌ସିପି ମୁଖ୍ୟ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଫସି ଯାଇଛନ୍ତି। ସେ ସବୁଠାରୁ ବଡ଼ ଲୁଜର ପାଲଟି ଯାଇଛନ୍ତି। ପରିବାର ସହିତ ଜନତା ମଧ୍ୟ ତାଙ୍କୁ ପସନ୍ଦ କରିନାହାନ୍ତି। ଏହାର ଫଳ ଲୋକସଭା ନିର୍ବାଚନରେ ଦେଖିବାକୁ ମିଳିଥିଲା। ଏଥିରୁ ପ୍ରକୃତ ଶିବସେନା (ସିନ୍ଦେ ଏବଂ ଉଦ୍ଧବ ଗୋଷ୍ଠୀ) ଏବଂ ଏନସିପି (ଶରଦ ପାୱାର ଏବଂ ଅଜିତ ଗୋଷ୍ଠୀ) କିଏ ତାହା ଜଣାପଡ଼ିଯାଇଛି ବୋଲି ବିରୋଧୀ କହୁଛନ୍ତି। ନିର୍ବାଚନୀ ଫଳାଫଳ ବାହାରିବା ପରଠାରୁ ସରକାରୀ ମେଣ୍ଟ (ଶିବସେନା-ବିଜେପି-ଏନସିପି) ରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ଶାସକ ମେଣ୍ଟ ପରାଜୟର କାରଣ ଖୋଜା ଚାଲିଛି। ନିର୍ବାଚନରେ ଏନ୍‌ଡିଏକୁ ମିଳିଥିବା ଝଟ୍‌କା ପରେ ବିଜେପି ଚିନ୍ତାରେ ରହିଛି। କିନ୍ତୁ ନିଶାଣରେ ଅଜିତ ପାୱାର ଅଛନ୍ତି। ଆରଏସ୍‌ଏସ୍‌ର ଜଣେ ନେତା ରତନ ଶାରଦା ଏହି ପରାଜୟ ପାଇଁ ଅଜିତ ପାୱାରଙ୍କ ସହ ମେଣ୍ଟକୁ ଦାୟୀ କରୁଛନ୍ତି। ଏହା ପରେ ବିଜେପି ବୈଠକରେ ବିଧାୟକମାନେ ଅଜିତଙ୍କୁ ହିଁ ନିଶାଣ କରିଥିଲେ। ଏହା ପରଠାରୁ ମେଣ୍ଟରେ ଉତ୍ତେଜନା ଲାଗି ରହିଛି। ଏହାକୁ ନେଇ ଅଜିତ ଗୋଷ୍ଠୀ ମଧ୍ୟ ଧମକ ଦେଇସାରିଛି। ଦଳକୁ ନିଶାଣ କରିବା ଛଡ଼ା ନ ଗଲେ ଅଲଗା ବାଟ ଆପଣାଇବେ ବୋଲି କହିଛନ୍ତି। ତେବେ ଏହି ବାଟ କ'ଣ ତାହା ଜଣାପଡ଼ି ନାହିଁ।

ଅଜିତ ନିଜ ଦାଦାଙ୍କ ସହ ବିଦ୍ରୋହ କରି ୪୦ ବିଧାୟକଙ୍କ ସହ ସରକାରୀ ମେଣ୍ଟରେ ସାମିଲ ହୋଇଥିଲେ। ପରେ ଦଳ ଉପରେ ନିଜ ଦାବି କରି ମଧ୍ୟ ବିଜୟୀ ହୋଇଥିଲେ। ଏହା ପରେ ଲୋକସଭା ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଥିଲେ। ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲେ। ମହାରାଷ୍ଟ୍ରରେ ଏନ୍‌ସିପି କର୍ମୀ ଏବଂ ନେତାଙ୍କ ମଧ୍ୟରେ ତାଙ୍କର ଭଲ ସଂଯୋଗ ଥିବା ଦାବି କରାଯାଉଥିଲା। ମାତ୍ର ଫଳାଫଳ ଏହାର ଓଲଟା ରହିଥିଲା। ଏଥିରୁ ଲୋକେ ଶରଦ ପାୱାରଙ୍କୁ ମାନୁଥିବା ସ୍ପଷ୍ଟ ହୋଇଯାଇଥିଲା। ରାଜନୀତିରେ ଅଜିତଙ୍କ କେତେ ପାୱାର ରହିଛି ସେ ଅଲଗା ହୋଇ ତାହା ଜାଣିପାରିଥିଲେ। ବାରାମତିରୁ ତାଙ୍କ ପତ୍ନୀ ସୁନେତ୍ରା ଶରଦଙ୍କ ଝିଅ ସୁରିୟା ସୁଲେଙ୍କଠାରୁ ହାରି ଯାଇଥିଲେ। ଅଜିତ ଏହାକୁ ନିଜର ଗଡ଼ କରିବାକୁ ଭାବିଥିଲେ। ମାତ୍ର ତାହା ଫସର ଫାଟି ଯାଇଥିଲା। ଏବେ ଅଜିତଙ୍କ ପରବର୍ତ୍ତୀ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି। ଏହା ମଧ୍ୟରେ ବିଜେପି ଏକ ସର୍ଭେ କରାଉଥିବା ସୂଚନା ମିଳିଥିଲେ। ଏହାର ଫଳାଫଳ ଆଧାରରେ ବିଜେପି ଏନ୍‌ସିପି ସହ ସମ୍ବନ୍ଧ ତୁଟାଇ ପାରେ।

## ଗଲ୍‌ୱାନ୍ ଘାଟି ସଂଘର୍ଷ ପରେ ଚୀନ୍ ନାଗରିକଙ୍କୁ ଭିସା ଦେଉନି ଭାରତ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଚୀନ ନାଗରିକଙ୍କୁ ଭିସା ଦେବାକୁ ଭାରତ ଏବେ କୁଣ୍ଠିତ। ୨୦୧୯ରେ କୋଭିଡ୍ ମହାମାରୀ ପୂର୍ବରୁ ପ୍ରାୟ ୨ଲକ୍ଷ ଚୀନ ନାଗରିକଙ୍କୁ ଭାରତୀୟ ଭିସା ମଞ୍ଜୁର କରାଯାଇଥିଲା ଓ ସେମାନେ ଭାରତ ଆସିପାରିଥିଲେ। ୨୦୨୪ରେ ଚୀନ ନାଗରିକଙ୍କୁ ମାତ୍ର ୧୫୦୦ ଭିସା ମଞ୍ଜୁର କରାଯାଇଛି ଯେଉଁଥିରୁ ୧୦୦୦ ହେଉଛି ଭାରତର ଇଲେକଟ୍ରୋନିକ୍ ଶିଳ୍ପ ସହ ବ୍ୟବସାୟିକ ସମ୍ବନ୍ଧ ରଖିଥିବା ଓ ଭାରତରେ ନିବେଶ କରିଥିବା ଚୀନ କମ୍ପାନୀ କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀଙ୍କ ଭିସା। ୨୦୨୦ ଜୁନ୍ ୧୫ରେ ଚୀନ ସେନା ପିପୁଲ୍ସ ଲିବେରେସନ୍ ଆର୍ମିର ସୈନିକମାନେ ପୂର୍ବ ଲାଦାଖର କିଛି ଅଞ୍ଚଳ ଦଖଲ କରିବାକୁ ଉଦ୍ୟତ ହେବାରୁ ଗଲୱାନ ଘାଟିରେ ଭାରତୀୟ ସେନା ସେମାନଙ୍କୁ ରୋକିଥିଲା। ଉଭୟ ଦେଶର ସେନାଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା।

■ ଟ୍ରକ ମାଲିକଙ୍କୁ ମାନସିକ ନିର୍ଯାତନା

## ଖାଉଟି ଅଦାଲତରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କକୁ ୧.୧୦ ଲକ୍ଷ ଜରିମାନା

କେନ୍ଦ୍ରାପଡ଼ା, ୨୧।୬(ସମିସ): କେନ୍ଦ୍ରାପଡ଼ା ଗରାପୁର ଗ୍ରାମର କ୍ଷେତ୍ରବାସୀ ଜେନା ଇଣ୍ଡସଇଣ୍ଡ ବ୍ୟାଙ୍କଠାରୁ ଋଣ ଆକାରରେ ଏକ ଟ୍ରକ କିଣିଥିଲେ। ଇଣ୍ଡସଇଣ୍ଡ ବ୍ୟାଙ୍କ ଋଣ ପୈଠ ବାବଦରେ ମାନସିକ ନିର୍ଯାତନା ଦେବା ଓ ଋଣ ନ ଥାଇ ଟ୍ରକକୁ ଟାଣିନେବା ଉଦ୍ୟମ କରାଯାଇଥିଲା। ଏହି ମାମଲାର ବିଚାର କରି କେନ୍ଦ୍ରାପଡ଼ା ଖାଉଟି ଅଦାଲତ ଇଣ୍ଡସଇଣ୍ଡ ବ୍ୟାଙ୍କକୁ ୧ ଲକ୍ଷ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

## ଶୌଚ ବେଳେ ଯୁବକଙ୍କୁ ଗୁଳିମାଡ଼

ଭଞ୍ଜନଗର,୨୧।୬ (ସମିସ) : ଭଞ୍ଜନଗର ଥାନା ଅଧୀନ ନୂଆଁପଲ୍ଲୀ ଗ୍ରାମ ନିକଟରେ ଆଜି ଭୋର ସମୟରେ ଶୌଚ ହେବାକୁ ଯାଉଥିବା ବେଳେ ଜଣେ ଯୁବକକୁ ଗୁଳିମାଡ଼ ହୋଇଛି।



ଆହତ ଯୁବକଜଣକ ହେଲେ କୁଶପଲ୍ଲୀ ଗ୍ରାମର ନିଲୁ ବିଷୋୟୀ(୨୫)। ସେ ତାର ମାମୁ ଘର ନୂଆପଲି ଗ୍ରାମରେ ଆଜି ଭୋର ସମୟରେ ଶୌଚ ହେବାକୁ ଯାଉଥିବା ସମୟରେ ନିଲୁର ପେଟରେ ଅଚାନକ ଏକ ଗୁଳି ଆସି ବାଜିଥିଲା। ଗୁରୁତର ଅବସ୍ଥାରେ ତାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ପ୍ରକୃତରେ ତାଙ୍କୁ କେହି ଗୁଳି ମାଡ଼ କରିଛି ନା ଶିକାର ପାଇଁ ଯାଉଥିବା ବେଳେ ଅସାବଧାନତା କାରଣରୁ ଏଭଳି ଘଟଣା ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି ପ୍ରକାଶ କରିଛନ୍ତି।

# ପିସିସି ସଭାପତିଙ୍କୁ କାଳି ମାଡ଼

### ନିଟ୍ ବିଭ୍ରାଟ ବିରୋଧ କାର୍ଯ୍ୟକ୍ରମ ଯୋଗୁଁ କାଳି ମାଡ଼: ଶରତ

ଭୁବନେଶ୍ୱର, ୨୧।୬(ସମିସ): କଂଗ୍ରେସ ଭବନ ମଧ୍ୟରେ ପଶି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପରରେ କାଳିମାଡ଼ କରିଛନ୍ତି କିଛି ଦୁର୍ବୃତ୍ତ। ଶ୍ରୀ ପଟ୍ଟନାୟକ ତାଙ୍କ ପ୍ରକୋଷ୍ଠରେ ବସିଥିବାବେଳେ ୫-୭ ଜଣ ଯୁବକ ପିସିସି ସଭାପତିଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ ଓ ତାଙ୍କ ବିରୋଧରେ ଧ୍ୱନୀ ଦେବା ସହ କାଳି ଫିଙ୍ଗି ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଏହି ଘଟଣା କଂଗ୍ରେସ ଶିବିରରେ ଆଲୋଡ଼ନ ସୃଷ୍ଟି କରିଛି। ଦଳର ବରିଷ୍ଠ ନେତାମାନେ ଘଟଣାକୁ ନିନ୍ଦା କରିଛନ୍ତି ଓ ଘଟଣା ପଛରେ ବିଜେପିର ସମ୍ପୃକ୍ତି ଥିବା ପିସିସି ସଭାପତି ଶରତ ପଟ୍ଟନାୟକ ସନ୍ଦେହ କରିଛନ୍ତି। କାଳିମାଡ଼ ଘଟଣା ପରେ କଂଗ୍ରେସର ବରିଷ୍ଠ ନେତାମାନେ କଂଗ୍ରେସ ଭବନରେ ପହଞ୍ଚି ପିସିସି ସଭାପତିଙ୍କ ସହ ଆଲୋଚନା କରିଛନ୍ତି।



ପିସିସି ସଭାପତି କହିଛନ୍ତି ଯେ ନିଟ୍ ଘୋଟାଲା ନେଇ ସାରା ଦେଶରେ କଂଗ୍ରେସ ପ୍ରତିବାଦ କରୁଛି। ଏଆଇସିସି ନିର୍ଦ୍ଦେଶରେ ଓଡ଼ିଶାରେ ମଧ୍ୟ ରାଜ୍ୟ କଂଗ୍ରେସ ଏହାକୁ ନେଇ ପ୍ରତିବାଦ କରୁଛି। ଆଜି ଏହି ପ୍ରତିବାଦ କାର୍ଯ୍ୟକ୍ରମ ରହିଥିବାରୁ ସରକାର ତାଙ୍କ ବିରୋଧରେ ଦୁର୍ବୃତ୍ତ ଲଗାଇ ଏପରି କାଳିମାଡ଼ କରିଥିବା ନେଇ ଆଶଙ୍କା କରିଛନ୍ତି। ଏହାସହ ସେ ମହାତ୍ମାଗାନ୍ଧି ଓ ନାଥୁରାମ ଗଡ଼ସେ ଉଦାହରଣ ଦେଇ ପରୋକ୍ଷରେ ସେ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଛାତ୍ର ଜୀବନରୁ ମୁଁ ରାଜନୀତି କରି ଆସିଛି। ଏହି ସମୟ ଭିତରେ ରାଜନୀତିରେ ଉତ୍ଥାନ ଓ ପତନ ଦେଖିଛି। ରାଜନୀତିରେ ଏପରି ହୁଏ। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ସରକାରଙ୍କ ବିରୋଧରେ କିଛି କାର୍ଯ୍ୟକ୍ରମ କରାଯିବାର ଅଛି। ଏଥିପାଇଁ କିଛି ଦୁର୍ବୃତ୍ତମାନେ ଆସି ଏପରି କାଣ୍ଡ କରିଛନ୍ତି। ଭଗବାନ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। କଂଗ୍ରେସକୁ ଦବେଇବାକୁ ଚେଷ୍ଟା କଲେ ଦବାଇ ହେବ ନାହିଁ। କଂଗ୍ରେସ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଏହି ଘଟଣା ପରେ ପିସିସି ତରଫରୁ ପୁଲିସକୁ ସୂଚନା ଦିଆଯାଇଛି। ପୁଲିସ ତଦନ୍ତ କରିବା ପରେ ଘଟଣା ସାମନାକୁ ଆସିବ ବୋଲି କଂଗ୍ରେସ ଆଶା ରଖିଛି। କଂଗ୍ରେସ ଗାନ୍ଧୀବାଦରେ ବିଶ୍ୱାସ କରେ ଓ ସେଥିପାଇଁ ଅହିଂସା ମାର୍ଗରେ ଲଢ଼େଇ କରୁଛି ବୋଲି ସେ କହିଛନ୍ତି। ସାରା ଦେଶରେ ବର୍ତ୍ତମାନ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସମସ୍ୟାରେ ଅଛନ୍ତି। ନିଟ୍ ପରୀକ୍ଷାରେ ହୋଇଥିବା ବିଭ୍ରାଟ ଯୋଗୁଁ ଏହି ସମସ୍ୟା ହୋଇଛି। ରାଜନୀତିରେ ଚପଲ, ଅଣ୍ଡା, ଟେକା ମାଡ଼ ସହ କାଳି ମାଡ଼ ହୋଇଥାଏ। ସେ କହିଛନ୍ତି ଯେ ପୂର୍ବଥର ପିସିସି ସଭାପତି ଥିବା ବେଳେ ମଧ୍ୟ ଅଣ୍ଡା ଓ ଟେକା ମାଡ଼ ହୋଇଛି। କିଛି ଅହଙ୍କାରୀ ଲୋକ ଏହାକୁ ସହ ନ ପାରି ଏପରି କାଣ୍ଡ ଭିଆଉଛନ୍ତି। ଯେତେ ଯାହା ବାଧା ଆସିଲେ ବି କଂଗ୍ରେସ ଓ ସେ ପଛକୁ ହଟିବେ ନାହିଁ ବୋଲି ଶରତ କହିଛନ୍ତି।

### କଂଗ୍ରେସର ଆଭ୍ୟନ୍ତରୀଣ ମାମଲା: ବିଜେପି

ଭୁବନେଶ୍ୱର, ୨୧।୬(ସମିସ): କାଳିମାଡ଼ ଘଟଣାରେ ପିସିସି ସଭାପତି ଶରତ ପଟ୍ଟନାୟକ ବିଜେପି ଭୂମିକା ଉପରେ ପ୍ରଶ୍ନବାଚୀ ଉଠାଇଥିବା ବେଳେ ବିଜେପି ଏହାକୁ ଖଣ୍ଡନ କରିଛି। ଦଳର ମୁଖପାତ୍ର ଦିଲ୍ଲୀପ ମହାନ୍ତି କହିଛନ୍ତି ଯେ କଂଗ୍ରେସ ନଜ ଦଳ କଥା ଛାଡ଼ି ବିଜେଡିର କାମ କରୁଥିଲା। ଏଥିପାଇଁ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହା ସେମାନଙ୍କ ଦଳର ଅସନ୍ତୋଷର ଫଳାଫଳ। କେବଳ ସହାନୁଭୂତି ପାଇବା ପାଇଁ ଅନ୍ୟ ଦଳ ଉପରେ ଦୋଷ ଲଦୁଛନ୍ତି। ଏଥିରେ ବିଜେପିକୁ ଟାଣିବା ଅନୁଚିତ। ଏହା କଂଗ୍ରେସର ଆଭ୍ୟନ୍ତରୀଣ ମାମଲା ବୋଲି ଶ୍ରୀ ମହାନ୍ତି କହିଛନ୍ତି।

■ ବାରିପଦା ବସ୍‌ଷ୍ଟାଣ୍ଡରେ ଗୋଷ୍ଠୀସଂଘର୍ଷ

## ହଣାକଟାରେ ୬ରୁ ଊର୍ଦ୍ଧ୍ୱ ଗୁରୁତର



ବାରିପଦା, ୨୧।୬ (ସମିସ): ବସ୍ ଚଳାଚଳ ସମୟକୁ ନେଇ ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ଆଜି ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଅନ୍ୟ ଗୋଷ୍ଠୀର ୬ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନଙ୍କୁ ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବାରିପଦା ବସ୍ ମାଲିକ ସଂଘର ସାଧାରଣ ସଂପାଦକ ସୁନୀଲ କୁମାର ଦାଶ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଅଟକ ରଖିଛି। ଉତ୍ତେଜନା ଲାଗି ରହିଥିବାରୁ ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

**ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ୍ ବନ୍ଦ ଡାକରା**

**ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ, ଘଟଣାରେ ୪ ଆକ୍ରମଣକାରୀ ଗିରଫ**

ସୂଚନାନୁଯାୟୀ, ରାଇରଙ୍ଗପୁରରୁ ବ୍ରହ୍ମପୁର ଯାଉଥିବା ମା’ ଦୁର୍ଗା ନାମକ ଘରୋଇ ବସ୍‌ର ଚଳାଚଳ ସମୟକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉକ୍ତ ବସ୍‌ଟି ରାଇରଙ୍ଗପୁରରୁ ଆସୁଥିବା ବେଳେ ସଠିକ ସମୟ ଅନୁସାରେ ବାରିପଦା ବସଷ୍ଟାଣ୍ଡରୁ ଚଳାଚଳ କରୁନଥିଲା। ଶୁକ୍ରବାର ସନ୍ଧ୍ୟାରେ ବସ୍‌ଟି ଆସି ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ବସ୍ ମାଲିକ ସଂଘ ଓ ବସ୍ ମାଲିକଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। କିଛି ଅସାମାଜିକ ଯୁବକ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ର ଧରି ବସ୍ ମାଲିକମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୬ରୁ ଊର୍ଦ୍ଧ୍ୱ ବସ୍ ମାଲିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍ ମାଲିକ ତପନ କୁମାର ପୃଷ୍ଟି, ଶୀତିକଣ୍ଠ ନାୟକଙ୍କ ଅବସ୍ଥା ଗୁରୁତର ରହିଛି। ଦୁହିଁଙ୍କୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ୨୨ ତାରିଖ ମଧ୍ୟରାତ୍ରିକୁ ବଢ଼ିଲା କର୍ଫ୍ୟୁ



■ ଶନିବାର ସକାଳ ୫ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ କୋହଳ

■ ଶିଳ୍ପାଞ୍ଚଳ ଥାନା ଅଧୀନ ଅଞ୍ଚଳ କର୍ଫ୍ୟୁମୁକ୍ତ

■ ଗିରଫଦାରୀ ସଂଖ୍ୟା ୬୫କୁ ବୃଦ୍ଧି

ବାଲେଶ୍ୱର, ୨୧।୬(ସମିସ): ବାଲେଶ୍ୱର ସହରରେ ୧୮ ତାରିଖଠାରୁ ଜାରି ରହିଥିବା କର୍ଫ୍ୟୁକୁ ସାମାନ୍ୟ କୋହଳ କରାଯାଇଛି। ତିନୋଟି ଥାନା ଶିଳ୍ପାଞ୍ଚଳ, ସହଦେବଖୁଣ୍ଟା ଏବଂ ଟାଉନ୍ ଥାନା ଅଧୀନରେ ଏହି କର୍ଫ୍ୟୁ ଲାଗିଥିବା ବେଳେ ଶିଳ୍ପାଞ୍ଚଳ ଥାନା ଅଧୀନ ଅଞ୍ଚଳଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବେ କର୍ଫ୍ୟୁ ଉଠାଇ ଦିଆଯାଇଛି। ତେବେ ଅନ୍ୟ ୨ ଥାନା ଅଧୀନରେ ପୂର୍ବଭଳି କର୍ଫ୍ୟୁ ବଳବତ୍ତର ରହିବ। ଏହି ଦୁଇ ଥାନା ଅଧୀନରେ ୨୨ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କର୍ଫ୍ୟୁ ରହିବ। ଏହାବାଦ୍ ପୌରପାଳିକା ଅଧୀନରେ ଆସନ୍ତାକାଲି ସମସ୍ତ ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବ। ମାତ୍ର ଅନ୍ୟ ଅଞ୍ଚଳରେ ସ୍କୁଲଗୁଡ଼ିକ ଖୋଲିବ। ସେହିପରି ଶନିବାର ଭୋର୍ ୫ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ କୋହଳ କରାଯିବ। ଶୁକ୍ରବାର ୬ ଘଣ୍ଟା ପାଇଁ କର୍ଫ୍ୟୁ କୋହଳ ହୋଇଥିବା ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିବାରୁ ଏହାର ଅବଧି ଆସନ୍ତାକାଲି ପାଇଁ ଅଧିକ ବଢ଼ାଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି। ଅପରପକ୍ଷେ ବର୍ତ୍ତମାନ ସୁଦ୍ଧା ଏହି ଗୋଷ୍ଠୀ ସଂଘର୍ଷ ମାମଲାରେ ସାମିଲ ଥିବା ଏବଂ କର୍ଫ୍ୟୁ ନିୟମକୁ ଭାଙ୍ଗିଥିବା ୬୫ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି, ସମସ୍ତେ ନିୟମ ଓ ଆଇନ କାନୁନ ମାନିଛନ୍ତି। ପରିସ୍ଥିତି ଏବେ ଶାନ୍ତ ରହିଛି। ତେବେ ଆଗକୁ ପର୍ଯ୍ୟାୟକ୍ରମେ କର୍ଫ୍ୟୁକୁ କୋହଳ କରାଯିବ। ଏତଦ୍‌ବ୍ୟତୀତ କର୍ଫ୍ୟୁ କୋହଳ ସମୟରେ ବ୍ୟାଙ୍କ୍ ଓ ଅନ୍ୟାନ୍ୟ ବ୍ୟାବସାୟିକ ପ୍ରତିଷ୍ଠାନମାନେ ସେମାନଙ୍କ କାର୍ଯ୍ୟ କରିପାରିବେ ବୋଲି ସେ କହିଛନ୍ତି। ସେହିପରି ଆଜିଠାରୁ ବିଭିନ୍ନ ସଂସ୍ଥାଗୁଡ଼ିକରେ ଲିଜ୍-ଲାଇନ୍ ଜରିଆରେ ଇଣ୍ଟରନେଟ୍ ସେବା ଚାଲୁ ହୋଇଥିବା ବେଳେ ଶନିବାରଠାରୁ ଲ୍ୟାଣ୍ଡ ଲାଇନ ବା ୱାଇଫାଇ ଖୋଲାଯିବାକୁ ବ୍ୟବସ୍ଥା କରାଯିବ। ତେବେ ମୋବାଇଲ ଇଣ୍ଟରନେଟ୍ ଉପରେ କୌଣସି ନିଷ୍ପତ୍ତି ହୋଇନାହିଁ।

ବର୍ତ୍ତମାନ ସୁଦ୍ଧା ସହରରେ ସ୍ଥିତି ସାମାନ୍ୟ ହେଉଥିବା ବେଳେ ବିଭିନ୍ନ ସଙ୍ଗଠନମାନଙ୍କ ସହ ଆଲୋଚନା କରାଯାଉଛି। ପରେ ଶାନ୍ତି କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଯେଉଁମାନେ ଦୂରଦୂରାନ୍ତରୁ ଆସି ବାଲେଶ୍ୱର ସହରରେ ବ୍ୟବସାୟ କରୁଥିଲେ, ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ସମୟ ପାଇଁ କର୍ଫ୍ୟୁ କୋହଳ ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ବାଲେଶ୍ୱରବାସୀ କୌଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି।

### ରାଜରାସ୍ତାରେ ଗର୍ଜିଲା କଂଗ୍ରେସ

# କେନ୍ଦ୍ରରେ ଚାଲିଛି ପେପର୍-ଲିକ୍ ସରକାର: କଂଗ୍ରେସ

ଭୁବନେଶ୍ୱର, ୨୧।୬(ସମିସ): କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତାର ଅନେକ ଉଦାହରଣ ରହିଛି। ବିଜେପି ଶାସିତ ରାଜ୍ୟ ସରକାର ମାନଙ୍କରେ ସର୍ବାଧିକ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ବିଗତ ୭ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାରେ ପେପର ଲିକ ହୋଇଛି। ଯଦ୍ୱାରା ୨କୋଟିରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କର ଭବିଷ୍ୟତ ଏବେ ଅନ୍ଧକାରକୁ ଠେଲି ହୋଇଯାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ଅଭିଯୋଗ କରିଛି।

**୭ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାରେ ହୋଇଛି ପେପର ଲିକ୍**

**୨କୋଟିରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କର ଭବିଷ୍ୟତ ଏବେ ଅନ୍ଧକାରରେ**



ଶୁକ୍ରବାର ରାଜ୍ୟ କଂଗ୍ରେସ ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ନିଟ-ୟୁଜି, ୟୁଜିସି-ନେଟ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ର୍‍ୟାଲିରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି କେନ୍ଦ୍ରରେ ଥିବା ମୋଦୀ ସରକାର ଏକ ଛାତ୍ର ବିରୋଧୀ ସରକାର। ବିଗତ ବର୍ଷମାନଙ୍କରେ ଅନେକ ପରୀକ୍ଷାରେ ବ୍ୟାପକ ଅନିୟମିତତା ସତ୍ତ୍ୱେ ଏହାକୁ ରୋକିବାରେ ସରକାର ଅସମର୍ଥ ହେଉଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱବଧାନରେ ତଦନ୍ତ ହେଲେ ପ୍ରକୃତ ଦୋଷୀ ସାମନାକୁ ଆସିବ। ଏହି ଘଟଣାର ସତ୍ୟାସତ୍ୟ ନ ଆସିବା ପର୍ଯ୍ୟନ୍ତ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ ଛାତ୍ରଛାତ୍ରୀମାନଙ୍କ ବିରୋଧରେ ହୋଇଥିବା ଅନ୍ୟାୟ ବିରୋଧରେ ଲଢ଼େଇ ଜାରିରଖିବ ବୋଲି ସେ କହିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ ୟୁଜିସି-ନେଟ ଜୁନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ପରେ ଏହି ପରୀକ୍ଷାକୁ ବାତିଲ କରାଯାଇ ସିବିଆଇ ତଦନ୍ତ ଚାଲିଛି। ଡାକ୍ତରୀ ପ୍ରବେଶିକା ପରୀକ୍ଷା ୨୦୨୪ (ନିଟ୍)ରେ ମଧ୍ୟ ସମାନଭାବେ ବ୍ୟାପକ ଅନିୟମିତତା ଯଥା: ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ୨୪ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀମାନଙ୍କ ଉଜ୍ଜଳ ଭବିଷ୍ୟତ ଏବେ ଅନ୍ଧକାରରେ। ଏହି ପରୀକ୍ଷାରେ ୬୭ଜଣ ଟପ୍ପର ହେବା, ଗୋଟିଏ ପରୀକ୍ଷା କେନ୍ଦ୍ରରୁ ଏକାଧିକ ଟପ୍ପର ହେବା, ଗ୍ରେସ ମାର୍କ ଦେବା ଇତ୍ୟାଦି ବ୍ୟାପକ ଅନିୟମିତତାର ଜ୍ୱଳନ୍ତ ଉଦାହରଣ। ଏନଟିଏର କାର୍ଯ୍ୟକାରିତା ଆଜି ସନ୍ଦେହ ଘେରରେ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ବର୍ଷ ଧରି ଶିକ୍ଷା ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟକରୁଥିବା ବେଳେ ପେପର ଲିକ୍‌କୁ ରୋକିବା ଦିଗରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏହି ଘଟଣାରେ ପାଟ୍‌ନା ପୋଲିସ ୭ଜଣଙ୍କୁ ଗିରଫ କରିଛି। ୪ ଜଣ ପରୀକ୍ଷାର୍ଥୀ ଆଗୁଆ ପ୍ରଶ୍ନପତ୍ର ପାଇଥିବା ପୋଲିସ ଆଗରେ ସ୍ୱୀକାର ମଧ୍ୟ କରିଛନ୍ତି। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ।

# ସଂକଟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅସ୍ତିତ୍ୱ

ବ୍ରହ୍ମପୁର, ୨୧।୬ (ଶକ୍ତିଧର ରାଜଗୁରୁ): ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ସର୍ବପୁରାତନ ଶିକ୍ଷାନୁଷ୍ଠାନ ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ପରିଚୟ ସଂକଟ ଘାରିଛି। ୧୮୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନର ପ୍ରଥମ ନାମ ଖଲ୍ଲିକୋଟ ମହାବିଦ୍ୟାଳୟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଯଥାକ୍ରମେ ଏହା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଓ ବର୍ତ୍ତମାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନାମରେ ପରିବର୍ତ୍ତିତ ହୋଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ପରଠାରୁ ଏହାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ମାନ୍ୟତା ମିଳିନାହିଁ। ଫଳରେ ଗତକିଛି ବର୍ଷ ଧରି ଏଠାରେ ଅଧ୍ୟୟନ କରୁଥିବା ଓ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରମାଣପତ୍ରର ମାନ୍ୟତା ଏବଂ ସେମାନଙ୍କ ଭବିଷ୍ୟତକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପାଖାପାଖି ୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଏହି ଶିକ୍ଷାନୁଷ୍ଠାନର କ୍ରମଶଃ ଅଧୋଗତି ହେବାରେ ଲାଗିଛି। ଆଉ ଏହାର ଆରମ୍ଭ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ଭାବେ ରୂପାନ୍ତରଣରୁ ହିଁ ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଏଥିପାଇଁ ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ରହି ଆସିଥିବା କୁଳପତିମାନଙ୍କ ନିଷ୍ଠା ଓ ସମନ୍ୱୟ ରକ୍ଷାରେ ଅଭାବକୁ ହିଁ ଦାୟୀ କରାଯାଉଛି। ପ୍ରଥମେ ଖଲ୍ଲିକୋଟ କ୍ଲଷ୍ଟର ୟୁନିଭର୍ସିଟିର ପ୍ରଥମ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ପରବର୍ତ୍ତୀ ସମୟରେ ଖଲ୍ଲିକୋଟ ରିସର୍ଚ୍ଚ ୟୁନିଭର୍ସିଟିର କୁଳପତି ପ୍ରଫେସର ଅମରେନ୍ଦ୍ର ମିଶ୍ର ଓ ପରବର୍ତ୍ତୀ ସମୟରେ ଖଲ୍ଲିକୋଟ ଏକକ

**ବିଶ୍ୱବିଦ୍ୟାଳୟ ଘୋଷଣା ପରଠାରୁ ପାଇନି ୟୁଜିସି ମାନ୍ୟତା**

**ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ!**

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖଙ୍କ କାର୍ଯ୍ୟକାଳ ମଧ୍ୟରେ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପାଇଁ ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ୨୦ରୁ ଅଧିକ ଏକର ସରକାରୀ ଜମି ମଧ୍ୟ ସରକାରୀ ଖାତାକୁ ଫେରି ଯାଇଛି। ୟୁଜିସି ଆଇନର ୨(ଏଫ୍) ଓ ୧୨(ବି) ଧାରା ଅନୁସାରେ, ଯଥାକ୍ରମେ କୌଣସି ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ନିମନ୍ତେ ସ୍ୱୀକୃତି ଓ କେନ୍ଦ୍ରୀୟ ଆର୍ଥିକ ସହାୟତା ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। କିନ୍ତୁ ଖଲ୍ଲିକୋଟ ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା ପରଠାରୁ ୟୁଜିସି




ପକ୍ଷରୁ ସ୍ୱୀକୃତି ମିଳିନଥିବା ଜଣାପଡ଼ିଛି। ଏହାର ଅନ୍ୟତମ ପ୍ରମୁଖ କାରଣ ହେଉଛି ସ୍ଥାନୀୟ ନେତୃତ୍ୱ ତଥା ଯୁବବର୍ଗ ପକ୍ଷରୁ ସ୍ୱର ଉତ୍ତୋଳନର ଅଭାବ।

ଅତୀତରେ ଶିକ୍ଷାନୁଷ୍ଠାନର ସ୍ୱୀକୃତି ପ୍ରଦାନ ନିମନ୍ତେ ୟୁଜିସିରୁ ପୂର୍ବତନ କୁଳପତି ପ୍ରଫେସର ଗୌରୀଦତ୍ତ ଶର୍ମାଙ୍କ ନେତୃତ୍ୱରେ ଆସିଥିବା ଟିମ୍ ମଧ୍ୟ ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ମାନଦଣ୍ଡ ନଥିବା ଦର୍ଶାଇ ନିଜ ରିପୋର୍ଟ ଦେଇଥିଲେ। ଏଭଳି ସ୍ଥିତିରେ ଏହି ମର୍ଯ୍ୟାଦାସଂପନ୍ନ ଶିକ୍ଷାନୁଷ୍ଠାନରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଡିଗ୍ରୀ ଧରି ଉତ୍ତୀର୍ଣ୍ଣ ହେଉଛନ୍ତି। ତେବେ ୟୁଜିସି ମାନ୍ୟତା ଓ ସ୍ୱୀକୃତି ହାସଲ କରିନଥିବା ଏହି ଶିକ୍ଷାନୁଷ୍ଠାନରୁ ନିୟମିତ ବାହାରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଓ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିବା କୁହାଯାଉଛି।

ଶିକ୍ଷାନୁଷ୍ଠାନର ଏଭଳି ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଖୋଦ୍ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ଜୟନ୍ତ ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର୍ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ କୁଳପତି ଦାୟିତ୍ୱରେ ଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ. ଗୀତାଞ୍ଜଳି ଦାଶ। ସିଣ୍ଡିକେଟ୍ ବୈଠକରେ ଏନେଇ ଗୁରୁତ୍ୱର ସହ ଆଲୋଚନା କରାଯାଇଛି ଓ ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ପ୍ରଫେସର ଜୟନ୍ତ ମହାପାତ୍ର। ଏନେଇ ଆବଶ୍ୟକ ପଦକ୍ଷେପ ଭାରପ୍ରାପ୍ତ କୁଳପତି ପ୍ରଫେସର ଦାଶ ନେଉଥିବା ସେ କହିଛନ୍ତି। ସେପଟେ ଶିକ୍ଷାନୁଷ୍ଠାନର ଏଭଳି ସ୍ଥିତି ଓ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଉଭୟ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ।

ଦୀର୍ଘ ବର୍ଷ ଧରି ଶିକ୍ଷାନୁଷ୍ଠାନର ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଓ ବ୍ୟକ୍ତିଗତ ଭାବେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଜର ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ ବିଧାନସଭାରେ ଏକ ବିଲ୍ ପାସ କରିବା ଜରୁରୀ ବୋଲି କହିଛନ୍ତି। ଏସବୁ ସତ୍ତ୍ୱେ ଯଦିଓ ବିଧାନସଭାରେ ପ୍ରସ୍ତାବ ଆଗତ କରି ପାରିତ କରାଯିବ ତଥାପି ଏହାଦ୍ୱାରା ୟୁଜିସି ପକ୍ଷରୁ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ଅନୁମତି ବା ସ୍ୱୀକୃତି ପ୍ରଦାନ କରାଯିବ। ଫଳରେ ବିଶ୍ୱବିଦ୍ୟାଳୟ ଘୋଷଣା ପରଠାରୁ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଛାତ୍ରଛାତ୍ରୀ, ଅଭିଭାବକ, ଛାତ୍ରନେତା, ଯୁବ ସଂଗଠନ ଓ ଖୋଦ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅଜ୍ଞ ଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ଦୁଇ ଦୁର୍ନୀତିଖୋର୍

### ଲାଞ୍ଚ ନେଇ ଆର୍‌ଆଇ ଓ ଏଆର୍‌ଆଇ ଗିରଫ

ସୋନପୁର/ବୀରମହାରାଜପୁର, ୨୧।୬ (ସମିସ): ଲାଞ୍ଚ ନେବା କାଳ ହେଲା। ଲାଞ୍ଚ ନେଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଖଣ୍ଡହତା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ରାଜେନ୍ଦ୍ର ମିଶ୍ର ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ପଞ୍ଚାନନ ଡାଙ୍ଗ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆର୍‌ଓଆର୍ ଦେବା ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପରେ ରାଜେନ୍ଦ୍ରଙ୍କ ସୋନପୁର ବଡ଼ବଜାରଠାରେ ଥିବା ଘରେ, ଏଆରଆଇ ପଞ୍ଚାନନ ଡାଙ୍ଗଙ୍କ ବୀରମହାରାଜପୁରସ୍ଥିତ ଭଡ଼ାଘର ଏବଂ ଖଣ୍ଡହତା ଆରଆଇ ଅଫିସ୍‌ରେ ଏକକାଳୀନ ଚଢ଼ଉ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ବଲାଙ୍ଗିର ଡିଏସ୍‌ପି ପଲସ୍ତି ଛତ୍ରିଆ, ଏଏସ୍‌ଆଇ ନନ୍ଦକିଶୋର ବଗର୍ତ୍ତି, ଝସକେତନ ବାରିକ ପ୍ରମୁଖ ସାମିଲ ଥିଲେ।





### ବ୍ଲକ ଅଧ୍ୟକ୍ଷାଙ୍କ ଇସ୍ତଫାକୁ ନେଇ ତୁତୁ ମେଁମେଁ

# ବିଡିଓଙ୍କୁ ଘେରିଲେ ବିଧାୟକ ଓ ବିଜେପି କର୍ମୀ

**କବିସୂର୍ଯ୍ୟନଗର,୨୧।୬(ସମିସ)**



**ଉପାଧ୍ୟକ୍ଷଙ୍କୁ କାମଚଳା ଅଧ୍ୟକ୍ଷ ଦାୟିତ୍ୱ**

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ ବ୍ଲକ ଓ ଏନଏସି କାର୍ଯ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷା ପଦବୀ ଉପରେ ଆଖି ପକାଇଛି ବିଜେପି। ତେବେ ଏହାରି ଭିତରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ନିର୍ବାଚନ ପୂର୍ବରୁ ଇସ୍ତଫା ଦେଇଥିବା କଥା ଚର୍ଚ୍ଚା ଜୋର ଧରିବା ସହ ଏକ ଇସ୍ତଫା ପତ୍ର ମଧ୍ୟ ଭାଇରାଲ ହୋଇଥିଲା ଏପରିକି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ଶୁକ୍ରବାର ୨୧ଟି ପଞ୍ଚାୟତର ହଜାର ହଜାର ବିଜେପି କର୍ମୀଙ୍କ ସହ ଆସିକା ବିଧାୟକ ସରୋଜ ପାଢୀ ଅଡି ବସିଥିଲେ। ଆଉ ଶେଷରେ ଲୋକତନ୍ତ୍ର ଆଗରେ ମୁଣ୍ଡ ନୁଆଁଇଥିଲା ପ୍ରଶାସନ। ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇଙ୍କୁ ଅଧ୍ୟକ୍ଷ ଭାବେ ଅସ୍ଥାୟୀ ରୂପେ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ଘଟଣାକୁ ନେଇ ବ୍ଲକ ହତାରେ ଶୁକ୍ରବାର ଦିନ ତମାମ ତୁମ୍ବିତୋଫାନ ହୋଇଥିଲା

ଦୀର୍ଘ ୫ଘଣ୍ଟା ଧରି ବିଡିଓଙ୍କୁ ଘେରାଉ କରିବା ସହ ଉପାଧ୍ୟକ୍ଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଦ ଧରିଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟରତ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ନିଜ ପଦରୁ ଇସ୍ତଫା ଦେଇଥିବା ନେଇ ଜୋରଦାର ଚର୍ଚ୍ଚା ହେବା ସହ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ବିଜୟୀ ହେବାପରେ ସେହି ଇସ୍ତଫା ପତ୍ରକୁ ଗୃହୀତ କରିବା ପାଇଁ ଦଳ ପକ୍ଷରୁ ଜୋରଦାର ଦାବି ହୋଇ ଆସୁଥିଲା। ଯାହାକୁ କବିସୂର୍ଯ୍ୟନଗର ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ହଜାର ହଜାର ମହିଳା ଓ ପୁରୁଷ ବିଜେପି କର୍ମୀମାନେ ବ୍ଲକ ହତାରେ ଧସେଇ ପଶିବା ସହ ବିଡିଓଙ୍କୁ ବହୁ ସମୟ ଧରି ଘେରାଉ କରି ବ୍ଲ ଅଧ୍ୟକ୍ଷାଙ୍କ ଇସ୍ତଫା ପତ୍ରକୁ ଗୃହୀତ କରିବା ପାଇଁ ଅଡି ବସିଥିଲେ। ଏପରିକି ଖୋଦ ଆସିକା ବିଧାୟକ ସରୋଜ ପାଢୀ ମଧ୍ୟ ଜୋରଦାର ପ୍ରତିବାଦ କରିଥିଲେ। ଦିର୍ଘ ସମୟର ହୋ ହାଲ୍ଲା ପରେ ପ୍ରଶାସନ ବିଜେପି କର୍ମୀଙ୍କ ଦାବିକୁ ଗ୍ରହଣ କରିଥିଲା। ଏବଂ ଇସ୍ତଫାପତ୍ରକୁ ଗୃହୀତ କରିବା ସହ ଉପାଧ୍ୟକ୍ଷଙ୍କୁ ଅସ୍ଥାୟୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତି ଯୋଗୁଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ, ପୋଲସରା ଆଇଆଇସି କୌଶିକ ମାଝୀ, କୋଦଳା ଆଇଆଇସି ସୁବାସ ବେହେରା, କବିସୂର୍ଯ୍ୟନଗର ଏସଆଇ ବି.କେ ପ୍ରଧାନ ଓ ପୁରୁଷୋତ୍ତମପୁର ଆଇଆଇସି ବିପିନ ବିହାରି ହୋତା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ କେହି ମାନିବାକୁ ପ୍ରସ୍ତୁତ ନଥିଲେ। ଶେଷରେ ବ୍ଲକ ପ୍ରଶାସନ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ଇସ୍ତଫା ପତ୍ରକୁ ଗୃହୀତ କରିବା ପରେ ହେଁ ହୋ ହାଲ୍ଲା ଥମିଥିଲା। ଘଟଣା ନେଇ ଜ୍ୟୋତିର୍ମୟୀ ସ୍ୱାଇଁଙ୍କୁ ପଚାରିବାରୁ ସେ ଇସ୍ତଫା ଦେଇନଥିବା କହିଛନ୍ତି। ଏବଂ ଆବଶ୍ୟକ ସ୍ଥଳେ ସେ ଆଇନର ଆଶ୍ରୟ ନେବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି।

## ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର,୨୧।୬(ସମିସ):** ଗୁରୁବାର ବିଳମ୍ବିତ ରାତିରେ ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼, ରମୁଣୀ ସାହି ଛକ ନିକଟରେ ଥିବା ଏକ ପୋଖରୀରେ ବୁଡି ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଗୁରୁମୂର୍ତ୍ତି ଡାକୁଆ (୩୪) । ଗୁରୁମୂର୍ତ୍ତି ଅଧିକାଂଶ ସମୟରେ ଗ୍ରାମ ବାହାରେ ରହୁଥିବା ବେଳେ କେମିତି ପାଣିରେ ବୁଡିଲା ତାହା ସ୍ପଷ୍ଟ ହୋଇନାହିଁ। ଭଞ୍ଜନଗର ଅଗ୍ନିଶମ ବିଭାଗ ଓ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡ଼ିକାଲ ପଠାଇଥିଲା। ଏସଂକ୍ରାନ୍ତରେ ଭଞ୍ଜନଗର ଥାନା କେସନଂ ୨୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି।

### ● ମଳତ୍ୟାଗକୁ କେନ୍ଦ୍ରକରି ପଡ଼ୋଶୀଙ୍କ ଆକ୍ରମଣ

## ୪ ଆହତ, ୭ ଗିରଫ



**ଖଲ୍ଲିକୋଟ,୨୧।୬(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁହାରିଆପାଟ ଗ୍ରାମରେ ମଳତ୍ୟାଗ କରିବାକୁ କେନ୍ଦ୍ର କରି ଦୁଇ ପଡୋଶୀଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁବାର ମଧ୍ୟାହ୍ନରେ ଗୁହାରିଆପାଟ ଗ୍ରାମର ଶଙ୍କର ଦାସ ଓ ପଡ଼ୋଶୀ ବିଶ୍ୱନାଥ ଦାସ ପରିବାର ମଧ୍ୟରେ ବାରିପଟେ ମଳତ୍ୟାଗ କରିବାକୁ କେନ୍ଦ୍ର କରି ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଯାହା ଫଳରେ ଶଙ୍କର ଦାସ ଓ ବିଶ୍ୱନାଥଙ୍କ ସ୍ତ୍ରୀ ଅମୂଲ୍ୟ ଦାସ ସମେତ ୪ ଜଣ ଆହତ ହୋଇଥିଲେ। ତେବେ ଶଙ୍କର ଦାସ ଖଲ୍ଲିକୋଟ ମେଡିକାଲରେ ଚିକିତ୍ସିତ ହୋଇ ଏସମ୍ପର୍କରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିବା ବେଳେ ଅମୂଲ୍ୟ ଦାସ ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନରେଶ କୁମାର ସାହୁ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୫୧୯/୨୦୨୪ ଓ ୫୨୦/୨୦୨୪ ଅନୁଯାୟୀ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ଦୁଇ ପରିବାରର ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଆସିକା,୨୧।୬(ସମିସ):** କୋଟିନଡା ଥାନା ଅନ୍ତର୍ଗତ ପଢାଳ ଗ୍ରାମର ଜଣେ ନାବାଳିକାର ମୃତ ଶରୀର ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ଗୁରୁବାର ରାତିରେ ନିଜ ବେକରେ ରସି ଲଗାଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୁଲିସ ନାବାଳିକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାବାଳିକା ଜଣଙ୍କ କାହିଁକି ଓ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ।

## ଜି.ଉଦୟଗିରିରେ ମୀନାବଜାର

**ଜି.ଉଦୟଗିରି,୨୧।୬(ସମିସ):** କନ୍ଧମାଳ ଜିଲ୍ଲାରେ ଜି.ଉଦୟଗିରିରେ ଆରମ୍ଭ ହୋଇଛି ମୀନାବଜାର। ଅବସାଦରୁ ବାହାରି ମନକୁ ହାଲୁକା କରିବାକୁ ଜି.ଉଦୟଗିରିରେ ସେମିତି କିଛି ମନୋରଞ୍ଜନ ମଧ୍ୟମ ନ ଥିବା ବେଳେ ମୀନାବଜାର ଆଣିଛି ଆଶ୍ୱସ୍ତି। ମହିଳାଙ୍କ ପାଇଁ ଆବଶ୍ୟକ ଛୋଟମୋଟ ଘରକରଣାକୁ ପୂରଣ କରୁଥିବା ବେଳେ ଛୋଟ ପିଲାଙ୍କୁ ଦେଇଛି ମନୋରଞ୍ଜନର ଖୁରାଗ ଯୋଗାଉଛି। ଏଠାରେ ଛୋଟ ପିଲାଙ୍କ ବିଭିନ୍ନ ପ୍ରକାର ଦୋଳି ରହିଥିବା ବେଳେ ବଡ ଲୋକଙ୍କ ପାଇଁ ରାମଦୋଳି ରହିଛି। ମଥୁରା କେକ୍ ସହିତ ବିଭିନ୍ନ ଖାଦ୍ୟ ସାମଗ୍ରୀ ମିଳୁଥିବା ବେଳେ ମହିଳାଙ୍କ ପାଇଁ ଚୁଡି ଷ୍ଟଲ ସହିତ ଘର କରଣା, ସହିତ ପ୍ରସାଧାନ ସାମଗ୍ରୀର ଷ୍ଟଲ ଖୋଲିଛି।

## ବିଜେପିର ବିଜୟ ଶୋଭାଯାତ୍ରା



**ବୁଗୁଡା,୨୧।୬(ସମିସ):** ବୁଗୁଡାରେ ବିଜେପି ପକ୍ଷରୁ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଘୁମୁସର ସାଂଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା ଓ ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଏନଏସି ସଭାପତି କେଦାର ମହାରଣାଙ୍କ ସମେତ ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ବୁଗୁଡା ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟରୁ ବାଦ୍ୟ ବାଜଣା ଓ ବାଣ ପଟୁଆର ସହ ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା ବେଳେ ଏ ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ଅନେକ ସ୍ଥାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ପୋଲୋକାଶୁଣି ଯାତ୍ରା

## ସାହି ସାହିରେ କଳାକୁଞ୍ଜ ଖୋଲିଲା

**ଆସିକା,୨୧।୬(ସମିସ):** ଅଧିଷ୍ଠାତ୍ରୀ ଠାକୁରାଣୀ ମା' ପୋଲକାଶୁଣିଙ୍କ ତ୍ରୟୋବାର୍ଷିକ ଯାତ୍ରାର ଚତୁର୍ଥ ଦିନରେ ଶୁକ୍ରବାର ଭକ୍ତଙ୍କ ଭିଡ଼ ଲାଗିରହିଛି। ପାଗ ମେଘୁଆ ରହିଥିବାରୁ ଆଖ ପାଖ ଗ୍ରାମାଞ୍ଚଳର ଭକ୍ତ ମାନେ ଅସ୍ଥାୟୀ ମଣ୍ଡପରେ ସପ୍ତ ଠାକୁରାଣୀ ମା'ଫୁଲକେଶନୀଙ୍କ, ମା'ଖମ୍ବେଶ୍ୱରୀ, ବୁଢ଼ୀ ଠାକୁରାଣୀ, ମା'କଳିମୁଖି, ମା'ମାଣିକେଶ୍ୱରୀ, ମା'ବିମଳା ଓ ଗ୍ରାମଦେବତୀଙ୍କୁ ଅସ୍ଥାୟୀ ପୂଜା ମଣ୍ଡପରେ ଦର୍ଶନ କରି ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟିରେ ପଣା ସମର୍ପଣ କରିଥିଲେ। ସକାଳୁ ଦ୍ୱାର ଫିଟା ପରେ ସ୍ନାନ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ସହ ପୂଜାମଣ୍ଡପରେ ଚଣ୍ଡୀ ପାଠ ଚାଲୁରହିଛି। ପଣ୍ଡିତ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ଅଞ୍ଚଳରେ ଆଧ୍ୟାରିକ ମାହୋଲ ସୃଷ୍ଟି ହୋଇଛି। ସେହିଭଳି ଯଜ୍ଞ ମଣ୍ଡପରେ କର୍ତ୍ତା ଭାବେ ପ୍ରସନ୍ନ କୁମାର ତ୍ରିପାଠୀ ସପରିବାର ସହ ପୂଜା କାର୍ଯ୍ୟରେ ସାମିଲ ରହିଛନ୍ତି। ସୂର୍ଯ୍ୟପୂଜା ସହ ମଣ୍ଡପରେ ସ୍ଥାପିତ ସମସ୍ତ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା କାର୍ଯ୍ୟରେ ପଣ୍ଡିତ ରାମ କୃଷ୍ଣ ନନ୍ଦ, ପ୍ରମୋଦ ହୋତା, ଷଷ୍ଠୀ ପ୍ରସାଦ ହୋତା, ସାନୁଜ ମିଶ୍ର, ସୀତାରାମ ଦାସ, ବିଘ୍ନେଶ୍ୱର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ସହଯୋଗୀ ବ୍ରାହ୍ମଣ ମାନେ ସହାୟତା କରୁଛନ୍ତି। ପର୍ଯ୍ୟାୟ କ୍ରମେ ବିଭିନ୍ନ ସାହିରେ ଆକର୍ଷଣୀୟ ମେଢ ସବୁ ଖୋଲିବାରେ ଲାଗିଛି। ଜନସାଧାରଣ ସାହିକୁ ସାହି ବୁଲି ମେଢ ସବୁ ଦର୍ଶନ କରୁଥିବାରୁ ମାହୋଲ୍ ଚଳଚଞ୍ଚଳ ହୋଇପଡିଛି। ଯାତ୍ରା ପରିଚାଳନା କମିଟିର ସଭାପତି ଶିବ ଶଙ୍କର ପାତ୍ର, ଉପଦେଷ୍ଟା ସତ୍ୟ ନାରାୟଣ ରଥ, ମନୋଜ ମୁନୀ, ଉପସଭାପତି ତାରିଣୀ ସେନାପତି, ସୁରେନ୍ଦ୍ର ବିଷୋୟୀ, ରବୀନ୍ଦ୍ର ପୋଲେଇ, ଗିରି ଆଚାରି, ପୂର୍ଣ୍ଣ ଆଚାରି, ସଞ୍ଜୟ ସାହୁ, ସାନ୍ତୁନୁ ସାହୁ, ସରୋଜ ଦାସ, ପ୍ରସନ୍ନ ତ୍ରିପାଠୀ, ଦେବହରି ମହାନ୍ତି, ବିଶ୍ୱନାଥ ସାହୁ, ନିରଞ୍ଜନ ମହାନ୍ତି, ଗଣପତି ରେଡ୍ଡୀଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଜୋନସ୍ତରୀୟ କର୍ମକର୍ତ୍ତା ଓ ବହୁ ସ୍ୱେଚ୍ଛାସେବୀ ଯାତ୍ରାର ସଫଳତା ନେଇ ଲାଗିପଡିଛନ୍ତି। ଶନିବାର ଠାରୁ ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି।

## ପିସିସି ସଭାପତିଙ୍କୁ କାଳି ମାଡ଼ ଘଟଣାକୁ ନିନ୍ଦା

**ବ୍ରହ୍ମପୁର,୨୧।୬(ସମିସ):** ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଉପରେ କାଳି ମାଡ଼ ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି(ପୂର୍ବ) ଦୀପକ ପଟ୍ଟନାୟକ ଓ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି। ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଛାତ୍ର କଂଗ୍ରେସରୁ ଆରମ୍ଭ କରି ରାଜ୍ୟ କଂଗ୍ରେସ ସଭାପତି ହେବା ପର୍ଯ୍ୟନ୍ତ ସବୁବେଳେ ଯେଉଁ ଦାଇତ୍ୱ ମିଳିଛି ତାକୁ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଚଳିତ ବର୍ଷ ସାଧାରଣ ନିର୍ବାଚନରେ ତାଙ୍କ ନେତୃତ୍ୱ ଦ୍ୱାରା ୯ ରୁ ୧୪ଟି ବିଧାନସଭା ଆସନ ସହ ଗୋଟିଏ ଲୋକସଭା ଆସନ ଦଳ ବିଜୟ ହୋଇଥିବା ଦୀପକ ପଟ୍ଟନାୟକ କହିଛନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ କୁଚକ୍ରାନ୍ତ କରି ଏପରି କାଳୀ ମାଡ଼ କରିବା ଦୁର୍ଭାଗ୍ୟଜନକ ଘଟଣା ବୋଲି ସେ କହିଛନ୍ତି। ନେଟ ପରୀକ୍ଷାରେ ଘୋର ଜାଲିଆତି ବିରୁଦ୍ଧରେ ସର୍ବ ଭାରତୀୟସ୍ତରରେ ଭାରତୀୟ ଜାତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ବିକ୍ଷୋଭ କରାଯାଉଥିବା ସମୟରେ ଉକ୍ତ କୁଚକ୍ରାନ୍ତ ଗୋଷ୍ଠୀ ଏହାକୁ ଭଣ୍ଡୁର କରିବା ପାଇଁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟନାୟକଙ୍କ ଉପରେ କାଳୀ ମାଡ଼ କରିଛନ୍ତି। ଏହି ଘଟଣାର ପୁଙ୍ଖାନପୁଙ୍ଖ ତଦନ୍ତ କରି ଏହି ଘଟଣାର ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାକୁ ଜିଲ୍ଲା କଂଗ୍ରେସ ଦାବି କରିଛି।

### ଦିଗପହଣ୍ଡି ଏନଏସିର ୧୪ତମ ଅଧିବେଶନ

## ସମସ୍ତଙ୍କ ସହଯୋଗରେ ସହରର ବିକାଶ ସମ୍ଭବ

**ଦିଗପହଣ୍ଡି,୨୧।୬(ସମିସ):** ବିଧାୟକ ଭାବେ ନିର୍ବାଚିତ ହେବା ପରେ ସିଦ୍ଧାନ୍ତ ମହାପାତ୍ର ଶୁକ୍ରବାର ଦିଗପହଣ୍ଡି ଏନଏସିର ୧୪ତମ ଅଧିବେଶନରେ ଯୋଗ ଦେଇଥିଲେ। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାୟକଙ୍କୁ ଏନଏସି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନଗରପାଳ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏନଏସିର ଡାଟା ଅପରେଟର୍ ସନ୍ତୋଷ କୁମାର ପାଢୀ ପୂର୍ବ ବୈଠକର ବିବରଣୀ ପଠନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।



ବୈଠକରେ ସହରର ବିଭିନ୍ନ ମୌଳିକ ସମସ୍ୟା ଉପରେ କାଉନ୍‌ସିଲର୍ ସୁନୀଲ୍ କୁମାର ପଣ୍ଡା, ସୁଶାନ୍ତ କୁମାର ପାତ୍ର ଓ କରିଶ୍ମା ନାୟକ ବୈଠକରେ ମତ ଉପସ୍ଥାପନ କରିଥିଲେ। ବିଶେଷକରି ସହରର ପାନୀୟ ଜଳ,ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବୈଠକରେ ଆଗତ ହୋଇଥିବା ୧୧ଗୋଟି ଜନସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାୟକଙ୍କୁ କାନ୍‌ସିଲର୍‌ମାନେ ନିବେଦନ କରିଥିଲେ। ଏ ସମସ୍ତ ଦାବୀକୁ ପର୍ଯ୍ୟାୟ କ୍ରମେ ସମାଧାନ କରିବା ପାଇଁ ବିଧାୟକ ବୈଠକରେ ମତ ରଖିଥିଲେ। ଏଥିପାଇଁ ସମସ୍ତଙ୍କ ସହଯୋଗରେ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଅଧିବେଶନରେ ଯୋଗ ଦେବା ଅବସରରେ ୨୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସଭା ମଞ୍ଚରେ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ନଗରପାଳ ପ୍ରଫୁଲ୍ଲ କୁମାର ପଣ୍ଡା ଓ ଉପନଗରପାଳ କେ.ପୂଜା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପରିଚଳନାରେ ଏନ୍‌ଏସି କାଉନସିଲର୍ ଦୀପକ କୁମାର ମିଶ୍ର, ନୀଳମାଧବ ଗୌଡ଼, ଗୌର ଚରଣ ବେହେରା, ମାନିନୀ ବେହେରା, ଜୋତ୍ସ୍ନା ଜେନା, ଇ.ଗାୟତ୍ରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ପାଳିତ

**ବ୍ରହ୍ମପୁର,୨୧।୬(ସମିସ):** ଭାଷା ସୁରକ୍ଷା ସଂସ୍ଥାନ ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହ ପରିସରରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬୬ତମ ଜନ୍ମଦିନ ପାଳନ ସହ ବ୍ରହ୍ମପୁର ମହାନଗରର ୫ ଜଣ ସ୍ୱନାମଧନ୍ୟ ଲେଖିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥାନର ଉଦ୍ୟୋକ୍ତା, ଓଡ଼ିଆ ଅସ୍ମିତା ସାମୟିକ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଜୟକୃଷ୍ଣ ଗୌଡ଼ (ଶ୍ରୀ ବିପ୍ଲବ)ଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗରର ୫ ଜଣ ସ୍ୱନାମଧନ୍ୟ ଲେଖିକା ଯଥା କବୟିତ୍ରୀ ଅଞ୍ଜିଳ ଦାଶ, ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣା, ଗାଳ୍ପିକା ସ୍ୱର୍ଣ୍ଣମୟୀ ପାଢ଼ୀ, କବୟିତ୍ରୀ ପଦ୍ମିନୀ ମିଶ୍ର ଓ ଶିଶୁ ସାହିତ୍ୟିକା ନୀହାରିକା ସାହୁ ପ୍ରମୁଖଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନବୀନର ସମ୍ପାଦକ ରବି ରଥ ଯୋଗଦେଇ ନିଜ ବକ୍ତବ୍ୟରେ ଦ୍ରୌପଦୀ ମୁର୍ମୁଙ୍କ ସଂଘର୍ଷମୟ ଜୀବନ ଓ ସଫଳତା ସମ୍ପର୍କରେ ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲାଲ ବାହାଦୁର ପଟ୍ଟନାୟକ ଓ ଉଦୟ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଶେଷରେ କବି ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଖବରକାଗଜରେ ଆଜି ମଧ୍ୟ ଶହ ଶହ ଇଂରାଜୀ ଭାଷାରେ ଚିଠି, ବିଜ୍ଞାପନ ଓ ପରିପତ୍ର ପ୍ରକାଶିତ ହେଉଥିବାରୁ ଏହାକୁ ନେଇ ଉଦବେଗ ପ୍ରକାଶ କରାଯାଇଥିଲା। ଏ ସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥି ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ପ୍ରେସ୍ ବିବୃତ୍ତିରେ ସମ୍ପୃକ୍ତ ସଂସ୍ଥାନର ଆୟୋଜକ ଜୟକୃଷ୍ଣ ଗୌଡ଼ ମତବ୍ୟକ୍ତ କରିଥିଲେ।



### ବିଜେପିର ବିଜୟ ଶୋଭାଯାତ୍ରା

## ଯୋଗେଦେଲେ ଜିଲ୍ଲାର ସାଂସଦ ଓ ବିଧାୟକ

**ବ୍ରହ୍ମପୁର,୨୧।୬(ସମିସ):** ଗଞ୍ଜାମ ଜିଲ୍ଲାରେ ବିଜେପିର ବିପୁଳ ବିଜୟ ପରେ ସମସ୍ତ ନିର୍ବାଚିତ ସାଂସଦ, ବିଧାୟକଙ୍କୁ ବ୍ରହ୍ମପୁର ଠାରେ ନାଗରିକ ସମ୍ବର୍ଦ୍ଧନା ସମାବେଶ ମାଧ୍ୟମରେ ସମ୍ବର୍ଦ୍ଧନା କରାଯାଇଛି। ସମ୍ବର୍ଦ୍ଧନା ପୂର୍ବରୁ ଆମ୍ବପୁଆ ବିବେକ ବିହାର ଠାରୁ ସମସ୍ତ ସାଂସଦ, ବିଧାୟକମାନେ ଖୋଲା ଜିପ୍‌ରେ ସହର ପରିକ୍ରମା କରିବାପରେ ହିଲ୍‌ପାଟଣା ସାଂସ୍କୃତି ଭବନରେ ପହଞ୍ଚିଥିଲେ। ଶତାଧିକ ବିଜେପି ନେତା ଓ କର୍ମୀ ଏକ ବିରାଟ ମୋଟର ସାଇକେଲ୍ ରାଲିରେ ସହର ପରିକ୍ରମା କରିବାପରେ ନାଗରିକ ସମ୍ବର୍ଦ୍ଧନା ସମାବେଶ ଆୟୋଜନ ହୋଇଥିଲା। ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ଓ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ରାଜ୍ୟ ବାଣିଜ୍ୟ, ପରିବହନ, ଖଣି ଓ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଶାନ୍ତ ନାୟକ, ସୋରଡା ବିଧାୟକ ନୀଳମଣୀ ବିଷୋୟୀ, ଜିଲ୍ଲା ବିଜେପି ସଭାପତି ଡ.ସୁବାଷ ସାହୁ, ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ବନମାଳୀ ସେଠୀ, ସରୋଜ ସାବତ, ସୁନୀଲ ସାହୁ, ରାଜେଶ ସାହୁ, ପ୍ରଭାକର ପଣ୍ଡାଙ୍କ ସମେତ ଜିଲ୍ଲାର ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ଗଞ୍ଜାମ ଜିଲ୍ଲାର୨ଲୋକସଭା ଆସନ ସହ ୧୩ଟି ବିଧାନସଭା ଆସନରୁ ୧୧ଟିରେ ବିଜେପି ପ୍ରାର୍ଥୀ ମାନେ ବିଜୟୀ ହୋଇଥିବାରୁ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି।





## ଦେବଗିରି ରେଞ୍ଜ କାର୍ଯ୍ୟାଳୟ ପଛପଟ ପାହାଡରେ ନିଆଁ

**ପାରଳାଖେମୁଣ୍ଡି, ୨୧।୬ (ସମିସ)**

ପାରଳାଖେମୁଣ୍ଡି ସ୍ଥିତ ଉପକାରାଗାର ନିକଟସ୍ଥ ଦେବଗିରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପଛପଟ ପାହାଡରେ ନିଆଁ ଲାଗିଛି । ଏଭଳି ନିଆଁ ଲାଗିବା ଘଟଣା ସାଧାରଣତଃ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ କିମ୍ବା ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। କିନ୍ତୁ ଜିଲ୍ଲା ସଦର ମହକୁମାରେ ଏଭଳି ନିଆଁ ଲାଗିବା ଘଟଣା ଖୁବ୍ ବିରଳ ଏବଂ ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି। ବର୍ତ୍ତମାନ ଗ୍ରୀଷ୍ମପ୍ରଭାବର ପ୍ରକୋପ ଓ ଗୁଳୁଗୁଳି ଥମି ନାହିଁ । ଏନେଇ ରାଜ୍ୟ ସରକାର ମଧ୍ୟ ସମ୍ବେଦନଶୀଳ ଅଛନ୍ତି । କିନ୍ତୁ ଦେବଗିରି ବନାଞ୍ଚଳ କାର୍ଯ୍ୟାଳୟ ପଛପଟେ ଥିବା ପାହାଡରେ ନିଆଁ ଲାଗିବା ଘଟଣା ଉଭୟ ସରକାର ଏବଂ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହେବାକୁ ଯାଉଛି । ଗଜପତି ଜିଲ୍ଲାରେ ବନାଞ୍ଚଳ ଜାଗା ଓ ପାହାଡ଼ ଉପରେ ଜବରଦଖଲ ଦିନକୁ ଦିନ ବଢିବାରେ ଲାଗିଛି । ଏପରିକି ସହର ଉପକଣ୍ଠସ୍ଥ ବେତାଗୁଡା ସ୍ଥିତ ପୁଲିସ ରିଜର୍ଭ କାର୍ଯ୍ୟାଳୟ ସମ୍ମୁଖରେ କିଛି ଲୋକ ଜବରଦଖଲ କରି ବସ୍ତି ନିର୍ମାଣ କରିଥିଲେ । ଏହାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ଜିଲ୍ଲା ପ୍ରଶାସନ ଓ ପୁଲିସ ମିଳିତ ଭାବେ ସେଠାକୁ ଯାଇ ବେଆଇନ ଭାବେ ନିର୍ମାଣ ହୋଇଥିବା ଘର ଭାଙ୍ଗି ଦେଇଥିଲେ। ସେତେବେଳେ ଏହି ଘଟଣା ପଛରେ କିଛି ଜମିମାଫିଆ ନିଜର ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ନେଇ ଏଭଳି କାର୍ଯ୍ୟ କରିଥିବା ଆଲୋଚନା ହୋଇଥିଲା । ଏହା ଗଜପତି ଜିଲ୍ଲାରେ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଥିଲା । ବର୍ତ୍ତମାନ ବନାଞ୍ଚଳ କାର୍ଯ୍ୟାଳୟ ପଛପଟେ ଏଭଳି ନିଆଁ ଲାଗିବା ଘଟଣାକୁ ଦେଖିଲେ ଉପରୋକ୍ତ ଘଟଣାର ପୁନରାବୃତ୍ତି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି । ଏପରିକି ଏହି ପାହାଡ ଉପରେ ମଧ୍ୟ କିଛି ବର୍ଷ ହେଲା ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ଏପରିକି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ସେହି ପାହାଡକୁ ଲାଗିକି ଥିବା କିଛି ଜାଗାକୁ ଜବରଦଖଲ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ବର୍ତ୍ତମାନ ଉକ୍ତ ସ୍ଥାନ ଖାଲି କରିବାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଘଟଣା ଜନସାଧାରଣଙ୍କ ସ୍ମୃତିରୁ ହଟିନଥିବା ବେଳେ ବନାଞ୍ଚଳ କାର୍ଯ୍ୟାଳୟ ପଛପଟେ ନିଆଁ ଲାଗିବା ଘଟଣାର ପୁନରାବୃତ୍ତି ହେବ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି । ବର୍ତ୍ତମାନ ଅସହ୍ୟ ତାତି ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ବୋଝ ଉପରେ ନଳିତା ବିଡା ଭଳି ପାହାଡ଼ରେ ଲାଗିଥିବା ନିଆଁ ସହରବାସୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏପରି ନିଆଁ ଲାଗିବା ପଛରେ ଜମିମାଫିଆ ଓ ଜଙ୍ଗଲ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଲୋକେ ଆଲୋଚନା କରୁଛନ୍ତି। ବର୍ତ୍ତମାନ ପାରଳାଖେମୁଣ୍ଡି ସହର ଓ ଏହାର ଆଖପାଖରେ ଥିବା ସମତଳ ଅଞ୍ଚଳରେ ଜାଗା ନ ଥିବାରୁ ଜମିମାଫିଆ ପାହାଡିଆ ଅଞ୍ଚଳକୁ ବନବିଭାଗ କର୍ମଚାରୀଙ୍କୁ ହାତବାରିସି କରି ଏଭଳି ନିଆଁ ଲଗାଇବା କରୁଥିବା କୁହାଯାଉଛି। ନିଆଁ ଯୋଗୁଁ ଆଗାମୀ କିଛି ଦିନ ମଧ୍ୟରେ ପାରଳାଖେମୁଣ୍ଡି ସହର ସମେତ ଏହାର ଉପକଣ୍ଠସ୍ଥ ବିଭିନ୍ନ ଗ୍ରାମାଞ୍ଚଳରେ ଧୂଆଁରେ ପରିବେଶ ପ୍ରଦୁଷଣ ହେବା ସହ ସନ୍ତୁଳନ ବିଗିଡିଯିବାର ସମ୍ଭାବନା ରହିଛି। ଉକ୍ତ ପାହାଡରେ ବହୁ ମୟୁର, ଠେକୁଆ ସମେତ ବିରଳ ବଣ୍ୟ ପଶୁପକ୍ଷୀ ରହୁଛନ୍ତି। ଏହାର ପ୍ରଭାବ ସେମାନଙ୍କ ଉପରେ ନିଶ୍ଚିତ ଭାବେ ପଡିବା ସମ୍ଭାବନା ରହିଛି । ଏହା ସହ ନିଆଁ ଲାଗିବା ଯୋଗୁଁ ବହୁ ମୁଲ୍ୟବାନ ବୃକ୍ଷ ପୋଡି ଯିବା ମଧ୍ୟ ଆଶଙ୍କା କରାଯାଉଛି।



## ପୁଲିସ କବ୍‌ଜାରେ ବାଇକ୍ ଚୋର ଗ୍ୟାଙ୍ଗ୍; ୫ରୁ ଊର୍ଦ୍ଧ୍ୱ ବାଇକ୍ ଜବତ

**ବ୍ରହ୍ମପୁର, ୨୧।୬(ସମିସ):** ବ୍ରହ୍ମପୁର ପୁଲିସ କବଜାରେ ବାଇକ ଲୁଟେରା ଗ୍ୟାଙ୍ଗ ସଦସ୍ୟ। ଏହି ଲୁଟେରାଙ୍କ ନିକଟରୁ ୫ରୁ ଊର୍ଦ୍ଧ୍ୱ ଚୋରୀ ବାଇକ ଜବତ କରିଛି ପୁଲିସ। ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପୁଲିସ ସେମାନଙ୍କ ନାମକୁ ଗୁପ୍ତ ରଖିଛି। ଅଟକ ଲୁଟେରାଙ୍କ ମଧ୍ୟରେ ଦୁଇଜଣ ନାବାଳକ ଥିବା ଜଣାପଡ଼ିଛି। ତେବେ ବ୍ରହ୍ମପୁର ପୁଲିସ ଜିଲ୍ଲାର ପ୍ରତ୍ୟେକ ଥାନା ଅଞ୍ଚଳରୁ ନିୟମିତ ବାଇକ ଓ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଯେଉଁମାତ୍ରାରେ ଚୋରି ହୋଇଛି ସେହି ପରିମାଣରେ ବାଇକ ଉଦ୍ଧାର ହୋଇନଥିବା ଜଣାପଡ଼ିଛି। ଚୋରି ବାଇକ ଉଦ୍ଧାର ଲାଗି ପୁଲିସ କବଜାରେ ଥିବା ଲୁଟେରାଙ୍କୁ ନେଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ଅଧିକାରୀ ବିଭିନ୍ନ ସ୍ଥାନରେ ଚଢାଉ କରି ଗୋଟିଏ ପରେ ଗୋଟିଏ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଛି। ଅଟକ ଲୁଟେରାଙ୍କ ଠାରୁ ତଥ୍ୟ ହାସଲ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଲୋଚାପଡ଼ା ନିକଟ ବାସୁଦେବନଗର ୧ମ ଗଳିରେ ରହୁଥିବା ମନୋଜ କୁମାର ପଣ୍ଡା ଗତ ୧୭ତାରିଖରେ ନିଜ ଘର ନିକଟରେ ବାଇକ ରଖିଥିଲେ। ମନୋଜଙ୍କ ସହିତ ମୁନା ସାହୁ ନାମକ ଅନ୍ୟଜଣେ ବ୍ୟକ୍ତିଙ୍କର ମଧ୍ୟ ବାଇକ ରହିଥିଲା। ତେବେ ୧୮ ତାରିଖ ସକାଳୁ ଦେଖିବା ବେଳେ ଉଭୟ ବାଇକ ଗାଏବ ହୋଇଯାଇଥିଲା। ମନୋଜ ଓ ମୁନା ନିଜ ବାଇକକୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ଟାଉନ ଥାନା ଅନ୍ତର୍ଗତ ମିତ୍ରା ସାହିର କାହ୍ନା ମହାଙ୍କୁଡ ଓ ଲୋଚାପଡ଼ା ବାଢେଇ ଗୋର୍ଜି ବିଶ୍ୱକର୍ମା ସାହିର ସହଦେବ ବେହେରାଙ୍କୁ ପୁଲିସ କାବୁ କରିଥିଲା। ପୁଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କ ଠାରୁ ବହୁ ତଥ୍ୟ ହାସଲ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ନିମଖଣ୍ଡି ଥାନା ପୁଲିସ କବଜାରେ ଦୁଇ ନାବାଳକ ରହିଥିବା ଜଣାପଡ଼ିଛି। ସେହିପରି ବୈଦ୍ୟନାଥପୁର ଥାନା ପୁଲିସ କବଜାରେ ମଧ୍ୟ ଚନ୍ଦନ ସାହୁ ନାମକ ଜଣେ ଲୁଟେରା ରହିଥିବା ଜଣାପଡ଼ିଛି। ସେହିପରି ବଡବଜାର, ଟାଉନଥାନା ପୁଲିସ ମଧ୍ୟ କିଛି ଯୁବକଙ୍କୁ ସନ୍ଦେହରେ ଥାନାକୁ ଡାକି ପଚାରାଉଚରା କରୁଥିବା ଜଣାପଡ଼ିଛି। ନିମଖଣ୍ଡି ଥାନା ପୁଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୩ଟି ବାଇକ ଉଦ୍ଧାର କରିଛି। ଉପଯୁକ୍ତ କାଗଜପତ୍ର ଦେଖାଇ ମାଲିକମାନେ ନିଜ ନିଜ ଗାଡି ନେଇ ପାରିବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବୋଲେରୋ ସହ ୭୦ କିଲୋ ଗଞ୍ଜେଇ ଜବତ; ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର, ୨୧।୬(ସମିସ):** ଗୁରୁବାର ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ସ୍ଥାନୀୟ ଫାଷ୍ଟଗେଟରେ ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ ଗାଡିକୁ କାବୁ କରି ସେଥିରୁ ୭୦କିଲୋ ଗଞ୍ଜେଇ ଜବତ କରିଛି। ଏହାସହ ଦୁଇ ଚାଲାଣକାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅନ୍ତର୍ଗତ ଧରଣପୁର ଗ୍ରାମର ଧୀରବାଳ ପୂଜାରୀ(୩୨) ଓ ଅନାମ ପାତ୍ର(୧୯)। ସୂଚନାଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲାରୁ ଏକ ବୋଲେରୋ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବାପରେ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା କମିଶନର ଡମ୍ବରୁ ଧର ଖଣ୍ଡାଙ୍କ ନେତୃତ୍ୱରେ ଉପଅଧିକ୍ଷକ ସ୍ନେହଲତା ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ ସ୍ଥାନୀୟ ଫାଷ୍ଟଗେଟ ନିକଟରେ ପେଟ୍ରୋଲିଂ କରୁଥିଲେ। ଗୁରୁବାର ବିଳମ୍ବିତ ରାତ୍ରରେ ଏକ ବୋଲେରୋ ଗାଡ଼ି ଦ୍ରୁତଗତିରେ ଆସୁଥିବା ଦେଖି ଉକ୍ତ ଟିମ ସନ୍ଦେହରେ ଅଟକାଇ ଯାଞ୍ଚବେଳେ ଗାଡି ଭିତରୁ ୭୦କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହି ଚଢଉରେ ଏସଆଇ ଗଙ୍ଗମଣି ହେମ୍ବ୍ରମ, ଅଜିତ କୁମାର ନାୟକ, କନେଷ୍ଟେବଳ କପିଳାଶ ଭତ୍ରା, ସନ୍ତୋଷ କୁମାର ନାୟକ ଓ ସରୋଜ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ସୁସ୍ଥହୋଇ ଘରକୁ ଫେରିଲେ ଡିପ୍‌ଥେରିଆ ଆକ୍ରାନ୍ତ ୩ ଶିଶୁ

**ବ୍ରହ୍ମପୁର, ୨୧।୬(ସମିସ):** ରାୟଗଡ଼ା ଜିଲ୍ଲାର ୩ଶିଶୁ ଡିପଥେରିଆ ରୋଗରେ ଆକ୍ରାନ୍ତ ହୋଇ ଗତ କିଛିଦିନ ଧରି ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସମସ୍ତ ଆକ୍ରାନ୍ତ ଶିଶୁ ସୁସ୍ଥ ହୋଇଛନ୍ତି। ମେଡିକାଲ ପକ୍ଷରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ନିଜ ଘରକୁ ପାଠଇ ଦିଆଯାଇଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆକ୍ରାନ୍ତ ଶିଶୁଙ୍କୁ ଚିକିତ୍ସା କରିଥିବା ଡାକ୍ତର ଓ ନର୍ସିଂ ଅଫିସର ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ସୁରକ୍ଷା ଦୃଷ୍ଟିରୁ ଟୀକା ପ୍ରଦାନ କରାଯାଇଛି। କିଛି କର୍ମଚାରୀଙ୍କୁ ଟୀକା ଦିଆଯାଇଥିବା ବେଳେ ଅନ୍ୟକିଛି କର୍ମଚାରୀଙ୍କୁ ଖୁବଶୀଘ୍ର ଦିଆଯିବ ବୋଲି ଡ଼ା. ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖରୁ ୧୭ତାରିଖ ମଧ୍ୟରେ ରାୟଗଡ଼ା ଓ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏମକେସିଜି ମେଡ଼ିକାଲକୁ ୫ଜଣ ଶିଶୁ ରେଫର୍ ହୋଇ ଆସିଥିଲେ। ଆକ୍ରାନ୍ତଙ୍କ ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ଥିଲା। ଡିପ୍‌ଥେରିଆ ରୋଗୀଙ୍କ ଚିକିତ୍ସା ପାଇଁ ଶିଶୁରୋଗ ବିଭାଗ ଅଧୀନରେ ସ୍ୱତନ୍ତ୍ର ସଂଘରୋଧ କକ୍ଷ କରାଯାଇଛି। ସେଠାରେ ୩ଜଣ ଆକ୍ରାନ୍ତ ଶିଶୁ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିଥିବା ବେଳେ ଅନ୍ୟ ଦୁଇଜଣ ଶିଶୁଙ୍କର ମୃତ୍ୟୁ ହୋଇଥିଲା।

### ଶେଷ ହେଲା ଗ୍ରୀଷ୍ମଛୁଟି

# ଆଜି ଖୋଲିବ ସ୍କୁଲ; ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

**ବ୍ରହ୍ମପୁର, ୨୧।୬(ସମିସ)**

ଶନିବାର ଜିଲ୍ଲାର ସମସ୍ତ ଘରୋଇ, ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବ। ଏଥି ନିମନ୍ତେ ସମସ୍ତ ବିଦ୍ୟାଳୟ ଗୁଡିକରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହ ସମତେ ବିଦ୍ୟାଳୟ ପରିସର ସଫାସୁତୁରା କରାଯାଇଛି। ଗତ କିଛିଦିନ ହେଲା ସମସ୍ତ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ବିଦ୍ୟାଳୟକୁ ଆସୁଛନ୍ତି। ସେହିପରି ମାସାଧିକ କାଳ ଖରାଛୁଟି ରହିଥିବା ବେଳେ ସ୍କୁଲ ଖୋଲିବାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ ଗ୍ରୀଷ୍ମ ଦାଉରୁ ଲୋକଙ୍କୁ ମିଳିଛି ଆଶ୍ୱସ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଚିଠି ଜରିଆରେ ଶ୍ରେଣୀଗୃହ ଓ କ୍ୟାମ୍ପସ ସଫା କରାଯିବା ସହ ମଧ୍ୟାହ୍ନ ଭୋଜନ ସାମଗ୍ରୀକୁ ପରିଷ୍କାର କରିବାକୁ କୁହାଯାଇଥିଲା। ସ୍କୁଲରେ ମଧ୍ୟାହ୍ନ ଭୋଜନ ସହିତ ପାନୀୟ ଜଳର ସୁବିଧା ସମ୍ପର୍କରେ ଯାଞ୍ଚ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ କୁହାଯାଇଛି। ସେହିଭଳି ସ୍କୁଲର ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଠିକ୍ ଭାବେ ସଜାଇ ରଖିବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବା, ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ଆଦି ଆନୁଷଙ୍ଗିକ ସାମଗ୍ରୀ ପ୍ରସ୍ତୁତ ରଖିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ଓ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ରହିଛି। ଚଳିତ ବର୍ଷ ସ୍କୁଲ ଖୋଲିବା ଦିନଠାରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଫଳରେ ସ୍କୁଲ ଖୋଲିବା ପୂର୍ବରୁ ପାଚିକା ଓ ସହାୟିକାଙ୍କୁ ସ୍କୁଲକୁ ଆସି ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ସମସ୍ତ ଆସବାପତ୍ର ସଫା କରିଥିବା ଦେଖିବାକୁ ମିଳିଛି। ସେପଟେ ଜିଲ୍ଲାରେ ବ୍ରହ୍ମପୁର ସହର ସମତେ ହିଞ୍ଜିଳିକାଟୁ ଓ ଛତ୍ରପୁର ବ୍ଲକର ସମସ୍ତ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଯୋଗାଉଥିବା ମାନା ଟ୍ରଷ୍ଟ ଏଥି ନିମନ୍ତେ ପ୍ରସ୍ତୁତ ଥିବା ମ୍ୟାନେଜର ସୁନୀଲ ବାଲପୁରୀ କହିଛନ୍ତି। ଟ୍ରଷ୍ଟ ପକ୍ଷରୁ ବ୍ରହ୍ମପୁର ସହରର ଥିବା ପ୍ରାୟ ୬୯ଟି ବିଦ୍ୟାଳୟ ସମେତ ହିଞ୍ଜିଳିକାଟୁ, ଶେରଗଡ଼ ଓ ଛତ୍ରପୁର ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପୂର୍ବଭଳି ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବ। ଏହା



ସହ ହିଞ୍ଜିଳିକାଟୁ, ଶେରଗଡ଼, ଦିଗପହଣ୍ଡି, କବିସୂର୍ଯ୍ୟନଗର, କୁକୁଡ଼ାଖଣ୍ଡି, ପୁରୁଷୋତ୍ତମପୁର, ରଙ୍ଗେଇଲୁଣ୍ଡା, ସାନଖେମୁଣ୍ଡି, ଗଞ୍ଜାମ ଓ ଛତ୍ରପୁର ପରି ୧୦ଟି ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ମ୍ୟାନେଜର ଶ୍ରୀ ବାଲପୁରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ମାସ ୧୮ ତାରିଖରେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଛୁଟି ଅବଧିକୁ ବୃଦ୍ଧି କରାଯାଇଥିଲା।

### ଆକ୍ସନ ମୋଡ଼ରେ ବିଧାୟକ

## ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ପରଖିଲେ





**ବ୍ରହ୍ମପୁର, ୨୧।୬(ସମିସ)**

ନିର୍ବାଚନ ସମୟରେ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ଅଣ୍ଟା ଭିଡିଛନ୍ତି ନବ ନିର୍ବାଚିତ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା। ପ୍ରଥମ ଥର କରି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ସହିତ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟାର ସମୀକ୍ଷା କରିଛନ୍ତି।

### ‘ପାତ୍ରପୁର’ ଓ ‘ସୋରଳ’କୁ ଏନ୍‌ଏସି ଘୋଷଣା ପାଇଁ ଜଣାଇଲେ ଦାବି

### ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ

ନିଜ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳର ସମସ୍ୟା ଠାରୁ ଆରମ୍ଭ କରି ରାସ୍ତାଘାଟ, ସ୍ୱାସ୍ଥ୍ୟ, ଜଳସେଚନ ଓ ଶିକ୍ଷା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆଶୁ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ପାତ୍ରପୁର ଓ ସୋରଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି। ଏହି ମର୍ମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ନିଜର ଭୁବନେଶ୍ୱର ଗସ୍ତକାଳରେ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିବା ସେ ସୂଚନା ଦେଇଛନ୍ତି। ଏନଏସି ଘୋଷଣା ହେଲେ ଲୋକଙ୍କୁ ବହୁ ସୁବିଧା ମିଳିପାରିବ ଓ ସେମାନଙ୍କର ଦିର୍ଘ ଦିନରୁ ସମସ୍ୟାର ସମାଧାନ ସହିତ ଦାବୀ ପୂରଣ ହୋଇପାରିବ। ପାତ୍ରପୁର ବ୍ଲକର ବହୁ ଗ୍ରାମ ପଡୋଶୀ ଆନ୍ଧ୍ର ସୀମାନ୍ତବର୍ତ୍ତି ଅଞ୍ଚଳରେ ଥିବାବେଳେ ସେଠାରେ ଲୋକଙ୍କ ନିକଟରେ ବିଭିନ୍ନ ସରକାରୀ ଯୋଜନା ପହଁଞ୍ଚିପାରୁ ନଥିବା କାରଣରୁ ସେମାନେ ଆନ୍ଧ୍ର ମୁହାଁ ହେଉଛନ୍ତି। ଏନେଇ ମଧ୍ୟ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଦାବି ଜଣାଇବେ ବୋଲି କହିଛନ୍ତି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା। ସେହିଭଳି ଲୋକଙ୍କ ଅଭିଯୋଗ କ୍ରମେ ଶୁକ୍ରବାର ବିଧାୟକ ହଠାତ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ୧୧ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୪ଜଣ ଡାକ୍ତର ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମଧ୍ୟ କିଛି ଡାକ୍ତର ନିୟମିତ ଏପରିକି ଦିର୍ଘ ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ରହୁଥିବା ଉପସ୍ଥାନ ଖାତାରୁ ଜାଣିବାକୁ ପାଇଥିଲେ। ଏନେଇ ସେ ବିରକ୍ତି ପ୍ରକାଶ କରିବା ସହିତ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମା ଶଙ୍କର ମିଶ୍ରଙ୍କୁ ଅଭିଯୋଗ କରି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ବିଧାୟକଙ୍କ ଏଭଳି ଅଚାନକ ପରିଦର୍ଶନ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନୂତନ ଆଶାର ସଂଞ୍ଚାର ହୋଇଥିବା ଦେଖିବାକୁ ମିଳିଛି।

## ଯୁବତୀଙ୍କ ଆତ୍ମହତ୍ୟା

**ଆସିକା, ୨୧।୬(ସମିସ):** କୋଟିନଡା ଥାନା ଅନ୍ତର୍ଗତ ପଡ଼ାଳ ଗ୍ରାମର ବୁଲୁ ନାହାକଙ୍କ ଝିଅ ପ୍ରିୟଙ୍କା ନାୟକ(୧୮) ଗୁରୁବାର ରାତିରେ ନିଜ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ଯୁବତୀଙ୍କ ମୃତଦେହ ଜବତ କରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବତୀ ଜଣଙ୍କ କାହିଁକି ଓ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ ତାହା ଜଣାପଡ଼ିନି।

## ଗଞ୍ଜେଇ ଚୋରାଚାଲାଣ ମାମଲା; ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର, ୨୧।୬(ସମିସ):** ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ଗୁରୁବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ନରେନ୍ଦ୍ରପୁରର ଶଙ୍କର ସାହୁ। ସୂଚନାଯୋଗ୍ୟ ଯେ, ନରେନ୍ଦ୍ରପୁର ରାସ୍ତାଦେଇ ବ୍ରହ୍ମପୁରକୁ ଗଞ୍ଜେଇ ଆସୁଥିବା ନେଇ ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ସେହିକ୍ରମେ ୨୦୨୨ରେ ଅବକାରୀ ଟିମ ସ୍ଥାନୀୟ ନରେନ୍ଦ୍ରପୁର ଛକ ନିକଟରେ ଯାନବାହନ ଯାଞ୍ଚ କରିଥିଲା। ଏହି ସମୟରେ ଶଙ୍କର ଏକ ଜରି ବ୍ୟାଗ ଧରି ସେହି ରାସ୍ତାରେ ଯାତ୍ରା କରୁଥିଲେ। ସନ୍ଦେହରେ ତାଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେ ଧରିଥିବା ଜରି ବ୍ୟାଗରୁ ୧୨କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅବକାରୀ ଟିମ ଗଞ୍ଜେଇ ଜବତ କରିବା ସହ ଶଙ୍କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ଅଭିଯୁକ୍ତ ଶଙ୍କରଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାରଣା ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶବେଳେ ଶଙ୍କର କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିବା ଶଙ୍କରଙ୍କ ଓକିଲ ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

## ମାଧବନ୍ଧରୁ ଶୁଭାରମ୍ଭ ହେଲା ଆର୍ଯ୍ୟଭଟ୍ଟର ସବୁଜ ରଥ

**ବ୍ରହ୍ମପୁର, ୨୧।୬(ସମିସ):** ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନର ଦ୍ୱିତୀୟ ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ ଚିକିଟି ବ୍ଲକର ମାଧବନ୍ଧ ଗ୍ରାମରୁ ହୋଇଯାଇଛି। ଏହି ସବୁଜ ରଥଗୁଡ଼ିକ ଭୟଙ୍କର ତାତିରୁ ରକ୍ଷା ପାଇବା ଏବଂ ବ୍ୟାପକ ବୃକ୍ଷ ରୋପଣ ପାଇଁ ନିବେଦନ କରୁଛି। ପ୍ରଥମ ଆର୍ଯ୍ୟଭଟ୍ଟ ସବୁଜ ରଥ ଗତ ୧୩ ତାରିଖ ଦିନ ବ୍ରହ୍ମପୁରରେ ଶୁଭାରମ୍ଭ କରାଯାଇଥିଲା। ଏତା ବ୍ରହ୍ମପୁର ସହର, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଦିଗପହଣ୍ଡି ବ୍ଲକ ଓ ସାନଖେମୁଣ୍ଡି ଅଞ୍ଚଳରେ ପରିକ୍ରମା କରୁଛି। ଦ୍ୱିତୀୟ ସବୁଜ ରଥ ଚିକିଟି, ପାତ୍ରପୁର, ଦିଗପହଣ୍ଡି ବ୍ଲକ ପରିକ୍ରମା କରିବା ସହ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ମଣ୍ଡଳମ୍‌ରେ ମଧ୍ୟ ପରିକ୍ରମା କରିବ। ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀମାନେ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା କରି ବୃକ୍ଷ ରୋପଣ ନିମନ୍ତେ ନିବେଦନ କରୁଛନ୍ତି। ଦ୍ୱିତୀୟ ରଥଟି ଆଜି ଚିକିଟି ବ୍ଲକ ମାଧବନ୍ଧ ଗ୍ରାମରେ ଶୁଭାରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ, ବ୍ରହ୍ମପୁର ୧୫ ବର୍ଷ ତଳୁ ବିପର୍ଯ୍ୟସ୍ତ ପରିବେଶରକୁ ପରିଣାମ ବିଷୟରେ କହି ଆସୁଥିଲା। ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ସହ ୧୫ବର୍ଷ ହେଲା ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ଦ୍ୱାରା ଗଞ୍ଜାମ ତଥା ଓଡ଼ିଶାର ବିଭିନ୍ନ ମୂଖ୍ୟ ସହର ଓ ନିକଟ ବର୍ତ୍ତୀ ଉପାନ୍ତ ଆନ୍ଧ୍ରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି।

# ଗଞ୍ଜାମର ତିନି ବ୍ଲକ୍ ଅଧ୍ୟକ୍ଷ ପଦବୀ ଖାଲି!

**ବ୍ରହ୍ମପୁର, ୨୧।୬(ସମିସ)**

ରାଜ୍ୟ ରାଜନୀତିରେ ଗଞ୍ଜାମ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। କାରଣ ଏଠାରେ ସବୁବେଳେ ରାଜନୈତିକ ଚଞ୍ଚଳତା ଦେଖିବାକୁ ମିଳେ। ପଞ୍ଚାୟତ ହେଉ କି ପୌର ଅଥବା ସାଧାରଣ ନିର୍ବାଚନ ଏବଂ ତା ପରେ ମଧ୍ୟ ଏଠାରେ ରାଜନୈତିକ ଚର୍ଚ୍ଚା, ଆରୋପ, ପ୍ରତ୍ୟାରୋପ ଲାଗି ରହିଥାଏ। ବର୍ତ୍ତମାନ ଏଠାରେ ସାଧାରଣ ନିର୍ବାଚନ ସରିଥିଲେ ମଧ୍ୟ ରାଜନୈତିକ ଝଡ଼ ଥମିନାହିଁ। କାରଣ ଗଞ୍ଜାମ ଜିଲ୍ଲାର ତିନି ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ ଓ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ନିଜ ପଦବୀରୁ ଇସ୍ତଫା ଦେଇଥିବା ବେଳେ ଗତ କିଛିଦିନ ପୂର୍ବେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ପରଲୋକ ହୋଇଥିଲା। ବର୍ତ୍ତମାନ ଏହି ତିନି ଅଧ୍ୟକ୍ଷ ପଦବୀ ଉପରେ ସମସ୍ତ ରାଜନୈତିକ ଦଳର ନଜର ରହିଛି। ତୃଣମୂଳସ୍ତରରୁ ବିଜୟୀ ହୋଇଥିବା ସମିତିସଭ୍ୟ ମାନଙ୍କ ନିଜ ଶିବିରକୁ ଆଣିବା ନେଇ ସମସ୍ତେ ଜୋରଦାର ପ୍ରଚେଷ୍ଟା ଆରମ୍ଭ କରି ଦେଇଛନ୍ତି। ଏଣେ ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ଆସନ ମଧ୍ୟରୁ ୧୧ଟି ଆସନରେ ବିଜେପି ବାଜିମାତ କରିଛି। ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ଏହି ତିନୋଟି ସ୍ଥାନରେ ବିଜେପି ଦଳ ଭଲ ମାର୍ଜିନରେ ବିଜୟୀ ମଧ୍ୟ ହୋଇଛି। ଏହି ଆଧାରରେ ଏଠାରେ ବ୍ଲକ ଅଧ୍ୟକ୍ଷ ଗଠନ କରିବାକୁ ବିଜେପି ଦଳ ବିଜେଡି ଶିବିରରେ ଥିବା ସମିତିସଭ୍ୟ ପ୍ରାର୍ଥୀଙ୍କୁ ନିଜ ଅକ୍ତିଆରକୁ ନେବାକୁ ଛକାପଞ୍ଝା ଆରମ୍ଭ କରିଦେଇଛି। ଏଣେ ତୃଣମୂଳ ସ୍ତରରେ ସୁଦୃଢ ଥିବା ବିଜେଡି ମଧ୍ୟ ପୁନଃର୍ବାର ଅଧ୍ୟକ୍ଷ ପଦବୀ ହାତେଇବାକୁ ଉଦ୍ୟମ କରୁଛି।

### ଇସ୍ତଫା ଦେଇଛନ୍ତି ଦୁଇଜଣ, ଆଉ ଜଣେ ଆରପାରିରେ

### ବିଭିନ୍ନ ରାଜନୈତିକ ଦଳର ଛକାପଞ୍ଝା ଆରମ୍ଭ

ସୂଚନା ଅନୁସାରେ ଗତ ପଞ୍ଚାୟତ ନିର୍ବାଚନରେ ଗଞ୍ଜାମରେ ବିଜୁ ଜନତା ଦଳ ଏକତରଫା ବିଜୟୀ ହୋଇଥିଲା। ପାତ୍ରପୁର ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ବିଜେଡି ବ୍ଲକ ଅଧ୍ୟକ୍ଷ ଗଠନ କରିଥିଲା। ହେଲେ ଗତ କିଛି ମାସ ପୂର୍ବେ ଦିଗହପଣ୍ଡି ବ୍ଲକ ଅଧ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ଏଠାରେ ବିଜେଡି ବିଦ୍ରୋହୀ ଗୋଷ୍ଠୀ ହାତକୁ ଏହି ପଦବୀ ଚାଲି ଯାଇଥିଲା। ଏହିପରି ଚଳିତ ସାଧାରଣ ନିର୍ବାଚନ ସମୟରେ ରାଜନୈତିକ ଅସ୍ଥିରତା ଓ ଅନ୍ୟାନ୍ୟ କାରଣ ଯୋଗୁଁ କବିସୂର୍ଯ୍ୟନଗର ଓ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷା ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଏହି ଦୁଇ ପଦବୀ ଖାଲି ପଡ଼ିଥିବା ବେଳେ ଚଳିତମାସ ୮ ତାରିଖରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଏହି ତିନୋଟି ଆସନ ଉପରେ ବିଜେପିର କଡ଼ା ନଜର ରହିଛି। ବିଜେଡି ଶିବିରରେ ଥିବା କିଛି ସମିତିସଭ୍ୟ ମଧ୍ୟ ବିଜେପି ଆଡ଼କୁ ଢଳିଥିବା ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥଳେ ବିଜେପି ଓ ବିଜେଡିର ଜିଲ୍ଲା ନେତୃତ୍ୱ କଣ ପଦକ୍ଷେପ ନିଅନ୍ତି ସେନେଇ ମଧ୍ୟ ଆଲୋଚନା ହେଉଛି। ବର୍ତ୍ତମାନ ଏହି ପଦବୀକୁ ନେଇ ଉପ-ନିର୍ବାଚନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏହା ପ୍ରକାଶ ପାଇବା ପୂର୍ବରୁ କସରତ କିନ୍ତୁ ଆରମ୍ଭ ହୋଇଯାଇଛି। ଏନେଇ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି ଯେ, ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ତିନୋଟିଯାକ ବ୍ଲକରେ ଅଧିକାଂଶ ସମିତିସଭ୍ୟ ବିଜେଡି ସମର୍ଥିତ ଅଟନ୍ତି। ଏହି ଦୃଷ୍ଟିରୁ ପୁନଃ ଏଠାରେ ବିଜେଡି ବ୍ଲକ ଅଧ୍ୟକ୍ଷ ଗଠନ କରିବ ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି। ସେହିଭଳି ବିଜେପିର ବରିଷ୍ଠ ନେତା ତଥା ସଂଗଠକ ସରୋଜ ସାବତ କହିଛନ୍ତି ଯେ, ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେପି ବହୁ ମତ ବ୍ୟବଧାନରେ ବାଜିମାତ କରିଛି। ଅନେକ ସମିତିସଭ୍ୟ ଆମ ଶିବିରରେ ରହିଛନ୍ତି। ଏଠାରେ ବ୍ଲକ ଅଧ୍ୟକ୍ଷ ଗଠନ କରିବାରେ ବିଶେଷ ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ତେବେ ଏଠାରେ ଉପ-ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ ରାଜନୈତିକ ଦଳମାନଙ୍କର ସଜବାଜ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି। କୁକୁଡ଼ାଖଣ୍ଡି ବ୍ଲକରେ ୨୨ଟି ପଞ୍ଚାୟତ ରହିଥିବା ବେଳେ ଖଲ୍ଲିକୋଟରେ ୨୯ଟି ଓ କବିସୂର୍ଯ୍ୟନଗର ବ୍ଲକରେ ୨୧ଟି ପଞ୍ଚାୟତ ରହିଛି। ଏହି ଜନ ପ୍ରତିନିଧିମାନେ ଆଗାମୀ ଦିନରେ ଏଠାରେ ବ୍ଲକ ଅଧ୍ୟକ୍ଷ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ।

## ଗେଟବଜାର ଦଣ୍ଡାସି ସାହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ

**ବ୍ରହ୍ମପୁର, ୨୧।୬(ସମିସ):** ୫ରୁ ୬ବର୍ଷ ହେବ ଜାମ ହୋଇ ପଡ଼ିଥିବା ବ୍ରହ୍ମପୁର ମହାନଗର ନିଗମ ୧୭ ନଂ ୱାର୍ଡ ଅନ୍ତର୍ଗତ ଗେଟବଜାର ଦଣ୍ଡାସି ସାହି ଡ୍ରେନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଡ୍ରେନଟି ବର୍ଷ ବର୍ଷ ଧରି ଜାମ ହୋଇ ପଡ଼ିଥିବାରୁ ସେହି ଅଞ୍ଚଳର ଜଳ ନିଷ୍କାସନ ହୋଇ ପାରୁନଥିଲା। ସେହିକ୍ରମରେ ନୂତନ ଡ୍ରେନ ନିର୍ମାଣ କରିବାକୁ ଅଞ୍ଚଳର କର୍ପୋରେଟର ଦୁର୍ଗା ଲାଏକ ମହାନଗର ନିଗମ କମିଶନରଙ୍କୁ ଜଣାଇଥିଲେ। କିଛି ଦିନ ତଳେ କମିଶନର ଭବାନୀ ଶଙ୍କର ମିଶ୍ର ଓ ବିଏମସି ଯନ୍ତ୍ରୀ ଦଣ୍ଡାସି ସାହିକୁ ଯାଇ ଜାମ ହୋଇଯାଇଥିବା ଡ୍ରେନକୁ ଦେଖିଥିଲେ। ଏହାପରେ ସେଠାରେ ତୁରନ୍ତ ଡ୍ରେନ ନିର୍ମାଣ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ପୁରୁଣା ଡ୍ରେନକୁ ଭଙ୍ଗାଯାଇ ସେଠାରେ ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୁରନ୍ତ ଡ୍ରେନ ନିର୍ମାଣ ପାଇଁ ପଦକ୍ଷେପ ନେଇଥିବାରୁ କମିଶନରଙ୍କୁ ସ୍ଥାନୀୟ କର୍ପୋରେଟର ଶ୍ରୀ ଲାଏକ ସାଧୁବାଦ ଜଣାଇଛନ୍ତି।

### ୫ ବର୍ଷ ହେଲା ଜାମ୍ ହୋଇ ପଡ଼ିଥିଲା



ମନରେ ସୃଷ୍ଟି ହେଉଥିବା ଦୂଷିତ ଭାବନାକୁ ଦୂରେଇବାର ଅମୋଘ ମହୌଷଧୀ ହେଉଛି 'ରାମ' ନାମ।
-ମହାତ୍ମା ଗାନ୍ଧୀ



ସକାଳ
THE SAKALA

# ଜାମ୍ମୁ-କାଶ୍ମୀରରେ ନୂଆ ସକାଳର ଆବାହନୀ

ଭାରତ ମାତାର ମୁକୁଟ ଭୂସ୍ୱର୍ଗ କାଶ୍ମୀର ଖୁବ୍‌ଶୀଘ୍ର ଆଉ ଏକ ନୂଆ ସକାଳ ଦେଖିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଏବେ ଶ୍ରୀନଗରଠାରେ ଦେଇଥିବା ସୂଚନା ଯଦି ସତ ହୁଏ, ତା'ହେଲେ ଜାମ୍ମୁ-କାଶ୍ମୀର ଭାରତୀୟ ସଂଘରେ ପୁନର୍ବାର ଏକ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା ପାଇବ। ଏହା ହେବ ଭାରତୀୟ ଭୂସ୍ୱର୍ଗରେ ଏକ ନୂଆ ସକାଳର ଆବାହନୀ। ଧାରା ୩୭୦, ଯାହା ଜାମ୍ମୁ-କାଶ୍ମୀରକୁ ଭାରତୀୟ ରାଜ୍ୟସଂଘରେ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେଇଥିଲା, ୨୦୧୯ ଅଗଷ୍ଟରେ ଏହି ଧାରାର ଉଚ୍ଛେଦ ହେବା ପରେ ସେଠାରେ ଏକ ବିରାଟ ପରିବର୍ତ୍ତନ ଆସିଛି। ଜାମ୍ମୁ-କାଶ୍ମୀର ଓ ଲଦାଖକୁ ଦୁଇଭାଗ କରାଯାଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରାଯିବା ପରେ ସେଠାରେ ଭାରତୀୟ ସମ୍ବିଧାନ ସମ୍ପୂର୍ଣ୍ଣ ଭାବେ ଦେଶର ସବୁପ୍ରକାର ଆଇନକାନୁନ୍ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଇଥିଲା। ଏଥିସହିତ ତଥାକଥିତ ସ୍ୱତନ୍ତ୍ର ବ୍ୟବସ୍ଥାରୁ ଏହି ଅଞ୍ଚଳବାସୀଙ୍କୁ ମୁକ୍ତ କରି ସେମାନଙ୍କୁ ଦେଶର ଅବଶିଷ୍ଟ ଭାଗର ନାଗରିକଙ୍କ ସହିତ ସମାନ ସୁବିଧା ସୁଯୋଗ ଦିଆଯାଇଛି।

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଜାମ୍ମୁ-କାଶ୍ମୀର ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଦେଖିଛି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଓ ଇସଲାମୀୟ ମୌଳବାଦ ଏକପ୍ରକାର ନିୟନ୍ତ୍ରଣରେ ରହିଛି। ସାଧାରଣ ଜନତାଙ୍କ ମଧ୍ୟରେ ଅନେକାଂଶରେ ଆତ୍ମବିଶ୍ୱାସ ଫେରିଛି। ସରକାରୀ ଦପ୍ତର, ସ୍କୁଲ କଲେଜ, ଗମନାଗମନ, ପର୍ଯ୍ୟଟନ, ବେପାର ବଣିଜ ସ୍ୱାଭାବିକ ହୋଇଛି। ମାତ୍ର ଦୁଇବର୍ଷ ମଧ୍ୟରେ ଦୁଇକୋଟି ପର୍ଯ୍ୟଟକ କାଶ୍ମୀର ଭ୍ରମଣରେ ଯାଇ ସେଠାକାର ରାଜସ୍ୱ ଆୟର ମୁଖ୍ୟ ଉତ୍ସ ପର୍ଯ୍ୟଟନକୁ ପୁନର୍ବାର ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିଛନ୍ତି। ନୂଆ ସଡ଼କ ଓ ରେଳମାର୍ଗ କାଶ୍ମୀର ଉପତ୍ୟକାକୁ ଭାରତର ମୁଖ୍ୟଭୂଖଣ୍ଡ ସହିତ ଯୋଡ଼ିଛି। ସେଠାରେ ପଞ୍ଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି ଏବଂ ଦେଶର ସବୁ କଲ୍ୟାଣକାରୀ ଯୋଜନାର ଲାଭ ସେଠାକାର ଜନତା ଏବେ ପାଉଛନ୍ତି। କାଶ୍ମୀରରେ ଶାନ୍ତି, ସ୍ଥିରତା, ବିକାଶ ଓ ଗଣତାନ୍ତ୍ରିକ ଭାବନାର ଏକ ନୂଆ ଅଧ୍ୟାୟ ଦେଖିବାକୁ ମିଳୁଛି।

ଜାମ୍ମୁ-କାଶ୍ମୀରର ରାଜଧାନୀ ଶ୍ରୀନଗରର ଲାଲଚୌକ, ଯାହା ଦିନେ ଆତଙ୍କବାଦୀଙ୍କ ଦ୍ୱାରା ପରିଚାଳିତ ହୋଇ ରହିଥିଲା ଏବଂ ପାକିସ୍ତାନୀ ପତାକା ଉଡୁଥିଲା, ଏବେ ସେଠାରେ ପିଲାମାନେ ନିର୍ଭୟରେ ଖେଳୁଛନ୍ତି ଓ ଭାରତୀୟ ତ୍ରିରଙ୍ଗା ସରକାରୀ ଦପ୍ତର ଉପରେ ଫରଫର ଉଡୁଛି। ବିଖ୍ୟାତ ଡାଲ ଓ ଉଲାର ହ୍ରଦରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଲୋକେ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି। ପରିସ୍ଥିତି ଯେତେବେଳେ ଆତଙ୍କ ଓ ମୃତ୍ୟୁର ବିଭୀଷିକାରୁ ମୁକ୍ତ ହୋଇ ସ୍ୱାଭାବିକ ହୋଇଯାଏ, ସେତେବେଳେ ଜୀବନ ଓ ଜୀବିକା ମଧ୍ୟ ଆପଣାଛାଏଁ ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ଏହି ଶାନ୍ତି ଓ ସ୍ୱାଭାବିକତାର ପୁନଃପ୍ରତିଷ୍ଠା ପାଇଁ ଦେଶକୁ ଏବଂ କାଶ୍ମୀରବାସୀଙ୍କୁ ପୂର୍ବରୁ ଅବଶ୍ୟ ଅନେକ ମୂଲ୍ୟ ଦେବାକୁ ପଡ଼ିଛି। ଧାରା ୩୭୦, ଯାହା ଭାରତ ଓ ଜାମ୍ମୁ-କାଶ୍ମୀର ମଧ୍ୟରେ ଏକ ବିଭାଜନର ପାଚେରି ରୂପେ ଛିଡ଼ା ହୋଇଥିଲା ଏବଂ ତାହାର ସୁବିଧା ନେଇ କିଛି ନିର୍ଦ୍ଦିଷ୍ଟ ପରିବାର ସେଠାରେ ଯେଉଁ ରାଜନୈତିକ ଲାଭ ଉଠାଉଥିଲେ ତାହାର ଅବସାନ ଘଟିଛି। ସେଠାକାର ସାଧାରଣ ଜନତା ତାହାକୁ ଅନୁଭବ କେବଳ କରିନାହାନ୍ତି; ନିକଟରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ରେକର୍ଡ ସଂଖ୍ୟାରେ ମତଦାନ କରି ନିଜର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିଛନ୍ତି।

ଅବଶ୍ୟ ଜାମ୍ମୁ-କାଶ୍ମୀରବାସୀଙ୍କ ମନରେ ଏକ ଦୁଃଖ ରହିଯାଇଥିଲା ଯେ ସେମାନଙ୍କୁ ପୂର୍ଣ୍ଣାଙ୍ଗ ରାଜ୍ୟ ପାହ୍ୟାରୁ ବଞ୍ଚିତ କରାଯାଇଛି। ଏ ଭାବନା ଅସ୍ୱାଭାବିକ ନୁହେଁ। ତେବେ ୩୭୦ ଧାରା ହଟାଯିବାର କିଛିଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରି ଦେଇଥିଲେ ଯେ ଜାମ୍ମୁ-କାଶ୍ମୀରରେ ଶାନ୍ତି ଓ ସ୍ୱାଭାବିକତା ପ୍ରତିଷ୍ଠା ହୋଇ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନଃବାହାଲ ହେଲେ ତାହାକୁ ପୂର୍ଣ୍ଣାଙ୍ଗ ରାଜ୍ୟ ମର୍ଯ୍ୟାଦା ପୁନଶ୍ଚ ଫେରାଇ ଦିଆଯିବ। ଧାରା ୩୭୦ ସମ୍ପର୍କୀୟ ମାମଲାରେ ନିଷ୍ପତ୍ତି ଶୁଣାଇ ସୁପ୍ରିମକୋର୍ଟ ନୂତନ ସାମ୍ବିଧାନିକ ବ୍ୟବସ୍ଥାକୁ ଅନୁମୋଦନ କରିବା ପରେ ସେହି ବିବାଦୀୟ ଅସ୍ଥାୟୀ ସାମ୍ବିଧାନିକ ଧାରା ଏବେ ଇତିହାସ ପାଲଟି ଯାଇଛି। ଦେଶର ଅନ୍ୟ ରାଜ୍ୟ ଭଳି ସମାନ ସାମ୍ବିଧାନିକ, ରାଜନୈତିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ସୁବିଧା ପାଉଥିବା ଜାମ୍ମୁ-କାଶ୍ମୀରବାସୀ ଭାରତୀୟ ମୁଖ୍ୟଧାରାରେ ସାମିଲ୍ ହୋଇ ସମ୍ପୂର୍ଣ୍ଣ ଭାରତୀୟତାର ପରିଚୟରେ ସନ୍ତୁଷ୍ଟ ଓ ଆନନ୍ଦିତ। ବିଶେଷକରି ସେଠାରେ ଦଳିତ, ଅବହେଳିତ ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ସୁବିଧା ଲାଗୁ ହେବା ପରେ ଏକ ବଡ଼ ବର୍ଗ ଏବେ ରାଜନୈତିକ ଦୃଷ୍ଟିରୁ ହିତାଧିକାରୀ ପାଲଟିଛନ୍ତି।

ଏବେ ରହିଲା ରାଜ୍ୟରେ ବିଧାନସଭା ନିର୍ବାଚନ ଓ ସରକାର ଗଠନ। ଚଳିତ ବର୍ଷ ସେଠାରେ ବିଧାନସଭା ନିର୍ବାଚନ ଆୟୋଜନ କରିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ନିର୍ବାଚନ କମିଶନ ସେଠାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଶେଷ କରିଛନ୍ତି। ଶାନ୍ତି ଓ ସ୍ୱାଭାବିକତା ଫେରି ଆସିଥିବାରୁ ସେଠାରେ ନିର୍ବାଚନ କରାଯିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇସାରିଛି। ନିକଟରେ ଜାମ୍ମୁ-କାଶ୍ମୀରରେ ଲୋକସଭା ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଥିବାରୁ ଏହି ସକାରାତ୍ମକ ଓ ଆଶାବାଦୀ ଅବଧାରଣା ଘନୀଭୂତ ହୋଇଛି। ସେ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ସେଠାକୁ ଯାଇଛନ୍ତି। ଏହି ଅବସରରେ ସେ ତାଙ୍କର ପ୍ରତିଶ୍ରୁତି ଜାମ୍ମୁ-କାଶ୍ମୀରବାସୀଙ୍କୁ ମନେପକାଇ ଦେଇ କହିଛନ୍ତି ଯେ ବିଧାନସଭା ନିର୍ବାଚନ ପରେ ଜାମ୍ମୁ-କାଶ୍ମୀରକୁ ପୁନର୍ବାର ପୂର୍ଣ୍ଣାଙ୍ଗ ରାଜ୍ୟ ମର୍ଯ୍ୟାଦା ପ୍ରଦାନ କରାଯିବ। ପ୍ରତ୍ୟେକ ସ୍ୱାଭିମାନୀ ଜାମ୍ମୁ-କାଶ୍ମୀରବାସୀଙ୍କ ପାଇଁ ଏହା ନିଶ୍ଚିତ ଏକ ଖୁସିର ଖବର।

ସତକଥା ହେଲା ଜାମ୍ମୁ-କାଶ୍ମୀରରେ ବିଗତ ୧୦ ବର୍ଷ ମଧ୍ୟରେ ବିକାଶ ଓ ଉତ୍‌ଥାନର ଯେଉଁ ପର୍ବ ଚାଲିଛି, ବିଗତ ୭୦ ବର୍ଷ ମଧ୍ୟରେ ତାହା ସମ୍ଭବ ହୋଇନଥିଲା। ଜାମ୍ମୁ-କାଶ୍ମୀରକୁ କିଛି ନେତା ଏକ ରାଜନୈତିକ ପେଣ୍ଡୁ କରି ଧାରା ୩୭୦ ଆଳରେ ଖେଳୁଥିଲେ, ଯାହାକି ପାକିସ୍ତାନକୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦୀ ଖେଳ ଖେଳିବା ପାଇଁ ବିଶାଳ ସୁଯୋଗ ଯୋଗାଇଥିଲା। ସେଠାକାର ଯୁବବର୍ଗଙ୍କୁ ଏବେ ବିଭିନ୍ନ ପ୍ରକାର କର୍ମନିଯୁକ୍ତି ମିଳୁଛି, ଅର୍ଥନୈତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ତେଣୁ ସେଠାକାର ଅସ୍ଥିର ଯୁବସମାଜ ଏବେ ବଞ୍ଚିବାର ନୂଆ ରାହା ଓ ବିଶ୍ୱାସ ପାଇଛି। ପାକିସ୍ତାନୀ ପ୍ରାୟୋଜିତ ଆତଙ୍କବାଦର ମୁକାବିଲାରେ ଏହା ଏକ ବଡ଼ ଅସ୍ତ୍ର ସାଜିଛି। ପୁରୁଣା ଅଭ୍ୟାସ ସହଜେ ଯାଏନା ଓ ଷଡ଼ଯନ୍ତ୍ରକାରୀ ଏକାଥରରେ ନିର୍ମୂଳ ହୁଅନ୍ତି ନାହିଁ। ବହୁଦିନ ପରେ ଏବେ କିଛି ଭଡ଼ାଟିଆ ଆତଙ୍କବାଦୀ କିଛି ସ୍ଥାନୀୟ ଦଲାଲଙ୍କ ସହଯୋଗରେ ହିଂସାକାଣ୍ଡ ଭିଆଇ କାଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ତାଙ୍କର ମୂଳଲକ୍ଷ୍ୟ ହେଲା ଶାନ୍ତି ଓ ସ୍ଥିରତାକୁ ବିପନ୍ନ କରି ବିଧାନସଭା ନିର୍ବାଚନ କରାଇ ନ ଦେବା। ଆମକୁ ଲାଗୁଛି ଏହା କିଛି ହତାଶ ଲୋକଙ୍କର ଶେଷ ବିଫଳ ପ୍ରୟାସ। କାଶ୍ମୀରବାସୀ ଏବେ ଶାନ୍ତି, ସ୍ଥିରତା, ସମୃଦ୍ଧି ଓ ଗଣତନ୍ତ୍ରର ପ୍ରକୃତ ସ୍ୱାଦ ଚାଖିସାରିଲେଣି। ସେମାନେ ନିଶ୍ଚିତ ଶାନ୍ତି ଓ ସ୍ୱାଭାବିକତା ବଜାୟ ରଖି ବିଧାନସଭା ନିର୍ବାଚନ ପାଇଁ ସହଯୋଗ ଜାରି ରଖିବେ ଓ ପୁନର୍ବାର ରାଜ୍ୟ ପାହ୍ୟା ପାଇ କାଶ୍ମୀରର ସ୍ୱାଭିମାନ, କାଶ୍ମୀରୀୟତ(କାଶ୍ମୀର ଅସ୍ମିତା) ଓ ଜମ୍ହୁରୀୟତ(ଗଣତନ୍ତ୍ର)କୁ ବଜାୟ ରଖିବେ।

# ଲୋକସଭା ନିର୍ବାଚନ ଓ ସାମ୍ବିଧାନିକ ମୂଲ୍ୟବୋଧ!



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତସିଂହପୁର, ମୋ: ୯୮୫୩୩୫୫୧୦୭

୨୦୨୪ ସାଧାରଣ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇ କେନ୍ଦ୍ର ଓ ଚାରି ରାଜ୍ୟରେ ନୂଆ ସରକାର ଗଠନ ହୋଇସାରିଛି। ଏଥିସହିତ ନିର୍ବାଚନୀ ବିଶେଷଜ୍ଞ ଓ ଆତ୍ମଘୋଷିତ ରାଜନୀତି ବିଶାରଦମାନଙ୍କ ସକଳ ଅନୁମାନ ଆକଳନ ଭୁଲ୍ ପ୍ରମାଣିତ ହୋଇ ସାରିଛି। ଭାରତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ.ଡି.ଏ) ସଂସଦରେ ଚାରିଶହ ସଭ୍ୟ ସଂଖ୍ୟା ପାର କରିଯିବ ବୋଲି ଯେଉଁ ମହତ୍ୱାକାଂକ୍ଷା ପୋଷଣ କରିଥିଲା, ତାହା ହାସଲ କରି ପାରିନାହିଁ। ଫଳସ୍ୱରୂପ, କେନ୍ଦ୍ରରେ ଭାଜପା ତା'ର ଅଂଶୀଦାର ଦଳମାନଙ୍କ ସହ ଏକ ମିଳିତ ସରକାର ଗଠନ କରିଛି। ଅନ୍ୟକୌଣସି ରାଜନୈତିକ ପୂର୍ବାଗ୍ରହ ନରଖି ଆମେ ଯଦି ଏଥର ନିର୍ବାଚନର ଫଳାଫଳକୁ ସାମାନ୍ୟ ଅନୁଶୀଳନ କରିବା, ତେବେ ଭାରତର ଅଗଣିତ ଜନସାଧାରଣଙ୍କ ବୁଦ୍ଧି, ବିଚାର ଓ ସୂକ୍ଷ୍ମ ବିବେଚନାବୋଧ ପ୍ରତି ନକାରାତ୍ମକ ମନ୍ତବ୍ୟ ଦେବାରେ ଅଭ୍ୟସ୍ତ ବିଶାରଦମାନଙ୍କ ଜ୍ଞାନୋଦୟ ହେବାରେ ବିଳମ୍ବ ହେବ ନାହିଁ, ଏହା ଏ ଲେଖକର ବିଶ୍ୱାସ।

ନବନିର୍ମିତ ଭବ୍ୟ, ବିଶାଳ ରାମମନ୍ଦିରର ପବିତ୍ରସ୍ଥଳୀ ଅଯୋଧ୍ୟା ହେଉଛି ଉତ୍ତରପ୍ରଦେଶର ଫୈଜାବାଦ ସଂସଦୀୟ କ୍ଷେତ୍ରର ଅନ୍ତର୍ଗତ। ଏଥର ଲୋକସଭା ନିର୍ବାଚନରେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ଭା.ଜ.ପା.ର ପ୍ରାର୍ଥୀ ଲାଲୁ ସିଂହ ଓ ସମାଜବାଦୀ ଦଳର ପ୍ରାର୍ଥୀ ଅବଧେଶ ପ୍ରସାଦ। ଲାଲୁ ସିଂହ ଜଣେ କଟ୍ଟର ହିନ୍ଦୁତ୍ୱବାଦୀ, ଯିଏ ଭାରତୀୟ ସମ୍ବିଧାନର ପରିବର୍ତ୍ତନ ପାଇଁ ଭା.ଜ.ପା. ଓ ତା'ର ଅଂଶୀଦାର ଦଳ ସଂସଦରେ ଚାରିଶହ ସଭ୍ୟ ସଂଖ୍ୟା ନିହାତି ପାର କରିବା ଆବଶ୍ୟକ ବୋଲି କହି ଭୋଟ ଭିକ୍ଷା କରୁଥିଲେ। ଅନ୍ୟପକ୍ଷରେ ସମାଜବାଦୀ ଦଳର ଅବଧେଶ ପ୍ରସାଦ ତାଙ୍କ ଦଳର ଘୋଷିତ ଆଦର୍ଶ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ସମ୍ବିଧାନର ସୁରକ୍ଷା ଓ ସମ୍ବିଧାନର ମୌଳିକ ନୀତି, ଆଦର୍ଶର ଆଧାରରେ ସମାନତା, ଧର୍ମନିରପେକ୍ଷତା, ନିରଙ୍କୁଶ ସ୍ୱାଧୀନତା ତଥା ନାଗରିକମାନଙ୍କ ମୌଳିକ ଅଧିକାର ଭଳି ସ୍ପଷ୍ଟ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକୁ ମୁଖ୍ୟ ପ୍ରସଙ୍ଗ ଭାବରେ ମତଦାତାମାନଙ୍କ ପାଖରେ ଉପସ୍ଥାପନ କରୁଥିଲେ। ଏହା ଅବଶ୍ୟ ସତ୍ୟ ଯେ ସମାଜବାଦୀ ଦଳ ଘୋଷିତ ଆଦର୍ଶଗୁଡ଼ିକୁ କେତେଦୂର ଅନୁସରଣ କରିଛି ବା ସେଗୁଡ଼ିକ ପ୍ରତି କେତେ ନିଷ୍ଠା, ଅନୁରକ୍ତି ପ୍ରକାଶ କରିଛି, ତାହା ନିଶ୍ଚୟ ତର୍କସାପେକ୍ଷ। ତେବେ ବିସ୍ମୟକର ଓ ଚମକପ୍ରଦ କଥାଟି ହେଉଛି ଯେ ଅଯୋଧ୍ୟା ସହ ଫୈଜାବାଦର ସଂଖ୍ୟାଧିକ ଜନତା ଭା.ଜ.ପା.ର ଲାଲୁ ସିଂହଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ସମାଜବାଦୀ ଦଳର ଅବଧେଶ ପ୍ରସାଦଙ୍କ ସପକ୍ଷରେ ମତଦାନ କରି ତାଙ୍କୁ ବିଜୟୀ କରାଇଛନ୍ତି।

କେନ୍ଦ୍ରର ମୋଦୀ ସରକାର ଓ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରଙ୍କ ଉତ୍ତରପ୍ରଦେଶ ଗଣିତକୁ ଓଲଟପାଲଟ କରି ଦେଇଛି ଫୈଜାବାଦର ଏଇ ନିର୍ବାଚନୀ ଫଳାଫଳ। ସମସ୍ତେ ଭାବିଥିଲେ ଭବ୍ୟ ରାମମନ୍ଦିରର ନିର୍ମାଣ ଓ ରାମଲାଲାଙ୍କ ଦିବ୍ୟ ପ୍ରତିମାର ପ୍ରତିଷ୍ଠା ଯୋଗୁଁ କୃତଜ୍ଞ, ଭାବବିହ୍ୱଳ, ଭକ୍ତିବିହ୍ୱଳିତ ଅଯୋଧ୍ୟାବାସୀଙ୍କ ସମେତ ଫୈଜାବାଦର ଜନସାଧାରଣ ହିନ୍ଦୁତ୍ୱବାଦୀ ଲାଲୁ ସିଂହଙ୍କ ମୁଣ୍ଡରେ ମୁକୁଟଟି ବାନ୍ଧି ଦେବେ। କିନ୍ତୁ ସେମାନେ ଭା.ଜ.ପା.ର ନୀତି ଆଦର୍ଶର ଘୋର ବିରୋଧୀ ସମାଜବାଦୀ



ଦଳର ଅବଧେଶ ପ୍ରସାଦଙ୍କୁ ବିଜୟମାଲ୍ୟ ପିନ୍ଧାଇ ଦେଲେ। ଏହା ଯେତିକି ଅପ୍ରତ୍ୟାଶିତ, ତତୋଧିକ ବିସ୍ମୟକର ଓ ଚମକପ୍ରଦ। ବିସ୍ମୟକର ଓ ଚମକପ୍ରଦ ଏଇଥିପାଇଁ ଯେ ଆମେ ଭାରତୀୟମାନେ ପୂରାପୂରି ଧର୍ମଭୀରୁ, ଧର୍ମପାଗଳ ବୋଲି ଯେଉଁ ଧାରଣାଟିଏ ଅନେକଙ୍କ ମଧ୍ୟରେ ଅସ୍ଥିମଜ୍ଜାଗତ ହୋଇଯାଇଛି ଏବଂ ସେହି ଧାରଣାଟିକୁ ବଳ ଦେବା ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଯେଉଁ ଉଦ୍ଦେଶ୍ୟ-ପ୍ରଣୋଦିତ ବ୍ୟାଖ୍ୟାନମାନ ପ୍ରଚାର, ପ୍ରସାର କରାଯାଇ ଚାଲିଛି, ସେ ସବୁ କେତେ ଭିତ୍ତିହୀନ, କେତେ ଭ୍ରମାତ୍ମକ ଓ ଅଭିସନ୍ଧିମୂଳକ ରାଜନୈତିକ ଚାଲ, ଏଥରର ଏଇ ନିର୍ବାଚନୀ ଫଳାଫଳ ତାହା ପ୍ରମାଣିତ କରିଦେଇଛି। କୁହାଯାଇପାରେ, ଅଯୋଧ୍ୟାବାସୀ ଏଥର ଏକପ୍ରକାର ରାମବାଣ ପ୍ରୟୋଗ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କୁ ନେଇ ଯେଉଁ ଛଳଭକ୍ତିର ପ୍ରାବଲ୍ୟ ସୃଷ୍ଟି କରାଯାଇ ଜନମତକୁ ବିଭ୍ରାନ୍ତ କରିବାର ମସୁଧା କରାଯାଇଥିଲା, ତାହା ଦୂର କରି ଦେଇଛନ୍ତି।

ଏକଥା ସତ ଯେ ଆମେ ଭାରତୀୟମାନେ, ପୃଥିବୀର ଅନ୍ୟ ସବୁ ଦେଶର ଲୋକମାନଙ୍କ ପରି ଆମ ଧର୍ମ, ଆମ ଠାକୁର, ଠାକୁରାଣୀ, ଆମ ଧର୍ମଶାସ୍ତ୍ର, ଧର୍ମ ଦର୍ଶନକୁ ନେଇ ଖୁବ୍ ସମ୍ବେଦନଶୀଳ, ସ୍ଥଳବିଶେଷରେ ଖୁବ୍ ପ୍ରତିକ୍ରିୟାଶୀଳ ମଧ୍ୟ। ଏକଥା ବି ସତ ଯେ ଆମ ଦେଶର କୋଟିକୋଟି ଦଳିତ, ବଞ୍ଚିତ, ଉପେକ୍ଷିତ ଜନସାଧାରଣ ସେମାନଙ୍କ ସଂଘର୍ଷମୟ ଜୀବନରେ ଶାନ୍ତି, ଆଶ୍ୱାସନା ପାଇଁ ସେମାନଙ୍କ ଦେବାଦେବୀଙ୍କୁ ଲୋଡ଼ିଥା'ନ୍ତି, ଧାର୍ମିକ ତଥା ଆଧ୍ୟାତ୍ମିକ ଜୀବନଧାରା ଓ ଜୀବନ ଦୃଷ୍ଟିକୁ ସର୍ବାଧିକ ମହତ୍ତ୍ୱ ଦେଇଥା'ନ୍ତି। ଏଥିରୁ ଏଇ ଧାରଣାଟି ବଦ୍ଧମୂଳ ହୋଇ ଯାଇଛି ଯେ ଦରିଦ୍ର, ଦଳିତ ଭାରତୀୟମାନେ, ଯେଉଁମାନଙ୍କ ମଧ୍ୟରେ ସଂଖ୍ୟାଧିକ ହେଉଛନ୍ତି ହିନ୍ଦୁ ଓ ଅତି ଧର୍ମବିଶ୍ୱାସୀ, ଅତି ଭକ୍ତିଭାବାପନ୍ନ, ସେମାନଙ୍କୁ ଅତି ସହଜରେ ଧାର୍ମିକ ଉନ୍ମାଦନା, ଅବୈଜ୍ଞାନିକ ତଥା ଅଯୌକ୍ତିକ ଭାବ-ଭାବନାର ଶରବ୍ୟ କରି ଦିଆ ଯାଇପାରେ। ଏହି ଧାରଣାଟି ବି ଏଇ କିଛି ବର୍ଷ ହେଲା ବେଶୀ ବେଶୀ ପୁଷ୍ଟ ହୋଇ ଚାଲିଛି, ଯେବେଠାରୁ 'ହିନ୍ଦୁତ୍ୱ'ର ସଂକୀର୍ଣ୍ଣ ବ୍ୟାଖ୍ୟା କରାଯାଇ ଏହାକୁ ଏକ ରାଜନୈତିକ ଆଦର୍ଶ ଭାବରେ ଆମ ଚିନ୍ତା ଚେତନାରେ କେନ୍ଦ୍ରସ୍ଥାନ ଦିଆଯାଇଛି। ୨୦୨୪ରେ ନବନିର୍ମିତ ରାମମନ୍ଦିର ପ୍ରତିଷ୍ଠା ପଛରେ ବୋଧହୁଏ ଏହି ଦୃଷ୍ଟିକୋଣ ନିହିତ ଥିଲା। ଆଶା କରାଯାଇଥିଲା ରାମଭକ୍ତ ଭାରତୀୟମାନଙ୍କ ଜନାଦେଶ ଏହାର ପ୍ରତିଷ୍ଠାତା ଦଳ ସପକ୍ଷରେ ହିଁ ଯିବ। ମାତ୍ର ସେ ସମସ୍ତ କଳ୍ପନା ଜଳ୍ପନାକୁ ନିରାଧାର, ନିରର୍ଥକ ପ୍ରମାଣିତ କରି ଦେଇଛି ଏଥରର ନିର୍ବାଚନର ଫଳାଫଳ, ବିଶେଷକରି ରାମ ଜନ୍ମଭୂମି ଥିବା ସଂସଦୀୟ ମଣ୍ଡଳୀର ନିର୍ବାଚନର ଫଳାଫଳ। ସ୍ପଷ୍ଟ ହୋଇ ଯାଇଛି ଯେ ରାମମନ୍ଦିରକୁ ନିର୍ବାଚନୀ ଆୟୁଧ କରି ଯେଉଁ ଭାକ୍ତିକ ବିହ୍ୱଳତା ସୃଷ୍ଟି କରାଯିବା ପାଇଁ ଉଦ୍ୟମ କରାଯାଉଥିଲା, ତାହା କାମ ଦେଇନାହିଁ।

ଅଯୋଧ୍ୟା ତଥା ଫୈଜାବାଦ, ଏପରିକି ସମଗ୍ର ଉତ୍ତରପ୍ରଦେଶର ସାଧାରଣ ଜନତା ବୋଧହୁଏ ପ୍ରଥମ ଥର ପାଇଁ ପ୍ରମାଣ କରି ଦେଇଛନ୍ତି ଯେ ଧର୍ମ ନାମରେ ସେମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଯଦି ଯୋଜନା ବା ଉଦ୍ୟମ ବା ଭାବନା ପୋଷଣ କରାଯାଉଥାଏ ତେବେ ତାହାକୁ ପରିହାର କରିବାକୁ ପଡ଼ିବ। ସେହି ସଂସଦୀୟ ମଣ୍ଡଳୀର ଭୋଟଦାତା ଭୋଟଦାନ ଜରିଆରେ ସ୍ପଷ୍ଟ କରି ଦେଇଛନ୍ତି ଯେ ହିନ୍ଦୁତ୍ୱ ଆଦୌ ଏକ ସାମ୍ପ୍ରଦାୟିକ ବା ରାଜନୈତିକ ଧାର୍ମିକ ବିଚାର ନୁହେଁ। ଭାରତର ଅଗଣିତ ଦରିଦ୍ର, ବଞ୍ଚିତ ଜନତା ଆବହମାନ କାଳରୁ ଧର୍ମନିଷ୍ଠ, ଈଶ୍ୱରବିଶ୍ୱାସୀ ସତ, ହେଲେ ଯୁଗ ଯୁଗର ଭାରତୀୟ ସଂସ୍କାର ସେମାନଙ୍କ ଶିରା ପ୍ରଶିରାରେ ପ୍ରବାହିତ। ସେ ସଂସ୍କାର ହେଉଛି ସନାତନୀ ବୈଦିକ ସଂସ୍କାର- ଶାନ୍ତି, ଅହିଂସା, କରୁଣା, ସହନଶୀଳତା ଓ ସର୍ବଧର୍ମସମନ୍ୱୟୀ ସଂସ୍କାର। କୌଣସି ଏକ କାଳଖଣ୍ଡରେ କେହି ହୁଏତ ନ୍ୟସ୍ତ ସ୍ୱାର୍ଥ ଓ ଉଦ୍ଦେଶ୍ୟ ରଖି ସନାତନୀ ହିନ୍ଦୁ ଧର୍ମର, ସନାତନୀ ଆଧ୍ୟାତ୍ମିକ ଦର୍ଶନର ବିଭ୍ରାନ୍ତିକର ବ୍ୟାଖ୍ୟାନ ସୃଷ୍ଟି କରି ଉଦାର-ହୃଦୟ ହିନ୍ଦୁମାନଙ୍କୁ କିଛିକାଳ ପାଇଁ ଅତି ରୁଢ଼ିବାଦୀ, ଅତି ରକ୍ଷଣଶୀଳ କରି ଦେଇପାରେ। କିନ୍ତୁ ଏଇ ଉଦ୍ଦେଶ୍ୟ କେବେହେଲେ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଦରଦୀ, ସମ୍ବେଦନଶୀଳ ହିନ୍ଦୁ ଆପଣାର ମହାର୍ଘ ମାନବବାଦୀ ଆଧ୍ୟାତ୍ମିକ ଐତିହ୍ୟକୁ ପୂରାପୂରି ଅଣଦେଖା କରିପାରିବ ନାହିଁ ସବୁ ଦିନ ପାଇଁ। ସାମୟିକ ଭାବରେ ପଥଭ୍ରଷ୍ଟ ହୋଇ ଯାଉଥିଲେ ବି ଭାରତୀୟମାନେ ପୁଣି ଫେରି ଆସୁଥିବେ ବେଦ ଓ ଉପନିଷଦମାନଙ୍କର ରେଖାଙ୍କିତ ହୋଇଥିବା ପଥକୁ, ସେମାନଙ୍କ ଆରାଧ୍ୟ ଶ୍ରୀରାମଙ୍କ ପଥକୁ - ଯେଉଁ ପଥ ହେଉଛି ଉତ୍ତରିତ ଚିନ୍ତା ଚେତନାର ପଥ, ଉଦାର ମାନବତାର ଆଲୋକରେ ଉଦ୍‌ଭାସିତ ହେଉଥିବା ପଥ।

ଏହି ମହତ୍ ବିଶ୍ୱାସଟିକୁ ଏବେ ଉଜ୍ଜ୍ୱଳ, ଉର୍ଜ୍ଜସ୍ୱଳ କରି ଦେଇଛି ୨୦୨୪ ର ସାଧାରଣ ନିର୍ବାଚନର ଫଳାଫଳ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି- ଯେଉଁ ଭାରତୀୟ ମତଦାତାମାନେ ଏହି ବିଶ୍ୱାସଟିକୁ ଦୃଢ଼ୀଭୂତ କରାଇବାରେ ମୁଖ୍ୟ ଭୂମିକା ନେଇଛନ୍ତି ସେମାନଙ୍କ ମଧ୍ୟରୁ ବୃହତ ଭାଗ ହେଉଛନ୍ତି ଉତ୍ତରପ୍ରଦେଶର ଦଳିତ ବହୁଜନ। ସେହି ଦଳିତ ବହୁଜନମାନେ ଦେଇଛନ୍ତି ଭାରତୀୟ ସମ୍ବିଧାନର ମୌଳିକ ବିଚାର ଧାରାକୁ ସର୍ବାଧିକ ମହତ୍ତ୍ୱ, ସେହିମାନେ ଭାରତୀୟ ସମ୍ବିଧାନର ସନାତନୀ ମୂଲ୍ୟବୋଧ ଉପରେ ସ୍ଥାପନ କରିଛନ୍ତି ସର୍ବାଧିକ ଆସ୍ଥା। ସହର ଓ ନଗରାଞ୍ଚଳର ତଥାକଥିତ ଉଚ୍ଚଶିକ୍ଷିତ, ସମ୍ଭ୍ରାନ୍ତବର୍ଗ ନୁହନ୍ତି, ବରଂ ଆମ ଦେଶର ଦରିଦ୍ର, ବଞ୍ଚିତ, ଉପେକ୍ଷିତ ଜନତା ଦର୍ଶାଇ ଦେଇଛନ୍ତି ଯେ ସେମାନଙ୍କ ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ବିଚାର ତଥା କାର୍ଯ୍ୟଧାରାକୁ ଧର୍ମାନ୍ଧତା ସବୁ କାଳ ପାଇଁ ପ୍ରେରିତ ବା ନିର୍ଦ୍ଦେଶିତ କରି ପାରିବ ନାହିଁ, କାରଣ ସେମାନଙ୍କ ରକ୍ତଝରା ଜୀବନ ସଂଘର୍ଷ ସେମାନଙ୍କୁ ଶିଖାଇ ଦେଇଛି ଶିବ ସୁନ୍ଦର ଜୀବନର ମାର୍ଗ; ସେମାନଙ୍କୁ ଜଣାଇ ଦେଇଛି ଯେ ଅହିଂସ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ସହଯୋଗିତା ଓ ସମଦୃଷ୍ଟି ହିଁ ପ୍ରକୃତ ଜୀବନଧର୍ମ। ଧାର୍ମିକ ଉତ୍ତେଜନା, ଉନ୍ମାଦନା ନୁହେଁ, ସନାତନୀ ଉଦାରତା ଓ ସ୍ଥିତପ୍ରଜ୍ଞତା ହେଉଛି ପ୍ରକୃତ ରାମପଥ ଓ ରାମଧର୍ମ।

## ଲୋକମତ

### ମୁକୁଳା ଡ୍ରେନ ଓ ମାନବାଧିକାର ସୁରକ୍ଷା

ଆମ ରାଜଧାନୀ ଭୁବନେଶ୍ୱର ୟୁନିଟ - ୩ ଅଞ୍ଚଳରେ ଥିବା ମୁକୁଳା ଡ୍ରେନରେ ପଡ଼ି ଜଣେ ଶିଶୁର ମୃତ୍ୟୁ ଘଟଣାଟି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଏବଂ ହୃଦୟ ବିଦାରକ, ଯାହା ବିଭିନ୍ନ ସରକାରୀ ଅଧିକାରୀମାନଙ୍କ ଖାମଖିଆଲି ଓ ବେପରୱା ମନୋବୃତ୍ତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ମାର୍ଟ୍ ସିଟି ଘୋଷଣା ପାଇଁ ଭୁବନେଶ୍ୱର ଦାବିଦାର ଥିବା ବେଳେ ଏ ପ୍ରକାର ଅପମୃତ୍ୟୁ ଉପହାସ ସୃଷ୍ଟି କରୁଛି। ଲୋକମାନେ ସୁସ୍ଥ ଏବଂ ନିରାମୟ ଜୀବନ ଜିଇଁବା ପାଇଁ ଦେଉଥିବା ଟିକସ ପାଣିରେ ପଡ଼ିବା ଭଳି ମନେ ହୁଏ। ଉକ୍ତ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ବିଚାର ଆଲୋଚନା ହେବାର ସମୟ ଉପଗତ। ପ୍ରଥମତଃ, ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ଉଦ୍ଦେଶ୍ୟରହିତ ହତ୍ୟା ମାମଲା ରୁଜୁ କରାଯିବାର ବ୍ୟବସ୍ଥା ହେଉ। ଦ୍ୱିତୀୟତଃ, ମୁକୁଳା ଡ୍ରେନରୁ ଖସିପଡ଼ି ଆହତ ଏବଂ ମୃତ ଲୋକଙ୍କ ପରିବାର ପାଇଁ ଏକ ନିର୍ଦ୍ଦିଷ୍ଟ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରାଯାଉ ଏବଂ ଉକ୍ତ ରାଶି ସରକାରୀ ତହବିଲରୁ ଦିଆ ନ ଯାଇ କାର୍ଯ୍ୟରେ ଅବହେଳା କରିଥିବା ଠିକା ସଂସ୍ଥା କିମ୍ବା ଦୋଷୀ ସାବ୍ୟସ୍ତ ଅଧିକାରୀମାନଙ୍କଠାରୁ ଆଦାୟ କରାଯାଉ। ତୃତୀୟତଃ, ରାଜ୍ୟର ବିଭିନ୍ନ ବିଭାଗମାନଙ୍କ ସହିତ ଉଭୟ ପୌର ଓ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ସହିତ ସମନ୍ୱୟ ରହିବା ପାଇଁ ବିଧି ପ୍ରଣୟନ ହେବା ଜରୁରୀ। ନତୁବା ସମସ୍ତେ ସମସ୍ତଙ୍କ ଉପରୁ ଦୋଷ ଖସାଇବାକୁ ଚେଷ୍ଟା କରିବେ। ଉକ୍ତ ଘଟଣାଟି ପାଇଁ ଆମେ ନଗର ଉନ୍ନୟନ, ପୂର୍ତ୍ତ ଓ ଗୃହ ନିର୍ମାଣ ନା ଡ୍ରେନ ଓ ସ୍ୱେରେଜ ବିଭାଗ ମଧ୍ୟରୁ କାହାକୁ ଦାୟୀ କରିବା ତା'ର କୌଣସି ସ୍ପଷ୍ଟତା ନାହିଁ। ଶେଷରେ, ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ ଭାବେ ଘୋଷଣା ନ କରି ଉକ୍ତ ମୃତ୍ୟୁର ପ୍ରକୃତ ସଂଜ୍ଞା ନିରୂପଣ ପାଇଁ ଉଭୟ ସରକାରୀ ସ୍ତରରେ ଏବଂ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉ।

ଡ ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ

### ଖାଦ୍ୟ ନଷ୍ଟରୁ ପରିବେଶ ପ୍ରଦୂଷଣ

ଜାତିସଂଘ ରିପୋର୍ଟ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ଏକ-ତୃତୀୟାଂଶ ଭୋକିଲା ରହୁଥିବା ବେଳେ ଦୈନିକ ୧୦୦ କୋଟି ଲୋକଙ୍କ ପେଟ ପୂରିବା ଭଳି ପରିମାଣର ଖାଦ୍ୟ ନଷ୍ଟ ହେଉଛି। କ୍ଷେତର ଅମଳଠାରୁ ଖାଇବା ଟେବୁଲ ପର୍ଯ୍ୟନ୍ତ ସବୁସ୍ତରକୁ ମିଶାଇଲେ ଦେଖାଯାଉଛି ଯେ ହାରାହାରି ୬୦ ଶତାଂଶ ଖାଦ୍ୟ ନଷ୍ଟ ହେଉଛି। ବ୍ୟବସାୟିକ ପ୍ରତିଷ୍ଠାନ ତଥା ରେଷ୍ଟୁରାଣ୍ଟରେ ୨୮ ଶତାଂଶ, ଭଣ୍ଡାରରେ ଗଚ୍ଛିତ ରହୁଥିବା ଖାଦ୍ୟଶସ୍ୟର ୧୨ ଶତାଂଶ ଏବଂ ଖାଇବା ଥାଳିରେ ପାଖାପାଖି ୨୦ ଶତାଂଶ ଖାଦ୍ୟ ନଷ୍ଟ ହେଉଛି। ଜାତିସଂଘର ତଥ୍ୟ ଅନୁଯାୟୀ ଭାରତରେ ମୁଣ୍ଡପିଛା ବାର୍ଷିକ ୫୫ କିଲୋଗ୍ରାମ୍ ଖାଦ୍ୟ ନଷ୍ଟ ହୋଇଥାଏ। ଖାଦ୍ୟ ନଷ୍ଟ ହେବା ଦ୍ୱାରା ଲୋକମାନେ ଭୋକିଲା ରହିବା ସହିତ ୮-୧୦ ପ୍ରତିଶତ ସବୁଜଘର ବାଷ୍ପ ନିର୍ଗମନର କାରଣ ହୋଇଥାଏ। ଏହି ପରିପ୍ରେକ୍ଷୀରେ ନିୟନ୍ତ୍ରିତ ପରିମାଣରେ ସାର ପ୍ରୟୋଗ ତଥା ଖାଦ୍ୟ ନଷ୍ଟ ପରିମାଣକୁ ହ୍ରାସ କରିପାରିଲେ ପରିବେଶ ପ୍ରଦୂଷଣ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ।

ନବ୍‌ନିତ୍ ପାଣିଗ୍ରାହି
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଜଳସଙ୍କଟର ନିରାକରଣ

ଓଡ଼ିଶା ସମେତ ଦେଶର ବହୁ ଅଞ୍ଚଳରେ ଏବେ ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ଅସ୍ତବ୍ୟସ୍ତ। ଅଧିକାଂଶ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ। ଏହି ସମୟରେ ପିଇବା ପାଣିର ଆବଶ୍ୟକତା ସବୁଠୁ ଅଧିକ। ପିଇବାକୁ ପାଣି ମୁନ୍ଦେ ନ ପାଇ ଲୋକେ ଡହକବିକଳ ହେବାର କରୁଣ ଦୃଶ୍ୟ ଦେଖିବାକୁ ମିଳିଥାଏ। ପାନୀୟ ଜଳ ଅଭାବରୁ କେଉଁଠି ଲୋକମାନେ ଗରା, ମାଠିଆ ଓ ବାଲ୍ଟି ଧରି ରାସ୍ତା ଅବରୋଧ କରନ୍ତି ତ ଆଉ କେଉଁଠି ଜଳ ସଂଗ୍ରହ ପାଇଁ ମହିଳା ଗୋଷ୍ଠୀ ମଧ୍ୟରେ ମାରପିଟ୍ ହେବାର ଖବର ପ୍ରକାଶିତ ହୁଏ। କେତେକ ଜାଗାରେ ମହିଳାମାନେ ପିଇବା ପାଣି ସଂଗ୍ରହ ଲାଗି ମାଠିଆ ନେଇ ମାଇଲ୍ ମାଇଲ୍ ଧରି ଯାତ୍ରା କରିଥା'ନ୍ତି। ଯଦିଓ କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହୁଏ, ତେବେ ତାହା ଯଥେଷ୍ଟ ନୁହେଁ। ଓଡ଼ିଶାରେ ଏକଦା ନଦୀଗୁଡ଼ିକରେ ବର୍ଷ ସାରା ପାଣି ରହୁଥିବା ବେଳେ ସେଗୁଡ଼ିକ ଏବେ ଶୁଖିଲା ପଡ଼ିଛି। ନଦୀରେ ବ୍ୟାରେଜ୍ ନ କରିବାରୁ ଉଦ୍‌ବୃତ୍ତ ଜଳ ସମୁଦ୍ରକୁ ବୋହି ଯାଉଛି। ଏହାଛଡ଼ା ନଦୀର ଦୁଇପାର୍ଶ୍ୱରେ ଗଢ଼ି ଉଠିଥିବା କଳକାରଖାନାକୁ ଜଳଯୋଗାଣ ହେବା ଦ୍ୱାରା ଲୋକଙ୍କୁ ପିଇବାକୁ ପାଣି ମିଳୁନାହିଁ। ଜଳ ଉତ୍ସ ସବୁ ଶୁଖିଗଲାଣି। ଅବାରିତ ଅପବ୍ୟବହାର ମଧ୍ୟ ଜଳସଙ୍କଟର ଆଉ ଏକ କାରଣ। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଜନିତ କାରଣରୁ ଏଥର ଗ୍ରୀଷ୍ମ ପ୍ରବାହ ଲମ୍ବା ହେବ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ସୁଦ୍ଧା ଲୋକଙ୍କୁ ପିଇବା ପାଣି ପରି ମୌଳିକ ସୁବିଧା ନ ମିଳିବା ଆମ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା। ନୂଆ ସରକାର ଏଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୩୮୧୯

### କର୍ମନିଷ୍ଠା ବନାମ ତୋଷାମଦ

କର୍ମକୁ ଭଗବାନ ଭାବୁଥିବା ଲୋକମାନେ ଅନେକ ସମୟରେ ସେହି କର୍ମସ୍ଥଳରେ ହଇରାଣ ହୋଇଥା'ନ୍ତି। ତାଙ୍କୁ ଜାଣି ଜାଣି ଅନ୍ୟମାନେ ହଇରାଣ କରିଥା'ନ୍ତି। ଆଉ ଶେଷରେ ଗୋଟେ କର୍ମନିଷ୍ଠ କର୍ମଚାରୀ ତା'ର କର୍ମକ୍ଷେତ୍ର ଛାଡ଼ି ଅନ୍ୟ ସ୍ଥାନକୁ ଯିବାକୁ ବାଧ୍ୟ ହୋଇଥାଏ। ଜଣେ କର୍ମନିଷ୍ଠ କର୍ମଚାରୀ ପାଇଁ ଟଙ୍କା ଅପେକ୍ଷା ଆତ୍ମସମ୍ମାନ ଓ ସ୍ୱାଭିମାନ ବହୁତ ବଡ଼ ହୋଇଥାଏ। ଆଉ ଯେଉଁମାନଙ୍କର ନିଜର ଆତ୍ମସମ୍ମାନ ବୋଲି କିଛି ନଥାଏ ସେମାନେ ସବୁବେଳେ ଅନ୍ୟମାନଙ୍କ ଗୋଡ଼ ଟାଣିବା ପାଇଁ ହୀନଚକ୍ରାନ୍ତ ଜାରି ରଖିଥା'ନ୍ତି। ହେଲେ ସେମାନେ ଭୁଲିଯାଇଥାନ୍ତି ଗୋଡ଼ଟଣା ଲୋକ ସବୁବେଳେ ପାଦ ତଳେ ହିଁ ରୁହନ୍ତି। ଆଉ ନିଷ୍ଠାର ସହ କାମ କରୁଥିବା ପ୍ରତ୍ୟେକଟି କର୍ମଚାରୀ ଉପରକୁ ଉଠିଚାଲିଥା'ନ୍ତି। କାରଣ ଏମାନଙ୍କୁ ସାଲିସ କି ମାଲିସ ପସନ୍ଦ ନୁହେଁ। ବରଂ ଏମାନଙ୍କ ଜ୍ଞାନ ହିଁ ଅସଲ ଚାବିକାଠି। ଉଲ୍ଲେଖଯୋଗ୍ୟ ଯେ କୌଣସି ସଂସ୍ଥା ପ୍ରଥମରୁ ଖରାପ ହୋଇ ଜନ୍ମ ନେଇ ନ ଥାଏ। କିନ୍ତୁ ସେଠି କାମ କରୁଥିବା କିଛି କୁଚକ୍ରୀ କର୍ମଚାରୀଙ୍କ ପାଇଁ ଭଲ ସଂସ୍ଥାଟି ବଦ୍‌ନାମ ଅର୍ଜନ କରିଥାଏ। ସଂସ୍ଥା ଛୋଟ ହେଉ କି ବଡ଼ କାମ କିଭଳି ଚାଲୁଛି ତାକୁ ଅନୁଧ୍ୟାନ କରିବା ନିହାତି ଜରୁରୀ। କିନ୍ତୁ ସେଥିପ୍ରତି ଧ୍ୟାନ ନଦେଇ ଶୁଣା କଥାକୁ ଗୁରୁତ୍ୱ ଦେଇ, ଭଲ କର୍ମଚାରୀଙ୍କ ଭଲ କାମକୁ ନଦେଖି ସେହି ମିଛୁଆ ତେଲିଆ କର୍ମଚାରୀଙ୍କ କଥାରେ ଉପରିସ୍ଥ ଅଧିକାରୀ ବିଶ୍ୱାସ କରିବା ଫଳରେ ସଂସ୍ଥା ଦକ୍ଷ କର୍ମଚାରୀଙ୍କୁ ହରାଇଥାଏ। କିନ୍ତୁ ସେହି ଦକ୍ଷ କର୍ମଚାରୀ କେବେ ବି କୁହେନି ସେ ତା' ଦକ୍ଷତା ଆଗରେ ହାରମାନିଛି ବୋଲି। ବରଂ ସେ ଏୟା କୁହେ ତା' ଦକ୍ଷତାକୁ ଯେଉଁଠି ପରିଚୟ ମିଳେନି ସେଠି କିଛିଟା ଅର୍ଥ ପାଇଁ ନିଜ ଆତ୍ମସମ୍ମାନକୁ ହରେଇବାକୁ ଚାହେଁନି। ମଣିଷ ମାଡ଼ ଗାଳି ସବୁ ସହିଯିବ; କିନ୍ତୁ ନିନ୍ଦା ଅପବାଦକୁ କେବେ ସହିପାରିବନି। କାରଣ ସେ କର୍ମ କରିଥାଏ ଟିକେ ପ୍ରଶଂସା ପାଇବା ପାଇଁ। ହେଲେ ପ୍ରଶଂସା ବଦଳରେ ଯଦି ନିନ୍ଦା ମିଳେ ତେବେ ସେ କେବେ ବି ଚୁପ ହୋଇ ରହିବନି। କିନ୍ତୁ ବିବେକହୀନ ଲୋକମାନେ ଅନ୍ୟର ବିବେକକୁ ଆହତ କଲା ଭଳି କଥା କୁହନ୍ତି। ନିଜ କାର୍ଯ୍ୟରେ ଧ୍ୟାନ ନ ଦେଇ ଅନ୍ୟ କାର୍ଯ୍ୟରେ ବାଧା ଉପୁଜାଇ ଥା'ନ୍ତି। ନିଜକୁ ଶ୍ରେଷ୍ଠ ଜ୍ଞାନୀ ବୋଲି କହି ଅହଂକାରୀ ଭଳି କାର୍ଯ୍ୟ କରିଥା'ନ୍ତି। ଶେଷରେ ଏହି ଅହଂକାରୀ ମାନେ ହିଁ ସେହି ସଂସ୍ଥାର ସର୍ବେସର୍ବା ହୋଇ କିଛି ଦିନପରେ ସେହି ସଂସ୍ଥାର ସର୍ବଗିଳା ମଣିଷ ହୋଇଥା'ନ୍ତି। ଯଦି ପ୍ରତ୍ୟେକ କର୍ମଚାରୀ ଜଣେ ଜଣକୁ ସମର୍ଥନ କରିବେ ତେବେ ନିହାତି ଭାବରେ ଅନ୍ୟଜଣେ କର୍ମଚାରୀ ଭଲଭାବରେ ତାର କାର୍ଯ୍ୟ ତୁଲେଇ ପାରିବ। ସଂସ୍ଥାକୁ ନିଜର ଭାବି ଯଦି ସମସ୍ତେ ସଂସ୍ଥାଟି ପାଇଁ ମନ ଦେଇ କାମ କରିବେ ତେବେ ନିଶ୍ଚିତ ଭାବରେ ସଂସ୍ଥାଟି ଆଗକୁ ଆଗେଇ ପାରିବ। ତେଣୁ ଗୋଡ଼ଟଣା ରାଜନୀତି ଟିକେ କମ ହେଉ; ନୂଆ ପ୍ରତିଭାକୁ ଭଲ କାମ କରିବାର ଟିକେ ସୁଯୋଗ ଦିଆଯାଉ।

ଦିପ୍ତିମୟୀ ନାୟକ
ଭୁବନେଶ୍ୱର, ମୋ: ୯୦୯୦୬୭୧୫୮୬

### ସଫଳ ପଥରେ ମହିଳା ସଶକ୍ତୀକରଣ

ଦିନଥିଲା, ନାରୀ ପରଦା ପଛରେ ଓଢ଼ଣି ତଳେ ସାରା ଜୀବନ ଅତିବାହିତ କରିଦେଉଥିଲା। ପୁରୁଷ ସମାଜ ନାରୀକୁ ଭୋଗ୍ୟବସ୍ତୁ ଭାବେ ମନେ କରୁଥିଲା। କିନ୍ତୁ ସଚେତନ ବିଜ୍ଞାନ ସମାଜ ନାରୀକୁ ବସ୍ତୁ ନୁହେଁ ମଣିଷ ଭାବେ ଗ୍ରହଣ କଲା। ଆଜିର ଆଧୁନିକ ନାରୀ ମାନେ ସ୍ୱାଧୀନ ଭାବେ ମୁଣ୍ଡ ଟେକି ବାଟ ଚାଲିବାର ସୁଯୋଗ ପାଇଲେ। ସ୍କୁଲ ଓ କଲେଜରେ ନାରୀର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଗଲା। ଶାସନ କ୍ଷେତ୍ରରେ ମଧ୍ୟ ପୁରୁଷ ଅପେକ୍ଷା ନାରୀକୁ ଅଧିକ ଗୁରୁତ୍ୱ ଦିଆଗଲା। ବହୁବର୍ଷ ଧରି ଚାଲୁଥିବା ମହିଳା ସଶକ୍ତୀକରଣର ଏ ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ସଫଳ ନହେଲେ ମଧ୍ୟ ନବେ ପ୍ରତିଶତ ସଫଳ ହୋଇଛି ବୋଲି ଅନୁଭବ କରିହୁଏ। ଶିକ୍ଷା, ରାଜନୀତି, ବିଜ୍ଞାନ, ଅର୍ଥନୀତି ସମସ୍ତ କ୍ଷେତ୍ରରେ ଆଜିର ନାରୀ ପୁରୁଷ ସହ ସମାନ ଭାବରେ ପରିଗଣିତ। ଏହା ଅତ୍ୟନ୍ତ ଖୁସିର ବିଷୟ। ନାରୀମାନଙ୍କ ପାଇଁ ଏହା ଏକ ବିଜୟର ଧ୍ୱନି। କିନ୍ତୁ ବିଦେଶୀ ସଭ୍ୟତାର ଗଭୀର ପ୍ରଭାବ ଭାରତୀୟ ନାରୀମାନଙ୍କ ଉପରେ ପଡୁଛି। ଆମ ପ୍ରାଚ୍ୟ ସାହିତ୍ୟ ମାନଙ୍କରେ ବର୍ଣ୍ଣିତ ନାରୀ ଚରିତ୍ରମାନ ଧୀରେ ଧୀରେ ପାଶ୍ଚାତ୍ୟ ସଭ୍ୟତାର ଅଗ୍ନିରେ ବିଲୁପ୍ତ ହେବାକୁ ମଧ୍ୟ ବସିଲାଣି।

ଶେଖର ଚନ୍ଦ୍ର ମୋଦି
କେନ୍ଦୁଝର, ମୋ: ୯୫୫୬୭୦୮୪୮୭୨

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

■ କଳିଙ୍ଗ ଷ୍ଟାଡ଼ିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ

# ଶରୀର-ମନ ମଧ୍ୟରେ ସନ୍ତୁଳନ ରକ୍ଷା କରେ ଯୋଗାଭ୍ୟାସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୬(ସମିସ): ଏକ ନୂଆ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ଯୁଗରେ ସମସ୍ତେ ଚାପଗ୍ରସ୍ତ ହୋଇ ରହୁଛନ୍ତି। ଯୋଗ ଦ୍ୱାରା ଶରୀର ଓ ମନ ଭିତରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା ହୋଇ ପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଳିଙ୍ଗ ଷ୍ଟାଡ଼ିୟମରେ ଆନ୍ତର୍ଜାତୀୟ ଯୋଗ ଦିବସକୁ ଉଦଘାଟନ କରି ଶ୍ରୀ ମାଝି କହିଛନ୍ତି ଯେ ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରି ଆମେ ଏକ ସୁସ୍ଥ ଏ ସୁନ୍ଦର ଜୀବନ ହାସଲ କରିପାରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଯୋଗାଭ୍ୟାସ ଜାରି ରଖିବା ପାଇଁ ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର ଆବଶ୍ୟକତା ରହିଛି। ସୁସ୍ଥ, ସୁଖୀ ଓ ସନ୍ତୁଳନଯୁକ୍ତ ସମାଜ ପାଇଁ ଆମେ ସମସ୍ତେ ଆସନ୍ତୁ ସଂକଳ୍ପ ନେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ୨୦୧୫ରୁ ମିଳିତ ଜାତିସଂଘ ଅନୁକୂଳରେ ଅନ୍ତର୍ଜାତୀୟ ସ୍ତରରେ ମେ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ଆଜିର ଏଭଳି ଭବ୍ୟ ଓ ଦିବ୍ୟ ଯୋଗ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେ ଖୁସି ପ୍ରକାଶ କରିବା ସହ କ୍ରୀଡ଼ା ବିଭାଗକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

କଳିଙ୍ଗ ଷ୍ଟାଡ଼ିୟମରେ ଆଜି ସକାଳ ୭ଟା ଠାରୁ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ ସାଧାରଣ ଲୋକେ, ଅଧିକାରୀ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ହଜାରେ ଲୋକେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର୍. ଭିନିଲ୍ କ୍ରିଷ୍ଣାଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

## ଅବଶିଷ୍ଟାଂଶ...

### ୨୪ ଜିଲ୍ଲାକୁ...

୩୫, ତାଳଚେର ୪୦ ଓ ପାରାଦୀପରେ ୧୮ ମିମି ବର୍ଷା ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା ରହିଛି। ତେବେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ଆଲର୍ଟ ଜାରି କରିଛି। ମୌସୁମୀ ଅଗ୍ରସର ହେବା ସହ ରାଜ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଛି। ଆଗକୁ ମଧ୍ୟ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୬ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୨୭ କିମ୍ବା ୨୮ ତାରିଖ ବେଳକୁ ଏକ ଲଘୁଚାପର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ୨୬ ତାରିଖରୁ ବର୍ଷାର ପ୍ରକୋପ ବଢ଼ିବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ୨୯ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ।

### ଆଜି ଶ୍ରୀଜୀଉଙ୍କ...

ଜଳ ଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ଗରାବଡୁ ସେବକମାନେ ୧୦୮ ଗଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦୀରେ ରଖିବେ। ମଧ୍ୟାହ୍ନ ୧୨ଟା ୨୦ରୁ ସ୍ନାନବିଧି ଆରମ୍ଭ କରାଯିବ। ଜଳ ବିଜେ ଓ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡୁ, ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିବେ। ଅପରାହ୍ଣ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଅପରାହ୍ଣ ୩ଟା ୪୦ରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟ ଛତା ସକାଳ ଧୂପ ଭୋଗ ସରିବ। କିନ୍ତୁ ମଙ୍ଗଳଆଳତି ସରିବା ପରଠାରୁ ନିରବଚ୍ଛିନ୍ନ ଭାବେ ସ୍ନାନବେଦୀ ସମ୍ମୁଖ ତଳ ରାମ୍ପରେ ଭକ୍ତମାନେ ଦର୍ଶନ କରିପାରିବେ। ସନ୍ଧ୍ୟା ସାଢେ ୭ରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ଘଣ୍ଟା ସାହାଣ ମେଳା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୧ଟାରେ ହାତୀବେଶ ମଇଲମ ହେବ। ଏହାପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ରାତି ସାଢ଼େ ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ କରାଯିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଏହାପରେ ରାତି ସାଢ଼େ ୨ଟାରେ ସୁନାଚିତା ଓ ରାହୁରେଖା ମଇଲମ ହୋଇ ତାଟି ବନ୍ଧା ଯିବ। ଆରମ୍ଭ ହେବ ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ଦଇତାପତି ସେବକମାନେ ଏହି ଗୁପ୍ତ ସେବା କରିବେ। ଏହି ସମୟ ମଧ୍ୟରେ ଭକ୍ତମାନେ ପଟିଦିଅଁରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୭ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଘୋଷଯାତ୍ରା ବିଧି ଯୋଗୁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦୀରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ଶୁକ୍ରବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରପକ୍ଷେ ଗୁରୁବାର ରାତି ୨ଟା ୫ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ୨ଟା ୫୦ରେ ବାହୁଟ କଣ୍ଟ ହୋଇଥିଲା। ରାତି ୩ଟା ୨୦ରେ କୋଠସୁଆଁସିଆମାନେ ଚାରବନ୍ଧାକୁ ପ୍ରବେଶ କରିଥିଲେ। ଶୁକ୍ରବାର ସକାଳ ୮ଟା ୫୫ରେ ଚାରବନ୍ଧା ସରିଥିଲା। ଏହାପରେ ଦଇତାପତି ସେବକମାନେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ତେଣୁ ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

### ଜାମିନ ଉପରେ...

କରିବାକୁ ପୂର୍ଣ୍ଣ ସୁଯୋଗ ନ ଦେଇ ରାଉଜ୍ ଏଭେନ୍ୟୁ କୋର୍ଟ ମନି ଲଣ୍ଡରିଂ ଅଭିଯୁକ୍ତ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ପୂର୍ବରୁ ଦିଲ୍ଲୀ ହାଇକୋର୍ଟ କେଜ୍ରିଓ୍ୱାଲଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ ଯାହା ଏବେସୁଦ୍ଧା ବଳବତ୍ତର। ତେଣୁ କେଜ୍ରିଓ୍ୱାଲଙ୍କୁ ଜାମିନ ଦେବା କ୍ଷମତା ଟ୍ରାଏଲ୍ କୋର୍ଟଙ୍କର ନାହିଁ। ଦଲିଲ ଭିତରକୁ ଯାଇନାହାନ୍ତି ବୋଲି ଟ୍ରାଏଲ୍ କୋର୍ଟ ଜଜ୍ ସ୍ୱୀକାର କରିଛନ୍ତି। କେଜ୍ରିଓ୍ୱାଲ ବ୍ୟକ୍ତିଗତ ଭାବେ ୧୦୦ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ ଓ ନେଇଛନ୍ତି। ସେଥିରୁ ୪୫ କୋଟି ଟଙ୍କାର ମନିଟ୍ରେଲ୍ ମିଳିସାରିଛି। ଟଙ୍କା କେ କବିତାଙ୍କ ବ୍ୟକ୍ତିଗତ ସହାୟକ ଆପ୍‌ର ଗୋଆ ନିର୍ବାଚନ ପରିଚାଳନା ଦାୟିତ୍ୱ ତୁଲାଇଥିବା ବିନୋଦ ଚୌହାନଙ୍କୁ ଦେଇଥିଲେ। ବିନୋଦ ସେଥିରୁ କିଛି ସାଗର ପଟେଲଙ୍କୁ ଟ୍ରାନ୍ସଫର୍ କରିଥିଲେ। ସାଗର ଆପ୍‌ର ପ୍ରାର୍ଥୀ ଥିଲେ। ଏ ସବୁର ପ୍ରମାଣ ଇଡି ପାଖରେ ରହିଛି। ଇଡି ପାଖରେ କେବଳ କିଛି ବ୍ୟକ୍ତିଙ୍କ ବୟାନ ନୁହେଁ, ଡକ୍ୟୁମେଣ୍ଟାରୀ ଏଭିଡେନ୍ସ ମଧ୍ୟ ରହିଛି। ପିଏମ୍‌ଏଲ୍‌ଏ ଧାରା୫୦ ଅନୁଯାୟୀ ସଂଗୃହିତ ବୟାନକୁ ପ୍ରମାଣ ଭାବେ ଗ୍ରହଣ କରାଯାଏ। ଜାମିନ ଦେବା ପୂର୍ବରୁ ଜଜ୍ ଏହାକୁ ଧ୍ୟାନରେ ରଖିବା କଥା, ଯାହା ସେ କରିନାହାନ୍ତି। ଟ୍ରାଏଲ୍ କୋର୍ଟଙ୍କ ରାୟ ଏକତରଫା ଓ ଉଦ୍ଭଟ। କେଜ୍ରିଓ୍ୱାଲଙ୍କ ଓକିଲ ଅଭିଷେକ ମନୁ ସିଂଘଭି କହିଥିଲେ, ଗିରଫ ଓ ରିମାଣ୍ଡ ଆଦେଶର ବୈଧତାକୁ ଚ୍ୟାଲେଞ୍ଜ କରି କେଜ୍ରିଓ୍ୱାଲ ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଯାହା ରାୟ ଦେଲେ ସେଥିରେ ସନ୍ତୁଷ୍ଟ ନ ହୋଇ କେଜ୍ରିଓ୍ୱାଲ ରାୟକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି। ସେ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ;କୌଣସି ଆତଙ୍କବାଦୀ ନୁହଁନ୍ତି। ସେ ଜାମିନରେ ଜେଲ୍‌ରୁ ବାହାରି ଆସିଲେ ପୃଥିବୀ ଦୋହଲିଯିବ ନାହିଁ। ତାଙ୍କ ପାଖରୁ କୌଣସି ଟଙ୍କା ମିଳିନାହିଁ। ପ୍ରମାଣ ଖୋଜିବା ପାଇଁ କୌଣସି ଅଭିଯୁକ୍ତକୁ ଯାଞ୍ଚ ଏଜେନ୍ସି ଦୀର୍ଘ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରଖିପାରିବ ନାହିଁ। ଆସନ୍ତା ମାସରେ ସୁପ୍ରିମ୍‌କୋର୍ଟ ଏହି ମାମଲାରେ ଯାହା ରାୟ ଦେବେ ତାହା ଧାର୍ଯ୍ୟ ହେବ। ସୁପ୍ରିମ୍‌କୋର୍ଟ ଯଦି ଗିରଫକୁ ଅବୈଧ ରାୟ ଦିଅନ୍ତି ତେବେ ତ ଇଡି ମାମଲା ସେଇଠି ସରିବ। ସୁପ୍ରିମ୍‌କୋର୍ଟ କେଜ୍ରିଓ୍ୱାଲଙ୍କୁ ଟ୍ରାଏଲ୍ କୋର୍ଟରେ ଜାମିନ ଆବେଦନ କରିବାକୁ ସ୍ପଷ୍ଟ ଭାବେ କହିଛନ୍ତି। ତେଣୁ କେଜ୍ରିଓ୍ୱାଲଙ୍କୁ ଜାମିନ ଦେବା କ୍ଷମତା ଟ୍ରାଏଲ୍ କୋର୍ଟଙ୍କର ନାହିଁ ବୋଲି କୁହାଯିବ କାହିଁକି? ୫ ଘଣ୍ଟା ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ତର୍କ ଶୁଣିବା ପରେ ଜଷ୍ଟିସ୍ ଜୈନ ରାୟ ସଂରକ୍ଷିତ ରଖିଛନ୍ତି ଓ ରାୟ ମିଳିବା ଯାଏଁ ଟ୍ରାଏଲ୍ କୋର୍ଟଙ୍କ ରିଲିଜ୍ ଅର୍ଡର ଉପରେ ରୋକ୍ (ଷ୍ଟେ) ଲଗାଇଛନ୍ତି। ସୋମବାର ସୁଦ୍ଧା ଲିଖିତ ବିବରଣୀ ଦାଖଲ କରିବା ପାଇଁ କୋର୍ଟ ଉଭୟ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ମଧ୍ୟରେ ରାଉଜ ଆଭିନ୍ୟୁ କୋର୍ଟଙ୍କ ବିସ୍ତୃତ ଜାମିନ ନିର୍ଦ୍ଦେଶ ସାମ୍ନାକୁ ଆସିଯାଇଛି। ଏଥିରେ କୁହାଯାଇଛି ଯେ କେଜ୍ରିୱାଲଙ୍କ ବିରୋଧରେ ମାମଲା ଆଗକୁ ବଢ଼ାଇବା ପାଇଁ ଇଡି ପାଖରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ପ୍ରମାଣ ହାସଲ କରିବା ପାଇଁ ଏଜେନ୍ସି ସମୟ ନେଉଛି। ଏଥିରୁ ଯାଞ୍ଚ ଏଜେନ୍ସି ବିନା ପକ୍ଷପାତରେ କାମ କରୁନାହିଁ ବୋଲି କୋର୍ଟ ନିଷ୍ପତ୍ତି ନେବାକୁ ବାଧ୍ୟ ହେଉଛନ୍ତି। କେଜ୍ରିୱାଲ ଉଠାଇ ଥିବା କିଛି ପ୍ରସଙ୍ଗରେ ଇଡି ଚୁପ୍ ରହିଛି। ସିବିଆଇ କେସ୍ କିମ୍ବା ଇସିଆଇଆରର ଏତଲାରେ କେଜ୍ରିୱାଲଙ୍କ ନାମ ନାହିଁ। ଅଭିଯୁକ୍ତ ଏବଂ ସହ-ଅଭିଯୁକ୍ତଙ୍କ ବୟାନ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାମ ସାମ୍ନାକୁ ଆସିଛି। ସେହିପରି ଏ ପର୍ଯ୍ୟନ୍ତ କୋର୍ଟ କେଜ୍ରିୱାଲଙ୍କୁ ଜବାବ ତଲବ କରିନାହାନ୍ତି। ଏହା ସତ୍ତ୍ୱେ ସେ ଯାଞ୍ଚ ବାହାନାରେ ଇଡି କହିବାରୁ ନ୍ୟାୟିକ ହେପାଜତରେ ଅଛନ୍ତି। ସମ୍ପୂର୍ଣ୍ଣ ଧନରାଶିର ସନ୍ଧାନ କରିବା ପାଇଁ କେତେ ସମୟ ଲାଗିବ ତାହା ଇଡି ସ୍ପଷ୍ଟ କରିନାହିଁ। ଏହା ବ୍ୟତୀତ ଗୋଆ ବିଧାନସଭା ନିର୍ବାଚନରେ ଲାଞ୍ଚ ବାବଦକୁ ମିଳିଥିବା ଟଙ୍କାର କେମିତି ବ୍ୟବହାର କରାଯାଇଥିଲା, ସେ ବିଷୟରେ ଏଜେନ୍ସି କୌଣସି ସୂଚନା ଦେଇନାହିଁ। କେଜ୍ରିୱାଲଙ୍କ କିଛି ପରିଚିତ ଲୋକ କୌଣସି ଅପରାଧୀରେ ସାମିଲ ହୋଇପାରନ୍ତି କିମ୍ବା ଅପରାଧରେ ସାମିଲ କିଛି ବ୍ୟକ୍ତିଙ୍କୁ ସେ ଚିହ୍ନିପାରନ୍ତି। ମାତ୍ର ଇଡି କେଜ୍ରିୱାଲଙ୍କ ବିରୋଧରେ ଅପରାଧରୁ ଆୟ ସମ୍ବନ୍ଧିତ କୌଣସି ସ୍ପଷ୍ଟ ପ୍ରମାଣ ଦେଇନାହିଁ।

### ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ...

ଭବନରେ। ମୁଖ୍ୟମନ୍ତ୍ରୀ ଜଣ ଜଣ କରି ସମସ୍ତଙ୍କୁ ସାକ୍ଷାତ କରୁଛନ୍ତି। ଅଦ୍ୟାବଧି ଲକ୍ଷାଧିକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଅଧିକାଂଶ ହାତରେ ଫୁଲତୋଡ଼ା ଧରି ଶୁଭେଚ୍ଛା ଜଣାଇବା ପାଇଁ ଆସିଥିଲେ। କିନ୍ତୁ ଆଜି ଠାରୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଆରମ୍ଭ ହୋଇଥିବାରୁ କାଲି ଠାରୁ ଭିଡ଼ ବଢ଼ିବା ସମ୍ଭାବନା ଅଛି। ଏବେ ରାଜ୍ୟ ଅତିଥି ଭବନରେ ଅଭିଯୋଗ ଶୁଣାଣୀ ହେଉଥିବା ବେଳେ ଆଗାମୀ ଦିନରେ ନୂଆ ଘର ଆବଣ୍ଟନ ହେଲେ ସେହି ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ରହିବ। ରାଜ୍ୟବାସୀଙ୍କ ମନରେ ଆତ୍ମବିଶ୍ୱାସ ଭରିବା ସହିତ ସେମାନଙ୍କ ସମସ୍ୟା ଦୂର କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଏପରି ପଦକ୍ଷେପ ନେଉଛନ୍ତି।

### ଜୁଲାଇରେ ନୂଆ...

ମତ୍ସ୍ୟଜୀବୀଙ୍କୁ ୧୦ ହଜାର ଟଙ୍କା ସହାୟତା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିମନ୍ତେ ସହାୟତା, ଦୁଇ ବର୍ଷରେ ୬୫ ହଜାର ନିଯୁକ୍ତି ଆଦି ପ୍ରତିଶ୍ରୁତି ପୂରଣ ପାଇଁ ସରକାରଙ୍କୁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ତେଣୁ ବଜେଟ୍ ଆକାର ବୃଦ୍ଧି ପାଇବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି । ଏହା ବ୍ୟତୀତ ପ୍ରତ୍ୟେକ ଜିଲ୍ଲାରେ ମେଡ଼ିକାଲ ଓ ନର୍ସିଂ କଲେଜ ସ୍ଥାପନ ପାଇଁ ମଧ୍ୟ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ବିପୁଳ ଅର୍ଥ ଲୋଡ଼ା। ରାଜ୍ୟର ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ମଧ୍ୟରେ ଏହି ସବୁ ପ୍ରତିଶ୍ରୁତି ପୂରଣ ସମ୍ଭବ ନୁହେଁ । ତେଣୁ କେନ୍ଦ୍ର ଉପରେ ରାଜ୍ୟ ସ୍ୱାଭାବିକ ନିର୍ଭରଶୀଳ ହେବ । ଏହି କାରଣରୁ କେନ୍ଦ୍ର ସରକାରଙ୍କ ବଜେଟ୍ ପରେ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବାକୁ ଚିନ୍ତା କରୁଥାଇ ପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ମତପ୍ରକାଶ କରିଛନ୍ତି ।

# କେଡ଼େ ସୁନ୍ଦର ଦିଶେ ଆହା ଗଜବଦନ

**'ସ୍ନାନ ଗୁଣ୍ଡିଚା ବେନି ସ୍ୱଙ୍ଗ ଲୀଳା ଯାର ପତିତ ପାବନ ଅର୍ଥେ ପ୍ରାସାଦୁ ବାହାର।'**

**ଜୟନ୍ତ ପଟ୍ଟନାୟକ**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଭୁ ନୀଳାଚଳନାଥଙ୍କ ଦ୍ୱାଦଶ ଯାତ୍ରା ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ଏକଥା ଲେଖିଛନ୍ତି। ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ଦୁଇଯାତ୍ରାରେ ସ୍ୱୟଂ ଜୀଉମାନେ ରତ୍ନସିଂହାସନ ଛାଡ଼ି ବାହାରିଆସନ୍ତି ପତିତମାନଙ୍କୁ ତାରଣ କରିବାକୁ ବା ଦର୍ଶନ ଦେବାକୁ ବା ପାବନ କରିବାକୁ। ତେଣୁ ଏହି ଦୁଇ ଯାତ୍ରାର ନାମ ପତିତପାବନ ଯାତ୍ରା ଏବଂ ଏଇ ଦୁଇଯାତ୍ରା ହିଁ 'ସ୍ୱଙ୍ଗଲୀଳା'। ଏଥିମଧ୍ୟରୁ ସ୍ନାନଯାତ୍ରା ହେଲା ପ୍ରଭୁଙ୍କର ଆଦ୍ୟ ଯାତ୍ରା। କାରଣ ଏହା ମହାପ୍ରଭୁଙ୍କର ଜନ୍ମଦିନର ଜନ୍ମସ୍ନାନ। ପୁଣି ଏହା ଜ୍ୟେଷ୍ଠ ପୂର୍ଣ୍ଣିମା ହେତୁ ଜ୍ୟେଷ୍ଠାଯାତ୍ରା। ପୂର୍ବଦିନରୁ ମନ୍ଦିର ମଧ୍ୟସ୍ଥ ଦକ୍ଷିଣ ଦିଗସ୍ଥିତ ପବିତ୍ର କୂପ(ସୁନା କୁଅ)ରୁ ସୁବର୍ଣ୍ଣ ଗରାରେ ଆନୀତ ୧୦୮ ଗରା ପବିତ୍ର ଜଳକୁ ପାବନୀ ମନ୍ତ୍ରରେ ଅଧିବାସ କରାଯାଇ ବିଭିନ୍ନ ସୁଗନ୍ଧିତ ଔଷଧୀୟ ଦ୍ରବ୍ୟ ମିଶାଯାଇ ପ୍ରଭୁଙ୍କ ସ୍ନାନ ଉପଯୋଗୀ କରାଯାଇଥାଏ। ପ୍ରଣୀଧାନର ବିଷୟ, ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ମାଁ ଶୀତଳା ଓ ସିଂହ ମଧ୍ୟରେ ଥିବା ଏହି କୂଅର ପାଣି କେବଳ ଏହି ସ୍ନାନଯାତ୍ରା ଲାଗି ବ୍ୟବହାର କରାଯାଏ। ସେହି କୁଅକୁ ସିଂହ ଜଗିଥା'ନ୍ତି। ଏହି କୂଅର ଜଳ ପବିତ୍ର ହେଲେ ସୁଦ୍ଧା ଅଣତୁଠ ଜଳ କୁହାଯାଏ। ଯେପରି ଛୋଟ ପିଲାକୁ ଗାଧୋଇବା ପାଇଁ କାହାର ନଜର ପଡ଼ିବ ନାହିଁ ବୋଲି ଅଣତୁଠ ଜଳ ବ୍ୟବହାର କରାଯାଏ, ସେଇ ଧାରାରେ ଆମ ପ୍ରଭୁଙ୍କ ପାଇଁ ଅଣତୁଠ ଜଳ ବ୍ୟବହାର କରାଯାଏ। କାରଣ ଆମ ପ୍ରଭୁ କଳାସାଆନ୍ତେ ପରା ଅପରିତିଆଣି (କୃଷ୍ଣ ଜନ୍ମରେ)। ସେଥିପାଇଁ ସାଆନ୍ତେ ନାକ ଫୋଡ଼ାଇଛନ୍ତି, କଳା ମାଳି ପକାଇଛନ୍ତି।

ସ୍ନାନ ମଣ୍ଡପରେ ବିଭିନ୍ନ ପୂଜାବିଧି, ରୀତିନୀତି (ଭୋଗ, ଗଜପତିଙ୍କ ଦ୍ୱାରା ଛେରା ପହଁରା) ଶେଷ ହେବା ପରେ ସେହି ସୁବାସିତ ଅଧିବାସିତ ଜଳରେ ଶ୍ରୀଜୀଉମାନଙ୍କୁ 'ସମୁଦ୍ର ଜ୍ୟେଷ୍ଠା' ପ୍ରଭୃତି ମନ୍ତ୍ରରେ ଅଭିଷେକ (ସ୍ନାନ) କରାଯାଏ। କୁହାଯାଏ ଏ ମହାପାତକନାଶନ ଦୃଶ୍ୟ ଯିଏ ସ୍ୱଚକ୍ଷୁରେ ଦର୍ଶନ କରିଛି ଏବଂ ଏ ମହାସ୍ନାନ ଜଳ, ପାଦୁକ ଭାବେ ପାଇବାର ସୌଭାଗ୍ୟ ଯାହାକୁ ପ୍ରାପ୍ତ ହୋଇଛି, ସିଏ ମୋକ୍ଷ ପାଇଯାଏ। ଏହି ୧୦୮ ଗରା ଜଳରୁ ୩୫ ଗରାରେ ପ୍ରଭୁ ଜଗନ୍ନାଥ, ୩୩ ଗରାରେ ପ୍ରଭୁ ବଳଭଦ୍ର, ୨୨ ଗରାରେ ମା' ସୁଭଦ୍ରା ଓ ୧୮ ଗରାରେ ଚକ୍ରରାଜ ସୁଦର୍ଶନଙ୍କ ସ୍ନାନ ସମାପନ ହୁଏ। ଏ ପ୍ରକାର ପ୍ରବଳ ଗାଧୁଆ ବା ମହାସ୍ନାନର ଫଳସ୍ୱରୂପ ପ୍ରଭୁ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୁଅନ୍ତି। ପୀଡ଼ିତ ପ୍ରଭୁ ଅଣସରରେ ରୁହନ୍ତି ୧୫ ଦିନ କାଳ। ଏହି ୧୫ ଦିନର ଅଣସର କାଳରେ ପୁରୀ ନିକଟସ୍ଥ ବ୍ରହ୍ମଗିରିରେ ପ୍ରଭୁ ଅଲାରନାଥ (ଅଲୱର ନାଥ-ଦକ୍ଷିଣର ଅଲୱର ସଂପ୍ରଦାୟର ଠାକୁର)ଙ୍କର ଦର୍ଶନ କରାଯାଏ। ତା'ପରେ ବିଭିନ୍ନପ୍ରକାର ଉପଚାରାନ୍ତେ ପ୍ରଭୁ ସୁସ୍ଥ ହୁଅନ୍ତି, ନବଯୌବନ ଦର୍ଶନ ଦିଅନ୍ତି, ନେତ୍ରୋତ୍ସବ ପାଳିତ ହୁଏ ଏବଂ ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପବିତ୍ର ଶ୍ରୀଗୁଣ୍ଡିଚା ତିଥିରେ ପ୍ରଭୁ ଜଗତଜନଙ୍କର ଉଦ୍ଧାର ପାଇଁ ନବଦିନାତ୍ମକ, ପତିତପାବନ ଯାତ୍ରା ବା ଘୋଷଯାତ୍ରାରେ ବାହାରନ୍ତି ଜନ୍ମବେଦୀ ବା ଗୁଣ୍ଡିଚା ଘର ଉଦ୍ଦେଶ୍ୟରେ।

ସ୍ନାନଯାତ୍ରା ସମାପନ ପରେ ଶ୍ରୀଜୀଉମାନଙ୍କର ହାତୀବେଶ ବା ଗଜବେଶ ଅନୁଷ୍ଠିତ ହୁଏ। ଏକଦା ମହାରାଷ୍ଟ୍ରର ଗଣପତି ଭଟ୍ଟ ନାମକ ଜଣେ ଭକ୍ତ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ ପ୍ରଭୁଙ୍କର ଦର୍ଶନ ସକାଶେ। ସେ ହେଲେ ପ୍ରଭୁ ଗଣେଶଙ୍କର ଏକାନ୍ତ ଭକ୍ତ। ଶ୍ରୀକ୍ଷେତ୍ରରେ ରତ୍ନବେଦୀ ଉପରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରି ତାଙ୍କ ମନ ମାନିଲା ନାହିଁ। ଭାବିଥିଲେ ତାଙ୍କର ଇଷ୍ଟ ଶ୍ରୀ ଗଣେଶଙ୍କୁ ଦର୍ଶନ କରିବେ, କିନ୍ତୁ ଇଏ ତ ଆଉ କିଛି। ଅସନ୍ତୁଷ୍ଟ ହୋଇ ଫେରିଯାଉଥିଲେ। ତାଙ୍କ ସନ୍ତୋଷର ବାଟ ପ୍ରଭୁ ତିଆରି କରିଦେଲେ। ବଡ଼ପଣ୍ଡାଙ୍କ ହାତରେ ଡକାଇ ପଠାଇଲେ। ସେଦିନ ଗଣପତି ପୁରୀରେ ବିଶ୍ରାମ ନେଲେ। ଯୋଗକୁ ତା'ପରଦିନ ଦେବସ୍ନାନ ପୂର୍ଣ୍ଣିମା। ପ୍ରଭୁଙ୍କର ସ୍ନାନଯାତ୍ରାପରେ ଅନୁଷ୍ଠିତ ହେଲା ହାତୀବେଶ ବା ଗଜବେଶ। ଗଣପତିଙ୍କ ଦୃଷ୍ଟି ସମ୍ମୁଖରେ ଶ୍ରୀଜୀଉମାନଙ୍କର ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା। ଏ ଅଲୌକିକ ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହେଲା ଓ ସେ ନିଜର ଭୁଲ ବୁଝିପାରିଲେ ଓ ପ୍ରଭୁଙ୍କୁ ଅଶ୍ରୁଳ ନୟନରେ ପ୍ରଣିପାତ ପୂର୍ବକ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ବର ପ୍ରଦାନ କଲେ ଯେ ସେ ପ୍ରତିବର୍ଷ ଏହିଦିନରେ ହାତୀବେଶରେ ଦର୍ଶନ ଦେବେ। ସେବେଠାରୁ ପ୍ରତିବର୍ଷ ଏହିଦିନରେ ଶ୍ରୀଜୀଉମାନେ ଗଜବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇ ଆସୁଛନ୍ତି।

ମୋ: ୯୦୯୦୧ ୯୦୦୬୯

**ନୋଟିସ** MM-43

ଏତଦ୍ଦ୍ୱାରା ଶ୍ରୀ ଶ୍ରୀଧର ସାହୁ, ପିତା- ଗୌରାଙ୍ଗ ସାହୁ, ଗ୍ରାମ- ସାବିତ୍ରିପୁର, ପୋଷ୍ଟ- କଣ୍ଡିରି, ଥାନା- ଖୁଣ୍ଟୁଣୀ, ଜିଲ୍ଲା- କଟକଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଯେ, କଟକ ବନଖଣ୍ଡ, କଟକଙ୍କ ଅଧିନସ୍ଥ ଡାଳିଜୋଡା ବନାଞ୍ଚଳରେ ଗତ ତା ୦୯.୦୧.୨୦୨୦ ରିଖରେ କେସ ସଂଖ୍ୟା 137D of 2019-20 ଅନୁଯାଇ ଜବତ ହୋଇଥିବା Wagon RLX ଗାଡି ଯାହାର ରେଜିଷ୍ଟ୍ରେଶନ ନମ୍ବର- OR-05U-0821 ର ମାଲିକାନା ଆପଣଙ୍କ ନାମରେ ରେକର୍ଡ ହୋଇଅଛି ଯାହାକି ଆଞ୍ଚଳିକ ପରିବହନ ଅଧିକାରୀ, କଟକଙ୍କ ଚିଠି ସଂଖ୍ୟା- ୯୩୭, ତା ୧୭.୦୧.୨୦୨୦ ରିଖ ଅନୁଯାଇ ଅବଗତ ହୋଇଅଛି ତଥା ଆପଣ ଏହି କେସରେ ମୁଦାଲା ଭାବରେ ରେକର୍ଡ ହୋଇଛନ୍ତି ଯାହାକି ବର୍ତ୍ତମାନ କଟକ ବନଖଣ୍ଡରେ ଅଥରାଇଜେଡ ଅଫିସର-ତଥା-ସହକାରୀ ବନଖଣ୍ଡ ଅଧିକାରୀଙ୍କ ବିଚାରଧିନ ଅଛି। ଆଇନ ଅନୁଯାଇ ଉକ୍ତ କେସର ବିଚାର ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଆପଣ ଉପସ୍ଥିତ ହେଉନାହାନ୍ତି। ଏଣୁ ଏହି ନୋଟିସକୁ ଭିତ୍ତିକରି ଆସନ୍ତା ତା ୦୫.୦୫.୨୦୨୪ ରିଖ ଦିବା ୧୧ ଘଟିକାସମୟରେ ଆପଣ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ, କଟକରେ ଉପସ୍ଥିତ ରହି ନିଜର ପକ୍ଷ ରଖିବା ହେବେ। ଏହି ନୋଟିସଟି ପୁନର୍ବାର ତଥା ଶେଷ ଥର ପାଇଁ ବିଚାର ନିମନ୍ତେ ସୁଯୋଗ ଦିଆଯାଉଅଛି। ଏହା ସତ୍ତ୍ୱେ ଉକ୍ତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ନ ରହିଲେ, ଏଥି ସମ୍ବନ୍ଧରେ ଏକ ତରଫା ନିଷ୍ପତ୍ତି ନିଆଯିବ ଏବଂ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ।

Authorized Officer-cum-A.C.F
Cuttack Forest Division

OIPR-08025/11/0005/2425

**OFFICE OF THE PURI MUNICIPALITY, PURI**

Mail id: purim.hud@nic.in, purim.hud@gmail.com
Letter No. 4413 / Dated 19.06.2024

**NOTICE INVITING TENDER**

Sealed tender in conformity with the detailed tender call notice are invited from registered contractors of P.W.D./R.D./Water Resources / WATCO of Odisha Govt. / Puri Municipality for execution of the under mentioned work so as to reach the Executive Officer, Puri Municipality through Registered Post / Speed Post only up to **05 P.M on 28.06.2024.** The tender documents are to be obtained from Puri Municipality on deposit of the non-refundable cost of tender documents in shape of A/C payee Bankers Cheque / Bank Draft in favour of Executive Officer, Puri Municipality, Puri up to **05 P.M on 27.06.2024.** The tender will be opened at **11.00 A.M on 29.06.2024** in presence of bidder or their authorized representative who may be present at the time of opening of the tender. Puri Municipality will in no way be responsible for any delay in respect of the tender document.

The detailed tender call notice may be seen in the website www.purimunicipality.nic.in & www.puri.odisha.gov.in

**Sd/- Executive Officer,**
**Puri Municipality, Puri**

**OFFICE OF THE DIVISIONAL FOREST OFFICER, BRAHMAPUR DIVISION**

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail-dfobhmpr@yahoo.co.in

**Corrigendum Notice No. 4831 /01F-54/2024, Dated, Brahmapur the 19th. June' 2024**

**CORRIGENDUM**

**Tender Call Notice No 01/2024-25 for Supply of Fertilizers/Granular Insecticide**

Corrigendum is hereby made against this office Notice Inviting Tender No 1 of 2024-25 for procurement of Fertilizers/Granular Insecticide for the year 2024-25 as follows:

| | |
|---|---|
| Form No A- (II) page no 08/08 | Item NPK may be read as NPK (10:26:26) |
| Form No B page no 11/11 | Item NPK may be read as NPK (10:26:26)<br>Item Urea may be read as Urea (N-46)<br>Insecticide may be read as Granular Insecticides<br>Item CDM/FYM may be read as CDM only.<br>Other items such as Vermicompost and Mo Khata are not part of the tender document. |

All other terms and conditions are un-altered. The undersigned reserves the right to reject any or all tender without assigning any reasons thereof.

**Divisional Forest Officer**
**Brahmapur Division**

OIPR-08038/11/0006/2425 MM-39

**AFFIDAVIT**

I, Pramoda Kumar Tripathy, S/O - Alekh Tripathy, Vill- Sanketapatana, Po - Sanra, Ps- Tirtol, Dist- Jagatsinghpur, Pin- 754104 Odisha declare by this affidavit No.134 Dtd.- 19/06/2024 that now onwards I shall be known as **Pramod Kumar Tripathy** for all future purchases.

B-35 E-mail: eerbpuri@yahoo.co.in

**GOVERNMENT OF ODISHA, "e"- PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
**WORKS DEPARTMENT**

**Short Tender Call Notice**

**Bid Identification No. SE (R&B) Puri-5/2024-25**

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in single cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Temporary fabricated Shed
2. No of Work : 2 No
3. Tender Cost : Rs. 6000.00 (0n-Line)
4. Class of bidders : B Class
5. Available of Bid document in of the Website : From 03.30 PM of Dt.21.06.2024 to 03.00 PM Dt.27.06.2024
6. Last Date of receipt of tender : Dt.27.06.2024 up to 3.00 PM
7. Date of opening of Bid : Dt.27 .06.2024 at 4.30 PM
8. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

**Sd/- Superintending Engineer**
**Puri (R&B) Division, Puri**

OIPR-34064/11/0006/2425

E-60

**OFFICE OF THE MEDICAL OFFICER I/C,CHC, LAXMIPUR, KORAPUT**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**Email: nhm.laxmipur2023@gmail.com**

**Notice No. 384 /BPMU/NHM/2024, Date: 20.06.2024**

**NOTICE FOR HIRING TENDER OF VEHICLE FOR BPMU, CHC, LAXMIPUR**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicles (1 for BPMU and 2 MHT) at CHC, Laxmipur on a monthly basis for implementation of the National Health Mission Programmes ,Under CHC, Laxmipur,. The eligibility criteria, the terms of reference and the formats for submission of bid are set forth in the RFP document, which can be available in BPMU CHC, Laxmipur during the office hour as well as the same can be downloaded from district website (www.koraput.nic.in). Interested bidders fulfilling the eligibility criteria may submit their proposals with EMD & documents as per RFP. The bidders have to submit their proposals with all required documents should reach O/O – Medical Officer, Incharge CHC, Laxmipur At/- Laxmipur Po-Laxmipur Dist- Koraput on or before 19-07-2024 by Registered Post or Speed Post or Courier. The technical & financial bid shall be opened in presence of the bidders on 24-07-2024 at 11 AM at the Office Chamber, Medical Officer I/C, CHC Laxmipur, Koraput. The undersigned reserves the right to reject any or all the proposals without assigning any reason thereof.

**Sd/-**
**Medical Officer I/C**
**CHC, Laxmipur**

OIPR-10191/11/0001/2425

**Recruitment Notification for World Skill Center, Bhubaneswar**
(WSC is an Advanced Skill Training Institute and a Section 8 Company under the Skill Development and Technical Education Dept., Govt. of Odisha)

Advertisement No. WSC/204/HR/2023-24/1538 Dt. 21/06/2024
Applications are invited through online modefor various positionsat WSC, Bhubaneswar.
Experiencedprofessionals may view details, such as eligibility criteria, qualification, experience, application procedure, etc.in the careers section of WSC website by using the linkhttps://worldskillcenter.org/en/sun/careers

**Sd/-**
**Principal, WSC**

OIPR-44009/11/0001/2425 KK-22

**ZILLA PARISHAD, MALKANGIRI**

Dist.: Malkangiri: 764048
Phone No.: 06861-230409
Fax No.: 06861-230279
Email: ori-dmalkangiri@nic.in

Letter No. 2161/XX-02/24 Date 21.06.2024

**ADVERTISEMENT FOR ENGAGEMENT OF ASPIRATIONAL BLOCK FELLOW IN MATHILI KHAIRPUT AND CHITRAKONDA BLOCK.**

In pursuance to letter No.1045 dated 18.01.2024 of the Govt. in Planning & Convergence Department, Odisha & this office Letter No.1130(1) dated 06.03.2024, application for deployment of Aspirational Block fellow in prescribed form (enclosed herewith) are hereby invited from the interested candidates having required qualification and experience. The eligible criteria for deployment of Aspirational Block fellow is enclosed in Annexure-A. The candidates should send their resume and cover letter explaining their motivation and suitability for the role through registered/Speed Post to the Chief Development Officer-Cum-Executive Officer, Zilla Parishad, Malkangiri by 01.07.2024 (5.00 PM). They should also mention ABF Application-Mathili/ Khairput/ Chitrakonda in the subject line of their letter & e-mail. Only shortlisted candidates will be contacted for further rounds of selection. The details of terms and conditions has been web-hosted in District website i.e www.malkangiri.odisha.gov.in . The undersigned reserves the right to accept or reject any or all application without assigning any reason thereof.

**Collector-Cum-CEO,**
**Zilla Parishad, Malkangiri**

OIPR-19401/11/0001/2425 CAD-304

बैंक ऑफ महाराष्ट्र Bank of Maharashtra
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଭୁବନେଶ୍ୱର ଶାଖା**
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ: ୦୬୭୪-୨୫୬୪୦୧୮
ଇ-ମେଲ: bom1182@mahabank.co.in

**ଦଖଲ ନୋଟିସ୍**
[ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: ଶ୍ରୀ କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ ଠିକଣା: ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୨ | ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ (ଫ୍ଲାଟ) ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ | ୧୯.୦୩.୨୦୨୪ ସୁଦ୍ଧା ଟ.୧୯,୫୦,୯୪୧.୪୫ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୯.୦୩.୨୦୨୪ / ୨୦.୦୬.୨୦୨୪ |

ମହଲା, "ସାଇ ବିଜୟା ପ୍ୟାଲେସ୍", ୟୁନିଟ୍ ନଂ.-୩/୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର୦.୦୫୪ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର୦.୦୩୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ଡିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ (ବିଲ୍ଟ ଅପ), ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଘରୋଇ ପ୍ଲଟ, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ. ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ **(ସାଙ୍କେତିକ ଦଖଲ)**

ତାରିଖ: ୨୦.୦୬.୨୦୨୪, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ

# ଉତ୍ତମ ସ୍ୱାସ୍ଥ୍ୟ ଓ ମାନସିକ ଶାନ୍ତି ପାଇଁ ଯୋଗ କରିବାକୁ ନେଲେ ଶପଥ

**ଜି.ଉଦୟଗିରି, ୨୧।୬ (ସମିସ)**



ବିଶ୍ୱ ଆଜି ଯୋଗମୟ ହୋଇଥିବା ବେଳେ ଜି.ଉଦୟଗିରି ପତଞ୍ଜଳି ଯୋଗ ସମିତି, ଏନଏସି, ବ୍ଲକ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଛି ବିଶ୍ୱ ଯୋଗ ଦିବସ। ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତାକୁ ଉପଲକ୍ଷ କରି ଦୈନିକ ଯୋଗ, ପ୍ରାଣାୟାମ, ଧ୍ୟାନକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ସହିତ ମୋର ପରିବାର, ବନ୍ଧୁ ଏବଂ ସମାଜକୁ ଏ ଦିଗରେ ଉତ୍ସାହିତ ଶପଥ କରିବାକୁ ସମସ୍ତେ ଶପଥ ନେଇଥିଲେ।

ଜି.ଉଦୟଗିରି ଏନଏସି ତରଫରୁ ସ୍ଥାନୀୟ ହବାକ ହାଇସ୍କୁଲ ଖେଳ ପଡ଼ିଆରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯୋଗ କେବଳ ଏକ ଶାରୀରିକ ଅଭ୍ୟାସ ନୁହେଁ ବରଂ ଦୈନନ୍ଦନ ଜୀବନ ଶୈଳୀରେ ଏହା ଏକ ପରିବର୍ତ୍ତନଶୀଳ ଯାତ୍ରା, ଯାହା ନିଜର ବ୍ୟକ୍ତିଗତ ସହ ସାମାଜିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କହିଥିଲେ। ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘଙ୍କ ସହିତ ଅନ୍ୟ ଅତିଥି ମଧ୍ୟରେ ହବାକ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର, ସ୍ଥାନୀୟ କାଉନସିଲର ସିଦ୍ଧେଶ୍ୱରୀ ନାୟକ, ପୁଲିସ ଏସ୍. ଆଇ ରଞ୍ଜିତା ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଫରେଷ୍ଟ ଟ୍ରେନିଂ ସ୍କୁଲ୍ର ଛାତ୍ରଛାତ୍ରୀ, ହବାକ୍ ହାଇସ୍କୁଲର ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବି, ସମସ୍ତ ଏନ୍ ଏ ସି କର୍ମଚାରୀ ଉପସ୍ଥିତ ଥିଲେ। ଯୋଗଗୁରୁ ବଟକୃଷ୍ଣ ଦାସ ସମସ୍ତଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ଏବଂ ଏମଆଇଏସ ମୁକେଶ ରଞ୍ଜନ ନାୟକ ପରିଚାଳନା କରିଥିଲେ।

ସେହିଭଳି ବ୍ଲକ ତରଫରୁ ସରକାରୀ ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଇଇ ଅସିତ କୁମାର ସେଠୀ, ଏଇ ବାଳକୃଷ୍ଣମିଶ୍ର, ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକ ଓ ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଜିଲ୍ଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ଯୋଗ ଶିକ୍ଷା ଦେଇଥିଲେ। ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜ୍ୟୋତି ପ୍ରକାଶ ସାହୁ, ଶ୍ୟାମଳ ବେହେରା, ଯାକେସ ପ୍ରଧାନ, ପ୍ରଫୁଲ୍ଲ ପାଣିଗ୍ରାହୀ, ବାବୁଲା ସାହୁ ଓ ବିଶ୍ୱଜିତ୍ ନାୟକ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ସହିତ ସରପଞ୍ଚ, ଗ୍ରାମସାଥି, ଏସଏଚଜି ମହିଳା ଓ ସିଆରପି ଯୋଗ ଦେଇଥିଲେ।



ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱଯୋଗ ଦିବସ ପାଳିତ ହୋଇଛି। ଏଥିରେ କଲେଜର ପ୍ରତିଷ୍ଠାତା ଶିଶିର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶିବରାମ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସରେ ଅଧ୍ୟାପକ ଡ. ବବିତାରାଣୀ ପଟ୍ଟନାୟକ, ମିନତୀ କୁମାରୀ ଦାଶ ଓ ସୁଧାରାଣୀ ପାତ୍ର ଉପସ୍ଥିତ ଥିଲେ। ଛାତ୍ରୀମାନେ ଦୈନନ୍ଦିନ ଜୀବନରେ ଯୋଗ ସାମିଲ କରିବା ସହିତ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବାକୁ ଶପଥ ନେଇଥିଲେ।

ଏହା ସହିତ ହବାକ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷାନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କୁନି କୁନି ପିଲାମାନେ ଯୋଗାଭ୍ୟାସ କରିଥିଲେ। ପଞ୍ଚାୟତ ହାଇସ୍କୁଲ ରଟିଙ୍ଗିଆରେ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁକାର ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। କତିଙ୍ଗିଆ କମଳବନରେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ପତଞ୍ଜଳି ଯୋଗ ସମିତିର ସଭ୍ୟ ହବାକ ହାଇସ୍କୁଲ ଖେଳ ପଡ଼ିଆରେ ବିଶ୍ୱ ଯୋଗ ଦିବସରେ ସାମିଲ ହେବା ସହିତ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଉଦେସନ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଅଶୋକ ପାତ୍ର, ସୂର୍ଯ୍ୟ ନାରାୟଣ ପାତ୍ର, ରାମା ରାଓ ପାତ୍ର ଶୋଭାଯାତ୍ରାରେ ବାହାରି 'କର ଯୋଗ ରୁହ ନିରୋଗ' ସ୍ଲୋଗାନ ସହର ପରିକ୍ରମା କରିଥିଲେ।

**ମୋହନା, ୨୧।୬(ସମିସ):** ଗଜପତି ଜିଲ୍ଲା ମୋହନାର ବିଭିନ୍ନ ସ୍ଥାନରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ସରକାରୀ, ବେସରକାରୀ ସ୍ତରରେ ବିଭିନ୍ନ ଅନୁଷ୍ଠାନ ଯୋଗ ଦିବସ ପାଳନ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜିରାଙ୍ଗ ବୌଦ୍ଧ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ତିବତୀୟ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋହନା ବିଡ଼ିଓ ରାଜୀବ ଦାସ, ତହସିଲଦାର ସତ୍ୟବାନ ନାୟକ ଓ ବୌଦ୍ଧ ମନ୍ଦିର ଗୁରୁଜୀ ଙ୍ଖେପୋ ପେମା ଆମପେଲ ଉପସ୍ଥିତ ଥିଲେ। ସେହିପରି ମୋହନା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ଏବଂ ଶିଶୁ ମନ୍ଦିର କର୍ତ୍ତୃପକ୍ଷଙ୍କ



ଦ୍ୱାରା ଯୋଗ ଦିବସ ପାଳନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶିଶୁ ମନ୍ଦିର ସମ୍ପାଦକ ରବି ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆରଏସଏସ ଗଜପତି ଜିଲ୍ଲା ପ୍ରଚାର ବାବୁଲା ସେଠି ପରିଚାଳନା କରିଥିବା ବେଳେ ଯୋଗ ପ୍ରଶିକ୍ଷକ ଚକ୍ରଧର ବିଜୁଳି ଯୋଗଶିକ୍ଷା ପ୍ରଦାନ କରିଥିଲେ। ସେହିପରି ମୋହନା ବିଜୁ କଲ୍ୟାଣ ମଣ୍ଡପରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡ଼ିଓ ରମାକାନ୍ତ ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷା ବାଲ୍ମୀନା ଅଧିକାରୀ ଉପସ୍ଥିତ ଥିବାବେଳେ ବ୍ଲକ କର୍ମଚାରୀ, ମିଶନଶକ୍ତି ମହିଳା ଯୋଗ ଓ ପ୍ରାଣାୟାମ କରିଥିଲେ। ସେହିପରି ଚାନ୍ଦିପୁଟ ଇନ୍ଦିରା ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସାମାଜିକ ସମରସତା ପ୍ରମୁଖ ତରଣୀସେନ ଦାସ ଯୋଗ ଦେଇ ଯୋଗର ଆବଶ୍ୟକତା ଉପରେ କହିଥିବା ବେଳେ ହିଲଟପ କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ





**ପାରଳାଖେମୁଣ୍ଡି, ୨୧।୬(ସମିସ):** ପାରଳାଖେମୁଣ୍ଡି ସ୍ଥିତ ବୃନ୍ଦାବନ ରାଜପ୍ରସାଦରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ କରିବା ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ସାହାଯ୍ୟ କରେ ବୋଲି କହିଥିଲେ। ଯୋଗ ଅଭ୍ୟାସ ପରେ ସମସ୍ତଙ୍କୁ ଦୈନିକ ଯୋଗ କରାଇବା ନିମନ୍ତେ ଶପଥ ପାଠ କରାଇ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକଙ୍କ ସମେତ ପାରଳା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ଏବଂ ଏହାର ଆବଶ୍ୟକତା କିଭଳି ଅପରିହାର୍ଯ୍ୟ ସେ ସମ୍ପର୍କରେ କହିଥିଲେ। ଯୋଗ ପ୍ରଶିକ୍ଷକ ଆଶାଲତା ପାଣଗ୍ରାହୀ ଓ ବିଘ୍ନେଶ୍ୱର ଦାସ ଯୋଗାଭ୍ୟାସ କରାଇଥିଲେ। ପରେ ପରେ ଜାତୀୟ ସ୍ତରର ସଫ୍ଟବଲ ଖେଳାଳୀ ଶ୍ୱେତସ୍ୱୀନି ଶବର ଓ ପାରମ୍ପରିକ ନୃତ୍ୟ ଓ ବାଦ୍ୟ ଯନ୍ତ୍ର ଶିକ୍ଷକ ରିଙ୍କୁ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶଷଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାରଳା ସହରରେ ଇଣ୍ଡୋର ଷ୍ଟାଡିୟମ୍, ବିଜୁକଲ୍ୟାଣ ମଣ୍ଡପ, ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କେନ୍ଦ୍ର, ବେତାଗୁଡା ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରେ ଯୋଗ ଦିବସ ପାଳିତ ହୋଇଛି।



### ● ଯୋଗଦେଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି ସ୍ଥିତ ଇଣ୍ଡୋର୍ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ରୋଗରୁ ନିଜକୁ ରକ୍ଷା କରି ନରୋଗ ଭାବେ ଦୀର୍ଘାୟୁ ଜୀବନଯାପନ କରିବା ପାଇଁ ପ୍ରତିଦିନ ଆମେ ବ୍ୟାୟାମ କରିବା ଦରକାର ବୋଲି ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଧାୟକ ଇଂ ପାଣିଗ୍ରାହୀ ଯୋଗ ଅଭ୍ୟାସରେ ସାମିଲ ହୋଇଥିଲେ।

## 'ସୁସ୍ଥ ରହିବା ସହିତ ମାନସିକ ଶାନ୍ତି ପାଇଁ ନିୟମିତ ଯୋଗ କରିବା ଆବଶ୍ୟକ'

**ଫୁଲବାଣୀ, ୨୧।୬(ସମିସ):** କନ୍ଧମାଳ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପରିସରରେ ଥିବା ଇଣ୍ଡୋର୍ ଷ୍ଟାଡିୟମ୍ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜକୁ ସୁସ୍ଥ ରଖିବା ସହିତ ମାନସିକ ଶାନ୍ତି ପାଇଁ ନିୟମିତ ଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ



ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦରତ୍ନାକର ସାହୁଙ୍କ ସମେତ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ, ଡେପୁଟି କଲେକ୍ଟର, ନିର୍ବାଚନ ମାଳେଶ୍ୱର ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ, ପୁଲିସ ଅଧିକାରୀ, ବ୍ରହ୍ମା କୁମାରୀ, ଉଚ୍ଚ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଯୋଗ ଦିବସର ଉଦ୍‌ଘାଟନ ପରେ ପ୍ରାର୍ଥନା, ନିର୍ଦ୍ଦେଶିତ ଯୋଗ ଅଧିବେଶନ-୧, ନିର୍ଦ୍ଦେଶିତ ଯୋଗ ଅଧିବେଶନ-୨, କ୍ରୀୟା, ପ୍ରାଣାୟାମ, ଧ୍ୟାନ ଓ ସଂଲଗ୍ନ ଆଦି ନିର୍ଦ୍ଦେଶିତ ଧ୍ୟାନ, ଶାନ୍ତି ମନ୍ତ୍ର ଅଦି ଯୋଗ ଗୁରୁ ପ୍ରଶାନ୍ତ କୁମାର ଦାସଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିଲା। ପରେ ପରେ, ଶାରୀରିକ, ମାନସିକ, ଏବଂ ଆଧାତ୍ମିକ ସୁସ୍ଥତା ପାଇଁ ଯୋଗର ଉପଯୋଗିତା ବିଷୟରେ ଜାଣି ସମସ୍ତେ ଏହାକୁ ଏକ ଦୈନନ୍ଦିନ ଅଭ୍ୟାସ ଭାବରେ ଗ୍ରହଣ କରିବା ସହିତ ନିଜର ପରିବାର ବର୍ଗ, ବନ୍ଧୁ ଏବଂ ସମାଜକୁ ଉତ୍ସାହିତ କରିବାକୁ ଶପଥ ନେଇଥିଲେ। ଯୋଗରେ ଅଂଶ ଗ୍ରହଣକାରୀଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦସ୍ତଖତ ଥିବା ପ୍ରଶଂସାପତ୍ର ଦିଆଯାଇଥିଲା।

**ଚକାପାଦ:** କନ୍ଧମାଳ ଜିଲ୍ଲାର ଚକାପାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୈନେତ୍ରୀ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦ ରଞ୍ଜନ ସାହୁ, ଜିପିଓ ସୁରେଶ ଚନ୍ଦ୍ର ବାରିକଳ



ଯୋଗ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ମା ମାନେ ଯୋଗ ଦିବସରେ ସାମିଲ ହୋଇଥିଲେ। ସମିତି ଅଧ୍ୟକ୍ଷା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ ବିଷୟରେ ମା ମାନଙ୍କୁ ଅବଗତ କରାଇଥିଲେ। ଏଥି ସହିତ ବପଲମେଣ୍ଡି (ଲା) ପଞ୍ଚାୟତରେ ମଧ୍ୟ ଯୋଗ ଦିବସ ପାଳନ ପାଳିତ ହୋଇଥିଲା। ସରପଞ୍ଚ ରଞ୍ଜନ କୁମାର ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଇକିଆ:** କନ୍ଧମାଳ ଜିଲ୍ଲା ରାଇକିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ସୁସ୍ଥ ଜୀବନ ପାଇଁ ଯୋଗ ଏକାନ୍ତ ଆବଶ୍ୟକ। ଏଭଳି ବାର୍ତ୍ତା ନେଇ ବିଡ଼ିଓ ସୀମାଞ୍ଚଳ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ବହୁ ସଂଖ୍ୟା ରେ ଛାତ୍ରଛାତ୍ରୀ,




ବ୍ଲକ କର୍ମଚାରୀ ଏବଂ ଜନ ସାଧାରଣ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଯୋଗ ଗୁରୁ ଗଙ୍ଗା ପ୍ରଧାନ ଓ ତାପସ ଦଳ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଯୋଗ ଗୁରୁ ରାଜେନ୍ଦ୍ର ମହାପାତ୍ର ଯୋଗ ଶିକ୍ଷା ଦେବା ସହ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ଡ.ସତ୍ୟ ନାରାୟଣ ପଟ୍ଟନାୟକ ଯୋଗ ଶିକ୍ଷା ଦେଇଥିବା ବେଳେ ପ୍ରିନ୍ସିପଲ୍ ଜଗଦିଶ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଏବଂ ବିଜୟ ହାଇସ୍କୁଲ୍ ଠାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବା ପାଇଁ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।

## ମା' ବରାଳ ଦେବୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ



**ଫିରିଙ୍ଗିଆ, ୨୧।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ଐତିହାସିକ ବାର୍ଷିକ ପୂଜା ସହ ଯାତ୍ରା ଆରମ୍ଭ ହୋଇଛି। ବହୁ ପର୍ବ ହେଲା ବନ୍ଧଗଡ଼ରେ ମାଙ୍କ ଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ୍ୟ ଯାତ୍ରା ପରିଚାଳନା କମିଟି ତରଫରୁ ବହୁ ଧୂମଧାମରେ ଆରମ୍ଭ ହୋଇଛି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାର ପ୍ରଥମ ଦିନରେ ବିରାଟ ପଟୁଆରରେ ପାରମ୍ପରିକ ବାଜା ବାଦ୍ୟ ସହ ପୂଜକ ବାହକଙ୍କ ସହ ମାଙ୍କ ସମସ୍ତ ସେବାୟତ ମନ୍ଦିରରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ମନ୍ଦିରରେ ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାନସିକ ଧାରୀଙ୍କ ସହ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଆଖିଆଗରେ ରଖି ଫିରିଙ୍ଗିଆ ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଅନ୍ୟପଟେ ଏହି ଯାତ୍ରା ପାଇଁ ପ୍ରତ୍ୟେକ ଦିନ ରାତିରେ ବିଭିନ୍ନ ପ୍ରକାର ମନୋରଞ୍ଜନର ବ୍ୟବସ୍ଥା କରାଯାଇଥିବା ବେଳେ ମୀନାବଜାର, ରାମ ଦୋଳି, ବ୍ରେକଡ୍ୟାନ୍ସର ବ୍ୟବସ୍ଥା କରାଯାଇଛି। ଯାତ୍ରା କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ବର୍ଷ ପରି ଚଳିତ ତିନିଦିନ ଧାରି ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଫିରିଙ୍ଗିଆ ବ୍ଲକର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର

**ଫିରିଙ୍ଗିଆ, ୨୧।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଫିରିଙ୍ଗିଆ ଥାନା ଅଧୀନରେ ଥିବା ସୁମେରବନ୍ଧ ଓ ଗୋଚ୍ଛାପଡ଼ା ଥାନାଅଧୀନରେ ଥିବା କ୍ରାଣ୍ତିବାଲି, ପକାରୀ ସହ ବିଭିନ୍ନ ଜାଗାରେ ମାଓ ପୋଷ୍ଟର ପଡ଼ିଥିବା ଦେଖିବାକୁ ମିଳିଛି। ଦୀର୍ଘ କିଛିଦିନର ନୀରବତା ପରେ ମାଓବାଦୀ ଏହି ଅଞ୍ଚଳରେ ପୁଣି ଥରେ ପୋଷ୍ଟର ମାରି ନିଜର ସ୍ଥିତି ଜାହିର କରିଛନ୍ତି। ଶୁକ୍ରବାର ସକାଳୁ ବିଭିନ୍ନ ଜାଗାରେ ମାଓ ପୋଷ୍ଟର ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଷ୍ଟର ଦେଖିବା ପରେ ଅଞ୍ଚଳରେ ଏକପ୍ରକାର ଭୟରେ ବାତାବରଣ ସୃଷ୍ଟି ହୋଇଛି। ଗତ ଫେବୃଆରୀ ପାଞ୍ଚ ତାରିଖ ଦିନ ଗୋଚ୍ଛାପଡ଼ା ଥାନା କଂଗେରିକିଆ ଗାଁରେ ପୁଲିସ ଗୁଳିରେ ମୃତ୍ୟୁ ହୋଇଥିବା ମାଓବାଦୀ କମ୍ରେଡ ଦଶରୁକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୋଷ୍ଟର ସମ୍ପର୍କରେ ଜଣାପଡ଼ିବା ପରେ ଅଞ୍ଚଳରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅଞ୍ଚଳର ଜନସାଧାରଣଙ୍କୁ ଭୟଭୀତ ନହେବା ପାଇଁ ଫିରିଙ୍ଗିଆ ଓ ଗୋଚ୍ଛାପଡ଼ା ପୁଲିସ ପକ୍ଷରୁ ନିବେଦନ କରାଯାଇଛି।



## ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

**ଫିରିଙ୍ଗିଆ, ୨୧।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିବା ଓ ପରେ ଯୁବତୀ ଗର୍ଭବତୀ ହେବା ଜାଣିବା ପରେ ଜୋରଜବରଦସ୍ତ ଗର୍ଭ ନଷ୍ଟ କରିଥିବା ଅଭିଯୋଗରେ ଫିରିଙ୍ଗିଆ ବଜାରରେ ଥିବା ଅନଲାଇନ ମାର୍କେଟିଂ ଫ୍ଲିପକାର୍ଡର ଜଣେ ସେଲ୍ସମେନକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଫିରିଙ୍ଗିଆ ଥାନା ପବିଙ୍ଗିଆ ଗାଁର ପ୍ରିୟରଞ୍ଜନ ଦିଗାଲ। ପୁଲିସର ସୂଚନା ଅନୁସାରେ ଯୁବକ ଜଣକ ଫିରିଙ୍ଗିଆ ଥାନା ମାଶ୍ରୀପଡ଼ା ଗାଁର ଜଣେ ଯୁବତୀଙ୍କୁ ଦୀର୍ଘ ପାଞ୍ଚବର୍ଷ ହେବ ଭଲପାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବାପରେ ଜୋରଜବରଦସ୍ତ ତାଙ୍କର ଗର୍ଭ ନଷ୍ଟ କରିଥିଲେ। ପରେ ଯୁବତୀ ଜଣକ ବିବାହ କରିବା ପାଇଁ କହିବାରୁ ଯୁବକ ଜଣକ ମନା କରିଦେଇଥିଲେ। ସମ୍ପୃକ୍ତ ଯୁବତୀ ଜଣକ ଯୁବକଙ୍କ ନାଁରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକକୁ ଗିରଫ କରିଛି।



## ହବାକ୍ ହାଇସ୍କୁଲର ୩ ଏ-ୱାନ ଛାତ୍ରଙ୍କୁ ପୁରସ୍କୃତ କଲେ ଜିଲ୍ଲାପାଳ

**ଜି.ଉଦୟଗିରି, ୨୧। ୬ (ସମିସ):** କନ୍ଧମାଳ ଜିଲ୍ଲାର ୧୫ ଜଣ ଏ ୱାନ ପାଇଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୁରସ୍କୃତ କରିଛନ୍ତି। ସେହି ୧୫ ଜଣଙ୍କ ମଧ୍ୟରେ ଜି. ଉଦୟଗିରି ହବାକ ହାଇସ୍କୁଲର ୩ ଜଣ ଛାତ୍ର ଅଛନ୍ତି। ବିଦ୍ୟାଳୟର ସ୍ୱୟଶ ସାମଲ ୯୩ ପ୍ରତିଶତ ରଖି ଜିଲ୍ଲାରେ ପ୍ରଥମ ହୋଇଥିବା ବେଳେ ଆୟୁସ ସାମିଲ ୯୧.୫ ପ୍ରତିଶତ ରଖି ଜିଲ୍ଲାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଓମ ପ୍ରକାଶ ପଣ୍ଡା ୯୦ ପ୍ରତିଶତ ରଖି ଏ ୱାନ ପାଇଥିଲେ। ହବାକ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ର ତତ୍ତ୍ୱାବଧାନରେ ଶୁକ୍ରବାର ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



## ଶୁଣିଲାନି ପ୍ରଶାସନ: ଚାନ୍ଦା ଆଦାୟ କରି କୂଅ ମରାମତି କଲେ ଗାଁ ଲୋକ

**ଫୁଲବାଣୀ, ୨୧।୬(ସମିସ):** ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ଯେଉଁଥି ପାଇଁ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ମିଣିଆଁ ପଞ୍ଚାୟତ ପିଶୁପଦର ଗ୍ରାମର ଅଭିଯୋଗ ଶୁଣିଲାନି ପ୍ରଶାସନ। ନିଜେ ଚାନ୍ଦା ଆଦାୟ କରି କୂଅ ମରାମତି କଲେ ଗାଁ ଲୋକ। ସୂଚନା ପ୍ରକାରେ ପିଶୁ ପଦର ଗ୍ରାମରେ କୂଅ ଅଛି। କିନ୍ତୁ ଗୋଟିଏ ମଧ୍ୟ କୂଅ ଠିକ୍ ଅବସ୍ଥାରେ ନାହିଁ। ବହୁ ଦିନ ପୂର୍ବରୁ କୂଅ ଖୋଲା ଯାଇଥିବାରୁ ସେଗୁଡ଼ିକ ଚାନ୍ଦିନୀ ଭାଙ୍ଗି ଭଗ୍ନ ସ୍ଥିତିରେ ରହିଛି। ଏହି ବିଷୟରେ ମରାମତି ପାଇଁ ବାରମ୍ବାର ସରକାର ପାଖରେ ଜଣାଇବା ପରେ ମଧ୍ୟ କୌଣସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିନେଇ ଜନ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ବର୍ଷା ଦିନ ଆଗକୁ ଆସୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାର ଦୃଷ୍ଟିରେ ରଖି ଗାଁ ଲୋକେ ନିଜେ ଚାନ୍ଦା ଆଦାୟ କରି ଶୁକ୍ରବାର ମରାମତି କରିଥିବା ଜଣାପଡ଼ିଛି।



ସକାଳ THE SAKALA


## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ମନ ଓ ଶରୀରକୁ ସୁସ୍ଥ ରଖେ ଯୋଗ'


ଛତ୍ରପୁର


ଧରାକୋଟ


ଶେରଗଡ଼

**ଛତ୍ରପୁର,୨୧।୬(ସମିସ)**

ଛତ୍ରପୁର ପୁଲିସ ପ୍ୟାରେଡ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ସାଂସଦ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ମହନୀୟତା ବିଷୟରେ ଅବଗତ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ପୌର ପାଳିକା ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଯୋଗଦେଇଥିଲେ। ଛତ୍ରପୁର ଓକିଲ ସଙ୍ଘର ସଭାପତି ପ୍ରଦୀପ ପାଢ଼ୀ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ମୁନା ଦାସ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ମଧୁମିତା ମଞ୍ଚସୀନ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜନସାଧାରଣ, ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କୁ ଯୋଗ ପ୍ରଶିକ୍ଷକ ସୁନିତା ପାତ୍ର, ପ୍ରିୟ ରଞ୍ଜନ ପାତ୍ର ଓ ସନ୍ତୋଷ କୁମାର ବିଶ୍ୱାଳ ଯୋଗ ଶିଖାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ. ପ୍ରମୋଦ କୁମାର ପୃଷ୍ଟି ଓ ସୁଧାଂଶୁ କୁମାର ଭୋଇ, ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଉପଜିଲ୍ଲାପାଳ ଦେବବ୍ରତ ମହାନ୍ତ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳଙ୍କ ସମେତ ବହୁ ଲୋକପ୍ରତିନିଧି, କ୍ରୀଡ଼ାବିତ୍, ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

ସେହିପରି ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନ୍‌ସିସି ଅଧିକାରୀ ମନୋରଞ୍ଜନ ମହାରଣା ସଂଯୋଜନା କରିଥିଲେ। ଯୁବ ରେଡକ୍ରସ୍ ତରଫରୁ ଡ. ମିଲିମିତା ପାଢ଼ୀ ଓ ଡ. ସୁଚିସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଧରାକୋଟ:** ଧରାକୋଟ ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଯୋଗ ଦିବସ ପାଳନ ହୋଇଯାଇଛି। ଏସିପି ଆମେଶ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାରୀରିକ ଶିକ୍ଷକ ହର୍ଷ ବିଷୋୟୀ, ଅନିଲ ନାୟକ ଓ ସତ୍ୟ ନାରାୟଣ ନାୟକ ଯୋଗଶିକ୍ଷା ପ୍ରଦାନ କରିଥିଲେ। ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସମେତ ବ୍ଲକ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିବାବେଳେ ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି କର୍ମଚାରୀ ଓ ଏସଏଚଜି ଗ୍ରୁପ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ସେହିପରି ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶାରୀରିକ ବିକାଶ କେ ନାନବାବୁ ଦୋରାଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀଙ୍କ ପରିଚାଳନାରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ କେ. ଦୁର୍ଗାପ୍ରସାଦ ଆଚାରି, ଶଙ୍କର ସାହୁ ସୁନ୍ଦର ବକ୍ତୃତା ମାଧ୍ୟମରେ ଯୋଗ ଓ ପ୍ରାଣାୟାମର ଆବଶ୍ୟକତା ଓ ଉପକାରିତା ସଂପର୍କରେ ମତ ରଖିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଣ୍ଡମରାଇସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ୨୫୪ ଜଣ ଛାତ୍ରଛାତ୍ରୀ ଓ ୨୫ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଚିଦାନନ୍ଦ ପାତ୍ର ଓ ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମର ମାର୍ଗଦର୍ଶନ କରିଥିବା ବେଳେ ଶାରୀରିକ ଶିକ୍ଷକ ଗଣେଶ ଚନ୍ଦ୍ର ପାତ୍ର ଓ ବଳରାମ ଡାକୁଆ ଯୋଗ ଶିବିର ପରିଚାଳନା କରିଥିଲେ। ଯୋଗାଚାର୍ଯ୍ୟ ଦୀନବନ୍ଧୁ ମହାରଣା ଯୋଗ ଓ ପ୍ରାଣାୟାମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

**ଶେରଗଡ଼:** ଶେରଗଡ଼ ବିଡିଓ ଶିବାଶିଷ ବରାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶେରଗଡ଼ ପଞ୍ଚାୟତ ସମିତିର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ବହୁ ଉତ୍ସାହୀ ଯୁବକ ଓ ଗ୍ରାମବାସୀ ଯୋଗଦେଇଥିଲେ। ସ୍ଥାନୀୟ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗର ଦିଗଦର୍ଶନ ଉପରେ କ୍ରୀଡ଼ା ଶିକ୍ଷକ ବୁଝାଇଥିଲେ।

**ଆସିକା:** ଆସିକା ପତଞ୍ଜଳି ଯୋଗ ଶିବିର ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ ପ୍ରସନ ଦାସଙ୍କ ସମେତ ଅରୁଣ ଯୋଶୀ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ଯୋଗ ପ୍ରଶିକ୍ଷଣ କରିଥିଲେ। ପତଞ୍ଜଳି ଯୋଗ ଶିବିରର ବରିଷ୍ଠ ସଭ୍ୟ କାମେଶ୍ୱର ଆଚାରୀ, ଦିଲୀପ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭ୍ୟ ସୁବାସ ସେନାପତି, ସୁରି ବିଷୋୟୀ, ମହାଦେବ ସେଠୀ, ସଂଜୀବ ପାତ୍ର, ପୂର୍ଣ୍ଣ ସେଠୀ, ବିପ୍ର ଚରଣ ବେହେରା, ଭଜରାମ ସ୍ୱାଇଁ, ସନ୍ତୋଷ ପାତ୍ର, ଶିବ ପାତ୍ର, ବୁଲୁ ପାଣିଗ୍ରାହୀ, ରତ୍ନାକର ପଣ୍ଡା, ସନ୍ତୋଷ ମହାରଣା, ଟିଲି ସାହୁ, ସୁନୀଲ ପାତ୍ର, ବାବୁଲା ଗୌଡ଼, ନୀଳକଣ୍ଠ ପଣ୍ଡା, ଶ୍ରବଣ ପାତ୍ରଙ୍କ ସମେତ ବହୁ ଯୋଗାର୍ଥୀ ଉପସ୍ଥିତ ଥିଲେ।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଅନୁଷ୍ଠିତ ଶିବିରରେ ଯୋଗ ଶିକ୍ଷକ ସୁବାସ ପ୍ରଧାନ ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। କୁକୁଡାଖଣ୍ଡି ତହସିଲଦାର ସପନ କୁମାର ସାହୁ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଲୋଚାପଡା ସରପଞ୍ଚ ଏଲ ମୋହନ ଦାଶ, କୁକୁଡାଖଣ୍ଡି ବିଜେପି ମଣ୍ଡଳ ସଭାପତି ଏ ନନ୍ଦ.କିଶୋର, ଗୌତମ ମହାରଣା, ଦେବାନନ୍ଦ, ଶିବାନନ୍ଦଙ୍କ ସମେତ ବହୁ ବ୍ଲକ ଓ ତହସିଲ କର୍ମଚାରୀ ଯୋଗଦେଇ ଯୋଗ ଶିକ୍ଷା କରୁଥିବା ବେଳେ ପରିତାପର ବିଷୟ ବିଡିଓ ପଲ୍ଲବୀ ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମଧ୍ୟ କୌଣସି କାରଣରୁ ଏହି କାର୍ଯ୍ୟକ୍ରମକୁ ଅଣଦେଖା କରୁଥିବା ଭଳି ପରିସ୍ଥିତି ଦେଖା ଦେଇଥିଲା। ସେହିପରି ଅଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଲିପକ କୁମାର ସାହୁ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛତ୍ରୀଙ୍କ ସହ ସାଧାରଣ ଜନତା ତଥା ଚିକିତ୍ସାଳୟରେ ଥିବା ରୋଗୀମାନଙ୍କୁ ଯୋଗ ପ୍ରଶିକ୍ଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା.ବିପିନ୍ ବିହାରୀ ଖୁଣ୍ଟିଆ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡା.ଘାସିରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ପ୍ରଫେସର ଡା. ଚିନ୍ମୟ ଭବାନୀ ପ୍ରସାଦ, ଡା. ସ୍ୱପ୍ନା ସ୍ୱୟଂପ୍ରଭା, ଡା. ପ୍ରଦୀପ୍ତ ସିଂ, ଡା. ନିବେଦିତା ମହାପାତ୍ର, ଡା ଶିବ ପ୍ରସାଦ, ଡା.ପ୍ରଭାକର ସାମଲ, ଡ଼ା ସୌଭାଗ୍ୟ, ଡା.ସୁବ୍ରତ, ଡା. ଅଂଶୁମାନ, ଡା. ବିଶ୍ରିତା, ଡା. ଅଶ୍ୱିନୀ, ଡା.ରୋହିତ୍, ଡା. ରାଜେଶ୍, ଡା. ସ୍ଥିତପ୍ରଜ୍ଞା, ଡା. ଶିବାନୀ, ଡା. ସ୍ମୃତି, ଡା. ସତାବ୍ଦି, ଡା. ଶୁଭଲକ୍ଷ୍ମୀ, ଡ଼ା. ଜିତେନ୍ଦ୍ର, ଡା. ନିରୋଜ, ଡା. ବିଭୁ, ଡା. କବି ଚନ୍ଦ୍ର, ଡା. ନିଲମ୍ବର, ଡା. ବିନୋଦ, ଡା. କମଳାକାନ୍ତ ଆଦି ପ୍ରମୁଖ ସହଯୋଗ କରିଥିଲେ।

**କୋଦଳା:** କୋଦଳା ଇଣ୍ଡୋର ଷ୍ଟାଡିୟମ ପରିସରରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବେଗୁନିଆପଡା ବ୍ଲକ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏନ୍‌ଏସି ଉପାଧ୍ୟକ୍ଷ ରଞ୍ଜିତା ସେଠୀ, ସମସ୍ତ କାଉନସିଲର ସମେତ ବ୍ଲକ ଓ ଏନଏସିର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ସେହିପରି କୋଦଳା ସବ ଜେଲ୍ ପରିସରରେ ଜେଲ ସୁପରିଟେଣ୍ଡେଣ୍ଟ ତରଣୀ ସେନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ବେଗୁନିଆପଡା ଶାଖା ସଦସ୍ୟ ଉପସ୍ଥିତ ଥିଲେ।

**ସୋରଡ଼ା:** ବିଶ୍ୱ ଯୋଗ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ନବନିର୍ବାଚିତ ବିଧାୟକ ନୀଳମଣି ବିଷୋୟୀ। ବିଧାୟକଙ୍କ ସହିତ ସ୍ଥାନୀୟ ତହସିଲଦାର ଆକାଶ ରଞ୍ଜନ ସାହୁ, ଏବିଡିଓ ସଞ୍ଜୀବ ରାଜ୍ ସେନାପତି, ଥାନା ଅଧିକାରୀ ଅନୀଲ କୁମାର ପରିଡା, ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସିର ସମସ୍ତ କର୍ମଚାରୀଙ୍କ ସମେତ ସଫେଇ କର୍ମଚାରୀ ଆୟୋଜନ କ୍ରମେ ସମସ୍ତ କାଉନସିଲର, ସ୍ୱେଚ୍ଛାସେବୀ ଓ ବିଜେପିର ଆଗଧାଡ଼ିର ନେତୃବୃନ୍ଦଙ୍କ ସହିତ ଅନେକ କର୍ମୀ ଓ ସମାଜସେବୀ ସଦସ୍ୟଗଣ ଯୋଗ ଦେଇଥିଲେ। ଏନ୍‌ଏସିର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ମୁକ୍ତା ସଂଯୋଜକ ଜତୀନ୍ଦ୍ର କୁମାର ତ୍ରିପାଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ। ସେହିଭଳି ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରୀମାନଙ୍କୁ ନେଇ କ୍ରୀଡ଼ା ଶିକ୍ଷୟିତ୍ରୀ ଏଲିଜା ପଟ୍ଟନାୟକଙ୍କ ସଂଯୋଜନାରେ ଯୋଗ ଦିବସ ପାଳନ କରାଯାଇଛି।

**ପୋଲସରା:** ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ପୋଲସରା ବ୍ଲକ ଓ ଏନ୍‌ଏସି ତଥା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ଓ ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ଉପସ୍ଥିତ ରହି ଯୋଗ କରିବାର କୌଶଳ ଏବଂ ନିରୋଗ ରହିବାର ସଠିକ ଦିଗଦର୍ଶନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀ, ତହସିଲଦାର ରୁବି ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରୁଷି ମାଝୀ, ବିଜେପି ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଲେଫ୍ଟନାଣ୍ଟ ବୀନତା କୁମାରୀ ଦାସ ଏନ୍‌ସିସି ଅଫିସର, ଏନ୍‌ଏସ୍‌ଏସ୍ ଅଫିସର ପ୍ରକାଶ ଚନ୍ଦ୍ର ସାହୁ, ବସନ୍ତ କୁମାର ପାଣି, ସେଖ୍ ଫରିଦ, ରେଡକ୍ରସ ଅଫିସର ବିଶ୍ୱନାଥ ଚୌଧୁରୀ ଏବଂ କ୍ରୀଡ଼ା ଅଧ୍ୟାପକ ଦୀପକ କୁମାର ସ୍ୱାଇଁ ଏବଂ ଆଞ୍ଚଳିକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ପରମଗୁରୁ, ଅଧ୍ୟାପିକା ଡକ୍ଟର ରଞ୍ଜିତା କୁମାରୀ ମିଶ୍ର, ଅଧ୍ୟାପକ ଶିଶିରକାନ୍ତ ବିଷୋୟୀ, ଧରିତ୍ରୀ ନାୟକ, ମନୋଜ କୁମାର ପାଢ଼ୀ, ମିନାକ୍ଷୀ ସାହୁ, ଭାସ୍କର ସାହୁ, ଜଗନ୍ନାଥ ସୁଆର, ମକରଧ୍ୱଜ ବରାଡ଼, ସନ୍ଧ୍ୟା କୁମାରୀ ନାୟକ, ଏନ୍‌ଏସିର ସମସ୍ତ ସ୍ୱଚ୍ଛସାଥୀ, ବିଭିନ୍ନ ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀ, ମହିଳା ଓ ପୁରୁଷମାନେ ଏହି ଯୋଗ ଶିବିରରେ ଯୋଗଦେଇଥିଲେ।

**କବିସୂର୍ଯ୍ୟନଗର:** ଅନ୍ତର୍ଜାତୀୟ ଯୋଗ ଦିବସ କବିସୂର୍ଯ୍ୟନଗର ଉପକଣ୍ଠରେ ବିଦ୍ୟମାନ ଡ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଅବନୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପରିଚାଳନା ସଭାପତି ଡ. ପ୍ରସନ୍ନ କୁମାର ଦଳାଇ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଯୋଗ ପ୍ରଶିକ୍ଷକ ବିକ୍ରମ ଚର୍ଚ୍ଚି, ମୁଖ୍ୟବକ୍ତା ସାହିତ୍ୟ ଅଧ୍ୟାପକ ନରସିଂହ ପାଢ଼ୀ, ସମ୍ମାନିତ ଅତିଥି ଭାବେ ରୁନୁ ପାଣିଗ୍ରାହୀ ଓ ଡ. ସୌଭାଗ୍ୟ ମଞ୍ଜରୀ ନାଥ ସଂଯୋଜନା କରିଥିଲେ। ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାୟ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ନନ୍ଦ ବେଦପାଠ ଓ ପରିଚାଳନା କରିଥିଲେ।

**ଗଞ୍ଜାମ:** ଗଞ୍ଜାମ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଯୋଗ ଶିବିରରେ ବିଡିଓ ବସନ୍ତ ମଳିକ, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ହିସାବ ରକ୍ଷକ ଦୀପ୍ତି ରଞ୍ଜନ ପୃଷ୍ଟି, ସିଏମଏମ ଭାଗ୍ୟଶ୍ରୀ ନାୟକ, କାମଧେନୁ ସେବା ସମିତି ସମ୍ପାଦକ ଟୁନା ମହାରଣା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ସ୍ୱୟଂ ସହାୟକ ମହିଳା, ଅଙ୍ଗନବାଡି କର୍ମୀ, ବ୍ଲକ, ତହସିଲ, ଏନଏସି କର୍ମଚାରୀମାନେ ସାମିଲ ହୋଇଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅପର୍ଣ୍ଣା ଅଭିଲିପସା, ବ୍ରଜ କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଛି। ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଓ ତହସିଲଦାର ଅଶୋକ କୁମାର ମୁଦୁଲି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମୋହନ ମଲ୍ଲିକ, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ବିଭାଗୀୟ ଅଧିକାରୀ ରାମକୃଷ୍ଣ ମହାନ୍ତି, ଜିପିଓ ମାଥୁରାମ ନାୟକ, ସମସ୍ତ ପଞ୍ଚାୟତ ଅଧିକାରୀ, ବ୍ଲକ ସାମାଜିକ ଅଧିକାରୀ ମିତାଲୀ ପ୍ରିୟଦର୍ଶିନୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ, ଗ୍ରାମସେବକ ଓ ସମସ୍ତ ବ୍ଲକ କର୍ମଚାରୀ, ଓଏଲଏମ କର୍ମଚାରୀ, ପିଆଇ ମେମ୍ବର, ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ଅଞ୍ଚଳର ରାଜନେତାଙ୍କ ସମେତ ସରପଞ୍ଚ ଏବଂ ସମିତି ମେମ୍ବର ପ୍ରମୁଖ୍ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଶିବାନନ୍ଦ ନାୟକ ଓ ହିଟଲର ମହନ୍ତ ଯୋଗ ଗୁରୁ ଭାବେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ କୋର୍ଟ ପରିସରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା।


ଆସିକା


କୁକୁଡ଼ାଖଣ୍ଡି


କୋଦଳା


ପୋଲସରା


କବିସୂର୍ଯ୍ୟନଗର


ଗଞ୍ଜାମ


ସୋରଡ଼ା


ଜଗନ୍ନାଥପ୍ରସାଦ

# ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ

## ଶିବାନନ୍ଦ ନଗର ଶିଶୁ ମନ୍ଦିର



ବ୍ରହ୍ମପୁର, ୨୧।୬(ସମିସ): ସ୍ଥାନୀୟ ଶିବାନନ୍ଦ ନଗର ମା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ପରିଚାଳନା ସମିତିର ସଭାପତି ଡ. ସୁରେନ୍ଦ୍ରନାଥ ପ୍ରାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅବସରପ୍ରାପ୍ତ ଡେପୁଟି ଜେନେରାଲ ସୂର୍ଯ୍ୟକାନ୍ତ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ଯଜ୍ଞନାରାୟଣ ପାଠୀ, ଜୟକୃଷ୍ଣ ବେହେରା, ଜୟରାମ ସ୍ୱାଇଁ, ସୁନୀତା ସାହୁ, ଅନୁଷ୍ଠାନର ପ୍ରତିଷ୍ଠାତା ଗୌରୀ ଶଙ୍କର ପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ।

## ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟ




ଆମ୍ବପୁଆ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ୧୦ମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରାତଃ ପ୍ରାଚାର୍ଯ୍ୟ ଶିବପ୍ରୀୟ ଦାଶ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ପିଲାଙ୍କୁ ଯୋଗର ମହତ୍ୱ ବିଷୟରେ କହିଥିଲେ। ଡବ୍ଲୁଇ ଶିକ୍ଷକ ଦିଲୀପ କୁମାର ସୁବୁଦ୍ଧି ଯୋଗାଭ୍ୟାସ କରାଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ରଚନା ଲେଖନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଅରେନ୍ଦ୍ର ବାସୁଦେବ, ପୃଥୀରାଜ ମହାପାତ୍ର, ନଳିନୀ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ



ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବିବେକାନନ୍ଦ ସେବା କେନ୍ଦ୍ର ଓ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳା ଖାଡଙ୍ଗା ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। କଲେଜ୍ ପ୍ରାଶାସନିକ ଅଧିକାରୀ ଡ଼.ଆନନ୍ଦ ସେଠୀ, ବିବେକାନନ୍ଦ ସେବା କେନ୍ଦ୍ର ବିଭାଗ ପ୍ରମୁଖ ଡ. ଗୋପାଳକୃଷ୍ଣ ପାଣିଗ୍ରାହୀ, ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଯୋଗ ପ୍ରଶିକ୍ଷକ ପରମାନନ୍ଦ ମହାରଣା ପ୍ରମୁଖ ବିଜୟ କୁମାର ପାଣି ଓ ଆର. ଭବନାରାୟଣ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା ସଭକାର୍ଯ୍ୟ ପରିଚାଳନା କରିଥିଲେ। ମହିଳା ବିଭାଗ ର ଅଧିକାରୀଣୀ ଡ. ଶୁଭଶ୍ରୀ ଅପରାଜିତା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ ଖେଳ ପଡ଼ିଆଠାରେ ପଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଆଇଟିଆଇ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୪୦୦ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ଦୀପକ କୁମାର ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଶରୀର, ମନ, ଚିନ୍ତା ଏବଂ କାର୍ଯ୍ୟର ସମନ୍ୱୟ ରକ୍ଷା କରିବା ପାଇଁ ଯୋଗର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଆଇଟିଆଇର ଅଧ୍ୟକ୍ଷ ରଜତ ପାଣିଗ୍ରାହୀ ଯୋଗକୁ ଦୈନନ୍ଦିନ ଜୀବନ ବନରେ ବୈଜ୍ଞାନିକ ଉପାୟରେ ଅନ୍ତର୍ଭୁକ୍ତ କରିବାକୁ ନିବେଦନ କରିଛନ୍ତି। ଯୋଗ ଧାମର ଯୋଗ ଶିକ୍ଷକ ଶିବ ଶଙ୍କର ବେହେରା, ଅଂଶଗ୍ରହଣକାରୀମାନଙ୍କୁ ଯୋଗ, ପ୍ରାଣାୟାମ୍ ର ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ବିପ୍ଳବ ସାହୁ, ପୁନମ ବେହେରା, ଇଂ ନବଜ୍ୟୋତି ବେଙ୍ଗରା, ଅମିୟ କୁମାର ତୁଙ୍ଗସାମନ୍ତ, ତ୍ରିଲୋଚନ ସେନାପତି, ସରକାରୀ ଆଇଟିଆଇର ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ।

## ଆରୋଗ୍ୟ ଭାରତୀ



ଗାନ୍ଧୀନଗରଠାରେ ଆରୋଗ୍ୟ ଭାରତୀ ଓ ମହର୍ଷି ଦୟାନନ୍ଦ ଯୋଗ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ, ଯୋଗ ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଡା. ଏ. ବାଳକୃଷ୍ଣ ଯୋଗଦେଇ ଯୋଗ ପ୍ରଦର୍ଶନ କରିଥିଲେ। ଯୋଗ ଦ୍ୱାରା ବିନା ମୂଲ୍ୟରେ ବିନା ପ୍ରତିକ୍ରିୟାରେ ଦୁଃସାଧ୍ୟ ରୋଗ ସବୁ ଭଲ ହୋଇ ପାରୁଛି। ଏଣୁ ସମସ୍ତେ ନିତ୍ୟ ଯୋଗ ପ୍ରାଣାୟାମ ଆସନ କରିବାକୁ ପରାମର୍ଶ ଦେଇଥିଲେ। ସତ୍ୟନାରାୟଣ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ପାତ୍ର, ପୂର୍ଣ୍ଣିମା ବେହେରା, ବିଭୂତି ଭୂଷଣ ପଣ୍ଡା, ଗୋପିନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗଧାମ ଓ ଯୋଗ ସାଧନା କେନ୍ଦ୍ର

ସ୍ଥାନୀୟ ଖାସ୍ପା ସାହି ସୁବୁଦ୍ଧି ବେଢ଼ାଠାରେ ଯୋଗଧାମ୍ ଓ ଯୋଗ ସାଧନା କେନ୍ଦ୍ରଙ୍କ ମିଳିତ ଉଦ୍ୟମରେ ଯୋଗ ଦିବସ ପାଳିତ ହୋଇଛି। ଯୋଗଧାମ ସମ୍ପାଦକ ଯୋଗାଚାର୍ଯ୍ୟ ପି ରାମାରାଓ ପାତ୍ର ଏବଂ ଯୋଗଗୁରୁ କେ ବିଜୟ ଭାସ୍କରଙ୍କ ଦ୍ୱାରା ୪୦୦ରୁ ଅଧିକ ବ୍ୟକ୍ତି ପ୍ରଶିକ୍ଷିତ ହୋଇଥିଲେ। ଯୋଗସାଧନା ସମ୍ପାଦକ ଦୁର୍ଗା ରାଓଙ୍କ ଅଧ୍ୟକ୍ଷତାରେ ଖାସ୍ପା ସାହିରୁ ଗିରିଜା ଛକ ପର୍ଯ୍ୟନ୍ତ ଏକ ବିଶାଳ ଜାଗରଣ ଶୋଭାଯାତ୍ରା ହୋଇଥିଲା। ବ୍ରହ୍ମପୁର ଚିନ୍ମୟ ମିଶନ, ଡାକ୍ତର ଫୋରମ୍, ପୂର୍ବତନ



ସୈନିକ ପ୍ରମୁଖ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ଏହାକୁ ଟି ଅନିଲ ପାତ୍ର ସଂଯୋଜନା କରିଥିବା ବେଳେ ରିତୁନା ପାତ୍ର, ଟି ରାଧାରାଣୀ ପାତ୍ର, ଶିବ ଶଙ୍କର ବେହେରା, ପି ରୋଷନ୍ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ବ୍ରହ୍ମପୁର ବଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଭଞ୍ଜ ମଣ୍ଡପଠାରେରେ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନ୍ତର୍ଜାତୀୟ ଯୋଗ ଦିବସର ଶୁଭାରମ୍ଭ କରିଥିଲେ। ସହାୟତା ଫାଉଣ୍ଡେସନର ପ୍ରତିଷ୍ଠାତା କିରଣ ଜୀ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ନିୟମିତ ଯୋଗଭ୍ୟାସ କରିବା ସହ ଯୋଗ ଓ ପ୍ରାଣାୟମର ଉପାଦୟତା ସପର୍କରେ ସମସ୍ତଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ଯୋଗଗୁରୁ ତଥା ଫିଜିଓଥେରାପିଷ୍ଟ ସୁବାସ ଚନ୍ଦ୍ର ବରାଳ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକଙ୍କୁ ସମୂହ ଯୋଗାଭ୍ୟାସ କରାଇଥିଲେ। ଏ ଅବସରରେ ନିୟମିତ ଯୋଗାଭ୍ୟାସ କରିବା ପାଇଁ ଏହି ଅବସରରେ ଏକ ସାମୂହିକ ଶପଥପାଠ କରାଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଇତିଶ୍ରୀ ଗୀତା କୁମାରୀ ସମସ୍ତଙ୍କୁ ଏହି ଶପଥ ପାଠ କରାଇଥିଲେ। ଏନଏସଏସ ବ୍ୟୁରୋ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପରୀକ୍ଷା ନୀୟନ୍ତ୍ରକ ସତ୍ୟନାରାୟଣ କୁଣ୍ଡୁ, ୱାର୍ଡନ ପ୍ରଫେସର ସୁଧାକର ପାତ୍ର, କ୍ରୀଡା ସଂସଦର ସମ୍ପାଦକ ପ୍ରଫେସର ଗଣେଷ ସେଠୀ, ଉପକୁଳସଚିବ ବାପୁଜୀ ସାମଲଙ୍କ ସହ ବିଶ୍ୱବିଦ୍ୟାଳୟର ଦୁଇଶହରୁ ଅଧିକ ଅଧାପକ, ଅଧାପିକା, କର୍ମଚାରୀ, ଛାତ୍ରଛାତୀମାନେ ଯୋଗ ଦେଇଥିଲେ। ଶେଷରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଙ୍କର୍ଷଣ ମଲ୍ଲିକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏନଏସଏସ ଅଧିକାରୀ ସୁଶାନ୍ତ କୁମାର ସାହୁ, ସରିପା ପ୍ରଧାନ, ସୌମ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନାଭାଲ ଏନ୍‌ସିସି



ବ୍ରହ୍ମପୁର ସ୍ଥିତ ୧(ଓଡ଼ିଶା) ନାଭାଲ ୟୁନିଟ୍ ଏନ୍.ସି.ସି ପକ୍ଷରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ହୋଇଯାଇଛି। ସାରା ଭାରତ ବର୍ଷରେ ୧୦ମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ହେଉଥିବା ବେଳେ ଏହି ଉପଲକ୍ଷେ ୧(ଓଡ଼ିଶା) ନାଭାଲ ୟୁନିଟ୍ ଅଧୀନରେ ଥିବା ୭ଟି ବିଶ୍ୱବିଦ୍ୟାଳୟ, ୪ଟି ମହାବିଦ୍ୟାଳୟ, ଓ ବିଭିନ୍ନ ବିଦ୍ୟାଳୟର ନାଭାଲ ଏନ୍.ସି.ସି କ୍ୟାଡେଟମାନେ ଯୋଗାଭ୍ୟାସ ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ମାଧମରେ ଏହି ଦିବସଟିକୁ ପାଳନ କରିଛନ୍ତି। ୧(ଓଡ଼ିଶା) ନାଭାଲ ୟୁନିଟ୍ ଏନ୍.ସି.ସି ଅଫିସ ଅଧୀନରେ ଥିବା ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ, ନିଷ୍ଟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ଗଞ୍ଜାମ ମହାବିଦ୍ୟାଳୟ, କେ.ଏସ୍. ୟୁ ବି ମହାବିଦ୍ୟାଳୟ ଭଞ୍ଜନଗର ଓ ନୟାଗଡ଼ ସରକାରୀ ମହାବିଦ୍ୟାଳୟ ଆଦି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ହୋଇଯାଇଛି। ସେହିପରି ଏହି ନାଭାଲ ୟୁନିଟ୍ ଅଧିନରେ ଥିବା ୬ଟି ଜିଲ୍ଲାର ୨୩ଟି ବିଦ୍ୟାଳୟର ନାଭାଲ ଏନ୍.ସି.ସି କ୍ୟାଡେଟମାନଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଛି। ୧୦ମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଉପଲକ୍ଷେ ଚଳିତ ବର୍ଷର ଉଦ୍ଦେଶ୍ୟ ସ୍ୱୟଂ ଓ ସମାଜ ପାଇଁ ଯୋଗ' ଏହି ବାର୍ତ୍ତା ନେଇ ୧(ଓଡ଼ିଶା) ନାଭାଲ ୟୁନିଟ୍ ଏନ୍.ସି.ସି କ୍ୟାଡେଟ୍ ମାନଙ୍କ ଦ୍ୱାରା ଛତ୍ରପୁରସ୍ଥିତ ତାମ୍ପା ହଦ୍ରଠାରେ ଯୋଗ ପରିବେଷଣ ସହ ଏହାର ଉପକାରିତା ଓ ସମାଜ ସୁରକ୍ଷା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ୧ (ଓଡ଼ିଶା) ନାଭାଲ ୟୁନିଟ୍ ଏନ୍.ସି.ସି, ବ୍ରହ୍ମପୁରର କମାଣ୍ଡିଂ ଅଫିସର କମାଣ୍ଡର ଘଠଚ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ୧୨୫୦ ଏନ୍.ସି.ସି ନାଭାଲ କ୍ୟାଡେଟ, ୯ ଜଣ ଏ.ଏନ.ଓ. ଏବଂ ୧୪ ଜଣ ସି.ଟି.ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରି ଯୋଗଦାନ କରିଥିଲେ।

## କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ




ସ୍ଥାନୀୟ କ୍ଷେତ୍ରମୋହନ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ବ୍ରହ୍ମପୁର ସ୍ଥିତ ପାତଞ୍ଜଳି ଯୋଗ ଅନୁଷ୍ଠାନରୁ ଯୋଗ ଶିକ୍ଷକ ସୁବ୍ରତ କୁମାର ମୁଜାରୀ ଯୋଗ ଶିକ୍ଷା ଦେଇଥିଲେ। ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ସତୀଶ ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାର ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ଡ ସୁଶାନ୍ତ କୁମାର ମିଶ୍ର। ଯୋଗ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାର ମଧ ଆୟୋଜିତ ହେଇଥିଲା। କୃତୀ ଛାତ୍ରଛାତ୍ରୀ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ପୁରସ୍କାର ବିତରଣ କରିଥିଲେ। ଶାରୀରିକ ଓ ବ୍ୟକ୍ତିତ୍ୱ ବିକାଶ ଏବଂ ସମାଜର ଉନ୍ନତିର ଯୋଗ ଆବଶ୍ୟକତା ବିଷୟରେ ଅତିଥି ଗଣ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ନିଜେ ଅଭ୍ୟାସ କରିବା ସହିତ ଅନ୍ୟମାନଙ୍କୁ ଏହାର ସୁପରିମାଣ ବିଷୟ ରେ ଜଣାଇବାକୁ ସମସ୍ତ ଏକମତ ହୋଇଥିଲେ। ମହାବିଦ୍ୟାଳୟର ସମସ୍ତ ସଦସ୍ୟଙ୍କ ସହାୟତାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଶେଷରେ ଅଧ୍ୟାପକ ସତ୍ୟ ନାରାୟଣ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମଣ୍ଡଳ କାରାଗାର



ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ଜେଲ ପକ୍ଷରୁ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ସହଯୋଗରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଜେଲର ସତ୍ୟ ନାରାୟଣ ବେହେରା ଯୋଗଦେଇ ଯୋଗାଭ୍ୟାସ ହିଁ ମଣିଷକୁ ଶାରୀରିକ ସୁସ୍ଥତା ଓ ମାନସିକ ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଯୋଗ ପ୍ରଶିକ୍ଷକ ପଦ୍ମନାଭ ବେହେରା ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରିବା ସହ ତାର ଉପକାରିତା ସମ୍ପର୍କରେ ଅନ୍ତବାସୀମାନଙ୍କୁ ବୁଝାଇଥିଲେ। ଏହାସହ ପ୍ରଶିକ୍ଷକ ଶ୍ରୀଚନ୍ଦନ ନାୟକ ଶାରିରିକ ବ୍ୟାୟାମ ଅଭ୍ୟାସ କରାଇଥିଲେ। କାରାଗାର ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ନାୟକ, ଦିଗଦର୍ଶନ ଫାଉଣ୍ଡେସନ ପରିଚାଳନା ନିର୍ଦ୍ଦେଶକ ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼, ନିର୍ଦ୍ଦେଶକ ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଅନ୍ତବାସୀମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଜେଲ କର୍ମଚାରୀମାନେ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ



ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ଼. ପଦ୍ମିନୀ ସାହୁ ଅଧ୍ୟକ୍ଷତା କରିଥିଲେ। ଯୋଗଗୁରୁ କେ. ରବି ରାଓ ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ ସମ୍ପର୍କୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ସନ୍ତିଶୁଧା ପାତ୍ର, ବରିଷ୍ଠ ଅଧ୍ୟାପକ ଡ଼. ଦୀପକ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ କୁମାର ପଟ୍ଟନାୟକ, ଡ଼. ଉଷା ରାଣୀ ରଥ, ଡ଼. ପ୍ରଣତି ରଥ, ବିଭୂତି ପ୍ରସାଦ ବାରିକ ଓ ଡ଼. ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୟୋଗା ଆଟିଭର୍ସ

ଆମ୍ବପୁଆ ରିଜର୍ଭ ପଡ଼ିଆ ପରିସରରେ ୟୋଗା ଆଟିଭର୍ସ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଆଟିଭରସ୍‌ର ସଦସ୍ୟମାନେ ପ୍ରତିଦିନ ଭଳି ଶୁକ୍ରବାର ଦିନ ସକାଳେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାରର ଯୋଗ କରିବା ସହ ଯୋଗ କରିବା ଦ୍ୱାରା ଶରୀର କିପରି ସୁସ୍ଥ ରହେ ସେ ଉପରେ ଆଲୋକପାତ କରିଥିଲେ। ଏହାସହ ଆଟିଭର୍ସମାନେ ପ୍ରତିଦିନ କରୁଛି ଯିଏ ଯୋଗ ତା' ପାଖକୁ ମାରେନାହିଁ



ରୋଗ ବୋଲି ନାରା ଦେଇ ଯୋଗ କରିଥିଲେ। ସଦସ୍ୟ ତଥା ଖଣ୍ଡଦେଉଳି କଲେଜର ଇତିହାସ ବିଭାଗୀୟ ମୁଖ୍ୟ ଅଭିମନ୍ୟୁ ସାହୁ ଯୋଗଦେଇ ଯୋଗା କରିବା ଦ୍ୱାରା ଶରୀର କିପରି ରୋଗମୁକ୍ତ ମନୁଷ୍ୟ ହୁଏ ସେ ଉପରେ ସୁଚିନ୍ତିତ ମତାମତ ଦେଇଥିଲେ। ଆଟିଭରସ୍‌ଙ୍କ ଯୋଗ ପ୍ରଶିକ୍ଷକ ବିଷ୍ଣୁପ୍ରସାଦ ପଣ୍ଡା ଓ ସିଲୁ ପାଣିଗ୍ରାହୀ ବିଭିନ୍ନ ଯୋଗ କରି ଅନ୍ୟମାନଙ୍କୁ ଯୋଗ କିପରି କରିବେ ସେ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମ୍ଭା କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଶିବରାମ ଚୌଧୁରୀ, ଭଜମନ ପ୍ରଧାନ, ପ୍ରଶାନ୍ତ ସାହୁ, ସଞ୍ଜୟ ଗୌଡ, ସୁଧାକର ନାୟକ, ରତ୍ନାକର ପଣ୍ଡା, ବିଷ୍ଣୁକିଙ୍କର ମହାପାତ୍ର, ସୂର୍ଯ୍ୟନାରାୟଣ ରଥ, ବିଜୟ କୁମାର ସାହୁ, ରାଜେନ୍ଦ୍ର ସାହୁ, ବିଶ୍ୱନାଥ ପାଢ଼ୀ, ଚିତ୍ତରଞ୍ଜନ, ଲଳିତ ସାହୁ, ଲିଙ୍ଗରାଜ ପାତ୍ରଙ୍କ ସମେତ ବହୁ ସଦସ୍ୟଗଣ ଉପସ୍ଥିତରହି ଯୋଗ ଅଭ୍ୟାସ କରିଥିଲେ।

## ପତଞ୍ଜଳି

ସ୍ଥାନୀୟଜାତୀୟରାଜପଥନିକଟସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପତଞ୍ଜଳି ପକ୍ଷରୁ ୧୦ମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଇଂ. ଅଶୋକ କୁମାର ପାଳ, ଡ଼ା ସୁବାସ ସାହୁ, ଡ଼ା. ଦେବରାଜ ପାଣିଗ୍ରାହୀ, ଶିଶିର ଦାସ, ପ୍ରଦ୍ୟୁମ୍ନ ବିଷୋୟୀ, ତପସ୍ୱିନୀ ମିଶ୍ର, ଶାନ୍ତନୁ ମାଝୀ, ରମାକାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ। ପତଂଜଳି ଯୋଗ ସମିତି ର ଡ଼ାଃ . କିରଣ କୁମାର ପାଣିଗ୍ରାହୀ, ବରୁଣ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏଥିରେ ସମସ୍ତ ଯୋଗ ଓ ପ୍ରାଣାୟାମ ପ୍ରଦର୍ଶନ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅର୍ଜୁନ ଲଫିଙ୍ଗ କ୍ଲବ, ରୋଟାରୀ କ୍ଲବର ସଦସ୍ୟଙ୍କ ସମେତ ଅନୁଷ୍ଠାନ ର ୬୫୭ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।

## ବ୍ରହ୍ମପୁର ମହାନଗର ନିଗମ

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ପରିସରରେ ୧୦ ତମ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ବାଣିଜ୍ୟ, ପରିବହନ, ଖଣି ଓ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅଥିତି ରୂପେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେ‡ୀ, ଉପ-ଜିଲ୍ଲାପାଳ ଦୀନା ଦସ୍ତାଗୀର, କମିଶନର ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମନୁଷ୍ୟ ଶରୀର ପାଇଁ ଯୋଗର ଆବଶ୍ୟକତା ଏବଂ ପୁରାତନ କାଳରୁ ଯୋଗର ମହତ୍ତ୍ୱକୁ ନେଇ ଅତିଥିମାନେ ନିଜ ଅଭିଭାଷଣ ରଖିଥିଲେ। ଯୋଗଧାମର ମୁଖ୍ୟ ଟି. ଅନିଲ ପାତ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅତିଥିଙ୍କ ଦ୍ୱାରା ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୩ ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ। ବିଏମସିର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ପାତ୍ରପୁର:** ପାତ୍ରପୁର ବ୍ଲକ ପ୍ରଶାଶନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦୈନନ୍ଦିନ ଜୀବନରେ ଯୋଗର ଉପାଦେୟତା ସମ୍ପର୍କରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ୱାଇ ସଂଯୁକ୍ତା,



ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ ବିଡିଓ ସୁମନ ସୁବ୍ବା କୁଣ୍ଡୁ, ତହସିଲଦାର ଅଶୋକ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ଦେହୁରୀ, ସିଡ଼ିପିଓ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ସମେତ ଅନେକ ସରପଞ୍ଚ ସମିତି ସଭ୍ୟ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଭାବରେ ଅରୁଣ କୁମାର ମହାନ୍ତି ପ୍ରଶିକ୍ଷଣ ଦେଇଥିବା ବେଳେ ମହନ୍ତ ଶ୍ରୀ ପରାଙ୍କୁଶ ବିଦ୍ୟାପୀଠର ଶିକ୍ଷକ ମୋହନ ରାଓ ପରିଚାଳନା କରିଥିଲେ। ସେହିଭଳି ଚିକିଟୀ ବିଜ୍ଞାପିତ ଅଞ୍ଚଳ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଚିକିଟୀ ପେଣ୍ଠ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି ଯୋଗ ଶିବିରରେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଲକ୍ଷ୍ମଣ ସୋରେନ, ତହସିଲଦାର ବଳଦେବ ବେହେରା, ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷା ଦୀପା କୁମାରୀ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ସମସ୍ତ କାଉନସିଲର ସାଙ୍ଗକୁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଯୋଗଦେଇ ଯୋଗ ପ୍ରାଣାୟମ ଓ ଶପଥ ପାଠ କରିଥିଲେ। ଯୋଗ ପ୍ରଶିକ୍ଷକ ଅଜିତ କୁମାର ପଣ୍ଡା ଯୋଗ ଦେଇ ଉପସ୍ଥିତ ଶିବିରାର୍ଥୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

**ରମ୍ଭା:** ସୁବଳୟାରେ ଥିବା ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼.ସିଏଚ ସୁଧାକରଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ଯୋଗ ଦିବସ



ପାଳିତ ହୋଇଯାଇଛି।ଏକ ସୁସ୍ଥ ନିରାମୟ ଜୀବନ ପାଇଁ ଯୋଗ ଓ ପ୍ରାଣାୟମ ଅବ୍ୟର୍ଥ ମହୋଷୋଧି ବୋଲି ଅଧ୍ୟକ୍ଷ ଡ଼.ସିଏଚ ସୁଧାକର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଡ଼.ଗଜେନ୍ଦ୍ର କୁମାର ସେଠୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଅଧ୍ୟାପକ ଡ଼.ବସନ୍ତ କୁମାର ନାୟକ, ଡ଼.ରବୀନ୍ଦ୍ର ନାଥ ଜେନା, ଡ଼.ଅମୂଲ୍ୟ ରତ୍ନ ସାହୁ, ଡ଼.ଜଗଦୀଶ ଚନ୍ଦ୍ର ପାଳ, ଡ଼.ଅନିତା ମିଶ୍ର, ସନ୍ତୋଷି ନାହାକ, ଦୀନବନ୍ଧୁ ପାତ୍ର, ଜୋସ୍ନା କୁମାରୀ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ବିଦ୍ୟାଧର ବେହେରା, ବିଜୟ କୁମାର ସ୍ୱାଇଁ, କୁମାରୀ ଲିଲୁ ଦେବୀ, ପ୍ରହ୍ଲାଦ ସାହୁ, ସୁଧୀର କୁମାର ବେହେରା, ପ୍ରହ୍ଲାଦ ବେହେରା, ଅଭିମନ୍ୟୁ ସାହୁ ଏବଂ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ପରିଚାଳନା କରିଥିଲେ।

**ରଙ୍ଗେଇଲୁଣ୍ଡା:** ଗୋପାଳପୁର ନିର୍ବାଚନମଣ୍ଡଳୀର କନିସି ହାଟ ବ୍ଲକସ୍ତରୀୟ ଯୋଗ ଦିବସ ପାଳନ ହୋଇଛି। ଅତିଥି ରୂପେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭ




ଆରମ୍ଭ କରିଥିଲେ। ଆମର ସାଧନା ମାର୍ଗ ହୋଉଛି ଯୋଗ। ଯୋଗ କଲେ ନିରୋଗ ରହିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, କନିସି ତହସିଲଦାର ପ୍ରଳୟନନ୍ଦ ଶତପଥୀ, ସିଡ଼ିପିଓ ଜ୍ୟୋସ୍ନା ପାଢ଼ୀ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ସମୀର ପଟ୍ଟନାୟକ, ବନଜା ନାୟକ, ଯଯାତି ପାତ୍ର, ବିଏସଏସଓ ଲକ୍ଷ୍ମନୃସିଂହ ପଟ୍ଟନାୟକ, ରୂପକ ରଞ୍ଜନ ସାମନ୍ତରାୟ, ପ୍ରତାପ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମହିଳା ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟମାନେ ମଧ ସାମିଲ ହୋଇଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ଏନଏସି ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ନାୟକଙ୍କ ଆବାହାକତ୍ୱରେ ଅନୁଷ୍ଠିତ



ହୋଇଥିବା ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ, ବିଡ଼ିଓ ଦେବାଶିଷ ସାମଲ, ବ୍ଲକ ଅଧ୍ୟକ୍ଷା ଭାରତୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଗୁରୁ କାର୍ତ୍ତିକ ସାହୁ ଯୋଗ ଶିକ୍ଷା ପ୍ରଦାନ କରିଥିବା ବେଳେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏହି ଯୋଗ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ ଓ ଏନଏସି ର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ସେହିପରି ଆରସିଏମ କଲେଜରେ ଏବଂ ମର୍ଦ୍ଦରାଜ ଶିଶୁ ଉଦ୍ୟାନରେ ମଧ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି।

**ବେଲଗୁଣ୍ଠା:** ବେଲଗୁଣ୍ଠା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ, ପଞ୍ଚାୟତ ସମିତି ଏବଂ ତହସିଲ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଅର୍ନ୍ତଜାତୀୟ ଯୋଗ ଦିବସ ପାଳିତ



ହୋଇଯାଇଛି। ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ରୂପେ ତହସିଲଦାର କଳାକୃଷ୍ଣ ପ୍ରଧାନ, ଏନ୍‌ଏସି କାର୍ଯ୍ୟ ନିର୍ବାହି ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ବିଡ଼ିଓ ଭାରତୀ ଦେବୀ, ବଡ଼ବୋରସିଂ ସରପଞ୍ଚ ରାମେଶ୍ୱର ପାତ୍ର, ବହୁ କାଉନସିଲର ସମେତ ବହୁ ସରପଞ୍ଚ ସମିତିସଭ୍ୟ ଯୋଗ ଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୩୫ • ପାଉଣ୍ଡ ୧୦୫.୯୨
- ୟୁରୋ ୮୯.୮୮ • ୟେନ୍ ୦.୫୨



**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୭,୩୦୦ (ନୂଆଦିଲ୍ଲୀ)
- ରୁପା : ୯୪,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୨୦୯.୦୦
- ନିଫ୍ଟି ୨୩,୫୦୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଦେଶକୁ ରେକର୍ଡ ଅର୍ଥ ପଠାଇଛନ୍ତି ଏନ୍‌ଆର୍‌ଆଇ

**ନୂଆଦିଲ୍ଲୀ,୨୧।୬(ଏଜେନ୍ସି):** ଦେଶର ଅର୍ଥନୀତି ପାଇଁ ଭଲ ଖବର। କାରଣ ବିଦେଶରେ ରହୁଥିବା ଭାରତୀୟମାନେ (ଏନଆରଆଇ) ଦେଶକୁ ପଠାଇଛନ୍ତି ରେକର୍ଡ ପରିମାଣର ଅର୍ଥ। କେବଳ ଏପ୍ରିଲ ମାସରେ ବିଭିନ୍ନ ଏନଆରଆଇ ଜମା ଯୋଜନାରେ ୧ ବିଲିୟନ ଡଲାରରୁ ଅଧିକ ଅର୍ଥ ରାଶି ଜମା କରିଛନ୍ତି। ରିଜର୍ଭ ବ୍ୟାଙ୍କର ସଦ୍ୟ ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକବର୍ଷର ପ୍ରଥମ ମାସ ଅର୍ଥାତ୍ ଏପ୍ରିଲ ୨୦୨୪ରେ ଏନଆରଆଇ ଭାରତୀୟଙ୍କ ଦ୍ୱାରା ବିଭିନ୍ନ ଏନଆରଆଇ ଡିପୋଜିଟ୍ ସ୍କିମ୍‌ରେ ୧.୦୮ ବିଲିୟନ ଡଲାର ଜମା ହୋଇଛି। ଆଉ ଏହି ଜମା ସହ ଏନଆରଆଇ ଜମାର ସମୁଦାୟ ସଂଖ୍ୟା ୧୫୩ ବିଲିୟନ ଡଲାର ହୋଇଛି। ଅବଶ୍ୟ ୨୦୨୩ରେ ଏନଆରଆଇ ୧୫୦ ମିଲିୟନ ଡଲାର କାଢ଼ିଥିଲେ। ସୂଚନାଥାଉ କି, ଏନଆରଆଇଙ୍କ ପାଇଁ ଅନେକ ଜମା ଯୋଜନା ରହିଛି। ଏଥିରେ ଏଫସିଏନଆର ଅର୍ଥାତ୍ ଫରେନ କରେନ୍ସି ନନ୍ ରେସିଡ଼େଣ୍ଟ ଆକାଉଣ୍ଟ ପ୍ରମୁଖ। ଏପ୍ରିଲରେ ଯେଉଁ ସ୍କିମ୍‌ରେ ଜମାରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ସେଥିରେ ଦୁଇ ପ୍ରକାର ଏଫସିଏନଆର ଆକାଉଣ୍ଟ ମୁଖ୍ୟ ରହିଛି। ତାହା ହେଉଛି ଫରେନ୍ କରେନ୍ସୀ ନନ ରେସିଡେଣ୍ଟ ବା ଏଫସିଏନଆର(ବି) ଏବଂ ନନ ରେସିଡେଣ୍ଟ ଏକ୍ସଟରନାଲ ରୁପି ଆକାଉଣ୍ଟ ବା ଏନଆରଇ (ଆରଏ)। ତଥ୍ୟ ଅନୁଯାୟୀ, ଏପ୍ରିଲରେ ୫୮୩ ମିଲିୟନ ଡଲାରର ଡିପୋଜିଟ୍ ଏନଆରଇ (ଆରଏ) ଅନୁଯାୟୀ, ଆସିଛି, ଯେତେବେଳେକି ଏଫସିଏନଆଣ(ବି)ରେ ଏନଆରଆଇ ଦ୍ୱାର ୪୮୩ ମିଲିୟନ ଡଲାର ଜମା କରିଛନ୍ତି। ଏଫସିଏନଆର(ବି) ଆକାଉଣ୍ଟକୁ ସେତେବେଳେ ଲାଭଦାୟକ ବୋଲ ଧରାଯାଏ, ଯେତେବେଳେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଥାଏ।

**ଜମା ରାଶି ୧୫୩ ବିଲିୟନ ଡଲାର**

## ପରିବା ବଜାରରେ ନିଆଁ
# ଶତକ ମାରିଲା ଟମାଟୋ

ଭୁବନେଶ୍ୱର,୨୧।୬(ସିମସ)

ତେଜରାତି ସାମଗ୍ରୀ ପରେ ଏବେ ୧୫ ଦିନ ହେବ ପରିବା ବଜାରରେ ହୋଇଛି ମହଙ୍ଗା ମାଡ଼। ରୋଷେଇ ଘର ଉପରେ ପଡ଼ିଲାଣି ଚଡ଼କ। ହୁହୁ ହୋଇ ବଢ଼ିଚାଲିଛି ପନିପରିବାର ଦରଦାମ୍। ଦରବୃଦ୍ଧ ଯନ୍ତ୍ରଣାରେ ଖାଉଟି ଏବେ କଲବଲ। ହାଟ ବଜାରରେ ପ୍ରାୟ ସବୁ ପରିବା ଦର ଅସହ୍ୟ ଭାବେ ବଢ଼ିଚାଲିଛି। ଚଢ଼ା ଦରକୁ ନେଇ ଅତିଷ୍ଠ ହୋଇଗଲେଣି ଖାଉଟି। ଗତ ବର୍ଷ ଭଳି ବଜାରରେ ଏବେ ଅଧିକାଂଶ ପରିବା ଦର ଶତକ ଛୁଇଁବାକୁ ବସିଛି। ଫଳରେ ଫଳରେ ରୋଷେଇ ଘରୁ ଏବେ ବହୁ ପରିବା ଧୀରେ ଧୀରେ ଗାଏବ ହବାକୁ ବସିଲାଣି। ଇତି ମଧ୍ୟରେ ସେଞ୍ଚୁରୀ ମାରିଛି ଟମାଟୋ। ଏଥିରେ ନିତି ବ୍ୟବହାର ହେଉଥିବା ଆଳୁ ଦର ଏବେ କିଲୋ ପିଛା ଆଉ ୫ ଟଙ୍କା ବଢ଼ିଯାଇଛି।

ରାଜଧାନୀ ଭୁବନେଶ୍ୱରର ହାଟ ବଜାରରେ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ଆଳୁ ଏବେ ଦିନକରେ ୩୫ ଟଙ୍କାକୁ ବୃଦ୍ଧି ଘଟିଛି। ପିଆଜ କିଲୋ ୪୦ ଯଙ୍କାରେ ଅପରିବର୍ତ୍ତିତ ରହିଛି। ସେହିପରି ୮୦ ଟଙ୍କା କିଲୋ ପିଛା ବିକ୍ରି ହେଉଥିବା ଟମାଟୋ ଦର ଏବେ ଆଶ୍ଚର୍ଯ୍ୟଜନକ ଭାବେ ୧୦୦ ଟଙ୍କାକୁ ବୃଦ୍ଧି ହୋଇଛି। କମ୍ ଯୋଗାଣ ଦର ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ବର୍ତ୍ତମାନ ନାସିକ୍ ଏବଂ ବେଙ୍ଗାଲୁରୁରୁ ଟମାଟୋ ରାଜ୍ୟକୁ ଆସୁଛି। ତେବେ ଦୈନିକ ଯୋଗାଣ ଉପରେ ଏହାର ଦର ନିର୍ଭର କରୁଛି। ଏ ସମ୍ପର୍କରେ ଛତ୍ର ବଜାର ପରିବା ବ୍ୟବସାୟୀ ସଂଘର ସଭାପତି ଦେବରାଜ ସାହୁ କହିଛନ୍ତି, ଚଳିତ ବର୍ଷ ଅତ୍ୟଧିକ ଗରମ ଯୋଗୁ ଫସଲ ଉତ୍ପାଦନ ପ୍ରଭାବିତ ହୋଇଛି। ବଜାର ଟିକିଏ ସ୍ୱାଭାବିକ ହେବା ଲାଗି ଅନ୍ତତଃ ପକ୍ଷେ ମାସେ ଯାଏ ସମୟ ଲାଗିପାରେ। ସେହିଭଳି ବାହାରୁ ଯାହା କିଛି ବି ପରିବା ଆସୁଛି ଗରମ ଯୋଗୁ ସଡ଼ି ଯାଉଛି। କର୍ଣ୍ଣାଟକରୁ ଆସୁଥିବା ପରିବା ଉପରେ ଏବେ ପରିବହନ ଚାପ ପଡିଛି ବୋଲି ଶ୍ରୀ ସାହୁ କହିଛନ୍ତି। ଅଧିକ ଭଡ଼ା ଯୋଗୁ ସ୍ଥାନୀୟ ବଜାରରେ ପହଞ୍ଚିବାବେଳେକୁ ଦର ବଢ଼ିଯାଉଥିବା ସେ କହିଛନ୍ତି।






ସେହିପରି ଅନ୍ୟ ପରିବା ମଧ୍ୟରେ ବଜାରରେ ଦେଶୀ ପୋଟଳ ୯୦, ଭେଣ୍ଡି ୮୦, କଲରା ୧୦୦, ଜହ୍ନି ୮୦, ବନ୍ଧାକୋବି ୬୦, କାଙ୍କଡ ୧୪୦, କଖାରୁ ୩୦ ଟଙ୍କାରେ ବିକ୍ରି ହେଉଛି। ଏତାଛଡା ଝୁଡ଼ଙ୍ଗ ୧୨୦, କାକୁଡି ୮୦, ବିନ୍ସ ୩୮୦, ଅମୃତ ଭଣ୍ଡା ୩୦, ସଜନା ଛୁଇଁ ୧୬୦, ଆଳୁ ୩୨ ଏବଂ ପିଆଜ ୪୦ ଟଙ୍କାରେ ବିକ୍ରି ହେଉଛି। କଟକ ଛତ୍ର ବଜାରରେ ବୁଧବାର ବାଇଗଣ ୫୦ ଟଙ୍କା ରହିଥିବା ବେଳେ ପୋଟଳ ୫୫ ଟଙ୍କା ଏବଂ ଅନ୍ୟ ପରିବା ଦର ୪୦ରୁ ୪୫ ଟଙ୍କା ସ୍ତରରେ ରହିଛି।

## ଆର୍ମି କ୍ୟାଣ୍ଟିନ୍‌ରେ ମିଳିବ କିଆ କାର୍

ନୂଆଦିଲ୍ଲୀ,୨୧।୬(ଏଜେନ୍ସି)

ଏଣିକି ସୁଲଭ ମୂଲ୍ୟରେ ଲକ୍‌ଜୁରୀ କିଆ କାର୍ କିଣିପାରିବେ ପୁଲିସ ଓ ଅର୍ଦ୍ଧସାମରିକ ବଳ ଅଧିକାରୀ। କାରଣ କିଆ ଇଣ୍ଡିଆ ଏହାର ଲୋକପ୍ରିୟ ଗାଡ଼ିର ବିକ୍ରି ବଢ଼ାଇବାକୁ ନେଇ ଗ୍ରହଣ କରିଛି ଏକ ନୂଆ ପଦକ୍ଷେପ। କିଆ କାର୍ ଇଣ୍ଡିଆ, କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାର ସହ ଏକ ଚୁକ୍ତି କରିଛି। ଆଉ ଏହି ଚୁକ୍ତି ଅନୁଯାୟୀ, ଅର୍ଦ୍ଧସାମରିକ ଏବଂ ପୁଲିସ କର୍ମୀଙ୍କୁ କ୍ୟାଣ୍ଟିନ୍‌ରୁ କିଆ କାର୍ କିଣିବା ଉପରେ ମିଳିବ ବିଶେଷ ଲାଭ।

**କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାର ସହ କିଆର ଚୁକ୍ତି**



ବର୍ତ୍ତମାନ ସମୟରେ କେନ୍ଦ୍ରୀୟ କଲ୍ୟାଣ ଭଣ୍ଡାର ପୋଲିସ ଏବଂ ଅର୍ଦ୍ଧସାମରିକ ବଳର ୩୫ ଲକ୍ଷ ଲାଭାର୍ଥୀଙ୍କୁ ସେବା ପ୍ରଦାନ କରୁଛି। ଏହି ସୁବିଧା ୧୧୯ ମାଷ୍ଟର କ୍ୟାଣ୍ଟିନ୍ ଏବଂ ୧୯୦୦ରୁ ଅଧିକ ସହାୟକ କ୍ୟାଣ୍ଟିନ୍‌ରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାରର ସ୍ଥାପନା ୨୦୦୬ରେ କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ ଦ୍ୱାରା ଏକ କଲ୍ୟାଣକାରୀ ପହଲ ଭାବରେ କରାଯାଇଥିଲା। ଏହା କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ଆବଶ୍ୟକତାକୁ ପୂରଣ କରିଥାଏ, ଯେଉଁଥିରେ ବିଏସଏଫ୍, ସିଆରପିଏଫ୍, ସିଆଇଏସଏଫ, ଏସ୍‌ଏସ୍‌ବି, ଆଇଟିବିପି ଏବଂ ଆସାମ ରାଇଫଲ୍ସ ସାମିଲ ଅଛନ୍ତି। ଏହାର ଲାଭ ବିଭିନ୍ନ କେନ୍ଦ୍ରୀୟ ପୁଲିସ ସଂଗଠନ, ଯେପରିକି ଆଇବି, ବିପିଆରଡି ଏବଂ ଏନସିଆରବିକୁ ମିଳିଥାଏ। ଉଲ୍ଲେଖଯୋଗ୍ୟ, କିଆ କାର୍ ଏହାର ଉତ୍ତମ ଡିଜାଇନ, ଶକ୍ତିଶାଳୀ ଇଞ୍ଜି ତଥା ଅନେକ କନେକ୍ଟେଡ ଫିଚର୍ସ ପାଇଁ ଖୁବ୍ ପରିଚିତ। ଆଉ ଏହି ଚୁକ୍ତି ଅନୁଯାୟୀ, କିଆ ଏହାର ଲୋକପ୍ରିୟ କାର୍ ସେଲଟସ, କ୍ୟାରେନ୍, ସନେଟ୍‌କୁ ବିକ୍ରି କରିବ।

## ସେନ୍‌ସେକ୍ସରେ ୨୬୯ ପଏଣ୍ଟ ହ୍ରାସ



**ମୁମ୍ବଇ,୨୧।୬(ଏଜେନ୍ସି):** ଶୁକ୍ରବାର ଘରୋଇ ଷ୍ଟକ ବଜାର ନିମ୍ନଗାମୀ ହୋଇଛି। ବଜାରର ପ୍ରମୁଖ ସୂଚକାଙ୍କଗୁଡ଼ିକ ହ୍ରାସ ସହ ବନ୍ଦ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସରେ ୨୬୯ ପଏଣ୍ଟ ହ୍ରାସ ଘଟି ଏହା ୭୭,୨୦୯ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୬୫ ପଏଣ୍ଟ ହ୍ରାସ ହୋଇ ୨୩,୫୦୧ ପ,ଣ୍ଟରେ କାରବାର ଶେଷ ହୋଇଛି। ଆଜିର କାରବାରରେ ବ୍ୟାଙ୍କିଙ୍ଗ, ଅଟୋ ଏବଂ ଏଫଏମସିଜି କ୍ଷେତ୍ରର ଷ୍ଟକ୍ ମୂଲ୍ୟରେ ରେକର୍ଡ ହ୍ରାସ ହୋଇଛି। ତେବେ ଆଇଟି, ମିଡିଆ ଓ ମେଟାଲ କ୍ଷେତ୍ରରେ କାରବାର ଭଲ ରହିଥିଲା। ନିଫ୍ଟିରେ ଅଲ୍ଟ୍ରାଟେକ୍ ସିମେଣ୍ଟ ଓ ଆଦାନୀ ଏଣ୍ଟରପ୍ରାଇଜେସ୍ର ଶେୟାର ମୂଲ୍ୟ ୨% ହ୍ରାସ ସହ ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ରେ କାରବାର ହୋଇଥିବା ୩,୯୮୭ ସେୟାର ମଧ୍ୟରୁ ୧,୭୮୬ ସେୟାର ବୃଦ୍ଧି ପାଇଥିବାବେଳେ ୨,୦୮୧ ସେୟାର ହ୍ରାସ ହୋଇଛି । ବିଏସଇରେ ମାତ୍ର ଗୋଟିଏ ଦିନରେ ୨୭୯ଟି ଷ୍ଟକ ୫୨ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ମାତ୍ର ୯ଟି ଷ୍ଟକରେ ୫୨ ସପ୍ତାହର ସର୍ବନିମ୍ନ ସ୍ତର ଦେଖିବାକୁ ମିଳିଛି।

## ଏଏମ୍/ଏନଏସ୍ ଇଣ୍ଡିଆ ପକ୍ଷରୁ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ସେବା ଆରମ୍ଭ



**ଭୁବନେଶ୍ୱର, ୨୧।୬(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଆଜି ନିକଟସ୍ଥ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ତଥା ଗ୍ରାମମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବାକୁ ବଢ଼ାଇବା ପାଇଁ କେନ୍ଦୁଝର ଦାବୁନାଠାରେ ଏକ ମୌଳିକ ଜୀବନ ସହାୟତା (ବେସିକ୍ ଲାଇଫ୍ ସପୋର୍ଟ୍ ) ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଦାବୁନା ବେନିଫିକେସନ୍ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ସଂସ୍ଥାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ନୂତନ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଉନ୍ନତ ସେବା ପାଇଁ ଆଖପାଖ ଗାଁର ଗୁରୁତର ରୋଗୀଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ କିପରି ସ୍ଥାନାନ୍ତର କରାଯାଇପାରିବ ତାହା ନିଶ୍ଚିତ କରିବାକୁ ନୂତନ ସେବା ଲକ୍ଷ୍ୟ ରଖିଛି। ଆମ୍ବୁଲାନ୍ସଟି ଦିନରାତି ଏବଂ ମାଗଣାରେ ଉପଲବ୍ଧ ହେବ, ଯାହା ନିକଟସ୍ଥ ଅଞ୍ଚଳର ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ଚିକିତ୍ସା ପରିବହନ ସହାୟତା ଯୋଗାଇବ।

## ମହିନ୍ଦ୍ରା ପାୱାରୋଲର ନୂଆ ଡିଜେଲ ଜେନେରେଟର୍

ଭୁବନେଶ୍ୱର, ୨୧।୬(ସମିସ)



ଜିଏସପି ପାୱାର ପ୍ରୋଜେକ୍ଟ ଯାହାକି ପ୍ରମୁଖ ଡିଜେଲ ଜେନେରେଟର ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ ମହିନ୍ଦ୍ରା ପାୱାରୋଲର ଅନୁମୋଦିତ ଜିଓଇଏମ ଆଜି ଏହାର ସିପିସିବିଆଇଭି+ଏମିଶନ୍ ଷ୍ଟାଣ୍ଡାର୍ଡ କମ୍ପଲିଆଣ୍ଟ ରେଞ୍ଜର ଡିଜେଲ ଜେନେରେଟର ସେଟ୍ ଉନ୍ମୋଚନ କରିଛି। ସିପିସିବିଆଇଭି+ ଜେନସେଟ୍ ରିଟେଲ ସେଲ୍ସର ଜେନେରାଲ ମ୍ୟାନେଜର, ସୁମିତ ଗୁପ୍ତା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ରିଜିଓନାଲ୍ ସେଲ୍ସ ମ୍ୟାନେଜର, ସୁଶାନ୍ତ ଦାସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ, ଓଡିଶା,ଏରିଆ ସେଲ୍ସ ମ୍ୟାନେଜର, ରବି ଶଙ୍କର ସିଂହଙ୍କ ଉପସ୍ଥିତିରେ ଉନ୍ମୋଚନ କରଯାଇଥିଲା। ଏହି ଅବସରରେ ଏଚକେଭିଏ ଆଣ୍ଡ ପ୍ରୋଜେକ୍ଟସର ସିନିୟର ମ୍ୟାନେଜର ରାଜୀବ ସିଂହ,ଜିଏସପି ପାୱାର ପ୍ରୋଜେକ୍ଟ (ରିଟେଲ ଡିଭିଜନ)ର ମ୍ୟାନେଜିଂ ଡିରେକ୍ଟର ସ୍ୱପନ ଗ୍ରୋଭର, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପ୍ରାଧିକୃତ ସେଲ୍ସ ଏବଂ ସର୍ଭିସ ଡିଲର୍ ଟିଆରଏସ ଇଞ୍ଜିନିୟରିଂର ମ୍ୟାନେଜିଂ ଡିରେକ୍ଟର ଦେବଦତ୍ତ ରାୟ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ରିଟେଲ ସେଲ୍ସର ଜେନେରାଲ ମ୍ୟାନେଜର, ସୁମିତ ଗୁପ୍ତା, କହିଛନ୍ତି ଯେ, ମହିନ୍ଦ୍ରା ଗ୍ରୁପ୍ ପରିବେଶର ସଂରକ୍ଷଣ ଏବଂ ଉନ୍ନତି ପାଇଁ ସବୁ ସମୟରେ ପ୍ରତିଶ୍ରୁତିବଦ୍ଧ। ସିପିସିବିଆଇଭି+ ଜେନସେଟ୍ ମହିନ୍ଦ୍ରାର ପରିଚୟ ସହିତ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଏବଂ ଭବିଷ୍ୟତରେ ଏକ ସ୍ଥାୟୀ ଶକ୍ତି ଅବଦାନ ପାଇଁ ନିଜର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଟାଟା ପାୱାରର ଡିଇଆର୍, ପି୨ପି ବିଦ୍ୟୁତ୍ କାରବାର ପଦକ୍ଷେପକୁ ସ୍ୱୀକୃତି

**ଭୁବନେଶ୍ୱର,୨୧।୬(ସମିସ):** ସମନ୍ୱିତ ଶକ୍ତି କମ୍ପାନୀ ଟାଟା ପାୱାର ଏହାର ଡିଷ୍ଟ୍ରିବ୍ୟୁଟେଡ୍ ଏନର୍ଜି ରିସୋର୍ସେସ୍ (ଡିଇଆର) ସୁବିଧାଏବଂ ପିୟର-ଟୁ-ପିୟର (ପି୨ପି) ବିଦ୍ୟୁତ କାରବାରରେ ଅଗ୍ରଣୀ ଶକ୍ତି ଭାବେ ବିଶ୍ୱ ବ୍ୟାଙ୍କ ଶକ୍ତି ରିପୋର୍ଟରେ ସ୍ୱୀକୃତି ପାଇ ଗର୍ବିତ। ଅଭିନବ ଫାଇନାନ୍ସିଂ ଏବଂ ରୁଫ୍ ଟପ୍ ସୋଲାର ରକ୍ଷଣାବେକ୍ଷଣ ସହିତ କମ୍ପାନୀ ଏକ ଦୁଇ ଅଂଶ ବିଶିଷ୍ଟ ଶୁଳ୍କ ମଡେଲ ମାଧ୍ୟମରେ ରାଜସ୍ୱ ବିପଦ ପରିଚାଳନା କରୁଛି। ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସଏସ) ସ୍ଥାପନ ଠାରୁ ଆରମ୍ଭ କରି ଲାଇଭ ପିୟର-ଟୁ-ପିୟର (ପି୨ପି) ସୌର ଶକ୍ତି କାରବାର ଏବଂ ଅର୍ବାନ ମାଇକ୍ରୋ ଗ୍ରିଡ୍ ସ୍ଥାପନ କରିବା ପର୍ଯ୍ୟନ୍ତ ଟାଟା ପାୱାର ଏହାର ଉପଭୋକ୍ତାମାନଙ୍କୁ ଉନ୍ନତ ପିକ ଲୋଡ ପରିଚାଳନା, ସିଷ୍ଟମ ନମନୀୟତା ଏବଂ ଭରସାଯୋଗ୍ୟ ଶକ୍ତି ସୁନିଶ୍ଚିତ କରିବା ପାଇଁ ବୈଷୟିକ ସଫଳତା ଆଣିଛି। ସମଗ୍ର ଭାରତରେ ନୂତନତା ଏବଂ ସ୍ଥାୟୀ ଶକ୍ତି ସମାଧାନ ପ୍ରଦାନ କରିବା ପାଇଁ ଟାଟା ପାୱାରର ନିରନ୍ତର ପ୍ରୟାସର ଏକ ଅଂଶ ହେଉଛି ଏହି ସ୍ୱୀକୃତି। ବିଶ୍ୱ ବ୍ୟାଙ୍କର ଶକ୍ତି ରିପୋର୍ଟ 'ଦ କ୍ରିଟିକାଲ ଲିଙ୍କ: ପାୱାରିଂ ୟୁଟିଲିଟିଜ ଫର ଦି ଏନର୍ଜି ଟ୍ରାନଜିସନ'ରେ ଦିଲ୍ଲୀରେ ଏହାର ବିତରଣ ଶାଖା ମାଧ୍ୟମରେ ଟାଟା ପାୱାର ଦ୍ୱାରା କରାଯାଇଥିବା କାର୍ଯ୍ୟ ଏବଂ ଭାରତରେ ଶକ୍ତି ବଣ୍ଟନ ଉପରେ ଏହାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଛି।

**ବିଶ୍ୱ ବ୍ୟାଙ୍କ ଶକ୍ତି ରିପୋର୍ଟ**

## ପାକିସ୍ତାନର ସବୁ ସରକାରୀ କମ୍ପାନୀ ବିକ୍ରି ହେବ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି)




ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି ପାକିସ୍ତାନ। ପରିସ୍ଥିତି ଏପରି ହୋଇଛି ଯେ, ଶେଷରେ ଦେଶର ସବୁ ସରକାରୀ କମ୍ପାନୀଗୁଡ଼ିକୁ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି ପାକିସ୍ତାନ ସରକାର। ପାକିସ୍ତାନ ସରକାରଙ୍କ ଏପରି ନିଷ୍ପତ୍ତି ଏବେ ସେଠାକାର ଗଣମାଧ୍ୟମରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ପାକିସ୍ତାନର ଲୋକ ବି ଘୋର ଅସନ୍ତୁଷ୍ଟ ଜଣାପଡୁଛନ୍ତି।

**ଘୋଷଣା ପରେ ହଇଚଇ**

ପାକିସ୍ତାନରେ ଏବେ ଲୋକଙ୍କ ଚିନ୍ତାଧାରା ହେଉଛି ଯେ, ସବୁ ସରକାରୀ କମ୍ପାନୀ ବିକ୍ରି ହୋଇଯିବା ପରେ ଦେଶରେ ଦର ଦାମ୍ ଅଧିକ ବଢିଯିବ। ତେବେ ଏହି ଘଟଣାକୁ ନେଇ ପାକିସ୍ତାନୀ ୟୁଟ୍ୟୁବର୍ ସୋହେବ୍ ଚୋଧରୀ ଲୋକଙ୍କ ପ୍ରତିକ୍ରିୟା ନେଇଛନ୍ତି। ସୋହେବ ଚୋଧରୀ ଯେତେବେଳେ ଲୋକଙ୍କ ପ୍ରତିକ୍ରିୟା ନେଉଥିଲେ, ସେତେବେଳେ ଜଣେ ବ୍ୟକ୍ତି କହିଛନ୍ତି ଯେତେବେଳେ ଆମ ଘରେ ପଇସା ନ ଥାଏ ସେତେବେଳେ ଆମେ ଘରର ବାସନ ବିକ୍ରି କରୁ। ବ୍ୟକ୍ତିଜଣକ ଆହୁରି କହିଛନ୍ତି ସରକାର କମ୍ପାନୀ ବିକ୍ରି କଲେ ପଇସା ତ ଆସିବ, ହେଲେ ଯିଏ କିଣିବ ସିଏ ତାର ହୁକୁମାତି ଚଳାଇବ, ସବୁ ସାମଗ୍ରୀର ଦାମ ବଢାଇଦେବ। ଯାହାର ବୋଝ ଜନସାଧାରଣଙ୍କ ଉପରେ ଯିବ। ପାକିସ୍ତାନୀ ବ୍ୟକ୍ତି ଜଣକ କହିଛନ୍ତି ଯେ ଏକ ବିଲିୟନ ଡଲାର ପାଇଁ ଆମେ ସାଉଦି ଆରବ ଆଗରେ ହାତ ପତାଉଛୁ ଏବଂ ପାକିସ୍ତାନର ବିଦେଶରେ ଶହ ଶହ ବିଲିୟନ ଡଲାର ପଡ଼ିରହିଛି। ବିଦେଶରେ ଜମା ହୋଇଥିବା ପାକିସ୍ତାନର ଟଙ୍କା ଫେରସ୍ତ ନ ଆସିବା ପର୍ଯ୍ୟନ୍ତ ଦେଶର ଅବସ୍ଥା ଭଲ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ନୱାଜ ସରିଫ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଦାବିଦାର ବୋଲି କହୁଥିଲେ ଏବଂ ଆଜି ତାଙ୍କ ଭାଇମାନେ ସମଗ୍ର ବିଶ୍ୱଠାରୁ ଦାବି କରୁଛନ୍ତି। ଏହି ବ୍ୟକ୍ତି ଜଣକ କହିଛନ୍ତି ଯେ ପାକିସ୍ତାନର ସ୍ଥିତିରେ ଉନ୍ନତି ଆଣିବା ପାଇଁ ବିଦେଶରେ ଜମା ହୋଇଥିବା ପାକିସ୍ତାନର ଟଙ୍କା ଫେରାଇ ଆଣିବା ଦରକାର।

## ବେଦାନ୍ତ ଗ୍ରୁପର ବଜାର ପୁଞ୍ଜି ୨.୨ ଲକ୍ଷ କୋଟିକୁ ବୃଦ୍ଧି

**ନୂଆଦିଲ୍ଲୀ,୨୧।୬(ଏଜେନ୍ସି):** ସାଧାରଣ ନିର୍ବାଚନ ପାଇଁ ବଜାରରେ ଦେଖାଦେଇଥିବା ଅସ୍ଥିରତାକୁ ପ୍ରତିହତ କରି ବେଦାନ୍ତ ଗ୍ରୁପ୍ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଦଲାଲ୍ ଷ୍ଟ୍ରିଟ୍‌ରେ ନିବେଶକମାନଙ୍କ ଲାଗି ସର୍ବାଧିକ ସମ୍ପତ୍ତି ସୃଷ୍ଟି କରିଛି। ଭାରତର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ମହିନ୍ଦ୍ରା ଓ ଟାଟା ଗ୍ରୁପଠାରୁ ଏହାର ବଜାର ପୁଞ୍ଜିରେ ଅଧିକ ବୃଦ୍ଧି ଘଟିଛି। ୨୦୨୪ ମାର୍ଚ୍ଚ ୨୮ରୁ ଜୁନ୍ ୨୦ ମଧ୍ୟରେ ବେଦାନ୍ତ ଗ୍ରୁପର ବଜାର ପୁଞ୍ଜି ପରିମାଣ ୨.୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ସେହି ସମୟରେ ଆଦାନୀ ଗ୍ରୁପ ଓ ମହିନ୍ଦ୍ରା ଗ୍ରୁପର ବଜାର ପୁଞ୍ଜି ୧.୪ ଲକ୍ଷ କୋଟି ଟଙ୍କା ଲେଖାଏଁ ବଢ଼ିଥିବା ବେଳେ ଟାଟା ଗ୍ରୁପର ବଜାର ପୁଞ୍ଜିରେ ୬୦,୬୦୦ କୋଟି ଟଙ୍କା ବୃଦ୍ଧି ଘଟିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବଜାର ପୁଞ୍ଜି ୮୨୦୦ କୋଟି ଟଙ୍କା ହ୍ରାସ ପାଇଛି। ଏହି ଚମତ୍କାର ପ୍ରଦର୍ଶନ ଯୋଗୁଁ ହିନ୍ଦୁସ୍ତାନ ଜିଙ୍କରେ ଥିବା ଭାରତ ସରକାରଙ୍କ ୨୯.୫ ପ୍ରତିଶତ ଅଂଶଧନ ପରିମାଣ ଦ୍ୱିଗୁଣିତ ହୋଇ ୮୦୦୦୦ କୋଟି ଟଙ୍କା ହୋଇଛି। ୨୦୨୪ ଜୁନ୍ ୨୦ ସୁଦ୍ଧା ବେଦାନ୍ତ ଗ୍ରୁପର ବଜାର ପୁଞ୍ଜି ପରିମାଣ ୪,୪୮,୪୫୪.୨ କୋଟି ଟଙ୍କା ରହିଥିବାବେଳେ ମହିନ୍ଦ୍ରା ଗ୍ରୁପ୍ର ୫,୫୭,୭୯୭.୭ କୋଟି ଟଙ୍କା, ଆଦାନୀ ଗ୍ରୁପର ୧୭,୩୪,୫୦୩ କୋଟି ଟଙ୍କା, ଟାଟା ଗ୍ରୁପର ୩୦,୬୩,୮୧୦ କୋଟି ଟଙ୍କା ଏବଂ ରିଲାଏନ୍ସ ଗ୍ରୁପର ବଜାର ପୁଞ୍ଜି ୨୨, ୬୭,୩୩୧ କୋଟି ଟଙ୍କା ରହିଛି। ବେଦାନ୍ତ ଗ୍ରୁପ୍ ଏହାର ଇବିଆଇଡିଟିଏକୁ ୧୦ ବିଲିଅନ୍ ଡଲାରରେ ପହଞ୍ଚାଇବାକୁ ଯୋଜନା ରଖିଛି।

# କମିନ୍ସଙ୍କ ନାମରେ ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ହ୍ୟାଟ୍ରିକ୍

**ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ପ୍ରଥମ ହ୍ୟାଟ୍ରିକ୍ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କ ନାମରେ ରେକର୍ଡ ହୋଇଛି। ଆଣ୍ଟିଗୁଆର ନର୍ଥସାଉଣ୍ଡରେ ଭାରତୀୟ ସମୟ ଜୁନ୍ ୨୧ ତାରିଖ ସକାଳେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ସୁପର-୮’ ମୁକାବିଲାରେ କମିନ୍ସଙ୍କୁ ମ୍ୟାଚର ଶେଷ ଓଭରରେ ଏହି ସଫଳତା ମିଳିଛି। ଏହି ବିଶ୍ୱକପ୍‌ରେ ମୋଟ ୫୫ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ୪୪ତମ ମୁକାବିଲାରେ ପ୍ରଥମ ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ସମସ୍ତ ବିଶ୍ୱକପ୍‌ରେ ଏହା ହେଉଛି ମାତ୍ର ସପ୍ତମ ଓ ସମସ୍ତ ପ୍ରକାର ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏହା ହେଉଛି ୫୯ତମ ହ୍ୟାଟ୍ରିକ୍।**

କ୍ରିକେଟ ଖେଳରେ ଜଣେ ବୋଲର କ୍ରମାଗତ ୩ଟି ବଲ ପକାଇ କ୍ରମାଗତ ୩ଟି ୱିକେଟ ଅକ୍ତିଆର କଲେ ଏହାକୁ ହ୍ୟାଟ୍ରିକ କୁହାଯାଇଥାଏ। ଏହାକୁ ମଧ୍ୟ କ୍ରିକେଟ ଖେଳରେ ଏକ ବିରଳ ସଫଳତା ଭାବେ ଗ୍ରହଣ କରାଯାଇଥାଏ। ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ୯ମ ଟି-୨୦ ବିଶ୍ୱକପ୍‌ର ୪୪ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମଥର ହ୍ୟାଟ୍ରିକ୍ ସଫଳତା ଦେଖିବାକୁ ମିଳିଛି। ୱେଷ୍ଟଇଣ୍ଡିଜ୍‌ର ଆଣ୍ଟିଗୁଆ ସ୍ଥିତ ନର୍ଥସାଉଣ୍ଡରେ ଜୁନ୍ ୨୧ରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ସୁପର-୮ ମୁକାବିଲାରେ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ପ୍ୟାଟ କମିନ୍ସଙ୍କୁ ଏହି ସଫଳତା ମିଳିଛି। ସାର ଭିଭିଆନ ରିଚାର୍ଡ୍‌ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ପାଳିର ୧୮ତମ ଓଭରର ଶେଷ ଦୁଇଟି ବଲ ଓ ୨୦ତମ ତଥା ଶେଷ ଓଭରର ପ୍ରଥମ ବଲ୍‌ରେ ଫାଷ୍ଟ ବୋଲର କମିନ୍ସ ୩ଜଣ ଖେଳାଳିଙ୍କୁ ଆଉଟ କରି ଏହି ସଫଳତା ପାଇଛନ୍ତି। ଏହି ୩ଜଣ ଖେଳାଳି ହେଲେ ମହମ୍ମଦୁଲ୍ଲା, ମେହଦୀ ହସନ ଓ ତୌହିଦ୍ ହୃଦୟ। ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିବାରେ କମିନ୍ସ ହେଉଛନ୍ତି ଅଷ୍ଟ୍ରେଲିଆର ଦ୍ୱିତୀୟ ବୋଲର। ତାଙ୍କ ପୂର୍ବରୁ ୨୦୦୭ରେ ଅନୁଷ୍ଠିତ ବିଶ୍ୱକପର ପ୍ରଥମ ସଂସ୍କରଣରେ ଶ୍ରୀଲଙ୍କା ବିପକ୍ଷ ମୁକାବିଲାରେ ଅଷ୍ଟ୍ରେଲିଆର ବ୍ରେଟ୍ ଲୀ ପ୍ରଥମ ବୋଲର ଭାବେ ଏହି ସଫଳତା ପାଇଥିଲେ। ସଂଯୋଗବଶତଃ ବାଂଲାଦେଶ ମଧ୍ୟ ଥିଲା ପ୍ରତିଦ୍ୱନ୍ଦ୍ୱୀ ଓ ୨୦୦୭ କେପ୍‌ଟାଉନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଲୀ’ଙ୍କୁ ଏହି ସଫଳତା ମିଳିଥିଲା। ଏହା ପରେ ୨୦୨୧ରେ ଆୟର୍ଲାଣ୍ଡର କର୍ଟିସ କ୍ୟାମ୍ଫର, ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା, ୨୦୨୨ରେ ୟୁଏଇର କାର୍ତ୍ତିକ ମେୟାପ୍ପାନ, ଆୟର୍ଲାଣ୍ଡର ଜୋଶୁଆ ଲିଟଲ ଓ ଏବେ ଅର୍ଥାତ୍ ୨୦୨୪ରେ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ଏହି ବିରଳ ସଫଳତା ମିଳିଛି। ଏମାନଙ୍କ ମଧ୍ୟରୁ କର୍ଟିସ କ୍ୟାମ୍ଫର କ୍ରମାଗତ ୪ଟି ବଲରେ ୪ଟି ୱିକେଟ ନେଇଛନ୍ତି।

ଏହି ମ୍ୟାଚ୍‌ରେ କମିନ୍ସଙ୍କ ହ୍ୟାଟ୍ରିକ୍ ଯୋଗୁଁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୮ ୱିକେଟରେ ୧୪୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୧.୨ ଓଭରରେ ୨ ୱିକେଟ ହରାଇ ୧୦୦ ରନ୍ କରିଥିଲାବେଳେ ବର୍ଷା ଯୋଗୁ ଆଉ ଖେଳ ସମ୍ଭବ ହୋଇପାରି ନଥିଲା। ଯାହା ଫଳରେ ଡକ୍‌ୱର୍ଥ/ଲୁଇସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆକୁ ୨୮ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

### ଟି-୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍

| ଖେଳାଳି | ଦେଶ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|---|
| ବ୍ରେଟ ଲୀ | ଅଷ୍ଟ୍ରେଲିଆ | ବାଂଲାଦେଶ | କେପ୍‌ଟାଉନ୍ | ୨୦୦୭ |
| କର୍ଟିସ କ୍ୟାମ୍ଫର | ଆୟର୍ଲାଣ୍ଡ | ନେଦରଲାଣ୍ଡସ | ଆବୁଧାବି | ୨୦୨୧ |
| ୱାନିନ୍ଦୁ ହାସରଙ୍ଗା | ଶ୍ରୀଲଙ୍କା | ଦକ୍ଷିଣ ଆଫ୍ରିକା | ଶାରଜା | ୨୦୨୧ |
| କାଗିସୋ ରାବାଡା | ଦକ୍ଷିଣ ଆଫ୍ରିକା | ଇଂଲଣ୍ଡ | ଶାରଜା | ୨୦୨୧ |
| କାର୍ତ୍ତିକ ମେୟାପ୍ପାନ | ୟୁଏଇ | ଶ୍ରୀଲଙ୍କା | ଜୀଲଙ୍ଗ୍ | ୨୦୨୨ |
| ଜୋଶୁଆ ଲିଟଲ | ଆୟର୍ଲାଣ୍ଡ | ନ୍ୟୁଜିଲାଣ୍ଡ | ଆଡିଲେଡ୍ | ୨୦୨୨ |
| ପ୍ୟାଟ କମିନ୍ସ | ଅଷ୍ଟ୍ରେଲିଆ | ବାଂଲାଦେଶ | ଆଣ୍ଟିଗୁଆ | ୨୦୨୪ |

#### ବାଂଲାଦେଶ ବିପକ୍ଷରେ ସର୍ବାଧିକ ୭ଥର

କମିନ୍ସଙ୍କ ହ୍ୟାଟ୍ରିକ୍‌କୁ ମିଶାଇଲେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏହା ହେଉଛି ୫୯ତମ ଅବସର। ଏହା ମଧ୍ୟରୁ ଶ୍ରୀଲଙ୍କା ସର୍ବାଧିକ ୬ଥର, ନ୍ୟୁଜିଲାଣ୍ଡ ୫ଥର ଓ ଅଷ୍ଟ୍ରେଲିଆର ଖେଳାଳିମାନେ ୪ଥର ଏହି ସଫଳତା ପାଇଛନ୍ତି। ଅନ୍ୟଦେଶ ସହ ଭାରତକୁ ଏହି ସଫଳତା ଥରେ ଲେଖାଏଁ ମିଳିଛି। ଭାରତ ପକ୍ଷରୁ ଦୀପକ ଚହର ଥରେମାତ୍ର ଏହି ସଫଳତା ବାଂଲାଦେଶ ବିପକ୍ଷରେ ହାସଲ କରିଛନ୍ତି। ଭାରତ ବିପକ୍ଷରେ ଟିମ୍ ସୌଦୀ ଓ ଥିସାରା ପରେରାଙ୍କୁ ଏହି ସଫଳତା ପାଇଛନ୍ତି। କିନ୍ତୁ ବାଂଲାଦେଶ ଏପରି ଏକ ଦେଶ ଯାହା ବିପକ୍ଷରେ ସର୍ବାଧିକ ୭ଥର ହ୍ୟାଟ୍ରିକ ସଫଳତା ମିଳିଛି। ବିଶ୍ୱର ମାତ୍ର ୪ଜଣ ବୋଲର ଦୁଇଥର ଲେଖାଏଁ ହ୍ୟାଟ୍ରିକ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଶ୍ରୀଲଙ୍କାର ଲାସିଥ ମାଲିଙ୍ଗା ଓ ନ୍ୟୁଜିଲାଣ୍ଡର ଟିମ୍ ସୌଦୀଙ୍କ ନାମ ସାମିଲ ରହିଛି। ଅନ୍ୟ ଦୁଇଜଣ ହେଲେ ସହଯୋଗୀ ରାଷ୍ଟ୍ରର।



# ‘ସଭାପତି ପଦରୁ କଲ୍ୟାଣ ବିଦା ନ ହେଲେ ଭାରତୀୟ ଫୁଟବଲର ଉନ୍ନତି ଅସମ୍ଭବ’

**ନୂଆଦିଲ୍ଲୀ, ୨୧।୬(ଏଜେନ୍ସି):** ଏସିଆନ ଗେମ୍ସ, ଏସିଆନ କପ୍ ଓ ଫିଫା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବା ପରେ ଭାରତୀୟ ଫୁଟବଲ ଦଳର ପ୍ରଶିକ୍ଷକ ପଦରୁ ଆଇଗର ଷ୍ଟିମାକଙ୍କୁ ବିଦା କରାଯାଇଛି। ଭାରତୀୟ ଫୁଟବଲର ବିଫଳତା ଲାଗି ତାଙ୍କ ମୁଣ୍ଡରେ ସବୁ ଦୋଷ ଲଦିଦିଆଯାଇଛି। ଏହାକୁ କିନ୍ତୁ ଗ୍ରହଣ କରିପାରି ନାହାନ୍ତି ଷ୍ଟିମାକ। ତାଙ୍କ ମତରେ ମୋତେ ନ ଜଣାଇ ଟୁର୍ଣ୍ଣାମେଣ୍ଟ କରିବା, ପ୍ରସ୍ତୁତିରେ ହସ୍ତକ୍ଷେପ କରିବା ଓ ଅଯଥା ସଫଳତାରେ ବାହାବା ନେଇ ନିଜର ଶକ୍ତି ପ୍ରଦର୍ଶନ କରିବା ଅନ୍ତର୍ଜାତୀୟ ଫୁଟବଲରେ ଆଦୌ ଗ୍ରହଣୀୟ ନୁହେଁ। ବିଜେପି ନେତା କଲ୍ୟାଣ ଚୌବେ ଯେବେଠାରୁ ସର୍ବଭାରତୀୟ ଫୁଟବଲ ମହାସଂଘର ସଭାପତି ଦାୟିତ୍ୱ ଗ୍ରହଣ କଲେଣି, ସେବେଠାରୁ ଦେଶରେ ଫୁଟବଲ ଖେଳର ଅବନତି ହୋଇଛି। ତାଙ୍କୁ ଓ ତାଙ୍କ ଟିମ୍‌କୁ ଯଦି ଫୁଟବଲ ପ୍ରଶାସନରୁ ବାଦ୍ ଦିଆ ନ ଯାଏ, ତେବେ ଭାରତୀୟ ଫୁଟବଲର ଉନ୍ନତି ଅସମ୍ଭବ ବୋଲି ଏହି ବିତାଡିତ ପ୍ରଶିକ୍ଷକ ଷ୍ଟିମାକ୍ କହିଛନ୍ତି। ନିକଟରେ ଭାରତୀୟ ସିନିୟର ଫୁଟବଲ ଟିମ୍ ଏସିଆନ ଗେମ୍ସରେ ସାଉଦି ଆରବ ୨୪ ବର୍ଷରୁ କମ୍ ଦଳଠାରୁ ହାରିଯାଇଥିଲା। ଗତବର୍ଷ ଏସିଆନ କପ ଗ୍ରୁପ୍ ଷ୍ଟେଜ୍‌ରୁ ଭାରତ ବାଦ୍ ପଡ଼ିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗୋଟିଏ ହେଲେ ପଏଣ୍ଟ ପାଇ ନ ଥିଲା କିମ୍ବା ଗୋଟିଏ ଗୋଲ ଦେବାରେ ସମର୍ଥ ହୋଇ ପାରି ନଥିଲା। ସେହିପରି ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାର ଦ୍ୱିତୀୟ ରାଉଣ୍ଡରୁ ବାଦ୍ ପଡ଼ିଥିଲା ଭାରତ। ଏହି ପରାଜୟ ଲାଗି ଷ୍ଟିମାକଙ୍କୁ ଦାୟୀ କରାଯାଇଥିଲା ଓ ଏକ ଜରୁରୀକାଳୀନ ବୈଠକ ପରେ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ପଦରୁ ବାଦ୍ ଦିଆଯାଇଥିଲା। ଷ୍ଟିମାକ୍‌ଙ୍କ ଅଭିଯୋଗ ହେଲା ମାର୍ଚ୍ଚ, ମେ, ଜୁନ୍‌ରେ ମେର୍ଡେକା କପ୍, କିଙ୍ଗ୍ କପ୍ ଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପୂର୍ବରୁ ତାଙ୍କ ପରାମର୍ଶ ନିଆଯାଇ ନ ଥିଲା । ଏଥିରେ ସଫଳତା ମିଳିବା ପରେ ଏଆଇଏଫ୍‌ଏଫ୍ ଶ୍ରେୟ ନେଇଥିଲା। ଏବେ ବିଫଳତା ମୋ ମୁଣ୍ଡରେ କାହିଁକି ଲଦା ଯାଉଛି। ଗୋଟିଏ ଦୁର୍ବଳ ଦଳ ଓ ଶକ୍ତିଶାଳୀ ଦଳ ବିପକ୍ଷରେ କିପରି ପ୍ରସ୍ତୁତ ହେବାକୁ ପଡେ ତାହା ଏଆଇଏଫ୍‌ଏଫ୍‌ର କଲ୍ୟାଣଙ୍କୁ ଜଣାନାହିଁ। ଏଣୁ ସେ ଭାରତୀୟ ଫୁଟବଲର ଉନ୍ନତି ନୁହେଁ କ୍ଷତି କରୁଛନ୍ତି। ତାଙ୍କୁ ଏହି ପଦରୁ ହଟାଇବାକୁ ଷ୍ଟିମାକ୍ ଦାବି କରିଛନ୍ତି।



## ହାଲେ ଓପନ୍ ଟେନିସ
# ସେମିରେ ଜ୍ୱେରେଭ-ହୁରକାଜ

**ହାଲେ,୨୧।୬(ଏଜେନ୍ସି):** କେନ୍ଦ୍ର ଜର୍ମାନୀର ହାଲେଠାରେ ଚାଲିଥିବା ଏଟିପି ଟେନିସ ଟୁର୍ଣ୍ଣାଣ୍ଟେରେ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ଓ ପୋଲାଣ୍ଡର ହୁବର୍ଟ ହୁରକାଜ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଜ୍ୱେରେଭ ୬-୭, ୬-୩, ୬-୪ ସେଟ୍‌ରେ ଫ୍ରାନ୍ସର ଆର୍ଥର ଫିଲ୍ସଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ଜ୍ୱେରେଭ ୫ମ ସିଡ୍ ହୁରକାଜଙ୍କୁ ଭେଟିବେ। ହୁରକାଜ୍ ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଆମେରିକାର ମାର୍କସ ଗିରୋନଙ୍କୁ ୭-୬, ୬-୪ ସିଧାସଳଖ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଅନ୍ୟଏକ କ୍ୱାର୍ଟରରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର ଓ ଜର୍ମାନୀ ଜାନ-ଲେନାର୍ଡ ଷ୍ଟ୍ରୁଫ୍ ପରସ୍ପରକୁ ଭେଟିଛନ୍ତି।

### ଫାଇନାଲରେ ଭାଭାସୋରୀ-ବୋଲେଲି

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଇଟାଲୀର ଶ୍ରେଷ୍ଠ ସିଡ୍ ଯୋଡି ଆନ୍ଦ୍ରିଆ ଭାଭାସୋରୀ ଓ ସାଇମନ ବୋଲେଲି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଏହି ଯୋଡି ୬-୩, ୭-୬ ସେଟ୍‌ରେ ଜର୍ମାନୀ ଯୋଡି ୟାନିକ ହାନଫମ୍ୟାନ ଓ ଡୋମିନିକ କୋଏପଫେରଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

## କୋପା ଆମେରିକା ଫୁଟବଲ
# ଆର୍ଜେଣ୍ଟିନାର ବିଜୟ ଅଭିଯାନ

**ଆଟଲାଣ୍ଟା,୨୧।୬(ଏଜେନ୍ସି):** ଦକ୍ଷିଣ ଆମେରିକାର ସର୍ବବୃହତ୍ ତଥା ବିଶ୍ୱର ତୃତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଏହି ୪୮ତମ ସଂସ୍କରଣରେ ଡିଫେଣ୍ଡି ଚାମ୍ପିଅନ ତଥା ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଉଦ୍‌ଘାଟନୀ ମ୍ୟାଚ୍‌ରେ ୨-୦ ଗୋଲରେ ପଦାର୍ପଣ କରିଥିବା କାନାଡାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମର୍ସିଡିଜ ବେଞ୍ଜ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଗ୍ରୁପ୍ ଏ’ ମ୍ୟାଚ୍‌ରେ ନିଜ ପ୍ରିୟ ଫୁଟବଲର ଲିଓନେଲ ମେସିଙ୍କୁ ଦେଖିବାକୁ ୭୦, ୫୬୪ ପ୍ରଶଂସକ ଉପସ୍ଥିତ ଥିଲେ। ଆର୍ଜେଣ୍ଟିନା ମଧ୍ୟ ଦର୍ଶକଙ୍କୁ ନିରାଶ କରି ନଥିଲା। ଏକପାଖିଆ ଏହି ମୁକାବିଲାରେ ଜୁଲିଆନ୍ ଆଲଭାରେଜ୍ ୪୯ତମ ମିନିଟ୍‌ରେ ଗୋଲ ଦେଇ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୮୮ତମ ଲାଉଟାରୋ ମାର୍ଟିନେଜ୍ ଆଉ ଏକ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଗୋଲ ସ୍କୋର ନ ହେବା କାରଣରୁ ÷ଆର୍ଜେଣ୍ଟିନା ୨-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟ ସହ ଆର୍ଜେଣ୍ଟିନା ୩ ପଏଣ୍ଟ ପାଇଁ ଗ୍ରୁପ୍ ଶୀର୍ଷରେ ରହିଛି। ଆର୍ଜେଣ୍ଟିନା ୨୬ ତାରିଖ ବୁଧବାର ତା’ର ଦ୍ୱିତୀୟ ମୁକାବିଲାରେ ଚିଲିକୁ ଭେଟିବ। ସେହିପରି କାନାଡା ତା’ର ଦ୍ୱିତୀୟ ମ୍ୟାଚ୍‌ରେ ଏହି ଦିନ ପେରୁକୁ ଭେଟିବ।

### କାନାଡା ଦେଲା କଡ଼ା ଚ୍ୟାଲେଞ୍ଜ୍

ଫିଫା ମାନ୍ୟତାରେ ଆର୍ଜେଣ୍ଟିନା ଶୀର୍ଷ ସ୍ଥାନରେ ରହିଛି ଓ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଫେବରାଇଟ୍ ବିବେଚିତ ହେଉଥିଲା। ତେବେ କାନାଡା ଫିଫା ମାନ୍ୟତାର ୪୮ତମ ସ୍ଥାନରେ ରହିଥିଲେ ମଧ୍ୟ ଆର୍ଜେଣ୍ଟିନାକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଓ ଆର୍ଜେଣ୍ଟିନାକୁ ବୃହତ୍ ବ୍ୟବଧାନରେ ବିଜୟୀ ହେବାକୁ ଦେଇ ନଥିଲା। ଆର୍ଜେଣ୍ଟିନା ଓ ଉରୁଗୁଏ ୧୫ଥର ଲେଖାଏ ଟାଇଟଲ ହାସଲ କରି କୋପା ଆମେରିକାର ସଫଳତମ ଦଳ ବିବେଚିତ ହେଉଛନ୍ତି। ଆର୍ଜେଣ୍ଟିନା କିନ୍ତୁ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିଥିଲା। ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଆର୍ଜେଣ୍ଟିନା ଯଥେଷ୍ଟ ଆଗରେ ରହିଥିଲା।

### ଆଉ ଏକ ରେକର୍ଡ ସହ ଇତିହାସ ପୃଷ୍ଠାରେ ମେସି

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଏହି ମ୍ୟାଚ୍ ଖେଳିବା ସହ ଆଉ ଏକ ଅନ୍ତର୍ଜାତୀୟ ରେକର୍ଡ ସୃଷ୍ଟି ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ୩୬ ବର୍ଷୀୟ ମେସି ଏଥିସହ କୋପା ଆମେରିକା ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଫୁଟବଲର ବିବେଚିତ ହୋଇଛନ୍ତି। ମେସି ଏହି ଟୁର୍ଣ୍ଣାମେଣ୍ଟରେ ୩୫ତମ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି। ଏହି କ୍ରମରେ ସେ ଚିଲି ଗୋଲରକ୍ଷକ ସିର୍ଗିଓ ଲିଭିଂଷ୍ଟୋନଙ୍କୁ ପଛରେ ପକାଇଛନ୍ତି। ସର୍ଗିଓ ଏପର୍ଯ୍ୟନ୍ତ ୩୪ଟି କୋପା ଆମେରିକା ମ୍ୟାଚ୍ ଖେଳିଛନ୍ତି। ୨୦୦୭ରେ ମେସି କୋପା ଆମେରିକାରେ ପଦାର୍ପଣ କରିଥିଲେ। ସେ ମଧ୍ୟ ସର୍ବାଧିକ ୧୮ଟି ଆସିଷ୍ଟ କରି ଆଉ ଏକ ରେକର୍ଡର ଅଧିକରୀ ହୋଇଛନ୍ତି। ମେସି ଏପର୍ଯ୍ୟନ୍ତ ଆର୍ଜେଣ୍ଟିନା ପାଇଁ ୧୮୩ଟି ମ୍ୟାଚ୍ ଖେଳି ୧୦୮ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପର୍ତ୍ତୁଗାଲର କ୍ରୀଷ୍ଟିଆନୋ ରୋନାଲ୍ଡୋ ୨୦୮ଟି ମ୍ୟାଚ୍ ଖେଳି ୧୩୦ଟି ଗୋଲ ସ୍କୋର କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି।



## ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ ମହିଳା ଚେସ୍
# ଭାରତୀୟ ମହିଳା ଚେସ୍ ଦଳରେ ସାଇନା, ଜୁନୁ

**ଭୁବନେଶ୍ୱର,୨୧।୬(ସମିସ):** ଉଗାଣ୍ଡାର ଏଣ୍ଟେବେଠାରେ ଜୁନ୍ ୨୫ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ଏଫ୍‌ଆଇଏସ୍‌ୟୁ (ଫିସୁ) ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବେ ରାଜ୍ୟର ଦୁଇ ମହିଳା ଖେଳାଳି ସାଇନା ସାଲୋନିକା ଓ ଜୁନୁ ବିରୁଆ। ଏହି ଦୁଇ ଖେଳାଳି ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଚେସ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଗତ ଏପ୍ରିଲ ୧୮ରୁ ୨୨ ତାରିଖ ମଧ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଏକ ଚୟନ ପରୀକ୍ଷଣ ଆୟୋଜିତ ହୋଇଥିଲା ଓ ଏଥିରୁ ଖେଳାଳିଙ୍କୁ ଏହି ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଦ୍ୱିତୀୟଥର ପାଇଁ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ୨୦୧୮ ରେ ଭାରତୀୟ ଦଳ ଏହି ଚେସ୍ ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରିଥିଲା।



### ଜୁନୁ ପ୍ରଥମ ଆଦିବାସୀ ମହିଳା ଖେଳାଳି

କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଜୁନୁ ବିରୁଆ ପ୍ରଥମ ଆଦିବାସୀ ମହିଳା ଭାବେ ଭାରତୀୟ ବିଶ୍ୱବିଦ୍ୟାଳୟ ଚେସ୍ ମହିଳା ଦଳ ତରଫରୁ ଏହି ସେଟ୍ ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ସେହିପରି ଅନ୍ତର୍ଜାତୀୟ ମାଷ୍ଟର, ବରିଷ୍ଠ ଫିଡେ ଟ୍ରେନର ତଥା କିଟ୍‌ର ଚେସ୍ ଉପଦେଷ୍ଟା ଶେଖର ଚନ୍ଦ୍ର ସାହୁ ମୁଖ୍ୟ ପ୍ରଶିକ୍ଷକ ଓ କିଟ୍‌ର ଲକି ରାଣୀ ପାତ୍ର ଭାରତୀୟ ଦଳର ଟିମ୍ ଅଫିସିଆଲ ଭାବେ ମୁମ୍ବାଇରୁ ଶନିବାର ଉଗାଣ୍ଡା ଯାତ୍ରା କରିବେ। ନୂଆଦିଲ୍ଲୀସ୍ଥିତ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ବଲଜୀତ୍ ସିଂ ଶେଖୋନ ପ୍ରଥମ ଆଦିବାସୀ ମହିଳା ଭାବେ ଜୁନୁଙ୍କୁ ଚୟନ କରାଯାଇଥିବାରୁ ଖୁସି ଜାହିର କରିଛନ୍ତି ଓ ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଅଚ୍ୟୁତ ଏହି ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ସବୁ ପ୍ରତିଯୋଗୀଙ୍କୁ ଭଲ ପ୍ରଦର୍ଶନ କରିବା ନେଇ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ପାରା ଦୌଡ଼କୁଦ
# ୨୯ରେ କଳିଙ୍ଗରେ ଖେଳାଳି ଚୟନ

**ଭୁବନେଶ୍ୱର,୨୧।୬(ସମିସ):** ଆସନ୍ତା ୨୯ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାତୀୟସ୍ତରୀୟ କନିଷ୍ଠ, ଉପ-କନିଷ୍ଠ ପାରା ଦୌଡ଼କୁଦ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆୟୋଜନ ହେବ। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ୧୯ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ଅଂଶଗ୍ରହଣ କରିପାରିବେ। ବେଙ୍ଗାଲୁରୁ କାନ୍ତରାଭା ଷ୍ଟାଡିୟମରେ ଜୁଲାଇ ୧୫ରୁ ୧୭ ମଧ୍ୟରେ ଆୟୋଜନ ହେବାକୁ ଥିବା ତ୍ରୟୋଦଶ ଜାତୀୟ କନିଷ୍ଠ ଓ ଉପ-କନିଷ୍ଠ ପାରା ଆଥଲେଟିକ ଚାମ୍ପିଅନସିପ୍ ପା ଇଁ ଏହି ଚୟନ ପ୍ରକ୍ରିୟା ଆୟୋଜନ ହେବ। ଏଥିରେ ଦିବ୍ୟାଙ୍ଗ ଖେଳାଳିମାନେ ମଧ୍ୟ ସୁଯୋଗ ପାଇବେ।

# ଭୁବନେଶ୍ୱର-ଏ’କୁ ହରାଇ ଅବଶିଷ୍ଟ ଓଡ଼ିଶା-ସି ଚାମ୍ପିଅନ

**କଟକ,୨୧।୬(ସମିସ):** ରାଜ୍ୟ ଘରୋଇ କ୍ରିକେଟର ମହାକୁମ୍ଭ ଭାବେ ପରିଗଣିତ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଅବଶିଷ୍ଟ ଓଡ଼ିଶା-ସି ଦଳ ୭ ରନ୍‌ରେ ଭୁବନେଶ୍ୱର-ଏ’କୁ ପରାସ୍ତ କରି ଚଳିତ ସଂସ୍କରଣର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପେସ୍ ବୋଲରଙ୍କୁ ସୁହାଉଥିବା ବାରବାଟୀର ଏହି ପିଚ୍‌ରେ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ୩୧ରନର ଉପଯୋଗୀ ଇନିଂସ ଖେଳିବା ସହ ୬ ୱିକେଟ ଦଖଲ କରିଥିବା ଅବଶିଷ୍ଟ ଓଡ଼ିଶା-ସି’ ଦଳର ସମ୍ବଲପୁର ଫାଷ୍ଟ ବୋଲର ଦେବବ୍ରତ ପ୍ରଧାନ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା-ସି ସମସ୍ତ ୱିକେଟ ହରାଇ ୧୩୪ରନ କରିଥିଲା। ଜବାବରେ ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଭୁବନେଶ୍ୱର-ଏ ଗୋଟିଏ ୱିକେଟ ହରାଇ ୩୦ରନ କରିବା ସହିତ ବିଜୟଠାରୁ ୧୦୫ରନ ଦୂରରେ ରହିଥିଲା। ସାଇ ଶୁଭମ ୧୨ରନ ଏବଂ ସନ୍ଦୀପ ପଟ୍ଟନାୟକ ୭ରନରେ ଅପରାଜିତ ଥିଲେ। ୯ ୱିକେଟ ବଳକା ଥିବା ହେତୁ ଭୁବନେଶ୍ୱର-ଏ ସହଜରେ ବିଜୟୀ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବାରବାଟୀର ପିଚ୍‌ରେ ଅବଶିଷ୍ଟ ଓଡ଼ିଶା-ସି’ର ପେସ୍ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଭୁବନେଶ୍ୱର-ଏ ହାତରୁ ବିଜୟ ଛଡାଇ ନେଇଥିଲେ। ବିଶେଷକରି ଦୁଇ ବୋଲର ହିଁ ୧୦ଟି ଯାକ ୱିକେଟ ବାଣ୍ଟି ନେଇଥିଲେ। ଦେବବ୍ରତଙ୍କୁ ୬ଟି ୱିକେଟ ମିଳିଥିବା ବେଳେ ସୌଭାଗ୍ୟ ରାଉତ ଅବଶିଷ୍ଟ ୪ ୱିକେଟ ଦଖଲ କରିଥିଲେ। ସନ୍ଦୀପ ପଟ୍ଟନାୟକ ଅନ୍ତିମ ୱିକେଟ ପର୍ଯ୍ୟନ୍ତ ସଂଘର୍ଷ କରି ୬୮ ରନ୍ କରିଥିଲେ। ସାଇ ଶୁଭମ ୧୬ରନରେ ଆଉଟ ହୋଇଥିଲେ। ଅନ୍ୟ ୯ଜଣ ଯାକ ଖେଳାଳି ଦୁଇ ଅଙ୍କ ଛୁଇଁ ପାରିନଥିଲେ। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଫୁଟବଲ ଏବଂ ଆଥଲେଟିକ୍ ସଂଘର ରାଜ୍ୟ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ରାଜ୍ୟ ପୁରୁଷ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।




**କଳାହାଣ୍ଡି କପ୍**

**ଦେବବ୍ରତ ପ୍ରଧାନ ଫାଇନାଲର ଶ୍ରେଷ୍ଠ ଖେଳାଳି**

# ମଶା ମାଛି





ସ୍ନେହଲତା ଦାସ ଲେଙ୍କା

ଦିନେ ମଶା ସହ ମାଛିର ଭେଟ ହେଲା ରାଜୁ ଘର ପାଖରେ। ସେତେବେଳେ ରାଜୁ ଗୋଟିଏ ମିଠା ଆମ୍ବ ଟାକୁଆକୁ ଚାଟୁଥାଏ। ତା' ହାତର କହୁଣି ପର୍ଯ୍ୟନ୍ତ ଆମ୍ବରସ ବହିଯାଇଥାଏ। ସେ ତା' ହାତରେ ଲାଗିଥିବା ଆମ୍ବରସକୁ ପୋଛି ପକାଉଥାଏ। ରାଜୁ ଦେହସାରା ଆମ୍ବରସରେ ଅଠା ଅଠା। ମାଛିଟିଏ ରାଜୁର ମୁହଁରେ ହାତରେ ଦେହରେ ବସି ଆମ୍ବରସକୁ ଚାଟୁଥାଏ। ଏହି ସମୟରେ ମଶା ବି ଚେଷ୍ଟା କରୁଥାଏ କେମିତି ରାଜୁ ଦେହରୁ ରକ୍ତ ଶୋଷିବ ବୋଲି। ମଶାକୁ ମାଛି ଦେଖି କହିଲା 'ମଶା ନାନୀ ତୁ ଏ ଅବେଳରେ କେମିତି? ତୋର ତ ରାତିରେ ବାହାରିବା କଥା। ତାପରେ ତୁ ଏତେ ଝଡ଼ି କେମିତି ଗଲୁ ଯେ କ'ଣ ଖାଇବାକୁ ପାଉନୁ କି? ହସିକି କହିଲା ମାଛି।' ମାଛି କଥା ଶୁଣି ମୁହଁ ଶୁଖେଇକି ମଶା କହିଲା, 'ହଁ ଲୋ, ମୋ ବଂଶ ତ ବହୁତ ବଡ଼ ନିଇତି ନିଇତି ଶହ ଶହ ଛୁଆ ଜନ୍ମ ହେଉଛନ୍ତି। ସେମାନେ ଖାଇବାକୁ ନ ପାଇ ଭୋକରେ ଉହଳବିକଳ ହୋଇଯାଉଛନ୍ତି। ଆଜିକାଲି ତ ମଣିଷଗୁଡ଼ାକ ପରିବାରରେ ବହୁତ କମ୍ ମଣିଷ ରହୁଛନ୍ତି କେତେ ଆଉ ଖାଇବାକୁ ମିଳୁଛି ଯେ! ଆଗରୁ ଗୋରୁ ଗାଇ ଛେଳି ପରି ଅନେକ ପଶୁ ପାଳୁଥିଲେ ଯେ, ସେମାନଙ୍କ ରକ୍ତ ଖାଇ ମନ ସହ ପେଟ ଭରୁଥିଲା, ଏବେ ତ ଗାଁରେ ଅଧିକାଂଶ ଲୋକ ଜୀବଜନ୍ତୁ ପାଳୁନାହାଁନ୍ତି। କୋଉଠୁ ଆଉ ପେଟ ଭରିବ।' ମଶା କଥା ଶୁଣି ମାଛି କହିଲା, 'ତୁ ଯାହା କହ ନାନୀ। ଏ ମଣିଷ ଗୁଡ଼ା ଖୁବ୍ ଅଳସୁଆ ହୋଇଗଲେଣି କାମଧନ୍ଦାକୁ ଭାରିକଷ୍ଟ ଏମାନଙ୍କୁ। ଆଗରୁ ଯେମିତି ବୋହୂମାନେ ରାତିରୁ ଉଠି ଗୋବର ପାଣିରେ ଘର ଲିପୁଥିଲେ ବାସନକୁସନ ରାତିରୁ ସଫା ରଖୁଥିଲେ, ଘରଦ୍ୱାର ସଫାରଖିବା ସହ ଛୁଆପିଲାଙ୍କ ଯତ୍ନ ବି ନେଉଥିଲେ ମାତ୍ର ଏବେ ...।' ମାଛି ପାଟିରୁ କଥା ସରିଛି କି ନାହିଁ ମଶା କହିଲା, 'ତୋର ତ ବହୁତ ଭଲ ଲୋ ମାଛି। ରାତିରୁ ଅଇଁଠା ବାସନ ପଡ଼ିଛି ତୁ ତ ଆରାମରେ ଖାଉଥିବୁ। ଚାରିଆଡ଼େ କଦଳୀ ଚୋପାଠୁ ଆରମ୍ଭ କରି କେତେ ପଚାସଢ଼ା ଖାଇବା ଦରବ ଏଣେତେଣେ ପଡ଼ିଛି ତମ ବଂଶଙ୍କର ଖୁବ୍ ଖୁସି ଓ ଆରାମରେ ଦିନ କଟିଯାଉଛି। ଭାଗ୍ୟ କରିଛ ତମେମାନେ ଏସବୁ ପାଇଁ ଧନ୍ୟବାଦ ଦିଅ ସେଇ ମୋବାଇଲକୁ। ମୋବାଇଲ୍‌ର ନିଶା ତ ସବୁ ମଣିଷମାନଙ୍କୁ ଘାରିଛି କାମଦାମ ବନ୍ଦ କରି ସେଇଥିରେ ବ୍ୟସ୍ତ।' ମଶା କଥା ଶୁଣି ମାଛି କହିଲା, 'ସତକଥା ଯେ, ହେଲେ ସେ ରାଜୁର ଜେଜେବୁଢ଼ାଟି ପରା ଭାରି ବଦମାସ। ସମସ୍ତଙ୍କ ଉପରେ କଟରକଟର ହୁଏ, ଘରଦ୍ୱାର ସଫା ରଖିବା ପାଇଁ। ତା' ପୁଅବୋହୂ ତା' କଥାକୁ ଖାତିର କରନ୍ତି ନାହିଁ ବୋଲି ଆମେ ସୁଖରେ ବଞ୍ଚିଛୁ ନହେଲେ କେବେଠୁ ସଫା ହୁଅନ୍ତୁନି। ବୁଢ଼ାର ବଳବୟସ ଥିଲା ବେଳେ କମ୍ ନାକେଦମ୍ କରିଛି ଆମକୁ!' ମଶା କହିଲା, 'କିନ୍ତୁ ଆମକୁ ପେଟପୂରା ଖାଇବାକୁ ମିଳୁନି, ତୋତେ ସିନା ମିଳୁଛି।' ମାଛି କହିଲା, 'ତମେମାନେ ସାଥିହୋଇ ଆସି ବୁଢ଼ାଦେହରେ ବସିଯାଇ ରକ୍ତ ସବୁ ଶୋଷି ନେଉନ। ତାକୁ ଡେଙ୍ଗୁ ମ୍ୟାଲେରିଆ ହୋଇଯାଇ ମରିଯାନ୍ତା, ତାହେଲେ ଆମର ଗୋଟିଏ କଣ୍ଟା ଯାଆନ୍ତା।' ମଶା ମନକୁ କଥାଟି ପାଇଲା। ଏଇ ବୁଢ଼ା ସକାଶେ ସେ ଭୋକିଲା ରହୁଛି। ସନ୍ଧ୍ୟାରେ ଧୂଆଁ ଜଳାଇବା ସହ ବୁଢ଼ା ରାତିରେ ମଶାରି ଟାଙ୍ଗି ଶୋଉଛି। ଟୋକା ଛୁଆ ମଶାଗୁଡ଼ିକ ଗଳିପଶି ବୁଢ଼ାର ପୁଅବୋହୂ ନାତି ନାତୁଣୀଠୁ ପେଟେ ରକ୍ତ ପିଇ ପଳେଇ ଆସୁଛନ୍ତି ସିନା, ଏ ବୁଢ଼ୀ ମଶାଟି ଧୂଆଁ ଭିତରେ ଛଟପଟ ହୋଇ ନିସ୍ତେଜିଆ ହୋଇପଡୁଛି ଯେ ଓପାସ ଶୋଉଛି ଅଧିକାଂଶ ଦିନ। ତେଣୁ ସେ ମାଛିର କଥାକୁ ଧ୍ୟାନ ଦେଲା ଏବଂ ରାତିରେ ମଶାର ସମସ୍ତ ବଂଶକୁ ଧରି ବୁଢ଼ା ଉପରେ ଆକ୍ରମଣ କରିବା ଯୋଜନା କଲା। ମଶା ଏବଂ ମାଛି କଥାବାର୍ତ୍ତା ସାରି ନିଜ ନିଜ ଘରକୁ ଚାଲିଗଲେ। ଏକଥା ରାଜୁ ଶୁଣୁଥିଲା। ସେ ଘର ଭିତରକୁ ଯାଇ ତା' ବାପା ମା' ଏବଂ ଜେଜେଙ୍କ ସହ ଆଲୋଚନା କଲା। ସମସ୍ତେ ଗମ୍ଭୀରତାର ସହ କଥାଟିକୁ ବୁଝି ନିଷ୍ପତ୍ତି ନେଲେ ଆଉ ଘରଦ୍ୱାର ଅଳିଆ ନ କରି ସଫା ରଖିବେ। ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବା ସହ ଘର ଚାରିପଟେ ଫିନାଇଲ୍ ବ୍ଲିଚିଂ ପାଉଡର ପକେଇବେ। ମଶାରି ଟାଣି ଶୋଇବେ। ଖାଇବା ଦ୍ରବ୍ୟକୁ ଏଣେତେଣେ ପକେଇ ମଶା ମାଛିଙ୍କ ବଂଶକୁ ବୃଦ୍ଧି କରିବାକୁ ଦେବେନାହିଁ। ତା'ପରେ ରାଜୁ ଏବଂ ତା ପରିବାର ଲାଗିପଡ଼ିଲେ ମଶାମାଛିଙ୍କ ବଂଶକୁ ନିପାତ କରିବା ଅଭିଯାନରେ। ■



- ଝାରପଡ଼ା, ଭୁବନେଶ୍ୱର
ମୋ- ୭୦୦୮୩୧୪୫୬୫

## କୁନି ତାରକା



ଶୁଭ୍ରଙ୍କିତ ଶିବାଂଶ

# କୁନି ନୃତ୍ୟାଙ୍ଗନା ଶୁଭସ୍ମିତା



ଶିଶୁ ପ୍ରତିଭା

**ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ଦେଖି ଅପଲକ ନୟନରେ ସେ ଚାହିଁ ରହୁଥିଲେ। ନୃତ୍ୟକୁ ବୁଝିବା ବୟସ ହୋଇ ନ ଥିଲେ ସୁଦ୍ଧା କଳାକାରମାନେ ପରିଧାନ କରିଥିବା ଓଡ଼ିଶୀ ପରିପାଟୀ ତାଙ୍କୁ ବେଶ୍ ଆକୃଷ୍ଟ କରୁଥିଲା। ବାପା, ମା'ଙ୍କ ସହିତ କୌଣସି ଉତ୍ସବ, ମହୋତ୍ସବକୁ ଯାଇଥିବା ବେଳେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କୁ ଦେଖିବାକୁ ଜିଦ୍ କରୁଥିଲେ। ଆଉ ସେବେଠାରୁ ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହୋଇ ମଞ୍ଚରେ ନୃତ୍ୟ ପରିବେଷଣ କରିବେ ବୋଲି ଇଚ୍ଛା ରଖିଥିଲେ। ତାଙ୍କର ସେହି ଇଚ୍ଛା ଏବଂ ଆଗ୍ରହ ଧୀରେ ଧୀରେ ପରିସ୍ଫୁଟ ହେବାରେ ଲାଗିଛି। ଏମିତି ଜଣେ ଶିଶୁ ପ୍ରତିଭା ହେଉଛନ୍ତି ପୁରୀ ସହର ଏଲଆଇସି କଲୋନିର ଶୁଭସ୍ମିତା ବଳ।**

ପୁରୀ ଏଲ୍ଆଇସି କଲୋନୀର ବିଭୁରଞ୍ଜନ ଏବଂ ସଙ୍ଗୀତା ବଳଙ୍କ ଝିଅ ହେଉଛନ୍ତି ଶୁଭସ୍ମିତା। ପିଲାଟି ଦିନରୁ ପାଠ ସାଙ୍ଗକୁ ଓଡ଼ିଶୀ ନୃତ୍ୟରେ ତାଙ୍କର ରୁଚି ରହିଥିଲା। ଆଉ ଏବେ ବାପା ମା' ତତ୍ତ୍ୱାବଧାନରେ ସେ ଏବେ ଏଦିଗରେ ଆଗକୁ ବଢ଼ିଛନ୍ତି। ଶୁଭସ୍ମିତା ଏବେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନବମ ଶ୍ରେଣୀରେ ପଢୁଛନ୍ତି। ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନରେ ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କଠାରୁ ୬/୭ ବର୍ଷ ହେଲାଣି ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ଅନେକ ସମୟରେ ଶୁଭସ୍ମିତା ପୁରୀ ଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ନିଜ ନୃତ୍ୟ ପ୍ରତିଭାକୁ ପ୍ରଦର୍ଶନ କରୁଛନ୍ତି। ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଚନ୍ଦନ ଯାତ୍ରା, ପଞ୍ଚୁକ ମହୋତ୍ସବ ସମେତ ଅଣସର ସମୟରେ ବ୍ରହ୍ମଗିରିର ଅଲାରନାଥଙ୍କ ପୀଠରେ ନୃତ୍ୟ ପ୍ରଦର୍ଶନ କରି ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେହିଭଳି ବିଭିନ୍ନ ସମୟରେ ପୁରୀରେ ଅନୁଷ୍ଠିତ ହେଉଥିବା ଉତ୍ସବ, ମହୋତ୍ସବରେ ମଧ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଢେର୍ ପ୍ରଶଂସା ସାଉଣ୍ଟିଛନ୍ତି। କୁମାର ଉତ୍ସବରେ ନୃତ୍ୟରେ ପ୍ରଥମ ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ଅନେକବାର ପୁରସ୍କୃତ ହୋଇଛନ୍ତି। କେବଳ ପୁରୀ ନୁହେଁ, ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର, କେନ୍ଦୁଝର ଆଦି ଜିଲ୍ଲାକୁ ଯାଇ ସେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ 'ଭାରତୀୟ କଳାଶ୍ରୀ କମାଲ' ପୁରସ୍କାର ପାଇଥିବା ଶୁଭସ୍ମିତା ଭାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସାଂସ୍କୃତିକ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ୨୦୨୩/୨୪ ବର୍ଷ ପାଇଁ କନିଷ୍ଠ ବୃତ୍ତି ପାଇବା ଲାଗି ମନୋନୀତ ହୋଇଛନ୍ତି। ତେବେ ଭବିଷ୍ୟତରେ ଦେଶବିଦେଶରେ ଓଡ଼ିଶୀ ପରିବେଷଣ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଏହି କୁନି ପ୍ରତିଭା ଜଣକ।



-ହେମନ୍ତ ନାୟକ, ପୁରୀ

## ପ୍ରହେଳିକା

- ଏମିତି ଅଟଇ ପୂର୍ଣ୍ଣିମାଟିଏ
ଜ୍ୟେଷ୍ଠ ମାସରେ ସେ ପଡୁଥାଏ
ଭାଇ ଭଉଣୀଙ୍କ ସାଥିରେ ଆସି
ସ୍ନାନ ମଣ୍ଡପରେ ଯାଆନ୍ତି ବସି
ସୁନାର କୂଅରୁ ଜଳ ଆସଇ
ପ୍ରଭୁଙ୍କର ସ୍ନାନ କରିବା ପାଇଁ
ଶହେ ଆଠ ଗରା ପବିତ୍ର ଜଳେ
ସ୍ନାନ କରନ୍ତି ପ୍ରଭୁ ବର୍ଷରେ ଥରେ
ସେ ପୂର୍ଣ୍ଣିମା ନାମ ଯିଏ ପାରିବ କହି
ସୁନାପିଲା ନିଶ୍ଚେ ହୋଇବ ସେହି
ଉ-ସ୍ନାନ ପୂର୍ଣ୍ଣିମା

- ସ୍ନାନ ପୂର୍ଣ୍ଣିମାର ସ୍ନାନର ପରେ
ପ୍ରଭୁ ପଡ଼ିଯାଇଥାଆନ୍ତି ଜରେ
ଦେହ ଉପଚାର କରିବା ପାଇଁ
ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ
ରହୁଥାନ୍ତି ଯାଇ ସେ ଯେଉଁ ଘରେ
ଜାଣିଥିଲେ ନାମ କୁହଟି ଥରେ।
ଉ-ଅଣସର ଘର

- ଗଜ ବେଶରେ ସଜ୍ଜିତ ହୋଇ
ଦର୍ଶନ ଦିଅନ୍ତି ଭକ୍ତଙ୍କୁ ସେହି
ସୁନ୍ଦର ଦିଶନ୍ତି ଚତୁର୍ଦ୍ଧା ମୂର୍ତ୍ତି
ସ୍ନାନ ପୂର୍ଣ୍ଣିମାର ରହିଛି ଖ୍ୟାତି
୧୦୮ ଗରା ଜଳ ସ୍ନାନର ପରେ
ସଜେଇ ହୁଅନ୍ତି ଅତି ସୁନ୍ଦର
କିଏ ସେ କହିବ ଏ କେଉଁ ବେଶ
ଦେଖିଦେଲେ ଓଠେ ଖେଳଇ ହସ।
ଉ-ଗଜାନନ ବେଶ



## ସ୍ନାନ ପୁନେଇଁ

ଆଜି ଜ୍ୟେଷ୍ଠ ମାସ ପୁନେଇଁ ତିଥିରେ
ହସୁଛି ମରତ ଧାମ
ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂରତି
କରିବେ ପବିତ୍ର ସ୍ନାନ।
ପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର
ସୁଭଦ୍ରା ଭଗିନୀ ସହ
ପ୍ରଭୁ ସୁଦର୍ଶନ ସ୍ନାନ କରିଥାନ୍ତି
ଛୁଟେ ଭକତଙ୍କ ସୁଅ।
ଶହେ ଆଠ ଗରା ପାଣିରେ ଗାଧାନ୍ତି
ସ୍ନାନ ମଣ୍ଡପରେ ବସି
ସ୍ନାନ ହେଲେ ଅନ୍ତ ଗଜାନନ ବେଶେ
ଦର୍ଶନ ଦିଅନ୍ତି ହସି।
କଳା ସାଆନ୍ତଙ୍କ ଜନମ ଦିବସ
ଆସେ ଜ୍ୟେଷ୍ଠ ପୁନେଇଁରେ
ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁ ଆସନ୍ତି
ଦର୍ଶନ ଅଭିଳାଷାରେ।



ରାମଚନ୍ଦ୍ର ବେହେରା

ଚତୁର୍ଦ୍ଧା ମୂରତି ସ୍ନାନବିଧି ଅନ୍ତେ
ଜ୍ୱରରେ ପୀଡ଼ିତ ହୋଇ
ଅଣସର ଘରେ ବିଶ୍ରାମ କରନ୍ତି
ଭକତଠୁ ଦୂରେ ରହି।
ସୁସ୍ଥ ହେବା ପରେ ପୁଣ୍ୟ ବଡ଼ଦାଣ୍ଡେ
ବୁଲନ୍ତି ତିନି ଠାକୁର
ରଥାରୂଢ଼ ହୋଇ ଗୁଣ୍ଡିଚା ଯାତରେ
ଯାଆନ୍ତି ମାଉସୀ ଘର। ■

- ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ହାତୀ ବେଶରେ ଜଗନ୍ନାଥ

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ
ଚତୁର୍ଦ୍ଧାମୂରତି ବିଜେ ସ୍ନାନ ମଣ୍ଡପରେ
ବେଦଧ୍ୱନି ହୋଇ ଶହେଆଠ କଳସୀରେ
ସ୍ନାନ କଲେ ପ୍ରଭୁ ସ୍ୱର୍ଣ୍ଣ କୂଅର ଜଳରେ।
ବିଜେ ସୁଦର୍ଶନ ପଣ୍ଡା ସେବକ ମେଳରେ
ଜଗନ୍ନାଥ ଆସିଥାନ୍ତି ଦଇତା ସାଥିରେ
ମନ୍ତ୍ରସ୍ନାନ ହୋଇଥାନ୍ତି ଅନ୍ୟ ସମୟରେ
ସ୍ନାନ କରିଥାନ୍ତି ପ୍ରଭୁ ପୂର୍ଣ୍ଣମୀ ତିଥିରେ।
ସ୍ନାନ ସାରି ସଜ୍ଜିତ ପ୍ରଭୁ ଗଜ ବେଶରେ
ମହମହ ବାସୁଥାଆନ୍ତି ସଜ ଫୁଲରେ
ଧୂପ ଦୀପ ଅଗୁର ଚନ୍ଦନ ନୈବେଦ୍ୟରେ
ଦର୍ଶନ ଦିଅନ୍ତି ପ୍ରଭୁ ସ୍ନାନ ମଣ୍ଡପରେ।
ଶୁଭୁଥାଏ ମନ୍ତ୍ରଧ୍ୱନି କାହାଳୀ ଶବ୍ଦରେ
କମ୍ପିଯାଏ ମଣ୍ଡପ ଭଜନ କୀର୍ତ୍ତନରେ
ଭକ୍ତଙ୍କୁ ଆଣନ୍ତି ଡାକି ପୁନେଇଁ ତିଥିରେ
ଗଜବେଶ ଦେଖିବାକୁ ଆନନ୍ଦ ଚିତ୍ତରେ।
ଗଣପତି ଭଟ୍ଟଙ୍କର ପ୍ରଗାଢ଼ ଭକ୍ତିରେ
ସନ୍ତୁଷ୍ଟ ହୋଇ ଦେଖାଦେଲେ ଗଜ ବେଶରେ
ଖରାତାପ ନ ସହି ଗୁଳୁଗୁଳି ପାଗରେ
ପାହୁଣ୍ଡ ପକେଇ ବିଜେ ସ୍ନାନ ମଣ୍ଡପରେ।
ସ୍ନାନସାରି ଫେରିଗଲେ ଅଣସର ଘରେ
ପ୍ରଭୁ ସୁଦର୍ଶନ ଭାଇ ଭଉଣୀ ସାଥିରେ
ସ୍ନାନ କଲେ ଶହେଆଠ ଗରା ଜଳରେ
ପୂଜା ପାଇଲେ ମଣ୍ଡପେ ଗୋଟିଏ ଧୂପରେ।
ଜଗତ ଦେଖିଲା ତାଙ୍କୁ ସ୍ନାନବେଦୀ ପରେ
ଭକ୍ତ ହୋଇଲେ ତୋଷ ଦେଖି ଗଜ ବେଶରେ। ■



ନଳିନୀ ଦାଶ

ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮୯୯୬୭୪୯

## ସକାଳ ଶିଶୁ କୁଇଜ୍-୧୨୩

(୧) ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ଜଗନ୍ନାଥ କେଉଁ ବେଶରେ ସଜ୍ଜିତ ହୁଅନ୍ତି?
ଉତ୍ତର : ____

(୨) ଗୌତମ ବୁଦ୍ଧଙ୍କର ଜନ୍ମ କେଉଁଠାରେ ହୋଇଥିଲା?
ଉତ୍ତର : ____

(୩) କେଉଁ ମସିହାରେ ଭୋପାଳ ଗ୍ୟାସ ଦୁର୍ଘଟଣା ଘଟିଥିଲା?
ଉତ୍ତର : ____

(୪) ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳକୁ କ'ଣ କୁହାଯାଏ?
ଉତ୍ତର : ____

(୫) କମ୍ପ୍ୟୁଟର କିଏ ଉଦ୍ଭାବନ କରିଥିଲେ?
ଉତ୍ତର : ____

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ସମ୍ଭବ ବଳିଆର ସିଂହ, ଖୋର୍ଦ୍ଧା
- ସାଇଶ୍ରୁତି କାମିଲା, ବାଲେଶ୍ୱର
- ଦେବାଶିଷ କର, ଆଙ୍କପଦା, ଭଦ୍ରକ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯



ମାନସ ରଞ୍ଜନ ଆଚାର୍ଯ୍ୟ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର



ଶାନ୍ତନୁ ଶାନ୍ତିସ୍ୱରୂପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



ରୋହନ ରାଉଳ
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ରାଜନଗର, କେନ୍ଦ୍ରାପଡ଼ା



ଅଭୀଲିପ୍ସା ରାଉତ
ଦଶମ ଶ୍ରେଣୀ
ରଘୁନାଥ ଉଚ୍ଚବିଦ୍ୟାଳୟ
ଦାମୋଦରପୁର, ଯାଜପୁର




ସକାଳ
THE SAKALA
ଶନିବାର
୨୨ ଜୁନ୍ ୨୦୨୪

### ମୁଖ୍ୟମନ୍ତ୍ରୀଙ୍କ ସହ ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସାକ୍ଷାତ

# ଓଡ଼ିଶା ଆଉ ୩ ବର୍ଷ ଭାରତୀୟ ହକିର ପ୍ରାୟୋଜକ



**ଭୁବନେଶ୍ୱର,୨୧।୬(ସମିସ):** ଭାରତୀୟ ହକିକୁ ରାଜ୍ୟ ସରକାର ପୂର୍ବ ସରକାରଙ୍କ ଭଳି ସମର୍ଥନ ଓ ପ୍ରୋତ୍ସାହନ ଦେବା ଜାରି ରଖିବେ। ଏହି କ୍ରମରେ ଭାରତୀୟ ହକି ସହ ହୋଇଥିବା ପ୍ରାୟୋଜନ ଚୁକ୍ତିକୁ ଆଉ ୩ ବର୍ଷ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅର୍ଥାତ ଓଡ଼ିଶା ସରକାର ୨୦୩୬ ପର୍ଯ୍ୟନ୍ତ ଭାରତୀୟ ହକିର ପ୍ରାୟୋଜକ ରହିବ। ୨୦୩୬ରେ ଓଡ଼ିଶାର ପ୍ରତିଷ୍ଠା ଦିବସ ପାଳନ ହେବାର କାର୍ଯ୍ୟକ୍ରମ ରହିଛି ଓ ଏଥିପାଇଁ ଏହି ପ୍ରାୟୋଜନ ଅବଧିକୁ ବୃଦ୍ଧି କରାଯାଇଛି। ଉଲ୍ଲେଖଥାଉ କି, ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପ୍ରତିଷ୍ଠା ହେବା ସହ ମାନ୍ୟତା ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଓ ହକି ଇଣ୍ଡିଆର କର୍ମକର୍ତ୍ତାଙ୍କ ମଧ୍ୟରେ ଶୁକ୍ରବାର ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହିଆସିଛନ୍ତି। ୨୦୨୩ରେ ଏହି ପ୍ରାୟୋଜନ ଚୁକ୍ତିକୁ ଆହୁରି ୧୦ ବର୍ଷ ଅର୍ଥାତ ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତୀ ପାଳନ ହେବ। ଏଥିପାଇଁ ସରକାର ହକି ଇଣ୍ଡିଆର ପ୍ରାୟୋଜନର ସମୟ ଅବଧିକୁ ୨୦୩୩ରୁ ଆଉ ୩ ବର୍ଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ବୈଠକରେ ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦୀଲିପ ତିର୍କି, ସାଧାରଣ ସମ୍ପାଦକ ଭୋଳାନାଥ ସିଂ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆମେ ଏକ ଫଳପ୍ରଦ ଆଲୋଚନା କରିଛୁ ବୋଲି ଦୀଲିପ କହିଛନ୍ତି। କ୍ରୀଡ଼ାର ବିକାଶ ଓ ଖାସ୍ କରି ଆମର ପ୍ରୀୟ କ୍ରୀଡ଼ା ହକିକୁ ନୂଆ ସୋପାନରେ ପହଞ୍ଚାଇବା ପାଇଁ ବିଭିନ୍ନ ରଣନୀତି ଓ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଭାରତୀୟ ହକିକୁ ସମର୍ଥନ ଦେବା ଓ ଏ ନେଇ ପ୍ରତିଶ୍ରୁତ ବଦ୍ଧତା ଦେଖାଇଥିବାରୁ ଓଡ଼ିଶା ସରକାରଙ୍କଠାରେ କୃତଜ୍ଞ ବୋଲି ସେ କହିଛନ୍ତି। ଭୋଳାନାଥ ସିଂ ମଧ୍ୟ ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଦେଶରେ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସରକାର ନୀରବଚ୍ଛିର୍ଣ୍ଣ ଭାବେ ସମର୍ଥନ ଦେଇଆସିଛନ୍ତି। ୨୦୩୬ ପର୍ଯ୍ୟନ୍ତ ଭାରତୀୟ ହକିର ପ୍ରାୟୋଜନ ଅବଧି ବୃଦ୍ଧି କରାଯିବା ହକି ପ୍ରତି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଏହା ଦ୍ୱାରା ଭାରତୀୟ ହକିରେ ଦୃଷ୍ଟାନ୍ତମୂଳକ ଉନ୍ନତୀ ହେବ ବୋଲି ଭୋଳାନାଥ କହିଛନ୍ତି। ସେହିପରି ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

## ସୁଟର ଶ୍ରେୟାସୀଙ୍କୁ ଅଲିମ୍ପିକ୍ସ ଟିକଟ



**ନୂଆଦିଲ୍ଲୀ, ୨୧।୬(ଏଜେନ୍ସି):** ଭାରତର ମାନୁ ଭାକର ମହିଳା ଏୟାର ପିସ୍ତଲ ଓ ସ୍ପୋର୍ଟ୍ସ ପିସ୍ତଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ଫଳରେ ଜଣେ ସୁଟର ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ଫଳରେ ପିସ୍ତଲ ଇଭେଣ୍ଟରେ ଗୋଟିଏ କୋଟ ଖାଲି ପଡ଼ିଯାଇଛି। ଏହି କୋଟା ପୂରଣ ଲାଗି ଅନ୍ତର୍ଜାତୀୟ ସୁଟିଂ ମହାସଂଘ ଭାରତକୁ ଅନୁମତି ଦେଇଛି। ମାରତର ଜାତୀୟ ରାଇଫଲ ସଂଘ ଏହି କୋଟା ପୂରଣ କରିବାକୁ ଶ୍ରେୟସୀ ସିଂଙ୍କ ନାମ ସୁପାରିସ୍ କରିଛି ଓ ସେ ପ୍ୟାରିସ୍ ଅଲିମ୍ପିକ୍ସରେ ମହିଳା ଟ୍ରାପ ଇଭେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ସ୍ପଷ୍ଟ ହୋଇଛି। ସମସ୍ତ ପିସ୍ତଲ ଇଭେଣ୍ଟରେ କୋଟା ପୂରଣ ହୋଇଯାଇଥିବାରୁ ଟ୍ରାପ୍ ଇଭେଣ୍ଟ ଲାଗି ଏନ୍ଆରଏଆଇ ଦାବି କରିଥିଲା ଓ ତାହା ଗ୍ରହଣ ହେବା ଫଳରେ ଶ୍ରେୟସୀଙ୍କ ଅଲିମ୍ପିକ୍ସ ଅଂଶଗ୍ରହଣ ଆଶା ପୂରଣ ହୋଇପାରିଛି।

### ଡି କକ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ.ଆଫ୍ରିକା ସେମିର ନିକଟତର

**ସେଣ୍ଟ ଲୁସିଆ, ୨୧।୬(ଏଜେନ୍ସି):** ଡିଫେଣ୍ଡିଂ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିବାର ନିକଟତର ହୋଇଛି। ଏହି ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ସୁପର-୮' ଗ୍ରୁପ୍-୨ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୧୮ ରନ୍‌ରେ ଆମେରିକାକୁ ପରାସ୍ତ କରିଥିଲା। ଗ୍ରୁପ୍‌ରେ କ୍ରମାଗତ ବିଜୟ ହାସଲ କରିବା ପରେ ଦଳର ସେମିଫାଇନାଲ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇଛି। ବିସ୍ଫୋରକ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି କକ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୬ ୱିକେଟରେ ୧୬୩ ରନ୍ କରିଥିଲା। ଦଳ ପକ୍ଷରୁ ଓପନର କ୍ୱିଣ୍ଟନ ଡି କକ୍ ମାତ୍ର ୨୨ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୩୮ ବଲ ଖେଳି ୪ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୬୫ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର ଓପନିଂ ଯୋଡି ପାୱାର ପ୍ଲେ'ରେ ୬ ଓଭରରୁ ୬୩ ଓ ୧୦ ଓଭରରେ ୮୬ ରନ୍ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେବଳ ଡେଭିଡ ମିଲର ୪୩, ରୀଜା ହେଣ୍ଡ୍ରିକ୍ସ ୧୯ ରନ୍‌ର ଯୋଗଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଦୁଇ ସ୍ପିନର ମୋଇନ୍ ଅଲି ଓ ଆଦିଲ ରଶିଦ୍ ଚମତ୍କାର ବୋଲିଂ କରିଥିଲେ। କିନ୍ତୁ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଭଲ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇ ୪ ୱିକେଟରେ ୬୧ ରନ୍ କରି ବିପଦରେ ପଡ଼ିଥିଲା। ଏହି ସମୟରେ ହ୍ୟାରୀ ବ୍ରୁକ୍ ଓ ଲିଆମ ଲିଭିଙ୍ଗଷ୍ଟୋନ୍ ୫ମ ୱିକେଟ ଭାଗୀଦାରିରୁ ୪୨ ବଲ୍‌ରେ ୭୮ ରନ୍ ଉଠାଇ ଇଂଲଣ୍ଡର ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବିଶେଷ କରି ଓଟ୍‌ନିଲ ବାର୍ଟମ୍ୟାନ୍‌ଙ୍କ ୧୭ତମ ଓଭରରୁ ୨୧ ରନ୍ ମିଳିବା ପରେ ଦଳ ଜିତିବ ବୋଲି ଆଶା ବଢ଼ିଯାଇଥିଲା। ଏହା ପରେ ୧୮ତମ ଓଭରରେ ରାବାଡାଙ୍କ ବଲରେ ଲିଭିଙ୍ଗଷ୍ଟୋନ ୧୭ ବଲରୁ ୩୩ ରନ୍ ଏବଂ ଶେଷ ଓଭରର ପ୍ରଥମ ବଲ୍‌ରେ ହ୍ୟାରୀ ବ୍ରୁକ୍ ୩୭ ବଲରୁ ୫୩ ରନ୍ କରି ଆଉଟ ହେବା ଫଳରେ ଇଂଲଣ୍ଡ ୨୦ତମ ଓଭରରେ ୧୪ ରନ୍ କରିବାକୁ ଅସମର୍ଥ ହୋଇଥିଲା। ଦଳ ୬ ୱିକେଟରେ ୧୫୬ ରନ୍ କରି ଏହି ମ୍ୟାଚ୍ ହାରିଯାଇଥିଲା। ଦ. ଆଫ୍ରିକା ପକ୍ଷରୁ କେଶବ ମହାରାଜ ଓ କାଗିସୋ ରାବାଡା ୨ଟି ଲେଖାଏଁ ୱିକେଟ ନେଇଥିଲେ। କିନ୍ତୁ ଆନରିଚ୍ ନୋର୍ଜେ ୨୦ତମ ଓଭରରେ ଚମତ୍କାର ବୋଲିଂ କରି ଦଳକୁ ଜିତାଇଥିଲେ।

### ଟି-୨୦ ବିଶ୍ୱକପ୍ ସୁପର-୮ : ବାଂଲା ବିପକ୍ଷ ମୁକାବିଲା ଆଜି

# ସେମିଫାଇନାଲ ଲକ୍ଷ୍ୟରେ ଖେଳିବ ଭାରତ



**ଆଣ୍ଟିଗୁଆ,୨୧।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ଭାରତ ଶନିବାର ତା'ର ଦ୍ୱିତୀୟ ମୁକାବିଲାରେ ବାଂଲାଦେଶକୁ ଭେଟିବ। ଏହି ମ୍ୟାଚ୍ ଜିତି ଭାରତ ତା'ର ବିଜୟଧାର ବଜାୟ ରଖିବା ସହ ସେମିଫାଇନାଲ ଅଭିଯାନ ଆହୁରି ଦୃଢ କରିବା ଲକ୍ଷ୍ୟରେ ରହିଛି। ଗ୍ରୁପ୍-୧ରେ ଭରାତ ତା'ର ପ୍ରଥମ ମୁକାବିଲାରେ ଆଫଗାନିସ୍ତାନକୁ ୪୭ ରନରେ ପରାସ୍ତ କରିଥିଲା। ଅନ୍ୟପଟେ ବାଂଲାଦେଶ ତା'ର ପ୍ରଥମ ମ୍ୟାଚ୍‌ରେ ଡିଏଲ୍ଏସ୍ ପ୍ରଣାଳୀରେ ୨୮ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ତେଣୁ ଏହି ମ୍ୟାଚ୍‌ରେ ବାଂଲାଦେଶ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ସ୍ଥାନୀୟ ନର୍ଥ ସାଉଣ୍ଡର ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉଭୟ ପେସର ଓ ସ୍ପିନର ସୁବିଧାଜନକ ପରିବେଶ ହାସଲ କରିବେ। ମ୍ୟାଚ୍ ଅବସରରେ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।

ବିଶ୍ୱକପ୍ ପୂର୍ବରୁ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ଭାରତ ୬୦ ରନରେ ପରାସ୍ତ କରିଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହି ଜବରଦସ୍ତ ଫର୍ମରେ ରହିଛି। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ଭାରତର ପ୍ରଦର୍ଶନରେ ସନ୍ତୁଳନ ରହିଛି। ତେବେ ଓପନିଂ କରୁଥିବା ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ଋଷଭ ପନ୍ତ ଓ ସୂର୍ଯ୍ୟକୁମାର ଯାଦବ ଭାରତ ପାଇଁ ଦମ୍‌ଦାର ପ୍ରଦର୍ଶନ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ପୁଣିଥରେ ଦ୍ରୁତ ବୋଲିଂରେ କମାଲ କରିବେ ବୋଲି ଆଶା କରାଯାଉଛି। ସ୍ପିନରେ କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ମଧ୍ୟ ପ୍ରଥମ ମ୍ୟାଚ୍‌ର ପ୍ରଦର୍ଶନ ଦୋହରାଇବେ ବୋଲି ଆଶା କରାଯାଉଛି। ଯେଉଁ ଭାରତୀୟ ଖେଳାଳିମାନେ ଏପର୍ଯ୍ୟନ୍ତ ଭଲ ଖେଳି ନାହାନ୍ତି ସେମାନେ ଏହି ମ୍ୟାଚ୍‌ରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଖାସ୍ କରି କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଟସ୍ ଜିତିବା ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ପସନ୍ଦ କରିବ।

ଅପରପକ୍ଷରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ବାଂଲାଦେଶର ମନୋବଳ ସାମାନ୍ୟ ଦୁର୍ବଳ ହୋଇଛି। ବାଂଲାଦେଶ ଦଳରେ ମଧ୍ୟ କ୍ୱାଲିଟି ବ୍ୟାଟର, ସ୍ପିନର ଓ ଦ୍ରୁତ ବୋଲର ରହିଛନ୍ତି। ବାଂଲାଦେଶ ବିପକ୍ଷରେ ରେକର୍ଡ ଭଲ ରହିଥିଲେ ମଧ୍ୟ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବାଂଲାଦେଶରେ ପାୱାର ହିଟରଙ୍କ ଅଭାବ ରହିଛି। ଏହାର ଫାଇଦା ଭାରତକୁ ମିଳିବ। ଅଲରାଉଣ୍ଡର ସକିବ ଅଲ ହାସନ, ମୁସ୍ତାଫିଜୁର ରହମାନ, ମହମୁଦୁଲ୍ଲା, ଲିଟନ ଦାସ, ସୌମ୍ୟ ସରକାର ଭାରତ ପାଇଁ ସମସ୍ୟା ସୃଷ୍ଟି କରିବେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଓ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ସଞ୍ଜୁ ସାମସନ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ।

**ବାଂଲାଦେଶ ଦଳ:** ତାଞ୍ଜିଦ ହାସନ, ଲିଟନ ଦାସ, ନାଜମୁଲ ହୋସେନ ସାଣ୍ଟୋ (ଅଧିନାୟକ), ସାକିବ ଅଲ ହାସନ, ତୋହିଦ ହୃଦୟ, ମହମୁଦୁଲ୍ଲା, ମେହେଦି ହାସନ, ରିଶାଦ ହୋସେନ, ତାସ୍କିନ ଅହମ୍ମଦ, ତାଞ୍ଜିମ ହାସନ ସାକିବ, ମୁସ୍ତାଫିଜୁର ରହମାନ, ରାକେର ଅଲି, ତନବୀର ଇସ୍‌ଲାମ, ଶୋରିଫୁଲ ଇସ୍‌ଲାମ ଓ ସୌମ୍ୟ ସରକାର।

**ଆଜିର ସୁପର-୮ ମ୍ୟାଚ୍**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୨।୬ | ୱେଷ୍ଟଇଣ୍ଡିଜ୍-ଆମେରିକା | ବ୍ରିଜ୍‌ଟାଉନ୍ | ସକାଳ ୬ଟା |
| ୨୨।୬ | ଭାରତ- ବାଂଲାଦେଶ | ନର୍ଥ ସାଉଣ୍ଡ | ରାତି ୮ଟା |

### କମିନ୍ସଙ୍କ ହ୍ୟାଟ୍ରିକ୍, ୱାର୍ଣ୍ଣରଙ୍କ ଅର୍ଦ୍ଧଶତକ

## ବର୍ଷାରେ ଜିତିଲା ଅଷ୍ଟ୍ରେଲିଆ



**ଆଣ୍ଟିଗୁଆ, ୨୧।୬(ଏଜେନ୍ସି):** ଫାଷ୍ଟ ବୋଲର ପ୍ୟାଟ କମିନ୍ସଙ୍କ ହ୍ୟାଟ୍ରିକ୍ ଓ ଓପନର ଡେଭିଡ ୱାର୍ଣ୍ଣରଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ସକାଳେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ସୁପର-୮ ଗ୍ରୁପ୍-୨'ର ଏକ ମୁକାବିଲାରେ ଅଷ୍ଟ୍ରେଲିଆ ୨୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିବାକୁ ଗୋଟିଏ ପାଦ ଆଗେଇଛି। ନର୍ଥ ସାଉଣ୍ଡର ସାର ଭିଭିଆନ ରିଚାର୍ଡସ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ବର୍ଷା ଯୋଗୁ ବାଧା ପାଇଥିଲା। ଫଳରେ ବାଂଲାଦେଶ ପ୍ରଦତ୍ତ ୧୪୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପାଳି ବର୍ଷା ଯୋଗୁଁ ୩ଥର ବାଧା ପାଇଥିଲା। ଦଳ ୧୧.୨ ଓଭରରେ ୨ ୱିକେଟ ହରାଇ ୧୦୦ ରନ୍ କରିବା ପରେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ପାରି ନଥିଲା। ଯାହା ଫଳରେ ମ୍ୟାଚ୍‌କୁ ଏହିଠାରୁ ବନ୍ଦ ରଖାଯାଇଥିଲା। ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ଡକ୍‌ୱର୍ଥ/ଲୁଇସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ୨୮ ରନ୍‌ରେ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ଡେଭିଡ ୱାର୍ଣ୍ଣର ୩୫ ବଲର ସାମ୍ନା କରି ୫ ଚୌକା ଓ ୩ଛକା ସହ ୫୩ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୪ ରନ୍‌ରେ ଅପରାଜିତ ରହିଥିଲେ। ଟ୍ରାଭିସ୍ ହେଡ ୨୧ ବଲ୍‌ରେ ୩୧ ଓ ମିଚେଲ ମାର୍ଶ ୧ ରନ୍‌ରେ ଆଉଟ ହୋଇଥିଲେ। ଉଭୟ ଖେଳାଳିଙ୍କୁ ବାଂଲାର ନବାଗତ ଲେଗ୍‌ସ୍ପିନର ରିଷାଦ ହୋସେନ ଆଉଟ କରିଥିଲେ। କିନ୍ତୁ ବାଂଲାଦେଶ ପାଳିରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଅଷ୍ଟ୍ରେଲିଆର ଶାଣିତ ବୋଲିଂର ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ କେବଳ ଦୁଇଜଣ ବ୍ୟାଟର ନାଜମୋଲ ହୋସେନ ସାଣ୍ଟୋ ସର୍ବାଧିକ ୪୧ ଓ ତୌହିଦ୍ ହୃଦୟ ୪୦ ରନ୍ କରିଥିଲେ। ଲିଟନ ଦାସ ୧୬ ଓ ତାସ୍କିନ ଅହମ୍ମଦ୍ ୧୩ ରନ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଷ୍ଟ୍ରେଲିଆର କମିନ୍ସଙ୍କୁ ସର୍ବାଧିକ ୩ଟି ଓ ଆଦାମ ଜାମ୍ପାଙ୍କୁ ୨ଟି ୱିକେଟ ମିଳିଥିଲା।

### ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍

## ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଯିବ ଭାରତ

**ନୂଆଦିଲ୍ଲୀ, ୨୧।୬(ଏଜେନ୍ସି):** ନଭେମ୍ବରରେ ଦକ୍ଷିଣ ଆଫ୍ରିକା ସହ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଯିବ। ଏହି ସିରିଜ୍‌ଟି ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ୍ ଶେଷ ଓ ଭାରତରେ ନ୍ୟୁଜିଲାଣ୍ଡ ସହ ଟେଷ୍ଟ ସିରିଜ୍ ଆରମ୍ଭ ମଧ୍ୟରେ ଖେଳାଯିବ। ଏହା ସତ ଯେ, ଟେଷ୍ଟ ଦଳରେ ଖେଳୁଥିବା ଖୁବ୍ କମ୍ ଖେଳାଳି ଟି-୨୦ ଦଳରେ ସାମିଲ ହେଉଛନ୍ତି। ଏଣୁ ଭାରତକୁ ଏହି ଟୁର ଲାଗି ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏହି ସିରିଜ୍ ଡର୍ବାନରେ ନଭେମ୍ବର ୮ରୁ ଆରମ୍ଭ ହେବ। ଏହା ନଭେମ୍ବର ୧୦ରେ ଦ୍ୱିତୀୟ ମ୍ୟାଚ୍ ଜେବେର୍‌ହା (ପୋର୍ଟ ଏଲିଜାବେଥ), ୧୩ରେ ତୃତୀୟ ମ୍ୟାଚ୍ ସେଞ୍ଚୁରିଅନ ଓ ୧୫ରେ ଚତୁର୍ଥ ତଥା ଶେଷ ମ୍ୟାଚ୍ ଜୋହାନ୍ସବର୍ଗରେ ଖେଳାଯିବ। ଦକ୍ଷିଣ ଆଫ୍ରିକାରେ କ୍ରିକେଟର ଉନ୍ନତି ଲାଗି ଭାରତ ସର୍ବଦା ସହାୟତା ଦେଇ ଆସିଛି। ଏଥିଲାଗି ଆମେ ଭାରତ ନିକଟରେ ଋଣୀ ବୋଲି ଦ. ଆଫ୍ରିକା କ୍ରିକେଟ ବୋର୍ଡ ଅଧ୍ୟକ୍ଷ ଲାୱସନ ନାଇଡୁ କହିଛନ୍ତି। ଭାରତ ଗସ୍ତ ଅର୍ଥ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଭରପୁର ଉପସ୍ଥାନ। ଦୁଇ ଦେଶ ମଧ୍ୟରେ କ୍ରିକେଟ ସମ୍ପର୍କ ବୃଦ୍ଧି ପାଇବା ଆବଶ୍ୟକ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି।

## କୁଇନ୍ସ କ୍ଲବ ଟେନିସ୍ ସେମିରେ ଥମ୍ପସନ-ମୁସେଟି

**ଲଣ୍ଡନ,୨୧।୬(ଏଜେନ୍ସି):** ଏଠାରେ ଚାଲିଥିବା କୁଇନ୍ସ କ୍ଲବ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନ ଓ ଇଟାଲୀର ଲୋରେଞ୍ଜୋ ମୁସେଟି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ଥମ୍ପସନ ୬-୪, ୬-୩ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଅଗ୍ରଗତି କରିଛନ୍ତି। ଥମ୍ପସନ ସେମିରେ ମୁସେଟିଙ୍କୁ ଭେଟିବେ। ମୁସେଟି ଅନ୍ୟଏକ କ୍ୱାର୍ଟରରେ ୬-୩, ୭-୬ ସେଟ୍‌ରେ ବ୍ରିଟେନର ବିଲି ହାରିସ୍‌ଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି।

### କ୍ୱାର୍ଟରରେ ହାରିଲେ ବୋପାନ୍ନା

ଭାରତୀୟ ଯୁଗଳ ଟେନିସ ତାରକା ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟପ୍ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଶୁକ୍ରବାର ୬-୭, ୬-୭ ସିଧାସଳଖ ସେଟ୍‌ରେ ଅଷ୍ଟମ ସିଡ ମାନ୍ୟତା ପାଇଥିବା ରୁଷିଆ ଯୋଡି କାରେନ ଖାଚାନୋଭ ଓ ଟେଲର ଫ୍ରିଜଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛନ୍ତି।

# ୟୁରୋକପ୍ ଫୁଟବଲ୍: ପୋଲାଣ୍ଡକୁ ହରାଇଲା ଅଷ୍ଟ୍ରିଆ



**ବର୍ଲିନ୍,୨୦।୬(ଏଜେନ୍ସି):** ଚଳିତ ୟୁରୋକପ୍‌ରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ପୋଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଅଲିମ୍ପିଆ ଷ୍ଟାଡିୟମରେ ଗ୍ରୁପ୍ ଡି'ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରିଆ ତରଫରୁ ୯ମ ମିନିଟ୍‌ରେ ଗେର୍ନୋଟ ଟ୍ରାଉନର, ୬୬ତମ ମିନିଟ୍‌ରେ ଖ୍ରୀଷ୍ଟୋଫ୍ ବାଉମଗାର୍ଟନର ଓ ୭୮ତମ ମିନିଟ୍‌ରେ ମାର୍କୋ ଅର୍ଣ୍ଣାଉଟୋଭିକ ପେନାଲ୍ଟି ଜରିଆ ଗୋଲ ସ୍କୋର କରିଥିଲେ। ପୋଲାଣ୍ଡ ତରଫରୁ ୩୦ତମ ମିନିଟ୍‌ରେ କରିଜିସଜଟୋଫ୍ ପିଆଟେକ ଏକମାତ୍ର ଗୋଲ ଦେଇଥିଲେ। ପୋଲଣ୍ଡ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଗୋଲ ପରିଶୋଧ କରିପାର ନଥିଲା।

### ୟୁକ୍ରେନଠୁ ହାରିଲା ସ୍ଲୋଭାକିଆ

ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ୍ ପ୍ରଥମ ମ୍ୟାଚ୍‌ରେ ହାରିବା ପରେ ଶୁକ୍ରବାର ପ୍ରଥମ ବିଜୟ ହାସଲ କରିଛି। ଏଠାରେ ଗ୍ରୁପ୍ ଇ'ର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ୟୁକ୍ରେନ୍ ୨-୧ ଗୋଲ୍‌ରେ ସ୍ଲୋଭାକିଆକୁ ପରାସ୍ତ କରିଛି। ଇଭାନ ଚରାଞ୍ଜ ୧୭ତମ ମିନିଟ୍‌ରେ ଗୋଲ ଦେଇ ସ୍ଲୋଭାକିଆକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ୟୁକ୍ରେନ ତରଫରୁ ୫୪ତମ ମିନିଟ୍‌ରେ ମିକୋଲା ସାପେରେଙ୍କୋ ଓ ୮୦ତମ ମିନିଟ୍‌ରେ ରେମାନ ୟାରେମଚୁକ ଗୋଲ ଦେଇ ୟୁକ୍ରେନକୁ ଜିତାଇଥିଲେ।

### ସ୍ପେନ୍‌ର ସଂଘର୍ଷପୂର୍ଣ୍ଣ ବିଜୟ

ଗୁରୁବାର ବିଳମ୍ବିତ ରାତିରେ ଗ୍ରୁପ୍ ବି'ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପେନ୍ ୧-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଇଟାଲୀ ଷ୍ଟ୍ରାଇକର ରିକାର୍ଡୋ କାଲାଫ୍ଲୋରିଙ୍କ ଆତ୍ମଘାତୀ ଗୋଲ ବଳରେ ସ୍ପେନ ବିଜୟୀ ହୋଇଥିଲା। ସେ ୫୫ତମ ମିନିଟ୍‌ରେ ଏହି ଆତ୍ମଘାତୀ ଗୋଲ ଦେଇଥିଲେ। ଦୁଇଟି ମ୍ୟାଚ୍ ଖେଳି ସ୍ପେନ ଦୁଇଟି ବିଜୟ ହାସଲ କରି ଗ୍ରୁପ୍ ଶୀର୍ଷରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA